୫୧

# ଧରିତ୍ରୀ

DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୨୪/୨୦୨୪ (୧୨+୮=୨୦ ପୃଷ୍ଠା+ଛୁଟିଦିନ+ସ୍ୱନକ୍ଷତ୍ର ବିଶେଷ) Bhubaneswar, Sunday, November 24/2024 Page 20 ₹ 7.00

୫୧ଶ ଭାଗ ୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 1 ମୂଲ୍ୟ ₹୭/-


## ମା' ଧରିତ୍ରୀ

ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ୨୯ତମ କନ୍‌ଫରେନ୍ସ ଅଫ୍ ପାର୍ଟିଜ୍(କପ୍୨୯) ଆଜରବୈଜାନ ରାଜଧାନୀ ବାକୁଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ୟୁରୋପ ଓ ପଶ୍ଚିମ ଏସିଆର ସୀମାନ୍ତରେ ଅବସ୍ଥିତ ଏହି ରାଷ୍ଟ୍ରର ଦୁଇ ତୃତୀୟାଂଶ ତୈଳ ଓ ପ୍ରାକୃତିକ ବାଷ୍ପ ସମ୍ପଦରେ ସମୃଦ୍ଧ। ପର୍ଯ୍ୟାପ୍ତ ଜୀବାଶ୍ମ ଇନ୍ଧନ ସୃଷ୍ଟି କରୁଥିବାରୁ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନ ବଢ଼ାଇବା ଦିଗରେ ଏହାର ଯୋଗଦାନ ରହିଛି। ସବୁଜ ପୃଥିବୀର ପରିପନ୍ଥୀ ହେଉଛି ଜୀବାଶ୍ମ ଇନ୍ଧନ ବ୍ୟବହାର। ତେଣୁ ପୃଥିବୀ ଓ ପରିବେଶ ସୁରକ୍ଷିତ ରଖିବା ଉଦ୍ଦେଶ୍ୟ ନେଇ ହେଉଥିବା କପ୍ ସମ୍ମିଳନୀ ଗତ ବର୍ଷ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଓ ଏ ବର୍ଷ ଆଜରବୈଜାନରେ ଆୟୋଜନ କରାଯିବା ପୃଥିବୀବ୍ୟାପୀ ପରିବେଶପ୍ରେମୀଙ୍କୁ ତାଚ୍ଛଲ୍ୟ କଲାଭଳି ମନେହେଉଛି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷର ବୁକର ପୁରସ୍କାର ବିଜେତା ସାମାନ୍ଥା ହାର୍ଭେ ତାଙ୍କ ପୁସ୍ତକ 'ଅର୍ବିଟାଲ' ପାଇଁ ବିଶ୍ୱବିଖ୍ୟାତ ଉପାଧି ପାଇବା ଅବସରରେ ଭାଷଣରେ କହିଥିଲେ, ''ଆଜି ଆମେ ପୃଥିବୀକୁ ଯାହା କରୁଛେ, ତାହା ଆମେ ନିଜ ଉପରେ କରୁଛେ।''


ତଥାଗତ ସତପଥୀ


ଭାରତୀୟମାନଙ୍କୁ ପରିବେଶ ବିଷୟରେ ବୁଝିବା ପାଇଁ କୌଣସି ବାହ୍ୟ ଦେଶକୁ ଦେଖିବାର ପ୍ରୟୋଜନ ନାହିଁ। କେନ୍ଦ୍ର ସରକାର, ଖୋଦ୍ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଏବଂ ସମ୍ପୂର୍ଣ୍ଣ ଜାତୀୟ କ୍ୟାବିନେଟ୍ ସହିତ ସବୁ ବିଦେଶୀ ଦୂତାବାସ, ସୁପ୍ରିମକୋର୍ଟର ପ୍ରତ୍ୟେକ ବିଚାରପତି ଏବଂ ଆମ ଦେଶର ଅଧିକାଂଶ ଶିଳ୍ପପତି ଓ ବ୍ୟବସାୟୀ ଦିଲ୍ଲୀରେ ବିରାଟକାୟ ବାସଭବନରେ ରହୁଛନ୍ତି। ଏହିସବୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଦିଲ୍ଲୀର ଅସମ୍ଭାଳ ସ୍ତରର ପ୍ରଦୂଷଣ କୌଣସି ଭାବରେ ପ୍ରଭାବିତ କରୁଥିବା ଭଳି ମନେ ହେଉନାହିଁ। ଦିଲ୍ଲୀର ସ୍ଥିତି ଅତ୍ୟନ୍ତ ସାଂଘାତିକ ହୋଇପଡ଼ିଥିବା ବେଳେ ଭାରତର ଅଧିକାଂଶ ସହରାଞ୍ଚଳ ସବୁପ୍ରକାର ପ୍ରଦୂଷଣରେ ଶ୍ୱାସରୁଦ୍ଧ ହୋଇଗଲେଣି। ବିପଦକୁ ବୁଝିପାରୁ ନ ଥିବା ହେତୁ ଭାରତର କୋଣ ଅନୁକୋଣରେ ଥିବା ଗ୍ରାମାଞ୍ଚଳରେ ମଧ୍ୟ ପ୍ଲାଷ୍ଟିକ୍ ଓ ଅଭୂତପୂର୍ବ ରାସାୟନିକ ପଦାର୍ଥର ବ୍ୟବହାର ମାରାତ୍ମକ ସ୍ଥିତି ସୃଷ୍ଟି କଲାଣି।

ଆମେ ଓଡ଼ିଶାବାସୀ କୌଣସି ଭାବରେ ପଛରେ ରହିଯାଇନାହୁଁ। ପ୍ରତ୍ୟେକ ବର୍ଷ ଗ୍ରୀଷ୍ମକାଳର ତାପମାତ୍ରା ଅସହ୍ୟ ସ୍ତରକୁ ଯାଉଥିବା ଦେଖି କେହି ବ୍ୟସ୍ତ ହେଲାଭଳି ମନେ ହେଉନାହିଁ। ଅର୍ଥନୈତିକ ସ୍ଥିତି ଅନୁଯାୟୀ ପଙ୍ଖା ତଳେ ନ ହେଲେ ଏୟାର୍‌କଣ୍ଡିଶନର ସାମ୍ନାରେ ବସିପଡ଼ିଲେ ସମସ୍ୟା ଅଳ୍ପ ସମୟ ପାଇଁ ଦୂର ହୋଇଯାଉଛି। ସ୍ୱାଭାବିକ ମୌସୁମୀ ପରିବର୍ତ୍ତେ ଏବେ କେବଳ ଲଘୁଚାପରୁ ବର୍ଷା ଆଶା କରାଯାଇପାରୁଛି। ପର୍ବପର୍ବାଣି ସହିତ ଜଡ଼ିତ ଚାଷକାର୍ଯ୍ୟକୁ ଭିନ୍ନ ସମୟରେ କାର୍ଯ୍ୟକାରୀ କରାଇବା ପାଇଁ ଚାଷୀ ବାଧ୍ୟ ହେଉଛି। ପୃଥିବୀର ୧୦ଟି ସର୍ବାଧିକ ତାପମାତ୍ରା ସ୍ଥାନର ତାଲିକା ଦେଖିଲେ ସେଥିରୁ ୪ଟି ଓଡ଼ିଶା ଓ ଆଖପାଖ ଅଞ୍ଚଳର ବୋଲି ଜଣାପଡ଼େ। ଏଭଳି ପ୍ରାକୃତିକ ବିପଦ ସୃଷ୍ଟି ହେଉଥିବାବେଳେ ଓଡ଼ିଶାର ଗଣମାଧ୍ୟମ ଏକ ସମ୍ପୂର୍ଣ୍ଣ ଭିନ୍ନ ବାଟ ଧରିବାକୁ ଚେଷ୍ଟା କରୁଛି। ଜୁଆର ମାଡ଼ିଆସିବ, ବାତ୍ୟା ମାଡ଼ିଆସୁଛି, ସବୁ ଧୋଇନେବ, ଭୀଷଣ ବେଗରେ ପବନ ବହି ଘରଦ୍ୱାର ଭାଙ୍ଗିଦେବା ଭଳି ଅନେକ ଭୟ ଉଦ୍ରେକକାରୀ ଶିରୋନାମାରେ ଖବର ପ୍ରସାର କରି ଜନସାଧାରଣଙ୍କୁ ବାଉଳା କରୁଛନ୍ତି। ଯାହା କ୍ଷତି ଘଟୁଛି, ସେଥିପାଇଁ କେହି ପ୍ରସ୍ତୁତ ଥିଲାଭଳି ଜଣାପଡୁନାହିଁ। ଏଥିପାଇଁ ଗଣମାଧ୍ୟମ ଉପରେ ବିଶ୍ୱାସ ମଧ୍ୟ କମିଯାଉଛି। କିଛି ସମୟ ପାଇଁ ଟେଲିଭିଜନ ଚ୍ୟାନେଲର ଟିଆର୍‌ପି ବଢ଼ିଯାଇପାରେ କିମ୍ବା ଖବରକାଗଜ ବିକ୍ରି ବୃଦ୍ଧି ପାଇପାରେ, କିନ୍ତୁ ତାହା ଦୀର୍ଘସ୍ଥାୟୀ ହେଉ ନାହିଁ। ଗଣମାଧ୍ୟମର ଦାୟିତ୍ୱ କେବଳ ନକଲ କରି ନିଜର ପ୍ରସାର ବଢ଼ାଇବାରେ ସୀମିତ ହୋଇଗଲେ ତାହା ସାମାଜିକ କ୍ଷତି ଘଟାଉଛି। ଯେତେବେଳେ ହାତୀ ମୃତ୍ୟୁ ଘଟୁଛି, ସେତେବେଳେ ସେହି ସ୍ଥାନକୁ ଯାଇ ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ସମୟ ରହୁନାହିଁ। କିନ୍ତୁ ପୋଲିସକୁ ସାହାଯ୍ୟ କରିବାକୁ ଯାଇ ଗଣମାଧ୍ୟମର ପ୍ରତିନିଧିମାନେ ଏକଜୁଟ ହେବା ସହିତ ଜିଲା ପୋଲିସର ଜିନ୍ଦାବାଦ କରିବାକୁ ଆଗେଇ ଆସିବା ସମସ୍ତଙ୍କୁ ଲଜ୍ଜାରେ ପକାଉଛି।

ଏହା ସ୍ୱୀକାର କରିବାକୁ ହେବ ଯେ, ବ୍ୟକ୍ତିବିଶେଷ ସହଯୋଗ କରିପାରେ। ସେହିଭଳି ସରକାର ଏବଂ ଶିଳ୍ପୋଦ୍ୟୋଗୀମାନଙ୍କ ସହଯୋଗରେ ପରିବେଶ ସୁରକ୍ଷିତ ରଖିବା ସମ୍ଭବପର ହୋଇପାରେ। ହେଲେ ସେମାନଙ୍କ ଅସହଯୋଗ ହେତୁ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପଟେ ଆମେ ପଲେ ଜନସାଧାରଣ ସରକାରୀ ନିର୍ଦ୍ଦେଶରେ ଏପାଖସେପାଖ ହେଉଛୁ, ଯାକୁତାକୁ ସଂଯୋଗ କରାଉଛୁ। ସେଭଳି କାର୍ଯ୍ୟରେ ସର୍ବଦା ଲିପ୍ତ ରହୁଥିବାରୁ ମା' ଧରିତ୍ରୀକୁ ଅବହେଳା କରିଦେଉଛୁ। ଏହି ଅଣଦେଖା ଚରିତ୍ର ଆମ ସମସ୍ତଙ୍କ ଆସନ୍ତାକାଲିର ପିଢ଼ିକୁ ଅନେକ କଷ୍ଟ ଓ ଦୁଃଖ ଦେଇପାରେ।

# ମହାରାଷ୍ଟ୍ରରେ ମହାୟୁତି, ଝାଡ଼ଖଣ୍ଡରେ ଜେଏମ୍‌ଏମ୍+

ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ଜନାଦେଶ ଶାସକ ମେଣ୍ଟ ସପକ୍ଷରେ ଆସିଛି। ମହାରାଷ୍ଟ୍ର ମତଦାତା 'ଲଡ୍‌କି ବହିନ' ଭଳି ଯୋଜନାଗୁଡ଼ିକୁ ନେଇ ମହାୟୁତି ଉପରେ ଆସ୍ଥା ପ୍ରକଟ କରି ଏହାକୁ ପୁନଃ କ୍ଷମତାସୀନ କରାଇଥିବାବେଳେ ଭାଜପାର ଝାଡ଼ଖଣ୍ଡ ଦଖଲ ଅଭିଯାନ ବିଫଳ ହୋଇଛି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତା ହେମନ୍ତ ସୋରେନ୍ ଆଦିବାସୀଙ୍କ ପାଇଁ ଯୋଦ୍ଧା ଭାବେ ଉଭା ହୋଇଛନ୍ତି। ଜେଏମ୍‌ଏମ୍ ନେତୃତ୍ୱାଧୀନ ମେଣ୍ଟ ସରକାରଙ୍କ ମହିଳା କୈନ୍ଦ୍ରିକ ଯୋଜନାଗୁଡ଼ିକ ହେମନ୍ତଙ୍କୁ ଲଗାତର ଦ୍ୱିତୀୟ ଥର କ୍ଷମତାକୁ ଆଣିଥିବା ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।



ଏକନାଥ ଶିନ୍ଦେ    ହେମନ୍ତ ସୋରେନ୍

**ମୁମ୍ବାଇ/ରାଞ୍ଚି,୨୩।୧୧**

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ମହାୟୁତି ମେଣ୍ଟ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ରାଜ୍ୟରେ କ୍ଷମତା ବଜାୟ ରଖିଛି। ୨୮୮ ଆସନ ବିଶିଷ୍ଟ ବିଧାନସଭାରେ ଶାସକ ମେଣ୍ଟ ୨୩୦ ଆସନ ଦଖଲ କରିଛି। ଅନ୍ୟପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ମହାବିକାଶ ଅଘାଡ଼ି (ଏମ୍‌ଭିଏ)କୁ ନିର୍ବାଚନରେ ବଡ଼ ଝଟକା ଲାଗିଛି। ବିରୋଧୀ ମେଣ୍ଟ ୪୮ ଆସନରେ ବିଜୟୀ ହୋଇଛି। ସ୍ୱାଧୀନ ଓ ଅନ୍ୟ ଦଳ ପ୍ରାର୍ଥୀ ୧୦ ଆସନ ଜିତିଥିବା ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରକାଶ। ନଭେମ୍ବର ୨୦ରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କ୍ଷମତା ବଜାୟ ରଖିବା ଲାଗି ମହାୟୁତି ମେଣ୍ଟ ଜୋର୍‌ଦାର ଉଦ୍ୟମ ଚଳାଇଥିବାବେଳେ ଏମ୍‌ଭିଏ ଏହାକୁ ଭଣ୍ଡୁର କରି ସରକାର ଗଢ଼ିବାକୁ ଆଶାବାଦୀ ☞ପୃଷ୍ଠା-୧୦

## ଆଜି ମିଳିବ ୩ୟ ପର୍ଯ୍ୟାୟ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୨୩।୧୧(ଅନିଲ ଦାସ)**

ସୁଭଦ୍ରା ଯୋଜନାରେ ବାଦ୍ ପଡ଼ିଥିବା ୨୫% ମହିଳାଙ୍କୁ ରବିବାର ଟଙ୍କା ମିଳିବ। ନଭେମ୍ବର ୨୪ରେ 'ସୁଭଦ୍ରା'ର ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଭିନ୍ନ କାରଣରୁ 'ସୁଭଦ୍ରା'ରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୬୭ ହଜାର ହିତାଧିକାରୀଙ୍କ ଆବେଦନ ଆଉ ଥରେ ଯାଞ୍ଚ ସରିଛି। ଏଥିପାଇଁ ବିଡିଓଙ୍କୁ ନୋଡାଲ ଏଜେନ୍ସି ଦାୟିତ୍ୱ ଦିଆଯାଇଥିଲା। ରିପୋର୍ଟ ଆସିବା ପରେ ୨୫ ପ୍ରତିଶତ ମହିଳାଙ୍କୁ ରବିବାର ଟଙ୍କା ଦେବାକୁ ନିଷ୍ପତ୍ତି ହୋଇଛି। ଅବଶିଷ୍ଟ ଆବେଦନକାରୀ ଜମି ଯୋଗ୍ୟତା ପାଇଁ ବାଦ୍ ପଡ଼ିଛନ୍ତି। ☞ପୃଷ୍ଠା-୧୦

### ଶ୍ରଦ୍ଧାଞ୍ଜଳି



ଶ୍ରୀଅରବିନ୍ଦଙ୍କ ପବିତ୍ର ସିଦ୍ଧି ଦିବସରେ ଧରିତ୍ରୀର ସାରସ୍ୱତ ଶ୍ରଦ୍ଧାଞ୍ଜଳି ଓ ପ୍ରଣତି।

### ଅଭିନନ୍ଦନ

ଧରିତ୍ରୀର ୫୧ତମ ଜୟନ୍ତୀ ଅବସରରେ ପ୍ରିୟ ପାଠିକାପାଠକ, ଲେଖିକାଲେଖକ, ଶୁଭେଚ୍ଛୁ, ଏଜେଣ୍ଟ, ବିଜ୍ଞାପନଦାତା ଓ ବିତରକମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

**ଆସିଲା ରତ୍ନଭଣ୍ଡାର ଜିପିଆର୍-ଜିପିଏସ୍ ସର୍ଭେ ରିପୋର୍ଟ**

ପୃଷ୍ଠା-୩







# ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦ ଉପରେ ନଜର

| ମହାରାଷ୍ଟ୍ର (୨୮୮ ଆସନ) | |
|---|---|
| ଦଳ | ବିଜୟୀ |
| ଭାଜପା+ | ୨୩୦ |
| କଂଗ୍ରେସ+ | ୪୮ |
| ଅନ୍ୟାନ୍ୟ | ୧୦ |

## ମହାଯୁତି ନେତା ନିଷ୍ପତ୍ତି ନେବେ: ଫଡ୍‌ନବିସ୍


ଦେବେନ୍ଦ୍ର ଫଡ୍‌ନବିସ୍

ମୁମ୍ବାଇ ,୨୩।୧୧

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ମହାଯୁତି ମେଣ୍ଟ ବଡ଼ ବିଜୟ ହାସଲ କରିଥିବାବେଳେ କିଏ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ତେବେ ମୁଖ୍ୟମନ୍ତ୍ରୀ ପଦକୁ ନେଇ କୌଣସି ବିବାଦ ନ ଥିବା ଉପମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ଦେବେନ୍ଦ୍ର ଫଡ୍‌ନବିସ୍ ଶନିବାର କହିଛନ୍ତି। ମହାଯୁତିମେଣ୍ଟରେ ଥିବା ଭାଜପା, ଶିବସେନା ଏବଂ ଏନ୍‌ସିପି ନେତାମାନେ ଏ ସମ୍ପର୍କରେ ନିଷ୍ପତ୍ତିନେବେ ବୋଲିସେ ସୂଚନା ଦେଇଛନ୍ତି। ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ ସୋମବାର ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡିୟମରେ ଶପଥ ନେବେ। ମହାରାଷ୍ଟ୍ରବାସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମର୍ଥନ ଜଣାଇଥିବା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି। ଏହି ସଫଳତା ପାଇଁ ଫଡ୍‌ନବିସ ଭୋଟରମାନଙ୍କୁ ବିଶେଷ କରି ମହିଳା ଭୋଟରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମିଥ୍ୟା ପ୍ରଚାର କରି ଧର୍ମ ଆଧାରରେ ଭୋଟରମାନଙ୍କୁ ଭାଗ ଭାଗ କରିବାକୁ ବିରୋଧୀମାନେ ଚଳାଇଥିବା ଉଦ୍ୟମକୁ ରାଜ୍ୟବାସୀ ପଣ୍ଡ କରିଦେଇଛନ୍ତି। ଭୋଟରମାନଙ୍କ ସମର୍ଥନ, ଭାଜପା ଟିମ୍ ଏବଂ ଦଳୀୟ ନେତାମାନଙ୍କ ସହଯୋଗ ପାଇଁ ବିରୋଧୀଙ୍କ ଚକ୍ରବ୍ୟୂହକୁ ସେ ଭାଙ୍ଗିବାରେ ସଫଳ ହୋଇଥିବା ଫଡ୍‌ନବିସ କହିଛନ୍ତି। ସେ ନିଜକୁ ଆଧୁନିକ ଯୁଗର ଅଭିମନ୍ୟୁ ବୋଲି କହିବା ସହ ଚକ୍ରବ୍ୟୂହକୁ କିପରି ଭାଙ୍ଗିବାକୁ ହେବ, ତାହା ଜାଣନ୍ତି ବୋଲି କହିଛନ୍ତି। ସେହିପରି ଏକନାଥ ଶିନ୍ଦେଙ୍କ ନେତୃତ୍ୱରେ ପରିଚାଳିତ ଦଳ ବାସ୍ତବରେ ବାଲାସାହେବ ଠାକ୍‌ରେଙ୍କ ଶିବସେନା ବୋଲି ମହାରାଷ୍ଟ୍ର ଜନସାଧାରଣ ଦେଖାଇଦେଇଥିବା ସେ କହିଛନ୍ତି। ଫଡ୍‌ନବିସ ନାଗପୁର ଦକ୍ଷିଣପଶ୍ଚିମ ଆସନରୁ ବିଜୟୀ ହୋଇଛନ୍ତି।

## ଶରଦ ପାୱାରଙ୍କ ଦଳକୁ ବଡ଼ ଝଟକା

ଭାରତୀୟ ରାଜନୀତିରେ ଅନ୍ୟତମ ଟାଣୁଆ ନେତା ଶରଦ ପାୱାରଙ୍କ ରାଜ୍ୟ ସଭା କାର୍ଯ୍ୟକାଳ ୨୦୨୬ରେ ଶେଷ ହେବାକୁ ଯାଉଥିବାବେଳେ ସେ ରାଜନୀତିରେ ସମ୍ପୂର୍ଣ୍ଣ ସକ୍ରିୟ ଥିବା ନିକଟରେ ସୂଚନା ଦେଇଥିଲେ। ତେବେ ଲୋକ ସଭା ନିର୍ବାଚନର ୬ ମାସ ପରେ ତାଙ୍କ ଅଙ୍କ ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ ହୋଇଛି। ତାଙ୍କ ନେତୃତ୍ୱାଧୀନ ଏନ୍‌ସିପିକୁ ସବୁଠୁ ବଡ଼ ଝଟକା ଲାଗିଛି। ୮୭ ଆସନରେ ଏନ୍‌ସିପି (ଏସ୍‌ପି) ପ୍ରାର୍ଥୀ ଦେଇଥିବାବେଳେ ମାତ୍ର ୧୦ଟିରେ ବିଜୟୀ ହୋଇଛି। ଅର୍ଥାତ୍ ତାଙ୍କ ଦଳର ଭୋଟ ହାର ୧୧.୨୮ ପ୍ରତିଶତ ରହିଛି, ଯାହା ବର୍ଷୀୟାନ ନେତାଙ୍କ ଦଳର ସବୁଠୁ ଖରାପ ପ୍ରଦର୍ଶନ। ୬ ମାସ ପୂର୍ବରୁ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ପାୱାରଙ୍କ ଦଳର ଭୋଟ ହାର ୮୦ ପ୍ରତିଶତ ରହିଥିଲା। ଏଥର ନିର୍ବାଚନରେ ତାଙ୍କ ଦଳ ଅଜିତ ପାୱାରଙ୍କ ଗୋଷ୍ଠୀଠାରୁ ୩୧ ଆସନ ପଛରେ ରହିଛି। ଉଭୟ ଦଳ ମଧ୍ୟରେ ଅସ୍ତିତ୍ୱ ପାଇଁ ଲଢ଼େଇ ଚାଲିଥିଲା। ଏନ୍‌ସିପିରୁ ଅଜିତ ପାୱାର ଅଲଗା ହୋଇଯିବା ପରେ ଏହା ଥିଲା ଉଭୟ ଗୋଷ୍ଠୀ ମଧ୍ୟରେ ପ୍ରଥମ ବିଧାନସଭା ନିର୍ବାଚନ। ଲୋକ ସଭା ନିର୍ବାଚନରେ ଶରଦଙ୍କ ଦଳ ନିର୍ଣ୍ଣାୟକ ବିଜୟ ହାସଲ କରିଥିବାରୁ ତାଙ୍କ ଗୋଷ୍ଠୀ ନିଜକୁ ପ୍ରକୃତ ଏନ୍‌ସିପି ବୋଲି ଦାବି କରିଥିଲା।

## ୱାୟନାଡ୍‌ରେ ପ୍ରିୟଙ୍କା ବିଜୟୀ



କେରଳର ୱାୟନାଡ୍ ଲୋକ ସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବିଜୟୀ ହୋଇଛନ୍ତି। ଏପରିକି ସେ ଭାଇ ରାହୁଲ ଗାନ୍ଧୀଙ୍କ ତୁଳନାରେ ଅଧିକ ଭୋଟ ବ୍ୟବଧାନରେ ଜିତିଛନ୍ତି। ଗତ ଲୋକ ସଭା ନିର୍ବାଚନରେ ରାହୁଲ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୩.୬୪ ଲକ୍ଷ ଅଧିକ ଭୋଟ ପାଇଁ ବିଜୟୀ ହୋଇଥିଲେ। କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ମେଣ୍ଟ ପ୍ରାର୍ଥୀ ପ୍ରିୟଙ୍କା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସିପିଆଇର ସତ୍ୟାନ ମୋକେରିଙ୍କୁ ୪.୧ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ପରାଜିତ କରିଥିବା ଜଣାପଡ଼ିଛି। ନିର୍ବାଚନୀ ରାଜନୀତିରେ ପ୍ରଥମ ଥର ପ୍ରବେଶ କରିଥିବା ପ୍ରିୟଙ୍କାଙ୍କ ପାଇଁ ଏହା ବଡ଼ ସଫଳତା।

## ନାଣ୍ଡେଡ୍‌ରେ ହାରିଲା ଭାଜପା


ସନ୍ତୁକରାଓ ହମ୍ବାର୍ଡେ

ମହାରାଷ୍ଟ୍ରର ନାଣ୍ଡେଡ୍ ଲୋକ ସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ସନ୍ତୁକରାଓ ମାରୋତରାଓ ହମ୍ବାର୍ଡେ ୧୪୫୭ ଭୋଟରେ ହାରି ଯାଇଛନ୍ତି। ଉପନିର୍ବାଚନରେ ମୋଟ ୨୩ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିଲାବେଳେ କଂଗ୍ରେସ ପ୍ରାର୍ଥୀ ରବୀନ୍ଦ୍ର ଚଭନ ବିଜୟୀ ହୋଇଛନ୍ତି। ନାଣ୍ଡେଡ୍‌ରୁ ଏମ୍‌ପି ଥିବା କଂଗ୍ରେସ ନେତା ଚଭନ ବସନ୍ତରାଓ ବଲୱନ୍ତରାଓଙ୍କର ଗତ ଅଗଷ୍ଟରେ ଦେହାନ୍ତ ହେବାରୁ ଉକ୍ତ ଆସନରେ ଉପନିର୍ବାଚନର ଆବଶ୍ୟକ ପଡ଼ିଥିଲା। କଂଗ୍ରେସ ଏହି ଆସନରୁ ବସନ୍ତରାଓଙ୍କ ପୁଅ ରବୀନ୍ଦ୍ରଙ୍କୁ ପ୍ରାର୍ଥୀ କରିଥିଲା।

# ବିଧାନସଭା ଉପନିର୍ବାଚନ: ଭାଜପା ୨୦, କଂଗ୍ରେସ ୭

### ପଶ୍ଚିମବଙ୍ଗରେ ଟିଏମ୍‌ସି, କର୍ଣ୍ଣାଟକରେ କଂଗ୍ରେସ, ବିହାର ଓ ଆସାମରେ ଏନ୍‌ଡିଏର କ୍ଲିନ୍ ସୁଇପ୍

ନୂଆଦିଲ୍ଲୀ, ୨୩।୧୧

ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ସହ ୧୫ ରାଜ୍ୟର ୪୮ ବିଧାନସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନର ମତଗଣନା ଶନିବାର ହୋଇଯାଇଛି। ୪୮ ଆସନ ମଧ୍ୟରୁ ଭାଜପା ୨୦ ଆସନରେ ବିଜୟୀ ହୋଇଥିବା ବେଳେ କଂଗ୍ରେସ ୭ ଆସନ ଦଖଲ କରିଛି। ଉତ୍ତରପ୍ରଦେଶ, ରାଜସ୍ଥାନ, ଆସାମ, ବିହାର ଆଦି ରାଜ୍ୟରେ ଭାଜପାକୁ ସଫଳତା ମିଳିଥିବାବେଳେ କଂଗ୍ରେସକୁ କର୍ଣ୍ଣାଟକରେ ସଫଳତା ମିଳିଛି। ସେହିପରି ପଶ୍ଚିମବଙ୍ଗରେ ଶାସକ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ଏବଂ ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟି(ଆପ୍)କୁ ସଫଳତା ମିଳିଛି। ଉତ୍ତରପ୍ରଦେଶର ୯ ଆସନରେ ଉପନିର୍ବାଚନ ହୋଇଥିବାବେଳେ ଭାଜପାକୁ ୬, ଭାଜପା ସହଯୋଗୀ ରାଷ୍ଟ୍ରୀୟ ଲୋକ ଦଳ(ଆର୍‌ଏଲ୍‌ଡି)କୁ ୧ ଓ ସମାଜବାଦୀ ପାର୍ଟି(ଏସ୍‌ପି) ୨ ଆସନରେ ବିଜୟୀ ହୋଇଛନ୍ତି। ୨୦୨୨ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଏହି ୯ ଆସନରୁ ଏସ୍‌ପି ୪, ଭାଜପା ୩, ଆର୍‌ଏଲ୍‌ଡି ୧ ଓ ନିଶାଦ ପାର୍ଟି ଗୋଟିଏ ଆସନରେ ବିଜୟୀ ହୋଇଥିଲେ। ରାଜସ୍ଥାନରେ ଦ୍ୱିତୀୟ ସର୍ବାଧିକ ୭ ଆସନରେ ବିଧାନସଭା ଉପନିର୍ବାଚନ ହୋଇଥିବାବେଳେ ସେଥିମଧ୍ୟରୁ ଭାଜପା ୫, କଂଗ୍ରେସ ୧, ଭାରତ ଆଦିବାସୀ ପାର୍ଟି(ବିଏପି) ୧ ଆସନରେ ବିଜୟୀ ହୋଇଛି। ଗତ ବର୍ଷ ହୋଇଥିବା ରାଜସ୍ଥାନ ବିଧାନସଭା ନିର୍ବାଚନରେ ଏହି ୭ ଆସନରୁ କଂଗ୍ରେସ ୪, ଭାଜପା, ବିଏପି ଓ ଆର୍‌ଏଲ୍‌ପି ଗୋଟିଏ ଲେଖାଏଁ ଆସନରେ ବିଜୟୀ ହୋଇଥିଲା। ଅନ୍ୟପକ୍ଷରେ ପଶ୍ଚିମବଙ୍ଗର ୬ ଆସନକୁ ଟିଏମ୍‌ସି କ୍ଲିନ୍ ସୁଇପ୍ କରିଛନ୍ତି। ଏହାସହ ମମତା ବାନାର୍ଜୀଙ୍କ ଦଳ ଭାଜପାଠାରୁ ଗୋଟିଏ ଆସନ ଛଡ଼ାଇ ଆଣିଛି। ଆସାମର ୫ ଆସନରେ ଭାଜପା ଓ ଏହାର ସହଯୋଗୀ ଦଳଗୁଡ଼ିକ କ୍ଲିନ୍ ସୁଇପ୍ କରିଛି। ଭାଜପା ୩, ସହଯୋଗୀ ଆସାମ ଗଣ ପରିଷଦ(ଏଜିପି) ୧ ଓ ୟୁନାଇଟେଡ୍ ପିପୁଲ୍ସ ପାର୍ଟି ଲିବରାଲ(ୟୁପିପିଏଲ୍) ଗୋଟିଏ ଆସନରେ ବିଜୟୀ ହୋଇଛି। ପଞ୍ଜାବର ୪ ଆସନ ମଧ୍ୟରୁ ୩ ଆସନରେ ଆପ୍ ଓ କଂଗ୍ରେସ ଗୋଟିଏ ଆସନରେ ବିଜୟୀ ହୋଇଛି। ବିହାରର ୪ ଆସନରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ) କ୍ଲିନ୍‌ସୁଇପ କରିଛି। ଭାଜପା ୨, ଜେଡିୟୁ ୧ ଓ ହିନ୍ଦୁସ୍ଥାନ ଆବାମ ମୋର୍ଚ୍ଚା(ଏଚ୍‌ଏଏମ୍) ଗୋଟିଏ ଆସନରେ ଉପନିର୍ବାଚନରେ ବିଜୟୀ ହୋଇଛନ୍ତି। ଏହି ଉପନିର୍ବାଚନରେ ଏନ୍‌ଡିଏ ମେଣ୍ଟ ଇଣ୍ଡିଆ ବ୍ଲକ୍‌ଠାରୁ ୩ଟି ଆସନ ଛଡ଼ାଇ ଆଣିଛି। ସେହିପରି କର୍ଣ୍ଣାଟକର ସମସ୍ତ ୩ ଆସନରେ କଂଗ୍ରେସକୁ ସଫଳତା ମିଳିଥିବା ବେଳେ ଭାଜପା ଏବଂ ଜନତାଦଳ ସେକ୍ୟୁଲାର(ଜେଡିଏସ୍)କୁ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଛି। ଗତବର୍ଷ ହୋଇଥିବା କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ଏହି ୩ ଆସନରୁ କଂଗ୍ରେସ, ଭାଜପା ଓ ଜେଡିଏସ୍ ଗୋଟିଏ ଲେଖାଏଁ ଆସନରେ ବିଜୟୀ ହୋଇଥିଲେ।

# ଇଣ୍ଡିଆ ବ୍ଲକ୍‌କୁ ଜିତାଇଲା ହେମନ୍ତ ଫ୍ୟାକ୍ଟର


ହେମନ୍ତ ସୋରେନ୍

| ଝାଡ଼ଖଣ୍ଡ(୮୧ ଆସନ) | |
|---|---|
| ଦଳ | ବିଜୟୀ |
| ଜେଏମ୍‌ଏମ୍+ | ୫୬ |
| ଭାଜପା+ | ୨୪ |
| ଅନ୍ୟାନ୍ୟ | ୦୧ |

ରାଞ୍ଚି ,୨୩।୧୧

ଏକ୍‌ଜିଟ୍ ପୋଲ୍ ଆକଳନକୁ ଭୁଲ୍ ପ୍ରମାଣିତ କରି ଜେଏମ୍‌ଏମ୍ ପୁନର୍ବାର ଝାଡ଼ଖଣ୍ଡରେ ସରକାର ଗଢ଼ିବାକୁ ଯାଉଛି। ଜମି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଜେଲ ଯିବା ସତ୍ତ୍ୱେ ତାଙ୍କ ଲୋକପ୍ରିୟତା ଅକ୍ଷୁଣ୍ଣ ରହିଛି। ଇଣ୍ଡିଆ ମେଣ୍ଟକୁ ଜିତାଇବାରେ ସେ ମୁଖ୍ୟ ଭୂମିକା ନେଇଥିଲେ। ତାଙ୍କର ମୈୟା ସମ୍ମାନ ଯୋଜନା ମହିଳା ଭୋଟରଙ୍କୁ ଆକୃଷ୍ଟ କରିଥିଲା।


ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ମହାଯୁତି ମେଣ୍ଟକୁ ବହୁମତ ମିଳିବା ପରେ ଭାଜପା ମହିଳା କର୍ମୀମାନେ ନାଗପୁରରେ ବିଜୟ ଉତ୍ସବ ମନାଉଛନ୍ତି।






# ଆସିଲା ରତ୍ନଭଣ୍ଡାର ଜିପିଆର୍-ଜିପିଏସ୍ ସର୍ଭେ ରିପୋର୍ଟ

**ପୁରୀ, ୨୩।୧୧**
**(ଅଜିତ୍ କୁମାର ମହାନ୍ତି)**

ଏଏସ୍ଆଇ ପକ୍ଷରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରର କରାଯାଇଥିବା ଜିପିଆର୍-ଜିପିଏସ୍ ସର୍ଭେ ରିପୋର୍ଟ ଶନିବାର ଆସିଛି। ଏହି ରିପୋର୍ଟ ହସ୍ତଗତ ଶ୍ରୀମନ୍ଦିର ପ୍ରଶାସନର ହୋଇଥିବା ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ଏହି ସର୍ଭେ ହାଇଦ୍ରାବାଦସ୍ଥିତ ଏନ୍ଜିଆର୍ଆଇ ସହାୟତାରେ କରାଯାଇଥିଲା। ଶ୍ରୀମନ୍ଦିରର ସ୍ଥାୟିତ୍ୱ ଏବଂ ସୁରକ୍ଷା ପ୍ରତି ଶ୍ରୀମନ୍ଦିର ପ୍ରଶାସନ ସର୍ବଦା ଯତ୍ନବାନ ରହିଛି। ତେଣୁ ବୈଷୟିକ ରିପୋର୍ଟ ହସ୍ତଗତ ହୋଇସାରିଥିବାରୁ ତୁରନ୍ତ ସମଗ୍ର ରତ୍ନଭଣ୍ଡାରର ମରାମତି, ରକ୍ଷଣାବେକ୍ଷଣ ତଥା ସଂରକ୍ଷଣ କାର୍ଯ୍ୟ ହାତକୁ ନେବାକୁ ଏଏସ୍ଆଇ କର୍ତ୍ତୃପକ୍ଷଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଶ୍ରୀମନ୍ଦିର ପ୍ରଶାସନ ସମସ୍ତ ସହଯୋଗ କରିବ ବୋଲି ପାଢ଼ୀ ସୂଚନା ଦେଇଛନ୍ତି।

ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପାଢ଼ୀ କହିଛନ୍ତି, ରତ୍ନଭଣ୍ଡାରର ୪୫ ପୃଷ୍ଠା ସମ୍ବଳିତ ସର୍ଭେ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହୋଇଛି।




ଖୁବ୍ଶୀଘ୍ର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଆରମ୍ଭ ହେବ। ରାଜ୍ୟ ସରକାରଙ୍କ ଅନୁମୋଦିତ ଏସ୍ଓପି ଆଧାରରେ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କରାଯିବ। ମରାମତି ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଓ ଭକ୍ତଙ୍କ ଦର୍ଶନରେ କିଭଳି ବାଧା ନ ଉପୁଜିବ ସେନେଇ ଆଗାମୀ ଦିନରେ ଛତିଶା ନିଯୋଗ ଓ ନୂତନ ପରିଚାଳନା କମିଟି ସହ ଆଲୋଚନା କରାଯିବ। ଏହି ରିପୋର୍ଟ ଆଧାରରେ ଏଏସ୍ଆଇକୁ ଚିଠି ଲେଖାଯିବ। ଭିତର ରତ୍ନଭଣ୍ଡାରର ଚଟାଣ ଓ କାନ୍ଥର ସ୍ଥିତି ରିପୋର୍ଟରେ ଉଲ୍ଲେଖ ରହିଛି, ସେହି ଅନୁସାରେ ମରାମତି କରାଯିବ। ପରେ ରାଜ୍ୟ ସରକାରଙ୍କ ଏସ୍ଓପି ଅନୁଯାୟୀ ଅଳଙ୍କାର ଗଣତିମଣତି କରାଯିବ। ଗଣତିମଣତି ପ୍ରକ୍ରିୟାକୁ ଡିଜିଟାଇଜେଶନ କରାଯିବା ସହ ଭିଡିଓଗ୍ରାଫି କରାଯିବ। ମହାପ୍ରଭୁଙ୍କ କୃପାରୁ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହେଉଛି, ଆଗାମୀ ଦିନରେ ଯେଉଁ କାର୍ଯ୍ୟ କରାଯିବ ତାହା ମଧ୍ୟ ଶୃଙ୍ଖଳିତ ଭାବେ ଶେଷ କରାଯିବ ବୋଲି ପାଢ଼ୀ କହିଛନ୍ତି।

ସୂଚନାଯୋଗ୍ୟ, ଜୁଲାଇ ୧୪ରେ ରତ୍ନଭଣ୍ଡାର ଖୋଲାଯାଇଥିବା ବେଳେ ଭିତର ରତ୍ନଭଣ୍ଡାର ତାଲା କଟାଯାଇ ନୂତନ ତାଲା ପକାଯାଇଥିଲା। ସେହିପରି ଜୁଲାଇ ୧୮ରେ ଭିତର ରତ୍ନଭଣ୍ଡାରରୁ ସମସ୍ତ ଅଳଙ୍କାର ଅସ୍ଥାୟୀ ରତ୍ନଭଣ୍ଡାର ଭିତରକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଜୁଲାଇ ୨୯ରେ ଏଏସ୍ଆଇ ସହ ବୈଠକ ଅନୁଷ୍ଠିତ ହୋଇଥିଲା। ଅଗଷ୍ଟ ୨୩ରେ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରୁ ଖାଲିଥିବା ସିନ୍ଧୁକ, ଆଲମିରା ଆଦିକୁ ଖାଲି କରାଯାଇ ନୀଳାଦ୍ରି ମ୍ୟୁଜିୟମଠାରେ ଅସ୍ଥାୟୀ ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖାଯାଇଥିଲା। ସେପ୍ଟେମ୍ବର ୨୧ ଓ ୨୨ ଦୁଇଦିନ ଧରି ପୁନର୍ବାର ଭିତର ରତ୍ନଭଣ୍ଡାରର ଜିପିଆର୍ ସର୍ଭେ ହୋଇଥିଲା। ଉକ୍ତ ସର୍ଭେର ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରାଯାଇଛି। ରିପୋର୍ଟ ଆସିବା ପରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

# ପ୍ରଣବଙ୍କ ଭାଇ ଭବପ୍ରସାଦ ଗିରଫ

**ଯାଜପୁର, ୨୩।୧୧**
**(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାରେ ରାଜନୈତିକ ଅସ୍ଥିରତା ବଢ଼ିବାରେ ଲାଗିଛି। ବୁଧବାର ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କୁ ଆକ୍ରମଣ ଘଟଣାରେ ୧୪ ଜଣ ବିଜେଡି କର୍ମୀ ଗିରଫ ଏବଂ ଗୁରୁବାର ବିରଜା ହାଟରେ ହୋଇଥିବା ହାତାହାତି ଘଟଣାରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସଙ୍କ ଭାଇ ତଥା ଯାଜପୁର ପୂର୍ବତନ ନଗରପାଳ ଭବପ୍ରସାଦ ଦାସ ଗିରଫ ହେବା ଘଟଣା ସାରା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ବିରଜା ହାଟର ବ୍ୟବସାୟୀ ମଦନ ନାୟକଙ୍କ ଅଭିଯୋଗକ୍ରମେ ଶୁକ୍ରବାର ମଧ୍ୟରାତିରେ ଯାଜପୁର ଟାଉନ ଥାନା ପୋଲିସ ଭବପ୍ରସାଦଙ୍କୁ ତାଙ୍କ ଘରୁ ଉଠାଇନେଇ ଏକ ଗୋପନ ସ୍ଥାନରେ ରଖିଥିଲା। ଏନେଇ ଯାଜପୁର ଟାଉନ ଥାନାରେ ଏକ ମାମଲା(ନଂ.୪୭୧/୨୦୨୪) ରୁଜୁ କରି ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେ ଜାମିନ ଆବେଦନ ନ କରିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହାକୁ ନେଇ ସାରା ଜିଲାରେ ବିଜେଡି କର୍ମୀଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ୨୮ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

ଅଭିଯୋଗ ଅନୁଯାୟୀ ବିରଜା ହାଟ ୧୦୦ ବର୍ଷ ପୁରୁଣା। ସେହି ହାଟ ଉପରେ ଯାଜପୁର ସମେତ ଦଶରଥପୁର, ବିଞ୍ଝାରପୁର ଓ ପଡ଼ୋଶୀ ଭଦ୍ରକ ଜିଲାର ଶତାଧିକ ଚାଷୀ ନିର୍ଭର କରିଥାନ୍ତି। ୫ ବର୍ଷ ପୂର୍ବେ ବିରଜା ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ତେଣୁ ବିରଜା ପ୍ରକଳ୍ପରେ ସ୍ଥାନ ଅଭାବରୁ ଉକ୍ତ ହାଟକୁ ନରହରିପୁର ମୌଜାକୁ ସ୍ଥାନାନ୍ତର କରିବାକୁ ବିଜେଡି ସରକାର ସେତେବେଳେ ନିଷ୍ପତ୍ତି ନେଇଥିଲେ। ହେଲେ ସେଠାରେ ଉପଯୁକ୍ତ ଭାବେ ବ୍ୟବସାୟ ହେଉ ନ ଥିବା ଚାଷୀମାନେ ଅଭିଯୋଗ କରୁଥିଲେ। ଏନେଇ ଚାଷୀମାନେ ବିଭିନ୍ନ ସମୟରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଏହି କ୍ରମରେ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭାଜପା ସରକାର ଆସିବା ପରେ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ହାଟକୁ ପୂର୍ବ ସ୍ଥାନକୁ ଫେରାଇ ଅଣାଯାଇଥିଲା। ଏଥିରେ ବିଜେଡି ନେତାମାନେ ବିରଜା ପ୍ରକଳ୍ପକୁ ପରୋକ୍ଷରେ ବିରୋଧ କରାଯାଉଛି ବୋଲି ଅଭିଯୋଗ କରି ହାଟରେ ଗଣ୍ଡଗୋଳ କରିଥିଲେ। ଭବପ୍ରସାଦଙ୍କ ନେତୃତ୍ୱରେ ବିଜେଡି ନେତାମାନେ ବିରଜା ହାଟକୁ ଯାଇ ଚାଷୀ ଓ ବ୍ୟବସାୟୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏପରି କି ଭବପ୍ରସାଦଙ୍କ ଓ ତାଙ୍କ ସମର୍ଥକମାନେ ବ୍ୟବସାୟୀମାନଙ୍କ ପନିପରିବା, ଓଜନ କଣ୍ଟା ଇତ୍ୟାଦିକୁ ଫୋପାଡି ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଚାଷୀ ମଦନଙ୍କ ପକେଟରୁ ୧୨ ହଜାର ଟଙ୍କା ଛଡ଼ାଇ ନେଇଥିବା ଉକ୍ତ ଅଭିଯୋଗରେ ଦର୍ଶାଯାଇଥିଲା। ସେହିପରି ବିନା ଅନୁମତିରେ ଗୁରୁବାର ରାତିରେ ରାସ୍ତାରୋକୋ ଓ ଥାନା ଘେରାଉ ଘଟଣାରେ ପୋଲିସ ପକ୍ଷରୁ ଏଏସ୍ଆଇ ପ୍ରମୋଦ କୁମାର ବେହେରା ଓ ତୃପ୍ତିମୟୀ ରାଉତ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଭବପ୍ରସାଦଙ୍କ ଗିରଫ ଦାବିକୁ ନେଇ ବିଭିନ୍ନ ମହଲରେ ନାନା ମତ ପ୍ରକାଶ ପାଉଛି।


ଭବପ୍ରସାଦ ଦାସଙ୍କୁ ପୋଲିସ ଗିରଫ କରିନେଉଛି।

## ବିରଜା ହାଟରେ ଚାଷୀଙ୍କୁ ଦୁର୍ବ୍ୟବହାର ଘଟଣା

- **ବିଜେଡି କର୍ମୀଙ୍କ ମଧ୍ୟରେ ଚାପା ଉତ୍ତେଜନା**
- **୨୮ ପ୍ଲାଟୁନ ଫୋର୍ସ ମୁତୟନ**

## ଅଭିଯୋଗକାରୀଙ୍କୁ ଚାପ ପଡ଼ିଥିବା ସନ୍ଦେହ

**ଯାଜପୁର, ୨୩।୧୧**
**(ହର୍ଷବର୍ଦ୍ଧନ ବେହେରା)**

ବିରଜା ହାଟରେ ଚାଷୀଙ୍କୁ ଦୁର୍ବ୍ୟବହାର ଘଟଣା ଶନିବାର ଭିନ୍ନମୋଡ ନେଇଛି। ପୂର୍ବତନ ନଗରପାଳ ଭବପ୍ରସାଦ ଦାସଙ୍କୁ ଦୋଷମୁକ୍ତ କରିବାକୁ ତାଙ୍କ ସମର୍ଥକମାନେ ଜୋରସୋର ଉଦ୍ୟମ କରୁଛନ୍ତି। ଏହିକ୍ରମରେ ଅଭିଯୋଗକାରୀ ଚାଷୀ ମଦନ ନାଏକ ଶନିବାର ତାଙ୍କ ପୂର୍ବ ବୟାନକୁ ଗଣମାଧ୍ୟମରେ ବଦଳାଇ ଦେଇଛନ୍ତି। ଚାଷୀ ମଦନ ଭୟରେ ଥର ଥର ହୋଇ ସେ ମୂର୍ଖ ଲୋକ ଓ ବାବୁଙ୍କ ନାମରେ ମିଛ ଅଭିଯୋଗ କରିଛନ୍ତି ବୋଲି ଥାନାରେ ପହଞ୍ଚି କହିଛନ୍ତି। ସେ ଗଣମାଧ୍ୟମ ସମ୍ମୁଖରେ ଆହୁରି କହିଛନ୍ତି, ସକାଳୁ ଯାଇ ପ୍ରଣବ ପ୍ରକାଶ ଦାସଙ୍କୁ ଭୁଲ୍ ମାଗିଛି। ତାଙ୍କୁ ଫସେଇ ଦେଇଛନ୍ତି ବୋଲି କହି ମାମଲା ପ୍ରତ୍ୟାହାର କରିବାକୁ ଥାନାକୁ ଆସିଛି ବୋଲି କହିଛନ୍ତି। ଏହି ଘଟଣା ସୋସିଆଲ ମିଡ଼ିଆରେ ଘୂରି ବୁଲିବା ପରେ ଅଭିଯୋଗକାରୀଙ୍କ ଉପରେ ପ୍ରବଳ ଚାପ କିମ୍ବା ଅର୍ଥ କାରବାର ହୋଇଥାଇ ପାରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏପରିକି ଅଭିଯୋଗକାରୀଙ୍କୁ ଜଣେ ପ୍ରଭାବଶାଳୀ ବିଜେଡି ନେତାଙ୍କ ଗାଡିରେ ବିଚାରପତିଙ୍କ ସରକାରୀ ବାସଭବନକୁ ନିଆଯାଇଛି। ସେଠାରେ ଅଭିଯୋଗକାରୀ ଭବପ୍ରସାଦ ଓ ତାଙ୍କ ନାମରେ ହୋଇଥିବା ମାମଲାକୁ ପ୍ରତ୍ୟାହାର କରିବାକୁ ବିଚାରପତିଙ୍କ ନିକଟରେ ଆବେଦନ କରାଯାଇଥିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

# ପାକିସ୍ତାନରେ ହିଂସା: ୮୪ ମୃତ

**ଇସ୍‌ଲାମାବାଦ, ୨୩।୧୧**

ପାକିସ୍ତାନର ଖାଇବର ପଖ୍ତୁନଖ୍ୱା ରାଜ୍ୟ ଅନ୍ତର୍ଗତ ଆଫଗାନିସ୍ତାନ ସୀମାବର୍ତ୍ତୀ କୁରମ ଜିଲାରେ ସାମ୍ପ୍ରଦାୟିକ ହିଂସା ଘଟି ଗତ ୨୪ ଘଣ୍ଟା ମଧ୍ୟରେ ୩୭ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ସମୁଦାୟ ମୃତ୍ୟୁ ସଂଖ୍ୟା ୮୪ରେ ପହଞ୍ଚିଛି। ସେହିପରି ଏହି ହିଂସାରେ ୩୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସ୍ଥାନୀୟ ଅଲିଜଇ ଏବଂ ବାଗାନ ଜନଜାତିଙ୍କ ମଧ୍ୟରେ ବିବାଦ ଯୋଗୁ ଗୁରୁବାର କୁରମ ଜିଲାର ବାଗାନ, ମନ୍ଦୁରୀ ଏବଂ ଓଛାଟ ଅଞ୍ଚଳରୁ ଖାଇବର ପଖ୍ତୁନଖ୍ୱାର ରାଜଧାନୀ ପେଶାୱର ଅଭିମୁଖେ ଯାଉଥିବା ୫୦ରୁ ଅଧିକ ଯାତ୍ରୀବାହୀ ଭ୍ୟାନ୍ ଉପରେ ଉଗ୍ରବାଦୀମାନେ ଗୁଳି ଚଳାଇ ମହିଳା ଓ ଶିଶୁଙ୍କ ସମେତ ୪୭ ଜଣଙ୍କୁ ହତ୍ୟା କରିଥିଲେ। ଅଧିକାଂଶ ମୃତକ ସିୟା ସମୁଦାୟର ହୋଇଥିବା ଜଣାପଡ଼ିଛି। ତେବେ ଶନିବାର ଉକ୍ତ ଅଞ୍ଚଳର ଅନେକ ଘର ଓ ଦୋକାନରେ ଉଗ୍ରବାଦୀମାନେ ନିଆଁ ଲଗାଇଦେଇଛନ୍ତି। ଫଳରେ ସ୍ଥାନୀୟ ଲୋକେ ଜୀବନ ବିକଳରେ ସୁରକ୍ଷିତ ସ୍ଥାନକୁ ପଳାୟନ କରିବାରେ ଲାଗିଛନ୍ତି। ବିଗୁଡୁଥିବା ସ୍ଥିତିକୁ ଦୃଷ୍ଟିରେ ରଖି କୁରମ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରାଯାଇଛି। ଶନିବାର ଜିଲାର ବଲିଶ୍‌ଖେଲ, ଖାର୍‌କାଲି, କୁଞ୍ଜ ଅଲିଜଇ, ବାଗନ କବାଝଲିଆ ଆଦି ଅଞ୍ଚଳରେ ଗୁଳି ବିନିମୟ ହୋଇଥିବା ପୋଲିସ ସୂଚନା ଦେଇଛି।




ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। –ଶ୍ରୀମା



# ଆଧ୍ୟାତ୍ମିକ ରାଷ୍ଟ୍ରବାଦ ଓ ଶ୍ରୀଅରବିନ୍ଦ



ଡ. ହୃଷୀକେଶ ମଲ୍ଲିକ

ପୃଥିବୀର ଅନେକ ରାଜନେତା, ରାଜନୀତି ବିଶାରଦ ଓ ଦାର୍ଶନିକ ରାଷ୍ଟ୍ରବାଦର କଥା କହିଛନ୍ତି, କିନ୍ତୁ ଆଧ୍ୟାତ୍ମିକ ରାଷ୍ଟ୍ରବାଦର କଥା ଆମେ ଜାଣିବାରେ ଏକା ଶ୍ରୀଅରବିନ୍ଦ ହିଁ କହିଛନ୍ତି। ଶ୍ରୀଅରବିନ୍ଦ ହେଉଛନ୍ତି ସେଇ ଜାତୀୟବାଦୀ ନେତା, ଯେ କି କହୁଥିଲେ ସ୍ୱାଧୀନତା ଆନ୍ଦୋଳନର ସନ୍ଦେଶ ଯେ ଯାଏଁ ସାଧାରଣରୁ ଅତି ସାଧାରଣ ମଣିଷଙ୍କ ହୃଦୟବେଦ୍ୟ ହୋଇନାହିଁ, ସେ ପର୍ଯ୍ୟନ୍ତ ଏହା ଗଣଅଭିଳାଷର ବାହକ ହୋଇପାରିବ ନାହିଁ। ୧୯୭୨ରେ ଶ୍ରୀଅରବିନ୍ଦଙ୍କ ଜନ୍ମ ଶତବାର୍ଷିକୀ ବିଶ୍ୱବ୍ୟାପୀ ପାଳିତ ହେବା ଅବକାଶରେ ପ୍ୟାରିସ୍‌ର ଜଣେ ଯୁବ ପତ୍ରକାରଙ୍କୁ ପଚରାଗଲା ଯେ ଶ୍ରୀଅରବିନ୍ଦ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କାହିଁକି? ତା'ର ଉତ୍ତରରେ ସେ ଯାହା କହିଲେ, ତା'ର ନିର୍ଯାସ ହେଲା- ଶ୍ରୀଅରବିନ୍ଦ ଜଣେ ଅସାମାନ୍ୟ ବିପ୍ଳବୀ। ଜଣେ ବିପ୍ଳବୀର ଜୀବନ ସର୍ବଦା ପ୍ରେରଣାଦାୟୀ। ସାହିତ୍ୟରେ ନୋବେଲ ବିଜେତା ରୋମା ରୋଲାଁଙ୍କ ମତରେ ଶ୍ରୀଅରବିନ୍ଦ ହେଉଛନ୍ତି 'ଏସୀୟ ଓ ୟୁରୋପୀୟ ମେଧାର ପୂର୍ଣ୍ଣତମ ଫଳଶ୍ରୁତି'। ରୋଲାଁଙ୍କର ଏହି ଆକଳନ ସେତେବେଳ ପାଇଁ କେବଳ ସତ୍ୟ ନ ଥିଲା, ଆଜି ଓ ଆଗାମୀ ସମୟ ପାଇଁ ବି ଅକାଟ୍ୟ।

କୁହାଯାଏ, ବସ୍ତୁବାଦ ଓ ଆଧ୍ୟାତ୍ମିକତାର ସହଗମନ କେବେ ବି ସମ୍ଭବ ନୁହେଁ। ଶ୍ରୀଅରବିନ୍ଦ କିନ୍ତୁ ତାଙ୍କ ଜୀବନରେ ଏହାର ବିପରୀତକୁ ସତ୍ୟ ପ୍ରମାଣିତ କରିଛନ୍ତି। ବସ୍ତୁବାଦୀ ପ୍ରଗତି ମଧ୍ୟଦେଇ ଦିବ୍ୟ ସତ୍ତାର ଉନ୍ମୋଚନକୁ ସେ ସମ୍ଭବ କରାଇଛନ୍ତି। ମଣିଷକୁ ପ୍ରତିଶ୍ରୁତି ଦେଇ କହିଛନ୍ତି, ଜାଗତିକ ଅବସ୍ଥାନର ସବୁଠୁଁ ଅନ୍ଧକାରାଚ୍ଛନ୍ନ ଅଞ୍ଚଳ ଦିନେ ଆଧ୍ୟାତ୍ମିକ ରୂପାନ୍ତରର ଆଲୋକରେ ଆଲୋକିତ ହୋଇଉଠିବ। ତାଙ୍କର ଏହି ବିପ୍ଳବମୂଳ ଆଧ୍ୟାତ୍ମିକ ଭବିଷ୍ୟବାଣୀ ହିଁ ରାଜନୀତି କ୍ଷେତ୍ରରେ ସମଗ୍ର ଭାରତବର୍ଷକୁ ଏକ ଅଭିନବ ମାର୍ଗରେ ପରିଚାଳିତ କରିଛି। ଶ୍ରୀଅରବିନ୍ଦଙ୍କ ମତରେ ନାନା କ୍ଷେତ୍ରରେ ଭାରତ ଆଜି ଯେଉଁ ସଙ୍କଟର ସାମ୍ନା କରୁଛି, ତାହା ମୂଳତଃ ବିବର୍ତ୍ତନର ସଙ୍କଟ। ଆଧ୍ୟାତ୍ମିକ ସମାଧାନ ବ୍ୟତୀତ ଏହାର କୌଣସି ରାଜନୈତିକ, ଧାର୍ମିକ ଓ ନୈତିକ ସମାଧାନ ନାହିଁ।

ମଣିଷର ନିୟତିକୁ ନେଇ ନିର୍ଣ୍ଣୟ ନିମିତ୍ତ ଶ୍ରୀଅରବିନ୍ଦ ନିଜ ପୁରୋଦୃଷ୍ଟିରେ କେବଳ ବିପ୍ଳବୀ ନ ଥିଲେ, ଭାରତର ସ୍ୱାଧୀନତା ପାଇଁ ଖସଡ଼ା ପ୍ରସ୍ତୁତିରେ ବି ଥିଲେ ଅଗ୍ରଧାବିତ ବିପ୍ଳବୀ। ୧୮୯୩ରେ ବମ୍ବେରୁ ପ୍ରକାଶିତ 'ଇନ୍ଦୁପ୍ରକାଶ' ପତ୍ରିକାରେ ସେ ଲେଖିଥିଲେ: ''ଆଜି ଯେତେବେଳେ କଥାକଥାକେ ଆମ ମୁହଁରୁ 'ଗଣତନ୍ତ୍ର' ଭଳି ବଡ଼ ବଡ଼ ଶବ୍ଦ ଉଚ୍ଛୁଳି ଉଠୁଛି, ସେତେବେଳେ 'କଂଗ୍ରେସ' ସଙ୍ଗଠନ ଗଣର ପ୍ରତିନିଧିତ୍ୱ ନ କରି କେବଳ ଏକ ଗୋଷ୍ଠୀର ବା ସୀମିତ ଲୋକଙ୍କର ସ୍ୱର ପାଲଟିଛି। ଏହାକୁ 'ଜାତୀୟ' କହିହେବ କି?'' 'ଆନ୍ ଇଣ୍ଡିଆନ୍ ପିଲ୍‌ଗ୍ରୀମ୍' ପୁସ୍ତକରେ ସୁଭାଷ ଚନ୍ଦ୍ର ବୋଷ ଶ୍ରୀଅରବିନ୍ଦଙ୍କୁ ଶ୍ରେଷ୍ଠ ବାମବାଦୀ ଚିନ୍ତକ ଓ ସ୍ୱାଧୀନତା ଆନ୍ଦୋଳନର ନିର୍ଭୀକ ସେନାପତି ଭାବେ ଅଭିହିତ କରିଥିଲେ। କଂଗ୍ରେସର ମଧ୍ୟ ଉଦାରପନ୍ଥୀ ନେତାମାନେ ଇଂରେଜ ସରକାରଙ୍କୁ ଖୁସି ପତାଇ ସର୍ବନିମ୍ନ 'ସ୍ୱାୟତ୍ତ ଶାସନ'ର ଅନୁଗ୍ରହ ଭିକ୍ଷା କରୁଥିବାବେଳେ ଶ୍ରୀଅରବିନ୍ଦ ପୂର୍ଣ୍ଣସ୍ୱାଧୀନତାର ଦାବି ଉଠାଇଥିଲେ।

ସଶସ୍ତ୍ର ବିପ୍ଳବ ଦ୍ୱାରା ସ୍ୱାଧୀନତା ହାସଲ ସମ୍ଭବ ବୋଲି ଯୁକ୍ତି ବାଢ଼ିଲାବେଳେ ସେ ଶତ ପ୍ରତିଶତ ନିଶ୍ଚିତ ଥିଲେ ଯେ, ଭାରତରେ ସେ ବେଳର ବ୍ରିଟିଶ୍ ସାମରିକ ବ୍ୟବସ୍ଥା ଆଦୌ ଅପରାଜେୟ ନ ଥିଲା। ଭାରତରେ ବାହିଲ ବ୍ରିଟିଶ୍ ସେନାର ତୋପ ଓ ବନ୍ଧୁକ ହିଁ ଥିଲା ସମ୍ବଳ, ନ ଥିଲା ସଙ୍ଗଠିତ ବାୟୁସେନା କି ଭୀତିପ୍ରଦ ଯୁଦ୍ଧାସ୍ତ୍ର। ଏପରି ସ୍ଥିତିରେ ପ୍ରବଳ

**ସିଦ୍ଧିଦିବସ ଉପଲକ୍ଷେ**



ମନୋବଳ, ସାହସ ଓ ପ୍ରୟୋଜନସ୍ଥଳେ ବାହ୍ୟଶକ୍ତିର ସାହାଯ୍ୟ ନେଇ ବ୍ରିଟିଶ ଶାସନର ଅନ୍ତ ଘଟାଇବା ଆଦୌ ଅସମ୍ଭବ ନ ଥିଲା। ଭାରତୀୟ ସେନାବାହିନୀରେ ଥିଲା ପୁଣି ବିଦ୍ରୋହର ସମ୍ଭାବନା। 'ଗୁପ୍ତ ସମିତି' ଜରିଆରେ ଅନ୍ତରାଳରେ ରହି ଶ୍ରୀଅରବିନ୍ଦଙ୍କ ସ୍ୱାଧୀନତା ସଂଗ୍ରାମ ପରିଚାଳନା ଏପରି କରାଳ ହୋଇଉଠିଥିଲା ଯେ, ବ୍ରିଟିଶ୍ ସରକାରଙ୍କ ପାଇଁ ଶ୍ରୀଅରବିନ୍ଦ ହିଁ ଥିଲେ ମୁଣ୍ଡବିନ୍ଧାର କାରଣ। ଭାରତ ଭୂଇଁରୁ ଶ୍ରୀଅରବିନ୍ଦଙ୍କ ବିତାଡ଼ନ ପାଇଁ ଉପାୟ ଅନ୍ୱେଷଣରେ ବ୍ରିଟିଶ୍ ପ୍ରଶାସନ କିପରି ଅଥୟ ହୋଇ ଉଠିଥିଲା, ଭାରତର ତତ୍କାଳୀନ ଗଭର୍ନର ଜେନେରାଲ ଲର୍ଡ ମିଣ୍ଟୋ ଓ ବଙ୍ଗ ଗଭର୍ନର ଫ୍ରେଜର୍ ସାହେବଙ୍କ ପତ୍ର ବିନିମୟରୁ ଏହାର ସୂଚନା ମିଳେ।

ଗାନ୍ଧିଜୀ ସାମାଜିକ ବାସନ୍ଦ କଥା କହୁଥିଲାବେଳେ ଶ୍ରୀଅରବିନ୍ଦ କହୁଥିଲେ ରାଜନୈତିକ ବାସନ୍ଦର କଥା। ଶ୍ରୀଅରବିନ୍ଦଙ୍କ 'ରାଜନୈତିକ ବାସନ୍ଦ' ତତ୍ତ୍ୱ ବ୍ରିଟିଶ୍ ଶାସନକୁ ଚିନ୍ତିତ କରିଥିଲା। ଏହି ତତ୍ତ୍ୱ ପାଶ୍ଚାତ୍ୟରେ ଯେ ଥିଲା ସରକାରକୁ ଅଚଳ କରିଦେବାର ଅଭିପ୍ରାୟ, ଏକଥା ବୁଝିବା ବ୍ରିଟିଶ୍ ସରକାରଙ୍କ ପାଇଁ କଷ୍ଟକର ନ ଥିଲା। ଗଭର୍ନର ଜେନେରାଲ ଲର୍ଡ ମିଣ୍ଟୋ ଭାରତ ଦାୟିତ୍ୱରେ ଥିବା ସେକ୍ରେଟାରୀ ଲର୍ଡ ମୋର୍ଲେଙ୍କ ପାଖକୁ ଚିଠି ଲେଖି ଜଣାଇଥିଲେ: ''ଏହା ନିଃସନ୍ଦେହ ଯେ, ଆମେ ଏକ ବୈପ୍ଳବିକ ଆହ୍ୱାନର ସମ୍ମୁଖୀନ, ଯାହାର ଲକ୍ଷ୍ୟ ବଳ ପ୍ରୟୋଗ କରି ଆମକୁ ଭାରତରୁ ତଡ଼ିଦେବା। ଭାରତର ଯୁବପିଢ଼ି ଏଥିପ୍ରତି ଅଧିକରୁ ଅଧିକ ଆକୃଷ୍ଟ ହେବା ଉଦ୍‌ବେଗର ବିଷୟ। ଶ୍ରୀଅରବିନ୍ଦ ହେଉଛନ୍ତି ଏହାର ବିପଜ୍ଜନକ ସୂତ୍ରଧର, ଛାତ୍ରସମାଜ ଉପରେ ଯାହାଙ୍କର ଅଛି ଅଖଣ୍ଡ ପ୍ରଭାବ।''

ଅନେକ ଆଜି ବିସ୍ମୃତ ଯେ ଯେଉଁସବୁ ପନ୍ଥା (ଅସହଯୋଗ, ବାସନ୍ଦ ଓ ସ୍ୱଦେଶୀ ଭାବନା ଆଦି) ମାଧ୍ୟମରେ ଭାରତର ସ୍ୱାଧୀନତା ସ୍ୱପ୍ନ ସାକାର ହୋଇଥିଲା, ସେସବୁ ପନ୍ଥାର ଆବିଷ୍କାରକ ଥିଲେ ଶ୍ରୀଅରବିନ୍ଦ। ସେବର ବ୍ରିଟିଶ୍ ପାର୍ଲାମେଣ୍ଟ ସଭ୍ୟ ହେନ୍‌ରୀ ନେଭିନ୍‌ସନ୍ ଶ୍ରୀଅରବିନ୍ଦଙ୍କ ସହ ଆଳାପ ପରେ ଲେଖିଥିଲେ: ''ଏକ ସାର୍ବଜନୀନ ସ୍ୱଦେଶୀ-ଶାସନ-ବ୍ୟବସ୍ଥାର ଅଧିକାରୀ ହେବା ଥିଲା ଶ୍ରୀଅରବିନ୍ଦଙ୍କ ପ୍ରତ୍ୟାଶା, ଯାହା କେବଳ ବସ୍ତୁକୈନ୍ଦ୍ରିକ ନୁହେଁ, ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ପ୍ରସାରିତ।'' ତାଙ୍କ ମତରେ କାହାରି ମନରେ ଯଦି ଭୟଉତ୍ପନ୍ନ ହେଉଛି, ତେବେ ଜଣେ ସଚ୍ଚା ଦେଶପ୍ରେମୀର ପ୍ରଥମ କର୍ତ୍ତବ୍ୟ ହେଉଛି ସମସ୍ତ ମୂଲ୍ୟ ଦେଇ ତା'ର ଉତ୍ପାଟନ କରିବା। ନିଜର ଲେଖା ଓ ବକ୍ତବ୍ୟରେ ସାହସର ଆବଶ୍ୟକତା ଉପରେ ସେ ସର୍ବାଦୌ ଗୁରୁତ୍ୱ ଦେଉଥିଲେ।

ଶ୍ରୀଅରବିନ୍ଦ ଥିଲେ 'ଦେଶପ୍ରେମର କୁଳିଶନାଦ', 'ଭାରତୀୟ ସଂସ୍କୃତିର ଅତୁଳନୀୟ ନେତା', 'ଅସାମାନ୍ୟ ତ୍ୟାଗ'ର ପ୍ରତିଭୂ, 'କର୍ମଯୋଗୀ' ଓ ସର୍ବୋପରି ଭାରତମାତାର 'ଅଦ୍ୱିତୀୟ ବରପୁତ୍ର'। ଆମର ଦୁର୍ଭାଗ୍ୟ ଯେ, ଶ୍ରୀଅରବିନ୍ଦଙ୍କ ଦ୍ୱାରା ସମାହିତ ଭାରତୀୟ ସ୍ୱାଧୀନତାର ଘନଘଟାମୟ ଉଦ୍ୟୋଗ ପର୍ବକୁ ଆମେ 'ସନ୍ତ୍ରାସର ଏକ ଦଶନ୍ଧି' ଭାବେ ଇତିହାସରେ ଚିହ୍ନିତ କରି ଆଶ୍ୱସ୍ତ ରହିଛୁଁ। ଶ୍ରୀଅରବିନ୍ଦଙ୍କ ବିପ୍ଳବ-ଭାବନା କିନ୍ତୁ ଥିଲା ଆଧ୍ୟାତ୍ମିକତାର ଦିବ୍ୟଭୂମି ଉପରେ ପରିକଳ୍ପିତ ଏକ ନବଯୁଗର ନକ୍ସା। 'ବନ୍ଦେ ମାତରମ୍' ପତ୍ରିକାରେ ସେ ଲେଖିଥିଲେ: "Do we serve the Mother for a reward or do God's work for a hire? The patriot lives for his country because he must, he dies for her because she demands it. That is all." ଶ୍ରୀଅରବିନ୍ଦଙ୍କ ମତରେ ଦେଶପ୍ରେମ ଭଲ, ଉତ୍ତମ ଓ ଦିବ୍ୟ; ଯଦି ଏହାର ଧ୍ୟେୟ ସାର୍ବଜନୀନ ମାନବିକତାର ବିକାଶ। ମାନବିକତାରୁ ବିଚ୍ଛିନ୍ନ ଜାତୀୟତା କେବଳ ଖରାପ ନୁହେଁ, ଦୁର୍ବଳ ମଧ୍ୟ।

ମୋ: ୯୮୫୩୨୮୭୭୫୫

# ସୁଖର ଗାଣିତିକ ପରିପ୍ରକାଶ



ଧ୍ରୁବ ଚରଣ ଘିବେଲା

ଅନେକ ଖୁସିର ସମାହାର ହିଁ ସୁଖ। ତେବେ ଖୁସି କେବେ ବି ବାହାରୁ ମିଳେ ନାହିଁ। ଉପଲବ୍ଧ ନ ଥାଏ କେଉଁଠି ବାହାରେ। ଖୁସି କେଉଁଠି କିଣା ବି ମିଳେନି। ବିକ୍ରିଯୋଗ୍ୟ ନ ଥାଏ କେବେ। ଏହା ଅନୁଭବର ଅସ୍ମିତା ସୂଚକ। ନିଜ ଭିତରୁ ଖୁସି -ସୁଖ ଅନ୍ୱେଷଣ କରାଯାଇପାରେ। ବାହାରେ ଖୋଜିଲେ ଖୁସି-ସୁଖ ମିଳେନା। ନିଜ ମନରେ, ହୃଦୟରେ ଅନ୍ୱେଷଣ କଲେ ହୁଏତ ମିଳିପାରେ ପ୍ରଚୁର ଶାନ୍ତି, ଗଭୀର ଆତ୍ମସନ୍ତୋଷ ଯାହାକି ଖୁସି- ସୁଖର ପ୍ରକୃତ ସନ୍ଧାନକୁ ହାତପାହାନ୍ତା କରାଇପାରେ। ହଁ, କେବେ କେମିତି କିଏ ହସୁଥିବାର ଦେଖିଲେ ଆପଣା ଓଠରୁ ଆପେ ଧାରେ ହସ ଉକୁଟି ଆସିଥାଏ। ନିଜେ ହସିବା ସହିତ ଅନ୍ୟକୁ ହସାଇବାର ଯଥେଷ୍ଟ ଆବଶ୍ୟକତା ରହିଛି ଆଜିର ଦିନରେ।

ସବୁ ଥାଇ ସୁଖୀ ନ ଥିବା ଲୋକଙ୍କୁ ଏଠି ଆବିଷ୍କାର କରିବାରେ ବିଚିତ୍ରତା ନ ଥାଏ। ପୁଣି କିଛି ନ ଥାଇ ଅହରହ ହସଖୁସିରେ ଥିବା ଲୋକ ଏଠି ସୁଖୀ ଥିବା ଜଣାଯା'ନ୍ତି। ଦୁଃଖର ପାହାଡ଼ ଉପରେ ଦଣ୍ଡାୟମାନ ଥିବା ଲୋକ ଦୁଃଖକୁ ତିଳେହେଲେ ଖାତିର ନ କରି ସଦାସର୍ବଦା ହସମିଜାଜ୍‌ରେ ରହି ଖୁସିର ପଲଙ୍କରେ ସୁଖନିଦ୍ରା ଯାଆନ୍ତି। ଅନ୍ୟପାଖେ ସୁଖର ଗନ୍ତାଘରେ ନିତି ସହାବସ୍ଥାନ କରୁଥିବା ଲୋକ ଅସଲକୁ ହସଖୁସିରେ ଘଡ଼ିଏ ରହିନପାରି ସୁଖରେ ରହିନପାରିବାର ଆତ୍ମଗ୍ଳାନିରେ ଅହରହ ଜର୍ଜରିତ ଥାଆନ୍ତି। ସୁଖ ଅନୁଭବ ତାଙ୍କ ପାଇଁ ରହିପାରିନଥାଏ ଆକାଂକ୍ଷିତ। ସୁଖର ଅପ୍ରାପ୍ତି ଅସନ୍ତୋଷ ତାଙ୍କଠି ବସା ବାନ୍ଧି ରହିଥାଏ। ପରୋକ୍ଷରେ ସେ ଲଭିଥା'ନ୍ତି ଅଜସ୍ର ଦୁଃଖ।

ଆମେ ଜାଣିଛେ, ଜୀବନ ନଈର ଥାଏ ଦୁଇଟି କୂଳ। ଗୋଟେ ସୁଖ ହେଲେ ଅନ୍ୟଟି ଦୁଃଖ। ଜୀବନ ନଈରେ ଅନେକ ପୁଣି ଆରୋହୀ ଥା'ନ୍ତି ଦୁଃଖର ନାଆରେ। ଏଠି ସୁଖର ନାଆରେ ସାରୀ ହୋଇପାରିନଥାନ୍ତି ଅନେକାନେକ। ବର୍ତ୍ତମାନର ବସ୍ତୁବାଦୀ ଦୁନିଆରେ ଅନେକଙ୍କ ଆଶା ଆକାଂକ୍ଷା ରହିଥାଏ ଆକାଶଛୁଆଁ। ସେସବୁର ପରିପୂରଣ ହୋଇନପାରିବାରୁ ନାହିଁ ନାହିଁ ଭିତରେ ଜୀବନରେ ଜ୍ୱଳନ ରହେ ଅନେକ। ଦୁଃଖର ପାରାବାର ଭିତରେ ଯେମିତି ସୁଖର ଥଳକୂଳ ପାଇପାରନ୍ତିନି ଜମା।

ଆଜିର ଦିନରେ ଯାହାଠି ଯେତେ ସମ୍ପତ୍ତି ଥାଏ, ସେତିକିରେ ସେ ଆଦୌ ସନ୍ତୁଷ୍ଟ ନ ଥାଏ। ସେ ଚାହେଁ ତା'ର ଭଣ୍ଡାର ଆହୁରି ଭରି ହେଉ। ଭରି ହେବା ପାଇଁ ତା'ର ଭଣ୍ଡାରରେ ଯେମିତି ଅନେକ ସ୍ଥାନ ଶୂନ୍ୟ ପଡ଼ିଛି। ତାହା ପୂରଣ ନ ହେବା ଯାଏ ଯେମିତି ଶାନ୍ତି ନାହିଁ ମନରେ କି ହୃଦୟରେ। ଉପରମୁହାଁ ଉପରକୁ କେବଳ ଚାହିଁ ରହୁଛି। ତା' ତଳେ କେତେ ଅଭାବୀ ଜୀବନ ବିତାଉଛନ୍ତି ସେ ଆଡ଼କୁ ଯେମିତି ଜମା ନିଘା ନଜର ନାହିଁ। ସେ ତଳକୁ କାହିଁକି ଚାହିଁବେ। ଉପରକୁ ଚାହିଁ ରହିଲେ ସିନା ଉପରବାଲାଙ୍କ ସହିତ ସମକକ୍ଷ ହେବାର ନିରନ୍ତର ଚେଷ୍ଟାରେ ରହି ଯେବେହେଲେ ବି ଅଚଳାଚଳ ଧନସମ୍ପତ୍ତିର ମାଲିକ ହେବେ। ଏବେ ଲକ୍ଷପତି ହେବା ତ ସହଜ। ଯେଣୁ ଦରମା ଛୁଇଁଲାଣି ଲକ୍ଷକୁ, ଲକ୍ଷ ପାଖାପାଖିକୁ, ଏବେ କୋଟିପତି ହେବାରେ ବଳୁଚି ମନ। କୋଟିପତିଙ୍କ ତାଲିକା ବି ଲମ୍ବା ହୋଇଚାଲିଛି। ଦୁଃଖୀଙ୍କ ତାଲିକା ସେମିତି ବଢ଼ୁଛି। ମଣିଷ ଯାହା ବୁଝିନି କି ବୁଝୁନି, ସମ୍ପତ୍ତି କେବେ ବି କାହାକୁ ବାସ୍ତବ ସୁଖ ଦେଇପାରେ ନାହିଁ କି ଦେଇପାରିନି। ତଥାପି ସମ୍ପତ୍ତି ମରୀଚିକା ପଛରେ ଧାଇଁବାରୁ ନିଜକୁ ନିବୃତ୍ତ କରିପାରୁନି ମଣିଷ।

ମଣିଷଠି ଆଉ ଗୋଟେ ଅଭାବବୋଧ ଏବେ ବେଶି ପରିଲକ୍ଷିତ ହେଉଛି। ମଣିଷ ଆଉ ଅଧ୍ୟାତ୍ମବାଦୀ ହେଉ ନାହିଁ। କୌଣସି କଥା -କାମରେ ବିଭୁ ଚିନ୍ତନ ରହୁ ନାହିଁ। ହୁଏତ ଈଶ୍ୱରବିଶ୍ୱାସ ବଳରେ ଅନୀତି ଅର୍ଜନରେ ରହନ୍ତା ନାହିଁ। ସମସ୍ତ କର୍ମ ବିଭୁ ସମର୍ପିତ ରହିଲେ ମାନସିକ ଶାନ୍ତି ଅନ୍ତତଃ ହାତପାହାନ୍ତା ହୁଅନ୍ତା। ଆଜିର ଦିନରେ ସୁସ୍ଥ ରହିବା ପାଇଁ ଅଧ୍ୟାତ୍ମ ସ୍ୱାସ୍ଥ୍ୟର ଯଥେଷ୍ଟ ଆବଶ୍ୟକତା ରହିଛି। ବସ୍ତୁବାଦୀ ଆବଶ୍ୟକତା ଯେତେ କମ୍ ରହିବ, ମାନସିକ ସ୍ୱାସ୍ଥ୍ୟ ସେତେ ଅଧିକ ଭଲ ରହିବ। ତେବେ ସୁଖ ହାସଲ ପାଇଁ ଅସଲ ସାଧନ ହେଉଛି ଦୁଃଖ କମ୍ ଅନୁଭବ କରିବା, ଅଭାବବୋଧକୁ ଅଭାବ ଭାବିବା ନାହିଁ ଜମା। ଜ୍ଞାତି କୁଟୁମ୍ବଙ୍କ ଶତ୍ରୁତାରେ ବ୍ୟତିବ୍ୟସ୍ତ ହେବା ନାହିଁ। ମୋଟାମୋଟି ଭାବେ ଦୁଃଖ ଯେତେ କମ୍ ରହିବ, ସେତେ ସୁଖ ଅନୁଭବ ହେଇଆସିବ। କିଛି ଥାଉ ନ ଥାଉ ଖୁସି ରହିବା ଓଠରେ ହସ ରଖି। ହସୁରା ମୁହଁ ଦେଖି ତ କିଏ ହସି ଦେବ ଟିକେ। ହସ ମୁହଁରେ ଲାଖି ରହିଲେ ମୁହଁ ସୁନ୍ଦର ବି ଦେଖାଯିବ। ଅତଏବ ହସ ଖୁସି ହିଁ ଆଣିଦିଏ ସୁଖ। ଆସନ୍ତୁ ହସଖୁସିରେ ରହିବା। ସୁଖ ଅନୁଭବ କରିବା। ଖୁସି ରହିଲେ ସୁଖ ପାଇବା। ଏଣୁ, ଯଥାର୍ଥରେ କୁହାଯାଇପାରେ ଅନେକ ଖୁସିର ଯଥାର୍ଥ ସମାହାର ହିଁ ସୁଖ। ଗାଣିତିକ ଭାଷାରେ ଖୁସି+ଖୁସି+...= ସୁଖ।

ବଉଦରାଜ, ବୌଦ୍ଧ
ମୋ: ୯୪୩୭୪୭୮୪୬୬

## ଏଇ ଭାରତରେ

ବୟସ ଏକ ସଂଖ୍ୟା ବୋଲି ପ୍ରମାଣ କରିଛନ୍ତି ସୁରଟର ୮୦ ବର୍ଷୀୟା ବକୁଲାବେନ ପଟେଲ। ସେ ସୁଇମିଂ ପ୍ରଶିକ୍ଷଣ ନେଇ ୫୯ ବର୍ଷ ବୟସରେ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମେ ଭାଗ ନେଇଥିଲେ। ଏବେ ସେ ୮୦ଟି ଦେଶରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ୫୦୦ରୁ ଅଧିକ ମେଡାଲ ଓ ଟ୍ରଫି ଜିତିସାରିଛନ୍ତି। ବକୁଲାବେନ ପିଲାଦିନରୁ ମାତାପିତାଙ୍କୁ ହରାଇଥିଲେ। ନବମରେ ପଢୁଥିବାବେଳେ ତାଙ୍କର ବିବାହ ହୋଇଯାଇଥିଲା। ତେବେ ପିଲାଦିନରୁ ଖେଳ ପ୍ରତି ରୁଚି ରଖିଥିବା ବକୁଲାବେନ ଗୃହିଣୀ ଜୀବନରେ ଲକ୍ଷ୍ୟ ହାସଲ କରିଛନ୍ତି। ୧୯୯୪ରେ ତାଙ୍କ ସ୍ୱାମୀଙ୍କର ଦେହାନ୍ତ ହେବା ପରେ ସୁଇମିଂ ଓ ନାଚ ଶିଖିବା ଆରମ୍ଭ କରିଥିଲେ। ସେ ପ୍ରଶାନ୍ତ ମହାସାଗର, ଆଟ୍ଲାଣ୍ଟିକ ମହାସାଗର, ବଙ୍ଗୋପ ସାଗରରେ ପହଁରି ପୁରସ୍କୃତ ହୋଇଛନ୍ତି। ପ୍ରତିଦିନ ସକାଳ ୪ଟାରୁ ଉଠି ସୁଇମିଂ ପାଇଁ ୫ କି.ମି. ଚାଲି ଚାଲି ଯାଆନ୍ତି। ଏହା ବ୍ୟତୀତ ସେ ଭାରତ ନାଟ୍ୟମ୍‌ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ୭୫ ବର୍ଷ ବୟସରେ ସେ ଅଢ଼େଇ ଘଣ୍ଟା ନୃତ୍ୟ ପ୍ରଦର୍ଶନ କରି ବୁକ୍ ଅଫ୍ ଲିମ୍‌କା ରେକର୍ଡସ୍‌ରେ ମଧ୍ୟ ସ୍ଥାନ ପାଇଛନ୍ତି। ଏହି ନୃତ୍ୟ ପ୍ରଦର୍ଶନ କରିବାରେ ସେ ହେଉଛନ୍ତି ବୟୋଜ୍ୟେଷ୍ଠ ମହିଳା।

## ୫୦ ବର୍ଷ ତଳର ଧରିତ୍ରୀ

**୨୪ ନଭେମ୍ବର ୧୯୭୫**

- ୩୭ ବର୍ଷ ବୟସ୍କ ପ୍ରିନ୍ସ ଜୁଆନ କାର୍ଲୋସ ସ୍ପେନ୍‌ର ସର୍ବମୟ କର୍ତ୍ତା ରୂପେ ଶପଥ ଗ୍ରହଣ କରିଛନ୍ତି।
- ''ହିଟ୍ ଆଣ୍ଡ ଡଷ୍ଟ'' ପୁସ୍ତକ ପାଇଁ ଶ୍ରୀମତୀ ରଥ ପ୍ରୱେର ଝାବଭାଲାଙ୍କୁ ବ୍ରିଟେନର ସବୁଠାରୁ ମୂଲ୍ୟବାନ ସାହିତ୍ୟ ପୁରସ୍କାର ପ୍ରଦାନ।
- ଭାରତ ଓ ହଙ୍ଗେରୀ ମଧ୍ୟରେ ମୋଟ ୬୧କୋଟି ଟଙ୍କା ମୂଲ୍ୟର ବାଣିଜ୍ୟ କାରବାର ପାଇଁ ଏକ ବାଣିଜ୍ୟିକ ଚୁକ୍ତିନାମା ସ୍ୱାକ୍ଷରିତ।

## su | do | ku   ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | | | | | |
| | | | | 4 | | 6 | | 8 |
| | 2 | | | | | | 5 | 3 |
| | | 1 | | | 8 | 4 | | 2 |
| 2 | | | | 6 | | | | |
| | 4 | | | | | 1 | | |
| 8 | | | 4 | | 5 | | | 9 |
| | | 5 | 3 | 7 | 6 | 2 | | |
| | | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 7 | 9 | 2 | 8 | 6 | 3 | 1 |
| 6 | 1 | 8 | 4 | 7 | 3 | 9 | 2 | 5 |
| 9 | 3 | 2 | 6 | 5 | 1 | 7 | 8 | 4 |
| 7 | 4 | 9 | 1 | 3 | 6 | 2 | 5 | 8 |
| 8 | 6 | 3 | 5 | 4 | 2 | 1 | 7 | 9 |
| 1 | 2 | 5 | 8 | 9 | 7 | 4 | 6 | 3 |
| 5 | 8 | 6 | 7 | 1 | 4 | 3 | 9 | 2 |
| 2 | 9 | 1 | 3 | 6 | 5 | 8 | 4 | 7 |
| 3 | 7 | 4 | 2 | 8 | 9 | 5 | 1 | 6 |

ଗତକାଲିର ଉତ୍ତର

# ଆସ ଖୋଜିବା ଓଡ଼ିଆ ଅସ୍ମିତା



ଡ. କିଶୋର ମହାନ୍ତି

ଓଡ଼ିଆ ଅସ୍ମିତା କଥା କେତେଦିନରୁ ଖୋଜା ଚାଲିଲାଣି? ଅଥଚ ଏ ସମ୍ପର୍କରେ କେହି ସ୍ଥିର ସିଦ୍ଧାନ୍ତରେ ଏଯାଏ ବୋଧହୁଏ ପହଞ୍ଚିପାରିଲେ ନାହିଁ- ଏବେ ଯା' ପାଟିରୁ ବାହାରୁଛି ପ୍ରଥମେ ଓଡ଼ିଆ ଅସ୍ମିତା କଥା – ରାଜନେତାଙ୍କଠାରୁ ଆରମ୍ଭ କରି ଖଣି ଖାଦାନରେ ଶ୍ରମିକ, ଦିନମଜୁରିଆ, ଚାଷୀ ଏବଂ ଛାତ୍ର ମହଲରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି ଆମ ରାଜ୍ୟରେ ଓଡ଼ିଆ ଅସ୍ମିତା। କିଏ ଦୂରରେ ଥାଇ କି ହେଉ ବା ପ୍ରବାସରେ ଥାଇ ହେଉ ହିନ୍ଦୀ ଅବା ସ୍ଥାନୀୟ ଭାଷାରେ ଭଲ ଭାବରେ କଥାବାର୍ତ୍ତା ହୋଇ ଅନ୍ୟ ଆଗରେ ଟାକୁଳେଇ କହୁଛି ଓଡ଼ିଆ ଅସ୍ମିତା କଥା। ଏବେ କୁଆଡ଼େ ଓଡ଼ିଆ ଅସ୍ମିତା ଆମର ହଜି ଯିବାକୁ ବସିଛି। ତାକୁ ଆଣି ଥାପନା କରିବା ପାଇଁ ତଥା ପୁନରାୟ ନବକଳେବର ଦେବା ପାଇଁ ଆମ ବୀର ଓଡ଼ିଆ ପୁଅମାନେ ଅଣ୍ଟା ଭିଡ଼ିଲେଣି? ନିଜେ ନିଜକୁ ପ୍ରଶ୍ନ କରୁଛନ୍ତି ଓଡ଼ିଆ ଅସ୍ମିତା କ'ଣ କିଛି ଅଛି?

ଫକୀର ମୋହନ ସେନାପତି, ଗୋପବନ୍ଧୁ, ମଧୁ ବାରିଷ୍ଟର ଏପରି କି ପୁରୁଖା ବିଜ୍ଞ ପଣ୍ଡିତ, ସାହିତ୍ୟିକ ଆମ ଓଡ଼ିଶାର ଏଇ ଅସ୍ମିତା ପାଇଁ କେତେ ଯେ ସଂଗ୍ରାମ କରି ନାହାନ୍ତି ସତରେ? ଓଡ଼ିଆ ଅସ୍ମିତା କେଉଁଠି କେମିତି ହଠାତ୍ ହଜିଗଲା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଆମେ ସିନା ଆମ ପୂର୍ବ ପୁରୁଷ, ସଂଗ୍ରାମୀ ନେତାମାନଙ୍କୁ ତାଙ୍କ ଜନ୍ମଦିନରେ ତାଙ୍କ ବେକରେ ଫୁଲମାଳ ପିନ୍ଧାଇ ମହାଆଡ଼ମ୍ବରରେ ଦିବସଟିକୁ ପାଳ କରୁଛୁ ହେଲେ ତାଙ୍କ ପ୍ରତିମୂର୍ତ୍ତି ପାଖରେ ଆମେ ଓଡ଼ିଆ ବୋଲି ପରିଚୟ ବାଢ଼ି ପାରୁନାହୁଁ। ଜଣାଯାଉଛି ଆମେ ଆମ ଭାଷା, ମାଟି ମା' ପ୍ରତି ମମତା ନାହିଁ – ହତାଦର କରିବାକୁ ଆରମ୍ଭ କଲେଣି – ଏଣୁ ଓଡ଼ିଆ ଅସ୍ମିତା ବଞ୍ଚି ରହିବ କେମିତି! ନିଜକୁ ନିଜେ ଘରେ ସମସ୍ତଙ୍କୁ ପଚାରନ୍ତୁ ତ – ଓଡ଼ିଆ ଅସ୍ମିତା କ'ଣ କହିପାରିବେ? କିନ୍ତୁ ଗୋଟାଏ ସମୟରେ, ଏହି ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କେମିତି ହଇଚଇ କରିଦେଲା ଓ ଜନମତ ସୃଷ୍ଟି କଲା ତାହା କାହାକୁ ଅଛପା ନାହିଁ? ସଭିଏ ଏବେ ବି ସନ୍ଦିହାନ ଏ ଓଡ଼ିଆ ଅସ୍ମିତାଟା କ'ଣ?

ଏ ସମ୍ପର୍କରେ ଥୋକେ ଅଭିଧାନ ଖେଳାଇ ପକାଇଲେ, ଥୋକେ ଇତିହାସ ପୃଷ୍ଠା ଓଲଟାଇଲେ, ଥୋକେ ବିଚାର ବିମର୍ଶ କଲେ, ଆଉ ଥୋକେ ସ୍ଲୋଗାନ ଦେଇ ନିଜ ମିଶନକୁ ଟାଣ କରି ସଫଳତା ହାସଲ କଲେ। ତା'ପରେ ସବୁ ଫସର ଫାଟିଗଲା – ଓଡ଼ିଆ ଅସ୍ମିତା–ଆସ୍ତେ ଆସ୍ତେ ଲୁଚିବାକୁ ବସିଲାଣି।

ଉତ୍କଳୀୟ ଜାତୀୟ ଜୀବନ ଗଠନରେ ଏବଂ ଓଡ଼ିଆ ଅସ୍ମିତାକୁ ବଳିଷ୍ଠ ତଥା ସାକାର ଏବଂ ମହିମାନ୍ୱିତ କରିବା ଦିଗରେ ଯେ କେତେ କେତେ ଲେଖକ, କର୍ମୀମାନଙ୍କର କେତେ ଅବଦାନ ଥିଲା ତାହାକୁ କ'ଣ କେହି କେବେ ହେଲେ ଅସ୍ୱୀକାର କରିପାରିବ? ସେମାନେ ହେଉଛନ୍ତି ଗୌରୀ ଶଙ୍କର, ଫକୀର ମୋହନ, ପ୍ୟାରି ମୋହନ ଆଚାର୍ଯ୍ୟ, ରାଧାନାଥ, ଗୋବିନ୍ଦଚରଣ, ମଧୁସୂଦନ, ନୀଳମଣି ବିଦ୍ୟାରତ୍ନ, ଗଙ୍ଗାଧର, ବିଶ୍ୱନାଥ ପ୍ରମୁଖ ବିଦ୍ୱାନ ବରପୁତ୍ର ଗଣ। 'ଉତ୍କଳ ସମ୍ମିଳନୀ' ହିଁ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା କରିବାରେ ଓଡ଼ିଆଙ୍କର ଆଖି ଖୋଲିଦେଲା ଏହା ନିଃସନ୍ଦେହରେ କୁହାଯାଇପାରେ। ଇତିହାସ କହେ ଏହି ସମ୍ମିଳନୀ ହିଁ ଓଡ଼ିଆଙ୍କୁ ଓଡ଼ିଆର ପ୍ରକୃତ ପରିଚୟ ଦେଇଛି।



ଓଡ଼ିଆ ସାହିତ୍ୟରେ ରାଜନୀତିର ପ୍ରତ୍ୟକ୍ଷ ପ୍ରଭାବ ଅନୁଭୂତ ହୋଇଛି। ମଧୁସୂଦନ ଦାସ, ନୀଳକଣ୍ଠ, ଗୋପବନ୍ଧୁ, ଜଗବନ୍ଧୁ ସିଂହ, ଗୋଦାବରୀଶ ମିଶ୍ର, କୁନ୍ତଳା କୁମାରୀ, ଗୋପବନ୍ଧୁ ଚୌଧୁରୀ ପ୍ରମୁଖ ସାହିତ୍ୟିକ କର୍ମୀମାନଙ୍କର ଯୁଗୋପଯୋଗୀ ରଚନାବଳୀ ଏହାର ପ୍ରକୃଷ୍ଟ ନିଦର୍ଶନ। ଏହାର ସଫଳ ସ୍ୱରୂପ ଜାତୀୟ ଜୀବନରେ ରାଜନୀତି ସଚେତନତାର ଅଭିବୃଦ୍ଧି ଘଟିଥିଲା? ମାତୃଭାଷାର ଉନ୍ନତି ସାଧନକୁ ମଧ୍ୟ ଏହି ଜାତୀୟ କବି ଲେଖକ ବର୍ଗ ଆପଣାର ଲକ୍ଷ୍ୟ ଭାବରେ ଏହାକୁ ଗ୍ରହଣ କରିଥିଲେ। ସେଥିପାଇଁ ସତ୍ୟବାଦୀ ପତ୍ରିକା ପ୍ରକାଶନ ଆରମ୍ଭ କରିଥିଲେ ଗୋପବନ୍ଧୁ।

ଆମ ଭାଷା ଏବେ ସଙ୍କଟରେ, ଆମ ମାଟି ମା' ସଙ୍କଟରେ। ଆମେ ଖାଲି ଓଡ଼ିଆ ଅସ୍ମିତା ସ୍ଲୋଗାନ ଭିତରେ ରହି ଆତ୍ମ ସନ୍ତୁଷ୍ଟି ଲାଭ କରୁଛେ।

''ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା।''

ଏ କଥା କିଏ ବା ବୁଝୁଛି? କିଏ ଚର୍ଚ୍ଚା କରୁଛି! ଖାଲି ଅସ୍ମିତା ଜପୁଛେ ମାତ୍ର।

ଗୋଦାବରୀଶ ମହାପାତ୍ର ମର୍ମେ ମର୍ମେ ଅନୁଭବ କରିଥିଲେ ଓଡ଼ିଆ ଅସ୍ମିତା –

ଉଠ କଙ୍କାଳ, ଛିନ୍ଡୁ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି
ଉଠ ଗଡ଼ ଗୌରବ, ହୃତ ଗୌରବ, ମୃତ ଗୌରବ ରାଜି।

ଆମେ ଏବେ ଓଡ଼ିଆ ଅସ୍ମିତାକୁ ଉଣ୍ଡାଳୁଛେ। ଆଗକୁ ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା କରିବାରେ ଆମେ କ'ଣ ଏବେ ଗୋପବନ୍ଧୁ, ମଧୁବାବୁ ତଥା ଗୋଦାବରୀଶ ମହାପାତ୍ରଙ୍କ କଥା ହେଜୁଛେ କି? ଆମ ପିଲାମାନେ ଇଂଲିଶ ମିଡିୟମ୍ ସ୍କୁଲରେ ପଢ଼ିବେ। ଆମ ବଡ଼ ବଡ଼ ଫଳକମାନଙ୍କରେ ଅଶୁଦ୍ଧ ଓଡ଼ିଆ ଶବ୍ଦ, ସହ ବିଚିତ୍ର ଢଙ୍ଗରେ କଦର୍ଯ୍ୟ ଭାବରେ ବିକଳାଙ୍ଗ ଶବ୍ଦରେ ରାସ୍ତାଘାଟରେ ଶୋଭା ପାଇବ। ଆମ ମିଡିଆରେ ଶୁଦ୍ଧ ଓଡ଼ିଆ ଭାଷା ଉଚ୍ଚାରଣ କରିବା ତ ଦୂରର କଥା ହିନ୍ଦୀ ଇଂଲିଶ ମିଶା ଓଡ଼ିଆ ଶବ୍ଦର ବ୍ୟବହାର ଆମର କେଉଁ ଅସ୍ମିତାର ପରିଚୟ ଦେଇଥାଏ। ଛୁଟି ଦରଖାସ୍ତଟିଏ ଭଲରେ ଲେଖା ହୋଇପାରେନା। ସରକାରୀ ଦପ୍ତରରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ଆମେ ଏତେ ବିମୁଖ କାହିଁକି? ବଡ଼ ବଡ଼ ହୋର୍ଡିଂରେ ଓଡ଼ିଆ ଭାଷା ବ୍ୟତିରେକ ଇଂଲିଶ ଓ ହିନ୍ଦୀ ଭାଷାର ବହୁଳ ବ୍ୟବହାର କରାଯାଏ। ଏପରି ସ୍ଥଳେ ଆମେ ଅସ୍ମିତା – ଅସ୍ମିତା କହି ଚିତ୍କାର କଲେ କ'ଣ କିଛି ମିଳିପାରେ? ଆମେ ସବୁ କଥାରେ କେବଳ କୁମ୍ଭୀର କାନ୍ଦଣା କରୁ। କିଛି ସମୟ ଗଲା ପରେ ଆମର ଖୋଜିବା ଶେଷ ହୁଏ। ପୁଣି ନୂଆ କିଛି ଗୋଟାଏ ହାସଲ କରିବାର ସନ୍ଧାନରେ ଲାଗିପଡ଼ୁ। ଖାଲି କଥାରେ କହି ଦେଲେ ହେବକି, ଓଡ଼ିଆ ବୋଲି ନିଜକୁ ପରିଚୟ ଦେବାକୁ ହେଲେ ନିଜ ପରମ୍ପରା, ସଂସ୍କୃତି ଓ ଭାଷା ସାହିତ୍ୟ ଜାତୀୟ ବୋଧ ଭାବକୁ ପ୍ରତିଷ୍ଠା କରିବାକୁ ହେବ। ତେବେ ଯାଇଁ 'ଓଡ଼ିଆ ଅସ୍ମିତା' ରହିଛି ବୋଲି କହିବାକୁ ହେବ। ବିଶ୍ୱ ଦରବାରରେ ନିଜର ପରିଚୟ ବାଢ଼ିବାକୁ ହେବ।

ମୋ– ୯୪୩୭୭୨୮୪୭୫

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି ଜାଲିଆତି

ମହାଶୟ,

ଦିଅଁ ଖାଇ ଖଟୁଲି ଖାଇବା ନ୍ୟାୟରେ ଜାଲିଆତିରେ ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି ପ୍ରସଙ୍ଗ ଗଣମାଧ୍ୟମରେ ଏକ ରୋଚକ ଖବର ହୋଇପାରଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ସମ୍ପତ୍ତିକୁ ପ୍ଲଟିଙ୍ଗ କରି ନୋଟାରୀ ଚୁକ୍ତିପତ୍ର ମାଧ୍ୟମରେ ବିକ୍ରି/ବନ୍ଧକ/ହସ୍ତାନ୍ତର/ଦଖଲ/ମଡ଼ାଣ ଇତ୍ୟାଦି ଦଲିଲ ପ୍ରସ୍ତୁତ କରି ଲୋକମାନଙ୍କୁ ମିଠେଇ ଭଳି ବଣ୍ଟନ କରାଯାଉଥିବା ବିଷୟରେ ଶ୍ରୀମନ୍ଦିର ପ୍ରଶାସନ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କୁ ବହୁବାର ସତର୍କ ଓ ସଚେତନତା କରି ଆସିଛନ୍ତି। କେବଳ ସତ୍ୟପାଠ କାର୍ଯ୍ୟ ବ୍ୟତୀତ ଜମି ହସ୍ତାନ୍ତର ଏଗ୍ରିମେଣ୍ଟ ଦଲିଲ ସଂପାଦନ କରିବା ନୋଟାରୀମାନଙ୍କ କ୍ଷମତା ବାହାରେ ଓ ଏହା ବେଆଇନ ବୋଲି ଏସ.ଜେ.ଟି.ଏ. ସ୍ପଷ୍ଟ କରିସାରିଛନ୍ତି। ଏସବୁ ସତ୍ତ୍ୱେ ଶ୍ରୀଜୀଉଙ୍କ ଜମି ନୋଟାରୀ ଚୁକ୍ତିନାମା ବଳରେ କିଣି ଘର ତୋଳି କେତେ ଲୋକ ସପରିବାର ଭୋଗ ଦଖଲ କରିବାର ଅପଚେଷ୍ଟା ଆଦୌ ସ୍ପୃହଣୀୟ ନୁହେଁ। ଦେବସ୍ୱ ଅର୍ଥ ଓ ସମ୍ପତ୍ତି ବୃଦ୍ଧି ଶରଣାଗତ ଭକ୍ତଙ୍କ ଦାନ ଓ ଧର୍ମର ଫଳ। ତେଣୁ ଏହାର ସୁରକ୍ଷା ପରିବର୍ତ୍ତେ ବେଆଇନଭାବେ ନେବା ଉଦ୍ୟମ ନିନ୍ଦନୀୟ।

– ଦୁର୍ଗା ପ୍ରସାଦ ତ୍ରିପାଠୀ, ପୁରୀ

## ଚିରନ୍ତନୀ

ଚିରନ୍ତନ କୁହୁ ଆଜି
ଜାଗେ ମମ ପ୍ରାଣେ
ମୂକର ଫିଟଇ ମୁଖ
ନବ ନବ ଗାନେ।

(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଚନ୍ଦକା ଗଲା ଛୁଆହାତୀ



ବନ କର୍ମଚାରୀ ନର୍ସରିରେ ଛୁଆହାତୀକୁ ଡାଳ ଖୁଆଉଛନ୍ତି।

**କେନ୍ଦୁଝର,୨୩।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ମେଗାନର୍ସରିରେ ରଖାଯାଇଥିବା ୩ ମାସର ଛୁଆହାତୀକୁ ଶନିବାର ଚନ୍ଦକା ହସ୍ତୀ ଅଭୟାରଣ୍ୟକୁ ପଠାଯାଇଛି। ବନ ବିଭାଗର ସ୍ୱତନ୍ତ୍ର ଟିମ୍ 'ରକ୍ଷକ' ଯାନରେ ନେଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ନଭେମ୍ବର ୧ରେ କେନ୍ଦୁଝର ସଦର ରେଞ୍ଜ ଜଗଦଳା ଡ୍ୟାମ୍ ନିକଟ ଏକ ଗାଁରୁ ଛୁଆହାତୀକୁ ବନ ବିଭାଗ ଉଦ୍ଧାର କରିଥିଲା। ବହୁ ପ୍ରଚେଷ୍ଟା ପରେ ବି ଛୁଆହାତୀଙ୍କୁ ତା'ର ମା' କିମ୍ବା ହାତୀପଲ ଗ୍ରହଣ କରି ନ ଥିଲେ। ସେବେଠାରୁ ବନ ବିଭାଗର ୧୦ ଜଣିଆ ଟିମ୍ ଦିନ ରାତି ଛୁଆହାତୀର ସେବାଯତ୍ନ କରୁଥିଲେ। ଶନିବାର ଛୁଆହାତୀକୁ ସ୍ଥାନାନ୍ତର କରିବା ସମୟରେ ସମସ୍ତେ ଭାବବିହ୍ୱଳ ହୋଇ ଉଠିଥିଲେ। ପଦ୍ମପୁର ମେଗାନର୍ସରି ଫରେଷ୍ଟର ଜ୍ୟୋତ୍ସ୍ନାରାଣୀ ବେହେରାଙ୍କ ସମେତ କର୍ମଚାରୀମାନେ ଚନ୍ଦକାରେ ଛାଡ଼ି ଆସିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

**■ ଯାମିନୀ ଷଡ଼ଙ୍ଗୀ ବାଣିଜ୍ୟକର, ଜିଏସ୍‌ଟି କମିଶନର**
**■ ଚିତ୍ରାଙ୍କୁ ଶ୍ରମ, ଇଏସ୍‌ଆଇ ଦାୟିତ୍ୱ, ସୁଧାଂଶୁ ଓଏମ୍‌ସି ଏମ୍‌ଡି**

**ଭୁବନେଶ୍ୱର, ୨୩।୧୧ (ଅନିଲ ଦାସ)**

ରାଜ୍ୟ ସରକାର ଶନିବାର ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ୧୨ଜଣ ଆଇଏଏସ୍ ଅଫିସରଙ୍କୁ ବିଭିନ୍ନ ପଦବୀରେ ଅବସ୍ଥାପିତ କରାଯାଇଥିବା ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ତଦନୁସାରେ ୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ଚିତ୍ରା ଅରୁମୁଗମଙ୍କୁ ଶ୍ରମ ଓ ଇଏସ୍‌ଆଇ ବିଭାଗର ପ୍ରମୁଖ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସେ ବିଜ୍ଞାନ ଓ କାରିଗରି କୌଶଳ ବିଭାଗର ପ୍ରମୁଖ ସଚିବର ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ସେହିପରି ୨୦୦୮ ବ୍ୟାଚ୍ ଆଇଏଏସ୍ ଅଫିସର ଯାମିନୀ ଷଡ଼ଙ୍ଗୀଙ୍କୁ ବାଣିଜ୍ୟକର ଓ ଜିଏସ୍‌ଟି କମିଶନର ଭାବେ ଅବସ୍ଥାପିତ କରାଯାଇଛି। ସେ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ୨୦୧୦ ବ୍ୟାଚ୍ ଆଇଏଏସ୍ ଅଫିସର ସୁଧାଂଶୁ ମୋହନ ସାମଲଙ୍କୁ ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଭାବେ ବଦଳି କରାଯାଇଛି। ବଳବନ୍ତ ସିଂ ଏବେ ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ୨୦୧୧ ବ୍ୟାଚ୍ ଆଇଏଏସ୍ ଅଫିସର ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଶ୍ରମ କମିଶନର ଭାବେ ବଦଳି କରାଯାଇଛି। ଏବେ ଶ୍ରମ କମିଶନର ଭାବେ କୁଲାଙ୍ଗେ ବିଜୟ ଅମୃତ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି।

୨୦୧୨ ବ୍ୟାଚ୍ ଆଇଏଏସ୍ ଅଫିସର ପୋମା ଟୁଡୁଙ୍କୁ ଅନୁସୂଚିତ ଜନଜାତି ବିଭାଗ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଡ. ଟୁଡୁ ଏବେ ଓଡ଼ିଶା ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ସହ ଫୁଡ୍ ସେଫଟି କମିଶନର ଓ ଟିଡିସିସିଓଏଲ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଅଛନ୍ତି। ସେହିପରି ୨୦୧୨ ବ୍ୟାଚ୍ ଆଇଏଏସ୍ ଅଫିସର ତ୍ରିଲୋଚନ ମାଝୀଙ୍କୁ ଗୃହ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେ ଏବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ଅତିରିକ୍ତ ସଚିବ ଅଛନ୍ତି। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ୨୦୧୨ ବ୍ୟାଚ୍ ଆଇଏଏସ୍ ଅଫିସର ସିଦ୍ଧାର୍ଥ ଦାସଙ୍କୁ ରାଜ୍ୟ ସମବାୟ ସୋସାଇଟି ରେଜିଷ୍ଟ୍ରାର ଭାବେ ବଦଳି କରାଯାଇଛି। ଓରେରା ସଚିବ ତଥା ୨୦୧୩ ବ୍ୟାଚ୍ ଆଇଏଏସ୍ ଅଫିସର ବିଜୟ କୁମାର ପୃଷ୍ଟିଙ୍କୁ ଇଷ୍ଟେଟ୍ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ସେ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ(ଏକ୍ସଅଫିସିଓ) ଭାବେ ମଧ୍ୟ କାର୍ଯ୍ୟ କରିବେ। ସେହିପରି ୨୦୧୩ ବ୍ୟାଚ୍ ଆଇଏଏସ୍ ଅଫିସର ସତ୍ୟବ୍ରତ ରାଉତଙ୍କୁ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ରୂପେ ବଦଳି କରାଯାଇଛି। ଆନ୍ତଃ କ୍ୟାଡର ଡେପୁଟେଶନରେ ଓଡ଼ିଶା ଆସିଥିବା ୨୦୧୪ ବ୍ୟାଚ୍ ଆଇଏଏସ୍ ଅଫିସର ମୋନିକା ପ୍ରିୟଦର୍ଶିନୀଙ୍କୁ ଓଡ଼ିଶା ଜୀବିକା ମିଶନର ନିର୍ଦ୍ଦେଶିକା ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ହକି ପ୍ରମୋଶନ କାଉନସିଲ ସିଇଓ ତଥା ୨୦୧୪ ବ୍ୟାଚ୍ ଆଇଏଏସ୍ ଅଫିସର ଦୀପଙ୍କର ମହାପାତ୍ରଙ୍କୁ କ୍ରୀଡ଼ା ନିର୍ଦ୍ଦେଶକ କରାଯାଇଥିବାବେଳେ ୨୦୧୪ ବ୍ୟାଚ୍ ଆଇଏଏସ୍ ଅଫିସର ସ୍ମିତା ରାଉତଙ୍କୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଦାୟିତ୍ୱ ଦିଆଯାଇଛି। ସ୍ମିତା ବର୍ତ୍ତମାନ ଅର୍ଥ ବିଭାଗର ଅତିରିକ୍ତ ସଚିବ ଅଛନ୍ତି।

# ପୁଣି ବାଘ ଆତଙ୍କ, ପାଦଚିହ୍ନ ଦେଖି ଗ୍ରାମବାସୀ ଛାନିଆ

**ମୋହନା,୨୩।୧୧(ମନ୍ମଥ ମିଶ୍ର)**

ପୁଣି ବାଘ ଆତଙ୍କ। ଗ୍ରାମ ନିକଟସ୍ଥ ଘାଟି ନିକଟ ଗ୍ରାମ ରାସ୍ତାରେ ବାଘର ପାଦ ଚିହ୍ନ ଦେଖି ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଗଜପତି ଜିଲା ମୋହନା ବନାଞ୍ଚଳ ଖାରିଗୁଡ଼ା ପଞ୍ଚାୟତ ମୋହନାଗୁଡ଼ା ଗ୍ରାମ ରାସ୍ତାରେ ଶନିବାର ସକାଳେ ବାଘର ଏହି ପାଦ ଚିହ୍ନ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଖବର ପାଇ ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀପ୍ରସାଦ ବିଶୋୟୀଙ୍କ ସମେତ ବିଭାଗୀୟ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ବାଘ ପାଦ ଚିହ୍ନ ଠାବ କରିଛି। ପଥୁରିଆ ରାସ୍ତା ହୋଇଥିବାରୁ ଏହା ମହାବଳ ବାଘର ପାଦ ଚିହ୍ନ ବୋଲି ସ୍ପଷ୍ଟ ଜଣା ପଡିନାହିଁ। କର୍ମଚାରୀମାନେ ନିକଟସ୍ଥ ଗ୍ରାମଗୁଡିକୁ ଯାଇ ଗ୍ରାମବାସୀଙ୍କୁ ସଚେତନ କରି ଫେରିଛନ୍ତି। ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ମୋହନା ଥାନା ଅଞ୍ଚଳରେ ଏକ ବାଘ ଦେଖିବାକୁ ମିଳିଥିଲା।

# ୧୪୦ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ପ୍ରତିଶ୍ରୁତିବଦ୍ଧ: କେ.ଭି.

**ଭୁବନେଶ୍ୱର,୨୩।୧୧(ଅନିଲ ଦାସ)**

୨୦୩୦ ସୁଦ୍ଧା ୫୦୦ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷ୍ୟ ରଖିଛନ୍ତି। ଏହାକୁ ପୂରଣ ନିମନ୍ତେ ଓଡ଼ିଶା ୧୪୦ ଗିଗାୱାଟ୍‌ର ସୌର ଏବଂ ଗ୍ରୀନ୍ ହାଇଡ୍ରୋଜେନ୍‌ରୁ ପ୍ରସ୍ତୁତ ଅକ୍ଷୟ ଶକ୍ତି ଉତ୍ପାଦନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଅଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି।

ଶୁକ୍ରବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଅକ୍ଷୟ ଶକ୍ତି ରାଉଣ୍ଡ ଟେବୁଲ ବୈଠକରେ ଉପମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତା କରିଥିଲେ। ରାଜ୍ୟର ଅକ୍ଷୟ ଶକ୍ତି ନୀତିକୁ ସମୀକ୍ଷା କରି ଏହାକୁ ଆହୁରି ସୁଦୃଢ଼, ପୁଞ୍ଜିନିବେଶ ଅନୁକୂଳ ଓ ଗ୍ରାହକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ କରାଯାଇପାରିବ ବୋଲି ସେ କହିଛନ୍ତି।

ଓଡ଼ିଶାରେ ଥିବା ଅକ୍ଷୟ ଶକ୍ତିର ସୁଯୋଗ ତଥା ସମ୍ଭାବନା ଉପଯୋଗ କରି ଘରୋଇ କମ୍ପାନୀର ଅଂଶଗ୍ରହଣକୁ ପ୍ରୋତ୍ସାହିତ ଏବଂ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସମ୍ମିଳନୀର ଲକ୍ଷ୍ୟ ରହିଛି। ଓଡ଼ିଶା ସ୍ୱଚ୍ଛ ଶକ୍ତିର ବ୍ୟବହାର, ଉତ୍ପାଦନ ଏବଂ ବିକାଶକୁ ପ୍ରୋତ୍ସାହିତ କରୁଛି। ଓଡ଼ିଶା ରାଜ୍ୟ ଅକ୍ଷୟ ଶକ୍ତି ନୀତି-୨୦୨୨ ମଧ୍ୟ ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଆମୋନିଆ, ଭାସମାନ ସୌରଶକ୍ତି, ପମ୍ପଡ ଷ୍ଟୋରେଜ ପାୱାର (ପିଏସ୍‌ପି), ପବନ ଶକ୍ତି ଭଳି ନୂତନ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ଡିକାର୍ବୋନାଇଜେସନ୍ ଓ ଜଳବାୟୁ ଅନୁକୂଳ ଲକ୍ଷ୍ୟ ହାସଲରେ ଓଡ଼ିଶାର ଭୂମିକା ଉପରେ ଆଲୋକପାତ କରିଥିଲେ। ଇଡାମ୍‌ର ମ୍ୟାନେଜିଂ ଡାଇରେକ୍ଟର ବଲୱନ୍ତ ଜୋଶୀ ଓଡ଼ିଶାର ନିୟାମକ ଭିତ୍ତିଭୂମି ଉପରେ ଆଲୋକପାତ କରିଥିଲେ।



ନୂଆଦିଲ୍ଲୀରେ ଅନୁଷ୍ଠିତ ଅକ୍ଷୟ ଶକ୍ତି ରାଉଣ୍ଡ ଟେବୁଲ ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ଅନ୍ୟ ଅଧିକାରୀମାନେ।

ଅକ୍ଷୟ ଶକ୍ତି କମ୍ପାନୀ ରିନିଉର୍ ଚେୟାରମ୍ୟାନ ସୁମନ୍ତ ସିହ୍ନା ଓଡ଼ିଶାର ତାପଜ ବିଦ୍ୟୁତ୍ ଶକ୍ତିରୁ ସବୁଜ ତଥା ସ୍ୱଚ୍ଛ ବିଦ୍ୟୁତ୍ ଶକ୍ତିକୁ ସ୍ଥାନାନ୍ତର ହେବା ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ ଏବଂ ଗ୍ରୀନ୍ ହାଇଡ୍ରୋଜେନ ପ୍ରକଳ୍ପ ବିଷୟରେ ସରକାରଙ୍କ ଅଗ୍ରଗତି ବିଷୟରେ ସୂଚନା ଦେଇଥିଲେ। ଅକ୍ଷୟ ଶକ୍ତି ଉତ୍ପାଦନ କରୁଥିବା କମ୍ପାନୀ ଯଥା- ଓସିଅର, ହେକ୍ସା କ୍ଲାଇମେଟ, ଆଦିତ୍ୟ ବିର୍ଲା ରିନିଏବୁଲ, ଜିନ୍ଦଲ ରିନିଏବୁଲ, ରି ସଷ୍ଟେନେବିଲିଟି, ଅଭଡ଼ା, ୱେଲସ୍ପନ, ଜେଏସ୍‌ଡବ୍ଲୁ , ପୂର୍ବ ଗ୍ରୀନ ପ୍ରଭୃତି କମ୍ପାନୀ ରାଜ୍ୟର ବିତରଣ ସୀମା ଏବଂ ଶୁଳ୍କ, ସହଜ ଜମି ଆବଣ୍ଟନ, ଏକକ ବ୍ୟାଙ୍କିଙ୍ଗ, ନିୟମାବଳୀରେ ସଂଶୋଧନ ଏବଂ ରାଜ୍ୟ ତରଫରୁ ସହାୟତା ବିଷୟରେ ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ଓଡ଼ିଶାର ଶକ୍ତି ବିଭାଗ ଅଧିକାରୀ, ପ୍ରତିନିଧି, ଶିଳ୍ପ ଏବଂ ନିବେଶକମାନେ ଯୋଗଦେଇଥିଲେ।

# ୩ ଅଭିଯୁକ୍ତ ଜେଲ ଗଲେ

## ନବଜାତ ଶିଶୁକନ୍ୟା ବିକ୍ରି ଘଟଣା

**ଲାଠୋର,୨୩।୧୧ (ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ଅଞ୍ଚଳର ଏକ ନବଜାତ ଶିଶୁକନ୍ୟା ବିକ୍ରି ହେବା ନେଇ ଚର୍ଚ୍ଚା ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଖପ୍ରଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସୁନାମୁଦି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଏଏନ୍‌ଏମ ମମତା ଭୋଇ, ମଧ୍ୟସ୍ଥ ଆଲୋକ ଅଗ୍ରୱାଲ ଓ ଶିଶୁକୁ ନେଇଥିବା ରାଜକୁମାର ମିଓଲଙ୍କୁ ପୋଲିସ ଗିରଫ କରି ଶନିବାର ପାଟଣାଗଡ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ୩ ଜଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାକୁ ନେଇ ବଲାଙ୍ଗୀର ସିଡବ୍ଲୁସି ମେମ୍ବର ଡ.ସନ୍ଧ୍ୟାରାଣୀ ପଣ୍ଡା ଏବଂ ଏସ୍. ଲତା ଲାଠୋର ଥାନାରେ ଏତଲା ଦେଇଥିଲେ। ଏହି ଏତଲାକୁ ଭିତ୍ତିକରି ପୋଲିସ ଲାଠୋର ଥାନାରେ ନଂ ୨୪୯/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।






# ପରିବେଶ ଯୋଦ୍ଧା

ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନସ୍ଥିତ ଦ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ଧରିତ୍ରୀ ପକ୍ଷରୁ ଶନିବାର ଆୟୋଜିତ 'ୟୁଥ୍ କନ୍‌କ୍ଲେଭ'ର ଚତୁର୍ଥ ସଂସ୍କରଣର ପ୍ରଥମ ଦିନରେ 'ଗ୍ରୀନ୍ ହିରୋଜ୍ ସ୍ପିକ୍' ଶୀର୍ଷକ କାର୍ଯ୍ୟକ୍ରମରେ ପରିବେଶ ଯୋଦ୍ଧାମାନେ ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଉଦ୍‌ବୋଧନ ଦେବା ସହ ନିଜ କାର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି।






ସୌମ୍ୟରଞ୍ଜନ ବିଶ୍ୱାଳ | ସତ୍ୟବ୍ରତ ସାମଲ | ଚନ୍ଦନ ପଣ୍ଡା | ଜଳେନ୍ଦ୍ର ମହାଳିକ | ସାଗର ବିଶ୍ୱାଳ | ସିଦ୍ଧାର୍ଥ ପ୍ରଧାନ



ସୁବ୍ରତ କୁମାର ସାମନ୍ତ | ଶୁଭ୍ରସୀମା ମହାନ୍ତି | ଅଜୟ କୁମାର ବେହେରା | କଳିଙ୍ଗ ବିଶ୍ୱାଳ



ଅମିୟ ପ୍ରସାଦ ଦାସ | ଆଦ୍ୟାଶା ପ୍ରିୟଦର୍ଶିନୀ | ଐଶ୍ୱର୍ଯ୍ୟାଦିତ୍ୟ ଦାସ | ବବୁଲୁ ମଲ୍ଲିକ | ସାଗର କୁମାର ପାତ୍ର



ଅଙ୍କିତା ଗଙ୍ଗଦେବ | ଚିନ୍ମୟୀ ପଣ୍ଡା | ସନ୍ତୋଷ କୁମାର ପ୍ରଧାନ | ଅରୁଣ ନାୟକ | ପ୍ରଫୁଲ୍ଲ ଦାସ | ଅଶୋକ କୁମାର ପରିଡ଼ା | ନିର୍ମଳ ପରିଜା | ପ୍ରିୟରଞ୍ଜନ ଦାସ | ବାପି ଗୋଚ୍ଛାୟତ | ବାଉରିବନ୍ଧୁ ବେହେରା | ଭରତ ଭୂଷଣ ରଥ | ବିଜୟ କୁମାର ପଣ୍ଡା | ଅବନୀ କୁମାର ଜେନା | କ୍ୟାପ୍ଟେନ୍ ଅକ୍ଷୟ କୁମାର ଦାସ | ନିଳିମା ମିଶ୍ର



ଚଞ୍ଚଳ ମିଶ୍ର | ପ୍ରକାଶ ଚନ୍ଦ୍ର ନାୟକ | ଡି. ଦେବହରି ରେଡ୍ଡୀ | ଦୟାନନ୍ଦ ଖାଡ଼ଙ୍ଗା | ଦିଗମ୍ବର ଉପାଧ୍ୟାୟ | ହରନାରାୟଣ ପାଢ଼ୀ | ହିତକୃଷ୍ଣ ଲେଙ୍କା | ସୌମ୍ୟରଞ୍ଜନ ରାଉତ | ପ୍ରତୀକ ଯୋଶୀ | ସଞ୍ଜୟ କୁମାର ନାୟକ | ଜ୍ଞାନ ରଞ୍ଜନ ବିଶ୍ୱାଳ | ପ୍ରଦୀପ୍ତ କର ପ୍ରଧାନ | ଦୀନ ରଞ୍ଜନ ପଣ୍ଡା | ନୀଳକଣ୍ଠ ଦାଶ | ଆଦ୍ୟାଶା ରଥ



ରୋଶନ ଖମାରୀ | କାଶୀନାଥ ନାୟକ | କ୍ଷିତିରଞ୍ଜନ ସ୍ୱାଇଁ | ଲକ୍ଷ୍ମୀଧର ପ୍ରଧାନ | ମଲ୍ଲିକାର୍ଜୁନ ପତି | ଚିନ୍ମୟୀ ଦାସ | ମନୋଜ ନାୟକ | କେ. ସନ୍ତୋଷ | ଅର୍କ ପ୍ରତାପ ମହାନ୍ତି | ନିରାକାର ବିଶୋୟୀ | ଆଶିଷ କୁମାର ସ୍ୱାଇଁ | ଅକ୍ଷୟ ସାଗର | ଅନାମିକା ଦାସ | ନିଗମାନନ୍ଦ ସ୍ୱାଇଁ | କୁନା କୁମାର ସାହୁ



ପ୍ରୀତୀଶ ନାୟକ | ପୁଣ୍ୟମୂର୍ତ୍ତି ଖ୍ରୀଷ୍ଟୋଦାସ | ପୁପୁନ ସାହୁ | ରାହୁଲ ମହାରଣା | ରାଜେନ୍ଦ୍ର ମହାପାତ୍ର | ରମେଶ ମଙ୍ଗୁଳି ପ୍ରଧାନ | ରଞ୍ଜନ କୁମାର ମହାପାତ୍ର | ରଞ୍ଜନ କୁମାର ପାତ୍ର | ରଶ୍ମୀ ଧନୱର | ଶିବରାମ ପାଣିଗ୍ରାହୀ | ସରୋଜ ବେହେରା | ସରୋଜ କୁମାର ଓଝା | ରାଜେଶ ରାୟ | ଭରତ ଗୌରବ ଦାସ | ଗୋପୀନାଥ ପାତ୍ର



ସତ୍ୟବ୍ରତ ପ୍ରଧାନ | ସତ୍ୟଜିତ୍ ଗଡ଼ୁଆ | ଶିବାନୀ ପାଢ଼ୀ | ବୀଣାପାଣି ମିଶ୍ର | ସୋନାଲି ସ୍ୱାଇଁ | କେ.ରବି | ଶ୍ରୀୟକାନ୍ତ ପଟ୍ଟନାୟକ | ସୁଦାସ ଚନ୍ଦ୍ର ଜେନା | ସୁବୋଧ କୁମାର ସାହୁ | ସୁନୀତା ନାୟକ | ସ୍ୱସ୍ତିକ କୁମାର ଦେ | ତ୍ରିଲୋଚନ ସାହୁ | ଉପାସନା ପଟ୍ଟନାୟକ | ଗୌତମ ବେହେରା | ଭୀଷ୍ମ ସାହୁ



ଧରିତ୍ରୀ ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ଆୟୋଜିତ 'ୟୁଥ୍ କନ୍କ୍ଲେଭ'ର ଚତୁର୍ଥ ସଂସ୍କରଣର ପ୍ରଥମ ଦିନରେ 'ଗ୍ରୀନ୍ ହିରୋଜ୍ ସ୍ପିକ୍' କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଯୋଗ ଦେଇଥିବା ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟରତ ଯୋଦ୍ଧା।



'ଗ୍ରୀନ୍ ହିରୋଜ୍ ସ୍ପିକ୍' କାର୍ଯ୍ୟକ୍ରମରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।



କାର୍ଯ୍ୟକ୍ରମରେ ପରିବେଶ ସଚେତନତାକୁ ନେଇ ବିରାହ ବ୍ୟାଣ୍ଡର ସଦସ୍ୟମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।



ଟାଟା ଫାଉଣ୍ଡେଶନ ସିଏସ୍ଆର୍ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ।



ଜେଏସ୍‌ଡବ୍ଲ୍ୟୁ ସିଏସ୍ଆର୍ ମୁଖ୍ୟ ପ୍ରଶାନ୍ତ ବିଶ୍ୱାଳ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ପରିବେଶବିତ୍ ଏବଂ ବିଶିଷ୍ଟ ବ୍ୟକ୍ତି।

### ବିଶେଷ ମୁହୂର୍ତ୍ତରେ ପରିବେଶବିତ୍







# ପରିବେଶ ଯୋଦ୍ଧାଙ୍କୁ ଯୋଡ଼ିବାର ମଞ୍ଚ

# 'ଧରିତ୍ରୀ ୟୁଥ୍ କନ୍କ୍ଲେଭ'

**ଭୁବନେଶ୍ୱର, ୨୩।୧୧ (ବନ୍ଦନା ସେଠୀ)**

ଜଳବାୟୁ ପରିବର୍ତ୍ତନ ଏବେ ସମଗ୍ର ଦେଶ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ପରିବେଶର ସୁରକ୍ଷା ପାଇଁ ଅନେକ କ୍ଷେତ୍ରରେ ପଦକ୍ଷେପ ନିଆଯାଉଥିବାବେଳେ, 'ଧରିତ୍ରୀ' ପକ୍ଷରୁ ପରିବେଶକୁ ନେଇ ସଚେତନତା ସୃଷ୍ଟି କରାଯାଉଛି। ଏ ଦିଗରେ ନିୟମିତ ପ୍ରୟାସ କରାଯାଉଥିଲେ ହେଁ, ଏହାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ସମସ୍ତଙ୍କର ରହିଛି। ଏକ୍ସପର୍ଟମାନେ ଆସିବେ, ତାଙ୍କର ମତାମତ ଦେବେ, ମାତ୍ର ଏହାକୁ ଆମେମାନେ କିଭଳି ଗ୍ରହଣ କରିବା ଏବଂ କାର୍ଯ୍ୟକାରୀ କରିବା ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଛନ୍ତି। ଧରିତ୍ରୀ ପକ୍ଷରୁ ଶନିବାର ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ଠାରେ ଆୟୋଜିତ 'ୟୁଥ୍ କନ୍କ୍ଲେଭ' ବା 'ଯୁବ ସମ୍ମିଳନୀ'ର ଚତୁର୍ଥ ସଂସ୍କରଣର ପ୍ରଥମ ଦିନରେ 'ଗ୍ରୀନ୍ ହିରୋଜ୍ ସ୍ପିକ୍' ଶୀର୍ଷକ କାର୍ଯ୍ୟକ୍ରମ ଅବସରରେ ସେ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ପରିବେଶକର୍ମୀମାନେ ଗୋଟିଏ ଛାତତଳେ ଏକାଠି ହୋଇପାରିଛନ୍ତି। ତେଣୁ ଏହା ଓଡ଼ିଶାର ପରିବେଶ ଯୋଦ୍ଧାମାନଙ୍କର ଏକ ପରିବାର କହିଲେ ଅତ୍ୟୁକ୍ତି ହେବନାହିଁ। କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶକର୍ମୀମାନେ ନିଜର ମତ ବିନିମୟ କରିବା ସହିତ ଆଗାମୀ ଲକ୍ଷ୍ୟ ଏବଂ କାର୍ଯ୍ୟ ସମ୍ପର୍କରେ ଅନ୍ୟମାନଙ୍କୁ ଅବଗତ କରାଇବାର ସୁଯୋଗ ପାଇବେ। ଫଳରେ ପରବର୍ତ୍ତୀ ସମୟରେ ପରସ୍ପର ସହଯୋଗରେ ସେମାନେ ରାଜ୍ୟ ପାଇଁ କାମ କରିବାର ସୁଯୋଗ ପାଇ ପାରିବେ ବୋଲି ଆଦ୍ୟାଶା କହିଛନ୍ତି। ଏହି ଅବସରରେ ୨୦୨୩ରେ 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ' ବିଜୟୀ ତଥା ଚଳିତବର୍ଷର ଜୁରି ସଦସ୍ୟ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ (ଓପ୍‌ସା)ର ମୁଖ୍ୟ ସୌମ୍ୟରଞ୍ଜନ ବିଶ୍ୱାଳ ଯୋଗଦେଇ ନିଜର ଯାତ୍ରା ସମ୍ପର୍କରେ ମତ ରଖିଥିଲେ। ଓଡ଼ିଶା ଉପକୂଳରେ କିପରି ମାଙ୍ଗ୍ରୋଭ୍ ଇକୋସିଷ୍ଟମ୍ ହେବ, ଅଲିଭ୍ ରିଡ୍‌ଲେ କଇଁଛ ଏବଂ ଅନ୍ୟ ସମୁଦ୍ର ଜୀବଙ୍କ ସଂରକ୍ଷଣ ନେଇ କାମ କରୁଥିବା ବିଷୟରେ ସେ ଉଲ୍ଲେଖ କରିଥିଲେ। ତୃଣମୂଳସ୍ତରରେ କାମ କରିବାର ପ୍ରତିଦାନ ସ୍ୱରୂପ ୨୦୨୩ରେ ତାଙ୍କୁ 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ' ପ୍ରଦାନ କରାଯାଇଥିଲା। ପୂର୍ବରୁ ଥିବା ସୀମିତ ସମ୍ବଳ ଏବଂ ପୁରସ୍କାର ରାଶିରେ ମାଙ୍ଗ୍ରୋଭ୍ ପାଟ୍ରୋଲିଂ ବୋଟ୍ କିଣାଯାଇଛି। ଏହା ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ମଧ୍ୟ ସହାୟକ ହେଉଥିବା ସୌମ୍ୟରଞ୍ଜନ କହିଛନ୍ତି। ସେହିପରି ଗତବର୍ଷ ଏହି ପୁରସ୍କାର ପାଇଥିବା ସଂସ୍ଥା 'ସାଥୀ ପରିବାର', 'ଆହ୍ୱାନ ଫାଉଣ୍ଡେଶନ୍' ଏବଂ ବ୍ୟକ୍ତିଗତ ଭାବେ ଚନ୍ଦନ ପଣ୍ଡା, ଜଳେନ୍ଦ୍ର ମହାଲିକ ଯୋଗଦେଇ ନିଜର ଯାତ୍ରା ସମ୍ପର୍କରେ କହିବା ସହିତ 'ଧରିତ୍ରୀ'ର ଏହି ପ୍ରୟାସ ସେମାନଙ୍କୁ କିପରି ଆଗକୁ ବଢିବାର ପ୍ରେରଣା ଯୋଗାଇଛି ସେନେଇ ବର୍ଣ୍ଣନା କରିଥିଲେ। ଏଥିସହ ଗତବର୍ଷ 'ୟୁଥ୍ ଆକ୍ସନ୍ ଆୱାର୍ଡ' ପାଇଥିବା 'ସାତ୍ତ୍ୱିକ୍ ସୋଲ୍' ଅନୁଷ୍ଠାନର ସତ୍ୟବ୍ରତ ସାମଲ ଯୋଗଦେଇ, ଓଡ଼ିଶାକୁ କ୍ଲାଇମେଟ୍ ଆକ୍ସନ୍ ହବ୍ ଭାବେ ପରିଣତ କରିବା ଆମର ଲକ୍ଷ୍ୟ ବୋଲି କହିଥିଲେ। ପରେ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତିଗତ ଭାବେ ୮୪ଜଣ ପରିବେଶକର୍ମୀ ଉଦ୍‌ବୋଧନ ଦେଇ ସେମାନଙ୍କ ପରିବେଶଯାତ୍ରା ଓ ଅନୁଭୂତି ବଖାଣିଥିଲେ। କାର୍ଯ୍ୟକ୍ରମରେ ଟାଟା ଫାଉଣ୍ଡେଶନ୍ ସିଏସ୍ଆର୍ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ ଏବଂ ଜେଏସ୍‌ଡବ୍ଲ୍ୟୁର ସିଏସ୍ଆର୍ ମୁଖ୍ୟ ପ୍ରଶାନ୍ତ ବିଶ୍ୱାଳ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ନିଜ ମତ ରଖିଥିଲେ। ଶେଷରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଧନ୍ୟବାଦ ଅର୍ପଣ କରି ପରିବେଶ ସୁରକ୍ଷା ପାଇଁ ଆଗେଇ ଆସିଥିବା ପିଲାମାନେ ନିଷ୍କାମ ଭାବେ କାମ କରୁଛନ୍ତି ବୋଲି କହିଛନ୍ତି। ରାଜ୍ୟର ମଙ୍ଗଳ ପାଇଁ ଏବଂ ସଚେତନତା ବୃଦ୍ଧି ସକାଶେ ଧରିତ୍ରୀ ସର୍ବଦା କାମ କରିଆସିଛି। ତେବେ ଏଭଳି ଅନେକ ଅନ୍ତର୍ଜାତୀୟ ସଂସ୍ଥା ରହିଛନ୍ତି, ଯେଉଁମାନେ କି ଓଡ଼ିଶାକୁ କାମ କରିବାକୁ ଆସୁଛନ୍ତି ଏବଂ ବିଭିନ୍ନ ପ୍ରୋଜେକ୍ଟ ପାଇଁ ଅନ୍ତର୍ଜାତୀୟସ୍ତରରୁ ଅନେକ କୋଟି ଟଙ୍କା ଆଣୁଛନ୍ତି। ମାତ୍ର ବାସ୍ତବରେ ଏଠାରେ କାମ ନ କରି ଟଙ୍କା ହଡ଼ପ କରୁଛନ୍ତି। କାଗଜପତ୍ରରେ ଓଡ଼ିଶାରେ ସମ୍ପୃକ୍ତ ପ୍ରୋଜେକ୍ଟ ହୋଇଛି ବୋଲି ଦର୍ଶାଉଥିବାବେଳେ ବାସ୍ତବରେ ତାହା ହେଉନାହିଁ। ଅପରପକ୍ଷେ ଯେଉଁମାନେ ତୃଣମୂଳସ୍ତରରେ କାମ କରୁଛନ୍ତି ସେମାନେ ଟଙ୍କା ପାଉନାହାନ୍ତି। ତେଣୁ ପରିବେଶ ପାଇଁ କାମ କରିବା ସହିତ ଏଭଳି ଲୋକ କିମ୍ବା ସଂସ୍ଥାକୁ ରୋକିବା ମଧ୍ୟ ଆପଣମାନଙ୍କର ଦାୟିତ୍ୱ। ଅନ୍ୟାୟକୁ ଦେଖି ମୁହଁ ମୋଡିଲେ, ସେଥିରେ ଭାଗୀଦାର ହେବେ ବୋଲି ତଥାଗତ କହିଛନ୍ତି। ଏହି ଅବସରରେ ପରିବେଶ ସଚେତନତାକୁ ନେଇ ବିରାହ ବ୍ୟାଣ୍ଡ୍ ପକ୍ଷରୁ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାଣ୍ଡ୍‌ର ମୁଖ୍ୟ ଗାୟକ ରୁମିତ୍ ଓ୍ୱାଲିଆ, ପ୍ରଚ୍ଛଦ ଭୋକାଲିଷ୍ଟ ତଥା ଗିଟାର ବାଦକ ଉତ୍ସବ ଭରଦ୍ୱାଜ ଓ ଯନ୍ତ୍ର ବାଦକ ତରୁଣ କୁମାର ବନ୍ଦେ ଉତ୍କଳ ଜନନୀ ସଙ୍ଗୀତରୁ ପରିବେଷଣ ଆରମ୍ଭ କରିଥିଲେ। 'ମେରେ ଅପ୍‌ନେ କରମ୍ ସେ', 'ଓ ରେ ଖୁଦା', 'ଥୋଡା ସା', 'ବଦ୍‌ଲେ ରାସ୍ତା' ଭଳି ଗୋଟିଏ ପରେ ଗୋଟିଏ ସୁନ୍ଦର ଗୀତରେ ଦର୍ଶକ ଝୁମିଥିଲେ। ପ୍ରତିଟି ଗୀତରେ ଜଳବାୟୁ ପରିବର୍ତ୍ତନର କାରଣ, ନିରାକରଣ, ପରିଣାମ ସମ୍ପର୍କରେ ଶୁଣିବାକୁ ମିଳିଥିଲା।

## ଆଜି 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ'

ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ଯୁବପିଢିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ସେମାନେ କିଭଳି ଏନେଇ ସଚେତନ ହେବାସହ ଅନ୍ୟମାନଙ୍କୁ ଏଥିରେ ସାମିଲ କରିପାରିବେ ସେ ସଂକ୍ରାନ୍ତରେ 'ଧରିତ୍ରୀ' ପକ୍ଷରୁ 'ୟୁଥ୍ କନ୍କ୍ଲେଭ୍' ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ଏହାର ଚତୁର୍ଥ ସଂସ୍କରଣ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥରର ପ୍ରସଙ୍ଗ ରହିଛି 'କ୍ଲାଇମେଟ୍ ଚେଞ୍ଜ: ବିଲ୍ଡିଂ ରିଜିଲିଆନ୍ସ'। ରବିବାର 'ଧରିତ୍ରୀ'ର ୫୧ତମ ଜନ୍ମବାର୍ଷିକୀ ପାଳନ ଅବସରରେ ହେବାକୁ ଯାଉଥିବା କନ୍କ୍ଲେଭ୍‌ର ଦ୍ୱିତୀୟ ଦିନରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଯୁବପରିବେଶବିତ୍‌ମାନେ ଯୋଗଦେବେ। ସେହିପରି କାର୍ଯ୍ୟକ୍ରମର ଏକ୍ସପର୍ଟ ପ୍ୟାନେଲ୍‌ରେ ଏସିଆନ୍ ଏଲିଫ୍ୟାଣ୍ଟ ଏକ୍ସପର୍ଟ ପ୍ରଫେସର ରମଣ ସୁକୁମାର, ପରିବେଶକର୍ମୀ ଯମୁନା ଟୁଡୁ, ଦି କ୍ଲାଇମେଟ୍ ଇନିସିଏଟିଭ୍‌ର ପ୍ରତିଷ୍ଠାତା ତଥା କ୍ଲାଇମେଟ୍ ଏଜୁକେଟର ହିତା ଲଖାନୀ, ମେରାଇନ୍ ବାୟୋଲୋଜିଷ୍ଟ ପୁଣ୍ୟଶ୍ଲୋକ ଭାଦୁରୀ, ରିଲାଏନ୍ସ ଫାଉଣ୍ଡେଶନର ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ଟିମ୍ ଲିଡ୍ ଦିବ୍ୟକାନ୍ତ ନାୟକ ଏବଂ ମଡେରେଟର ତଥା ଇଏଫ୍ଆଇର ପ୍ରତିଷ୍ଠାତା ଅରୁଣ କ୍ରିଷ୍ଣମୂର୍ତ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତି ଓ ସଙ୍ଗଠନଗୁଡିକୁ 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ' ପ୍ରଦାନ କରାଯିବ।

# ପ୍ରମିଳା, ହିମାଂଶୁଙ୍କ ମଧ୍ୟରେ କଥା କଟାକଟି

ଯାଜପୁର/କାଏମା, ୨୩।୧୧(ହର୍ଷବର୍ଦ୍ଧନ ବେହେରା/ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ବିଧାୟକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ ଘଟଣାରେ ବିଂଝାରପୁର ବିଧାୟିକା ପ୍ରମିଳା ମଲିକ ଓ ବିଧାୟକ ହିମାଂଶୁ ସାହୁଙ୍କ ମଧ୍ୟରେ କଥା କଟାକଟି ଜୋର ଧରିଛି। ପ୍ରମିଳାଙ୍କ କହିବା ଅନୁଯାୟୀ ବିଧାୟକ ହିମାଂଶୁଙ୍କୁ ମାଡ଼ ହୋଇ ନାହିଁ ବରଂ ଆତ୍ମପ୍ରଚାର ପାଇଁ ସେ ଏଭଳି ମିଛ କାହାଣୀ ରଚିଛନ୍ତି। ଏହାସହ ସେ ସରକାରୀ କାର୍ଯ୍ୟାଳୟ ବନ୍ଦ ହେବା ପରେ ବିଳମ୍ବିତ ରାତିରେ କେଉଁ ଡିଡିଏମ୍ କାର୍ଯ୍ୟାଳୟ ଯାଉଥିଲେ ବୋଲି ପ୍ରମିଳା ପ୍ରଶ୍ନ କରିଛନ୍ତି। ଘଟଣାର ୩ ଦିନ ପରେ ଶନିବାର ବିଧାୟିକା ପ୍ରମିଳା ଆହୁରି କହିଛନ୍ତି, ହିମାଂଶୁ ରାତିରେ ଡିଡିଏମ୍ କାର୍ଯ୍ୟାଳୟ କ'ଣ ପାଇଁ ଯାଉଥିଲେ।

### ହିମାଂଶୁଙ୍କୁ ମାଡ଼ ମରାଯାଇଥିବା କୌଣସି ପ୍ରମାଣ ନାହିଁ : ପ୍ରମିଳା



ପ୍ରମିଳା ମଲିକ

### ଆକ୍ରମଣ ଘଟଣାକୁ ଏପରି କହିବା ଅତି ନିନ୍ଦନୀୟ: ହିମାଂଶୁ



ହିମାଂଶୁ ସାହୁ

ବୁଢ଼ାଘାଟ ରାସ୍ତା ଉପରେ ଆନ୍ଦୋଳନ ଚାଲିଥିବା ସମୟରେ ଗଣ୍ଡଗୋଳ କରିବା ପାଇଁ ହିମାଂଶୁ ଧର୍ମଶାଳାରୁ ପ୍ରାୟ ୨୦୦ ଲୋକ ନେଇ ସେଠାକୁ ଯାଇ ଧସେଇ ପଶିଥିଲେ। ଯଦି ମାଡ଼ ଖାଇଲେ ଉତ୍ତରୀୟ ବେକରୁ ଖସିଲା ନାହିଁ କାହିଁକି। ତାଙ୍କୁ ମାଡ଼ ମାରିଥିବା ନେଇ କୌଣସି ପ୍ରମାଣ ନାହିଁ ବୋଲି ପ୍ରମିଳା କହିଛନ୍ତି। ଏହାର ଉତ୍ତରରେ ହିମାଂଶୁ କହିଛନ୍ତି, ବିଞ୍ଝାରପୁର ବିଧାୟିକା ଜଣେ ଜନପ୍ରତିନିଧି ହୋଇ ଅନ୍ୟ ଜଣେ ଜନ ପ୍ରତିନିଧି ଉପରେ ଆକ୍ରମଣ ଘଟଣାକୁ ଏପରି ରୂପ ଦେବା ଏହା ଅତି ନିନ୍ଦନୀୟ। ବିଧାୟିକା ମାଇଲେଜ ନେବା ପାଇଁ ଏଭଳି କହୁଛନ୍ତି। ଆକ୍ରମଣ ହେବା ସମୟରେ ୨ଶହ ଲୋକ ନୁହେଁ ବରଂ କେତେଜଣ ସ୍ଥାନୀୟ ସାଧାରଣ ଲୋକମାନେ ଆସି ତାଙ୍କ ପାଖରେ ଛିଡା ହୋଇଥିଲେ। ଏହି ରାସ୍ତାଟି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଛି। ତେଣୁ ପ୍ରତିଦିନ ଶତାଧିକ ଆମ୍ବୁଲାନ୍ସ ଯାତାୟାତ କରୁଛି। ସେହି ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିବା ପାଇଁ କିଏ ଅନୁମତି ଦେଇଥିଲେ। ବିଧାୟିକା କ'ଣ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଶୋଇପଡନ୍ତି କି। ବିଧାୟିକା କେବେ କ'ଣ ରାତି ୯ଟା ବେଳେ କୌଣସି ସରକାରୀ କାର୍ଯ୍ୟାଳୟରେ ବସି ନାହାନ୍ତି। ଯଦି ଯାଇ ନାହାନ୍ତି ତେବେ ଯାଜପୁର ଡିଡିଏମ୍‌ଙ୍କୁ ପଚାରି ବୁଝିବା ପାଇଁ ବିଧାୟକ ହିମାଂଶୁ କହିଛନ୍ତି। ପୂର୍ବ ସରକାରରେ ଅନ୍ୟାୟକୁ ପ୍ରଶ୍ରୟ ଦିଆଯାଉଥିଲା। ବିନା କାରଣରେ ତାଙ୍କ ନାମରେ ଏକାଧିକ ମାମଲା ରୁଜୁ କରାଯାଉଥିଲା। ବର୍ତ୍ତମାନ ସରକାର ପରିବର୍ତ୍ତନ ହୋଇଛି। ଯିଏ ଭୁଲ୍ କରିବ ତାକୁ ଦଣ୍ଡ ମିଳିବ। ବର୍ତ୍ତମାନ ପୋଲିସ ତଥ୍ୟ ପ୍ରମାଣ ଆଧାରରେ ଆଇନ ଅନୁଯାୟୀ କାର୍ଯ୍ୟ କରୁଛି। ଯାଜପୁର ସମସ୍ତଙ୍କର, କାହାର ନିଜସ୍ୱ ପୈତୃକ ସମ୍ପତ୍ତି ନୁହେଁ। ଜିଲାର ୭ ନିର୍ବାଚନମଣ୍ଡଳୀର ସମସ୍ତେ ମିଳିମିଶି ଯାଜପୁରର ଉନ୍ନତି ପାଇଁ କାମ କରିବାକୁ ବିଧାୟକ ହିମାଂଶୁ ଆହ୍ୱାନ ଦେଇଛନ୍ତି।

# ମହାରାଷ୍ଟ୍ର, ଝାଡ଼ଖଣ୍ଡ ଫଳ: ନେତାଙ୍କ ମତ

“ମହାରାଷ୍ଟ୍ରରେ ମହାଯୁତିର ଐତିହାସିକ ବିଜୟ ହୋଇଛି। ବିରୋଧୀ ଦଳଗୁଡ଼ିକଙ୍କ ନକାରାତ୍ମକ ରାଜନୀତିକୁ ଏହି ଜନାଦେଶ ପ୍ରତ୍ୟାଖ୍ୟାନ କରିଛି। ଦେଶର ପ୍ରତ୍ୟେକ ପ୍ରାନ୍ତରୁ ଏବଂ ସମାଜର ବିଭିନ୍ନ ବର୍ଗରୁ ଭାଜପାକୁ ଭୋଟ ମିଳିଛି। କଂଗ୍ରେସ ଦଳ ବାସ୍ତବତାକୁ ସ୍ୱୀକାର କରିବାକୁ ଚାହୁଁନାହିଁ। ଅସ୍ଥିରତାକୁ ମତଦାତା ପସନ୍ଦ କରନ୍ତି ନାହିଁ, ତାହା ଆଜି ପ୍ରମାଣିତ ହୋଇଛି। 'ପ୍ରଥମେ ରାଷ୍ଟ୍ର' ଭାବନାକୁ ଦେଶର ଜନସାଧାରଣ ବହୁଳ ମାତ୍ରାରେ ସମର୍ଥନ କରିଛନ୍ତି। ମହାରାଷ୍ଟ୍ରର ବିଜୟ ହେଉଛି ବିକାଶ ଏବଂ ସୁଶାସନର ବିଜୟ। ରାଜ୍ୟବାସୀଙ୍କୁ ହୃଦୟରୁ ଧନ୍ୟବାଦ।

**–ନରେନ୍ଦ୍ରମୋଦି, ପ୍ରଧାନମନ୍ତ୍ରୀ**

“ଝାଡ଼ଖଣ୍ଡର ଜନସାଧାରଣ ଭାଜପାର ମିଥ୍ୟା ଓ ବିଭାଜନକାରୀ ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ମହାରାଷ୍ଟ୍ରରେ ଅପ୍ରତ୍ୟାଶିତ ଫଳାଫଳ ଆସିଛି ଯାହା କଂଗ୍ରେସ ଦଳ ସପକ୍ଷରେ ଯାଇନାହିଁ। ଦଳ ମହାରାଷ୍ଟ୍ର ପରାଜୟର ସମୀକ୍ଷା କରିବ।

**–ମଲ୍ଲିକାର୍ଜୁନ ଖାର୍ଗେ, ଅଧ୍ୟକ୍ଷ, କଂଗ୍ରେସ**

“ମହାଯୁତିକୁ ଐତିହାସିକ ସଫଳତା ମିଳିଛି। ନିର୍ବାଚନ ଫଳାଫଳ ସମ୍ବିଧାନର ନକଲି ଶୁଭେଚ୍ଛୁଙ୍କ ଦୋକାନ ବନ୍ଦ କରି ଦେଇଛି।

**–ଅମିତଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

“ମହାରାଷ୍ଟ୍ର ନିର୍ବାଚନ ଫଳାଫଳ ବିଶ୍ୱାସଯୋଗ୍ୟ ନୁହେଁ। ଗତ ଲୋକସଭା ନିର୍ବାଚନରେ ଏମ୍‌ଭିଏ ମେଣ୍ଟ ରାଜ୍ୟରେ ଏକତରଫା ବିଜୟୀ ହୋଇଥିଲା। ୪ ମାସ ମଧ୍ୟରେ ମହାଯୁତିକୁ ଏତେମାତ୍ରାରେ ଆସନ ମିଳିବା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

**– ଉଦ୍ଧବ ଠାକରେ, ଶିବସେନା (ୟୁବିଟି) ଅଧ୍ୟକ୍ଷ**

“ଏହା ମୋର ବିଜୟ ନୁହେଁ ବରଂ ଦଳର ସମସ୍ତ କର୍ମୀଙ୍କ ବିଜୟ। ଆମ ବାର୍ତ୍ତା ଲୋକଙ୍କ ନିକଟରେ ସଫଳତାର ସହ ପହଞ୍ଚିପାରିଛି। ମୋ ଅନୁପସ୍ଥିତିରେ ସ୍ତ୍ରୀ କଳ୍ପନା ସୋରେନ ୱାନ୍ ମ୍ୟାନ୍ ଆର୍ମି ଭାବେ ଦଳର ସଙ୍ଗଠନକୁ ସମ୍ଭାଳିଥିଲେ।

**–ହେମନ୍ତ ସୋରେନ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ**

“ଉତ୍ତରପ୍ରଦେଶ ଉପନିର୍ବାଚନରେ ଭାଜପାକୁ ମିଳିଥିବା ସଫଳତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଯିବ। ନିର୍ବାଚନ ଫଳାଫଳ ଏସ୍‌ପି ଓ ଇଣ୍ଡିଆ ବ୍ଲକ୍ ନେତାଙ୍କ ମିଥ୍ୟା ରାଜନୀତିର ଅନ୍ତ କରିଛି।

**–ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ**

“ସମ୍ପ୍ରତି ନିର୍ବାଚନର ଅନ୍ୟ ନାମ ଦୁର୍ନୀତି ହୋଇଯାଇଛି। ବିଭିନ୍ନ ନିର୍ବାଚନୀ ଅନିୟମିତତା କରି ଭାଜପାକୁ ସଫଳତା ମିଳିଛି। ଉତ୍ତରପ୍ରଦେଶ ନିର୍ବାଚନରେ ସଫଳତା ନ ପାଇଲା ଯାଏ, ଏସ୍‌ପିର ପ୍ରତ୍ୟେକ କର୍ମୀଙ୍କ ସଂଗ୍ରାମ ଜାରି ରହିବ।

**– ଅଖିଳେଶ ଯାଦବ, ଏସ୍‌ପି ଅଧ୍ୟକ୍ଷ**

“ପଞ୍ଜାବ ଉପ ନିର୍ବାଚନରେ ଆପ୍‌କୁ ୪ରୁ ୩ ଆସନରେ ସଫଳତା ମିଳିଛି। ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଦଳ ଏହି ସଫଳତାକୁ ଦୋହରାଇବ।

**– ଅରବିନ୍ଦ କେଜ୍‌ରିୱାଲ, ଆପ୍ ସଂଯୋଜକ**

## ମହାରାଷ୍ଟ୍ରବାସୀ ପୁଣି ପ୍ରଗତିର ମାର୍ଗ ଆପଣାଇଛନ୍ତି: ମନମୋହନ

ଭୁବନେଶ୍ୱର,୨୩।୧୧(ଅନିଲ ଦାସ)



ମନମୋହନ ସାମଲ

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ – ୨୦୨୪ରେ ଐତିହାସିକ ବିଜୟ ପାଇଁ ଭାଜପା ଏବଂ ମହାଯୁତି ଗଠବନ୍ଧନର କାର୍ଯ୍ୟକର୍ତ୍ତାଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱ ତଥା ମାର୍ଗଦର୍ଶନରେ ମହାରାଷ୍ଟ୍ରର ସୁରକ୍ଷା, ସମୃଦ୍ଧି ଏବଂ ଉତ୍ତମ ଶାସନ ଉପରେ ଲୋକମାନେ ନିଜର ଆଶୀର୍ବାଦ ଦେଇଛନ୍ତି। ଏଥିସହିତ ଉତ୍ତରପ୍ରଦେଶ ବିଧାନସଭା ଉପନିର୍ବାଚନରେ ମଧ ଜନତା ଏକତାର ମନ୍ତ୍ରରେ ସମ୍ମିଳିତ ହୋଇ ଭାଜପା–ଏନ୍‌ଡିଏ ମେଣ୍ଟକୁ ବିପୁଳ ମାତ୍ରାରେ ସମର୍ଥନ ଜଣାଇଛନ୍ତି । ଛତ୍ରପତି ଶିବାଜୀ ମହାରାଜଙ୍କ ଭୂମି ସତ୍ୟ, ନ୍ୟାୟ ଏବଂ ବୀରତ୍ୱର ପ୍ରତୀକ । ଏଥର ରାଜ୍ୟବାସୀ ପୁଣି ଥରେ ସତ୍ୟ ତଥା ପ୍ରଗତିର ମାର୍ଗକୁ ଆପଣାଇଛନ୍ତି। ମହାରାଷ୍ଟ୍ରର ଐତିହାସିକ ବିଜୟ ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ସମେତ ସମସ୍ତ ସହଯୋଗୀ ଦଳ ଏବଂ କାର୍ଯ୍ୟକର୍ତ୍ତାଙ୍କୁ ମନମୋହନ ଅଭିନନ୍ଦନ ଜଣାଇଛନ୍ତି।

# ଆଞ୍ଚଳିକ ଦଳ ଉପରେ ପୁନଃ ଆସ୍ଥାପ୍ରକଟ କଲେ ଝାଡ଼ଖଣ୍ଡବାସୀ: ବିଜେଡି

ଭୁବନେଶ୍ୱର, ୨୩।୧୧(ଅନିଲ ଦାସ)

ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ନିର୍ବାଚନର ଫଳାଫଳ ଶନିବାରପ୍ରକାଶ ପାଇଛି।ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ନେତୃତ୍ୱରେ ଜେଏମ୍‌ଏମ୍‌ର ବିଜୟ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଆଞ୍ଚଳିକ ଦଳଗୁଡ଼ିକ ଉପରେ ଲୋକଙ୍କ ଭରସା ଅକ୍ଷୁଣ୍ଣ ରହିଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ, ବିଶେଷକରି ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଏବଂ ଓଡ଼ିଶା ପରି ରାଜ୍ୟରେ ଆଞ୍ଚଳିକ ଦଳଗୁଡ଼ିକ ସେମାନଙ୍କ ଉପସ୍ଥିତି ଜାହିର କରି ଆସୁଛନ୍ତି। ଝାଡ଼ଖଣ୍ଡବାସୀ ଆଞ୍ଚଳିକ ଦଳ ଉପରେ ଭରସା ଜାରି ରଖିଛନ୍ତ। ଜେଏମ୍‌ଏମ୍ ନେତୃତ୍ୱରେ ସରକାରକୁ ଗାଦିଚ୍ୟୁତ କରିବା ପାଇଁ ଭାଜପାର ପ୍ରାଣମୂର୍ଚ୍ଛା ଉଦ୍ୟମ ବିଫଳ ହୋଇଛି ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି। ଶନିବାର ଶଙ୍ଖଭବନଠାରେ ଗଣମାଧ୍ୟମକୁ ସୂଚନାଦେଇ ସେ କହିଛନ୍ତି, ରାଜ୍ୟବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା କ୍ଷେତ୍ରରେ ରାଜ୍ୟବାସୀ ଆଞ୍ଚଳିକ ଦଳ ଉପରେ ଅଧିକ ଭରସା କରୁଛନ୍ତି । ଓଡ଼ିଶାର ଭାଜପା ନେତାମାନେ ମଧ୍ୟ ଝାଡ଼ଖଣ୍ଡ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଯେଉଁ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ, ସେଥିରେ ଭଙ୍ଗା ପଡ଼ିଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାଡ଼ଝଣ୍ଡରେ ପ୍ରଚାର କରିଥିବା ବେଳେ ତାଙ୍କ ପ୍ରଚାରର କିଛି ପ୍ରଭାବ ପଡ଼ିନାହିଁ। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡି ଥିବାବେଳେ, ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଝାଡ଼ଖଣ୍ଡରେ ଥିଲେ। ଭାଜପାରର ସମସ୍ତ ଉଦ୍ୟମ ସତ୍ତ୍ୱେ ଝାଡ଼ଖଣ୍ଡବାସୀ ଆଞ୍ଚଳିକ ଦଳ ସରକାର ଉପରେ ପୁନଃ ଆସ୍ଥା ପ୍ରକଟ କରିଛନ୍ତି ବୋଲି ଲେନିନ୍ କହିଛନ୍ତି ।


## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଘୁ.ଉଦୟଗିରି

ଘୁ.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାସକରୁଥିବା ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ ସହ ସହରକୁ ଏକ ସୁନ୍ଦର ସ୍ୱାସ୍ଥ୍ୟକର ପରିବେଶରେ ଗଢ଼ିତୋଳିବାକୁ ସମସ୍ତଙ୍କ ସହଯୋଗ କାମନା କରୁଛୁ ।

୧ । ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ।
୨ । ପୌର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା କରନ୍ତୁ ।
୩ । ବିଭିନ୍ନ ଟିକସ ଯଥା ସମୟରେ ପୈଠକରି ରିହାତି ପାଇବାର ସୁଯୋଗ ନିଅନ୍ତୁ ।
୪ । ପରିଷଦର ବିନା ଅନୁମତିରେ ନୂତନ ଗୃହ ନିର୍ମାଣ କରନ୍ତୁ ନାହିଁ ।
୫ । ରାସ୍ତା ଓ ନାଳରେ ଅଳିଆ ଆବର୍ଜନା ନ ପକାଇ ଡଷ୍ଟବିନ୍‌ରେ ପକାନ୍ତୁ ।
୬ । ପଲିଥିନ ବ୍ୟବହାର କରନ୍ତୁ ନାହିଁ ।
୭ । ଗୃହ ନିର୍ମାଣ ସମୟରେ ଉପକରଣ ରାସ୍ତା ଉପରେ ଜମା କରନ୍ତୁ ନାହିଁ ।
୮ । ଗୃହ ବାହାରେ ମଳତ୍ୟାଗ କରନ୍ତୁ ନାହିଁ ।
୯ । ଗୃହପାଳିତ ପଶୁମାନଙ୍କୁ ବାହାରେ ଛାଡନ୍ତୁ ନାହିଁ ।
୧୦ । ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁକୁ ଭିନ୍ନ ଭିନ୍ନ ଡଷ୍ଟବିନ୍‌ରେ ପକାନ୍ତୁ ।
୧୧ । ଓପନ୍ ଜିମ୍‌ର ମଜା ନିଅନ୍ତୁ ।

ଶ୍ରୀମତୀ ଇତିଶ୍ରୀ ଷଡ଼ଙ୍ଗୀ, ନିର୍ବାହୀ ଅଧିକାରୀ — ଶ୍ରୀ ସନ୍ତୋଷ କୁମାର ବାଘ, ଉପାଧ୍ୟକ୍ଷ — କୁମାରୀ ଦେବସ୍ମିତା ସତପଥୀ, ଅଧ୍ୟକ୍ଷା



## ନିୟନ୍ତ୍ରିତ ବଜାର କମିଟି, କୋରାପୁଟ କାର୍ଯ୍ୟାଳୟ

ଜିଲ୍ଲାପାଳ କୋରାପୁଟଙ୍କ କାର୍ଯ୍ୟାଳୟ ପରିସର, ଦୂରଭାଷ: ୦୬୮୫୨-୨୫୨୦୦୭

*କୋରାପୁଟ ଉପଖଣ୍ଡ ଅଧୀନସ୍ଥ ସମସ୍ତ କୃଷକ ଓ ବ୍ୟବସାୟୀ ଭାଇ ଭଉଣୀମାନଙ୍କୁ ଧରିତ୍ରୀର ୫୧ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ନିୟନ୍ତ୍ରିତ ବଜାର କମିଟି, କୋରାପୁଟ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା!!*

କୃଷକ ଭାଇ ଭଉଣୀମାନଙ୍କ କୃଷିଜାତ ଦ୍ରବ୍ୟ Online ମାଧ୍ୟମରେ ବିକ୍ରି କରିବା ପାଇଁ କୁନ୍ଦୁଲିଠାରେ ଜାତୀୟ କୃଷି ବଜାର (e-NAM) ସ୍ଥାପନ କରାଯାଇଅଛି। ସେଠାରେ ସିମେଣ୍ଟ ପିଣ୍ଡି, ନିଲାମ ଗୃହ, ଆଶ୍ରୟ ସ୍ଥଳୀ, ପାନୀୟ ଜଳ, ଗୋଦାମ ଗୃହ, ବିଦ୍ୟୁତ ଆଲୋକ, ଶୀତଳ ଭଣ୍ଡାର, ଶୌଚାଳୟ, ଶୟନକକ୍ଷ, ପରୀକ୍ଷାଗାର ପ୍ରଭୃତିର ବ୍ୟବସ୍ଥା କରାଯାଇଅଛି। e-NAM ମାଧ୍ୟମରେ ନିଲାମ କରାଯାଇ କୃଷକମାନଙ୍କର କୃଷିଜାତ ଦ୍ରବ୍ୟ ବିକ୍ରି କରାଯାଉଅଛି।

ଏଣୁ ସମସ୍ତ କୃଷକ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ସେମାନେ ସେମାନଙ୍କ କୃଷିଜାତ ଦ୍ରବ୍ୟ ଇ-ନାମରେ ଅନଲାଇନ୍ ମାଧ୍ୟମରେ ବିକ୍ରୟ କରି ଅଧିକ ଲାଭବାନ ହୁଅନ୍ତୁ।

ସ୍ୱା./– ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ — ସ୍ୱା./– ଉପଜିଲ୍ଲାପାଳ–ତଥା–ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ



## ରାଜଗାଙ୍ଗପୁର ପୌର ପରିଷଦ, ରାଜଗାଙ୍ଗପୁର

**ଦୈନିକ ସମ୍ବାଦପତ୍ର ଧରିତ୍ରୀ ଭୁବନେଶ୍ୱରର ୫୧ତମ ଜନ୍ମବାର୍ଷିକୀ ଉତ୍ସବ, ୨୦୨୪ ପାଳନ ଉପଲକ୍ଷେ ରାଜଗାଙ୍ଗପୁର ପୌରପରିଷଦ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସହରକୁ ସର୍ବାଙ୍ଗୀନ ସୁନ୍ଦର, ପ୍ରଦୂଷଣମୁକ୍ତ କରିବାକୁ ଆପଣମାନଙ୍କର ସହଯୋଗ କାମନା କରୁଛି ।**

୧। ପୌର ପରିଷଦର ଦେୟ ଠିକ୍ ସମୟରେ ପଇଠ କରନ୍ତୁ ଏବଂ ପରିଷଦର ଅନୁମତି ନେଇ ନୂତନ ଗୃହ ନିର୍ମାଣ ଓ ପୁରାତନ ଗୃହ ନବୀକରଣ କରନ୍ତୁ । ୨। ଜଳ ହିଁ ଜୀବନ, ପାନୀୟ ଜଳର ଅପଚୟ କରନ୍ତୁ ନାହିଁ ଏବଂ ଠିକ୍ ସମୟରେ ଜଳକର ପଇଠ କରନ୍ତୁ । ୩। ଓଦା ଓ ଶୁଖିଲା ଅଳିଆକୁ ଏଣେତେଣେ ନ ପକାଇ ଘରକୁ ଘର ବୁଲି ଆବର୍ଜନା ସଂଗ୍ରହ କରୁଥିବା ପୌର ପରିଷଦର ଅଳିଆ ବୁହା ଗାଡିରେ ପକାନ୍ତୁ । ୪। ପୌରପାଳିକା ସମ୍ପତ୍ତି ଆପଣଙ୍କର, ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ସୁରକ୍ଷା କରନ୍ତୁ । ୫। ଗୃହ ନିର୍ମାଣ ଉପାଦନ ଯଥା ଇଟା, ବାଲି, ଗେଟି ଇତ୍ୟାଦି ରାସ୍ତାକଡରେ ଜମା କରନ୍ତୁ ନାହିଁ । ୬। ପରିବେଶର ସୁରକ୍ଷା ନିମନ୍ତେ ପଲିଥିନର ବ୍ୟବହାର ବର୍ଜନ କରନ୍ତୁ । ୭। ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ରାଜଗାଙ୍ଗପୁର ସହର ଗଢିବା ପାଇଁ ସହାୟକ ହୁଅନ୍ତୁ । ୮। ଗାଈଗୋରୁଙ୍କୁ ରାସ୍ତା ଉପରେ ଛାଡନ୍ତୁ ନାହିଁ । ୯। ଘର ଓ ବାହାରେ ପାଣି ଜମିବା ପାଇଁ ଦିଅନ୍ତୁ ନାହିଁ । ୧୦। ଡେଙ୍ଗୁ ରୋଗକୁ ପରାସ୍ତ କରିବାରେ ପୌରପାଳିକାକୁ ସାହାଯ୍ୟ କରନ୍ତୁ ।

ଶ୍ରୀମତୀ ମାଧୁରୀ ଲୁଗୁନ୍, ପୌରାଧ୍ୟକ୍ଷା, ରାଜଗାଙ୍ଗପୁର ପୌର ପରିଷଦ — ଏମ୍‌ଡ଼ି ଇରଫାନ୍, ଉପାଧ୍ୟକ୍ଷ, ରାଜଗାଙ୍ଗପୁର ପୌର ପରିଷଦ — ଶ୍ରୀ ଭିକ୍ଟୋର ସରେଙ୍ଗ, ଓ.ପ୍ର.ସେ.–୧, କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜଗାଙ୍ଗପୁର ପୌର ପରିଷଦ



## ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଜଗତସିଂହପୁର

**ପ୍ରଗତିପଥେ ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର**

**ଆମ୍ଭର ମୂଳ ଲକ୍ଷ୍ୟ:**

୧. ଚାଷୀର କୃଷି ଉତ୍ପାଦକୁ ଉଚିତ୍ ମୂଲ୍ୟ ପ୍ରଦାନ କରିବା।
୨. ଚାଷୀମାନଙ୍କ ଦ୍ରବ୍ୟକୁ ଜାତୀୟ କୃଷି ବଜାର (e-NAM) ମାଧ୍ୟମରେ ସ୍ୱଚ୍ଛ ବାଣିଜ୍ୟ କରି ନିଜ ଜିଲ୍ଲା, ଆନ୍ତଃଜିଲ୍ଲା ଓ ଆନ୍ତଃ ରାଜ୍ୟରେ ବିକ୍ରୟ କରି ଅଧିକ ଲାଭବାନ କରିବା।
୩. ଚାଷୀମାନଙ୍କ ଶସ୍ୟକୁ ସୁରକ୍ଷିତ ଭାବେ ସାଇତି ରଖିବା ନିମନ୍ତେ ଗୋଦାମ ଗୃହର ବ୍ୟବସ୍ଥା।
୪. ବ୍ୟବସାୟୀମାନଙ୍କ ସୁବିଧା ନିମନ୍ତେ ଗୋଦାମ ଘର, ପିଣ୍ଡି ଓଡ଼ିତ କଣ୍ଟା, ଆର୍ଦ୍ରତାମାପ ଯନ୍ତ୍ର ଇତ୍ୟାଦିର ବ୍ୟବସ୍ଥା।
୫. ଚାଷୀମାନଙ୍କର ଦ୍ରବ୍ୟର କ୍ରୟ ବିକ୍ରୟକୁ ଅଧିକ ଆଧୁନିକରଣ ନିମନ୍ତେ ମଡେଲ ମଣ୍ଡିର ବ୍ୟବସ୍ଥା କରାଯାଇଅଛି।
୬. ଚାଷୀମାନଙ୍କ ଦ୍ରବ୍ୟକୁ ଅଧିକ ଦିନ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ନିର୍ମାଣ ନିମନ୍ତେ ଲକ୍ଷ୍ୟ ରଖାଯାଇଅଛି।
୭. ଚାଷୀମାନଙ୍କ ଶସ୍ୟକୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ଧାନ କ୍ରୟ କେନ୍ଦ୍ରରେ ଅସ୍ଥାୟୀ CCTV ଏବଂ ଅସ୍ଥାୟୀ ସଂରକ୍ଷଣ କକ୍ଷ (Cap Storage)ର ବ୍ୟବସ୍ଥା କରାଯାଇଅଛି।

ସ୍ୱା./– ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର — ସ୍ୱା./– ଉପାଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର — ସ୍ୱା./– ଉପ ଜିଲ୍ଲାପାଳ–ତଥା–ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର



## ପ୍ରଗତି ପଥେ ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି

ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି ତରଫରୁ ଚଳିତ ଖରିଫ୍ ବର୍ଷ ୨୦୨୪–୨୫ ପାଇଁ ୭୦ ଗୋଟି ଧାନ ମଣ୍ଡି ଖୋଲାଯିବାକୁ ଜିଲ୍ଲା ପ୍ରଶାସନ ଦ୍ୱାରା ଧାର୍ଯ୍ୟ କରାଯାଇଅଛି। ତତ୍ ମଧ୍ୟରୁ ୬୦ଗୋଟି ନିଜସ୍ୱ ବଜାର ପ୍ରାଙ୍ଗଣରେ ଧାନ ମଣ୍ଡି କରାଯିବାର ସବୁ ସୁବ୍ୟବସ୍ଥା କରାଯାଉଅଛି। ତଥା ପ୍ରତ୍ୟେକ ବଜାର ପ୍ରାଙ୍ଗଣରେ ଧାନ ରଖିବା ପାଇଁ କଭର ସେଡ୍ ଓ ଓପନ୍ ପିଣ୍ଡି, ପିଇବା ପାଇଁ ପାଣିର ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ବସିବା ବ୍ୟବସ୍ଥା, ଜଗୁଆଳିର ବ୍ୟବସ୍ଥା, CCTV Cameraର ବ୍ୟବସ୍ଥା ତଥା ଧାନ ଓଜନ କରିବା ଓ ମାନ ନିର୍ଦ୍ଧାରଣ ପାଇଁ ଆବଶ୍ୟକୀୟ Grading Equipments ନିୟନ୍ତ୍ରିତ ବଜାର ମାଲକାନଗିରି ତରଫରୁ ଚଳିତ ବର୍ଷ ଯୋଗାଇ ଦିଆଯାଉଅଛି। FAQ ମାନର ଧାନ ମଣ୍ଡିକୁ ଆଣିବାକୁ ଚାଷୀମାନଙ୍କୁ ସଚେତନତା କରାଯିବାର ସୁବ୍ୟବସ୍ଥା RMC ମାଲକାନଗିରି ତରଫରୁ ଚଳିତ ବର୍ଷ କରାଯାଉଅଛି।

ସ୍ୱା./– ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି — ସ୍ୱା./– ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି



## ପଞ୍ଚାୟତ ସମିତି, ଖଡ଼ିଆଳ

**ପ୍ରଗତି ପଥେ ଖଡ଼ିଆଳ ପଞ୍ଚାୟତ ସମିତି...**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଶ୍ରମଜୀବୀ ପରିବାରକୁ କାର୍ଯ୍ୟ ଯୋଗାଇ ଦେବାର ଉଦ୍ଦେଶ୍ୟ ରଖିଥିବା ଉକ୍ତ ଯୋଜନାରେ ଚଳିତ ୨୦୨୪–୨୫ ଆର୍ଥିକ ବର୍ଷରେ ୫୮ଗୋଟି ପୋଖରୀ, ୧୨ଗୋଟି ଆଦର୍ଶ ପୋଖରୀ, ୧୦୭୨ଜଣ ପରିବାରକୁ ଜମି ମରାମତି, ୧୩୭ଗୋଟି ରାସ୍ତା, ୩୭ଗୋଟି ବହୁମୁଖୀ ପୋଖରୀ, ୩୪ଗୋଟି କୃଷି ପୋଖରୀ, ୭୮ଗୋଟି କୂପ ଖନନ, ୪୧ଗୋଟି ଗାଈ ଗୁହାଳ, ୧୪ଗୋଟି ଛେଳି ଗୁହାଳ, ୫ଗୋଟି ଖେଳପଡ଼ିଆର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ୧୧୦୬୨ଗୋଟି ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇ ୬,୩୯,୬୭୧ ଶ୍ରମ ଦିବସ ସୃଷ୍ଟି କରାଯାଇପାରିଛି। ଏଥିମଧ୍ୟରୁ ୧୮୦୪ ଜଣ ପରିବାରଙ୍କୁ ୧୦୦ ଦିନର, ୪୩୯ ଜଣ ପରିବାରଙ୍କୁ ୨୦୦ ଦିନର, ୮ଜଣ ପରିବାରଙ୍କୁ ୩୦୦ ଦିନର କାର୍ଯ୍ୟ ଅଦ୍ୟାବଧି ପର୍ଯ୍ୟନ୍ତ ଯୋଗାଇ ଦିଆଯାଇଅଛି।

ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖଡ଼ିଆଳ



## OFFICE OF THE DEPUTY DIRECTOR OF HORTICULTURE, ANGUL

Mail Id: ddhangul12@gmail.com

**TENDER CALL NOTICE**

Reference No. 2720 Dated: 22.11.2024

No. L-92: Sealed quotations in plain paper are invited from reputed Firms/Agencies/Organizations for supply of Chipsona-1 and Chipsona-3 seed potatoes to the Deputy Director Horticulture, Angul. The details of the tender can be accessed from the official website of the District at **www.angul.odisha.gov.in** during the same period. The sealed tenders shall be submitted by **Speed Post/Registered Post** only address to the Deputy Director Horticulture, Angul, Odisha, PIN - 759122 by 10.12.2024 upto 5.00 P.M. No other mode of submission of tender paper will be accepted. The tender documents will be opened in the office chamber of Deputy Director Horticulture, Angul on the next day i.e. on 11.12.2024 at 11.00 A.M. in the presence of the tenderers or their authorized representatives. The undersigned reserves the right to accept or reject any or all the tenders without assigning any reason thereof.

OIPR-01448/11/0001/2425 Deputy Director Horticluture, Angul



## GOVERNMENT OF ODISHA
No. B-663

**Office of the Superintending Engineer**
**Bhanjanagar (R&B) Division, Bhanjanagar**
(Phone/Fax: (06821) 241133/E-mail: eernbbngr@yahoo.in)
Ltr. No.10990//Dtd.21.11.2024

**INVITATIONS FOR BIDS (IFB)**

**E-Procurement Bid Identification No. S.E.-BNJ-R&B-21/2024-25**

| | | |
|---|---|---|
| 1. | Name of work | :- Building Works |
| 2. | No. of Works | :- 02 Nos. Building Work |
| 3. | No. of Covers | :- Double Cover |
| 4. | Estimated cost | :- Rs.50.01 lakhs to Rs.50.89 Lakhs |
| 5. | Period of Completion | :- Three Calendar Months. |
| 6. | Date & time of availability of bid document in the portal | :- From 12.00 Noon of dated 26.11.2024 to 5.00 PM of dated 07.12.2024 |
| 7. | Last date/time for receipt of bids in the portal | :- Upto 5.00 PM of dated 07.12.2024 |
| 8. | Date of opening of bid documents | :- At 11.00 A.M of dated 09.12.2024 |
| 9. | Class of Contractor | :- "B" Class Contractor |
| 10. | Name and address of officer inviting Bid | :- Superintending Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal www.tendersodisha.gov.in.
The Addendum/Corrigendum if any will be hosted in the website only.

Sd./- Superintending Engineer, Bhanjanagar (R&B) Division

OIPR-34015/11/0013/2425



## OFFICE OF THE GENERAL MANAGER WATCO DIVISION, CUTTACK
No.C-1071

Telephone/e-mail/FAX: 0671-2547115/gmwatcoctc@gmail.com

**NATIONAL COMPETITIVE BIDDING THROUGH e-Procurement**

**Bid Identificaton No. GMWATCO (W)-10/2024-25 Dtd.22.11.2024**

**Name of the work:** Laying of sewer network with construction of manhole chambers at 10-1-GH-565(P) Collectorate Employees Group Housing Co-operative Society at Sector-10, CDA, Cuttack.

| | | | |
|---|---|---|---|
| 1. | Estimated cost | : | Rs.49.81 Lakhs (Approx.). |
| 2. | Period of completion | : | 6 (Six) months. |
| 3. | Date & time of availability of bid document in the portal | : | From 11A.M of dt.26.11.2024 to 5.00 P.M. of dt.05.12.2024. |
| 4. | Last date/ time of receipt of bids in the portal | : | 05.12.2024 up to 05.00 P.M. |
| 5. | Date & time of opening of bids | : | 06.12.2024 at 12.30 P.M. |
| 6. | Name and address of the officer Inviting Bid | : | The General Manager, WATCO Division, Cuttack- 753003, Odisha Ph.(0671) 2547115, email :gmwatcoctc@gmail.com |
| 7. | The bidders have to participate in ONLINE bidding only. | | |

Further details can be seen from the website www.tendersodisha.gov.in

Sd./- General Manager, WATCO Division, Cuttack

OIPR-13170/11/0015/2425



राष्ट्रीय कृषि बाजार NATIONAL AGRICULTURE MARKET

## ନିୟନ୍ତ୍ରିତ ବଜାର କମିଟି, ରାହାମା

ନିୟନ୍ତ୍ରିତ ବଜାର କମିଟି, ରାହାମା ଅନ୍ତର୍ଗତ କୁଜଙ୍ଗ ବ୍ଲକ, ଏରସମା ବ୍ଲକ ଓ ପାରାଦୀପ ମ୍ୟୁନିସିପାଲିଟିର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ଧାନକୁ ଭଲଭାବେ ଶୁଖାଇ ଓ ସଫା କରି ଏଫ୍.ଏ.କ୍ୟୁ.ମାନକୁ ଉନ୍ନୀତ କରାଇ ଆଗାମୀ ଖରିଫ୍ ବିପଣନ ଋତୁ ୨୦୨୪–୨୫ ବର୍ଷ ପାଇଁ କୁଜଙ୍ଗ ବ୍ଲକ, ଏରସମା ବ୍ଲକ ମଧ୍ୟରେ ଖୋଲୁଥିବା ଧାନ କ୍ରୟକେନ୍ଦ୍ର/ମଣ୍ଡିକୁ ଆଣନ୍ତୁ ଓ ସରକାରୀ ଧାର୍ଯ୍ୟ ଉଚିତ୍ ମୂଲ୍ୟ ପାଆନ୍ତୁ। ତତ୍‌ସହିତ ଚାଷୀଭାଇ ଓ ଭଉଣୀ, ଜନସାଧାରଣ ତଥା କୃଷିଜାତ ଦ୍ରବ୍ୟରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କୁ ଜଣାଇ ଦିଆଯାଉଛି ଯେ ନିୟନ୍ତ୍ରିତ ବଜାର କମିଟି, ରାହାମା ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଜାତୀୟ କୃଷି ବଜାର (e-NAM)ଠାରେ କୃଷିଜାତ ଦ୍ରବ୍ୟ କ୍ରୟ ବିକ୍ରୟର ସୁବିଧା ନେଇ ସ୍ଥାନୀୟ ତଥା ଅଞ୍ଚଳ ବାହାରର ଲାଭଦାୟକ ତୁଳନାତ୍ମକ ମୂଲ୍ୟ ପାଆନ୍ତୁ।

ସ୍ୱା./– ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ–ତଥା–ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ରାହାମା



## OFFICE OF THE NOTIFIED AREA COUNCIL, KUCHINDA

Bid Reference No. - KCDA/NAC-8/2024-25

No. 1917 Date: 20.11.2024

**Invitation of Expression of Interest for "Conducting Drone Aided Survey and Preparation of Orthomosaic Drawings for Strom Water Drainage Master Plan of NAC, Kuchinda area".**

No. C-1069: The Executive Officer, NAC Kuchinda, Kuchinda, (Odisha) on behalf of NAC Kuchinda invites Expression of Interest (EOI) for **"Conducting Drone Aided Survey and Preparation of Orthomosaic Drawings for Strom Water Drainage Master Plan of NAC, Kuchinda area"** engineering Consultants/Consulting registered architectural firms that have requisite experience in drone aided survey and preparation of orthomosaic drawing preparation of drainage/sewerage network plan for tendering their bids through online mode only.

1. Intending bidders have to participate through "Online" bidding only. The website for online bidding is **https://www.tendersodisha.gov.in**.
2. The bid documents will be available in the above website from **10.00 A.M. of Dt.25.11.2024 to 5.30 P.M. of Dt.02.12.2024** for online bidding.
3. Bids received will be opened from e-Procurement System at **10.00 A.M. onwards on Dt.03.12.2024**.
4. The bidder must possess valid and compatible **Digital Signature Certificate (DSC)**.
5. Further details are available in the EOI. The EOI for the work shall be available during the aforesaid period in the e-procurement portal **https://www.tendersodisha.gov.in** for online bidding.

Sd./- Executive Officer, Notified Area Council, Kuchinda

OIPR-13121/11/0007/2425



## GOVERNMENT OF ODISHA
No. A-580

**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SAMBALPUR**
Phone No.: (0663) 2412791 (Off.), E-mail: eemisbp@yahoo.co.in

No. 3576 Date: 18.11.2024

**e-PROCUREMENT NOTICE**
BID REF No.: SE, MID, SBP/07/2024-25

| | |
|---|---|
| Name of Work | : Civil Construction Works |
| No. of Works | : 05 (Five) Nos. |
| Estimated Cost | : Varies from approximately Rs.16.95 lakh to Rs.42.24 lakh for 05 Nos. of works (Rs.144.21 lakh) |
| Tender Paper Cost | : Referred to DTCN |
| Period of Completion | : Referred to DTCN |
| Availability of Bid through online | : From Dt.26.11.2024 at 11.00 A.M. to Dt.03.12.2024 upto 05.30 P.M. in website (www.tendersorissa.gov.in) |
| Period of receipt of bid through online | : From Dt.26.11.2024 at 11.00 A.M. to Dt.03.12.2024 upto 05.30 P.M. through online |
| Date of opening of bid documents | : On Dt.04.12.2024 at 11.00 A.M. onwards |
| Digital Signature Certificate of Bidder | : The bidder must possess compatible Digital Signature Certificate (DSC) of Class-II or Class-III |

The detail tender call notice can also be seen in the DOWR website: **http://dowrorissa.gov.in**.

| | |
|---|---|
| Name and Address of the OIT | : Superintending Engineer, M.I. Division, Sambalpur, At: Motijharan, P.O.: B.S.S. Nagar, Dist.: Sambalpur, PIN - 768001, Ph.: 0663-2412791 |
| E-mail ID | : eemisbp@yahoo.co.in |
| Further details can be seen from the e-Procurement market place | : http://tendersorissa.gov.in |

Sd./- Superintending Engineer, M.I. Division, Sambalpur

OIPR-32036/11/0007/2425

**ଆଜିର ମନ୍ତବ୍ୟ**

"ମହାରାଷ୍ଟ୍ରରେ ଭାଜପାର ବିଜୟ ଐତିହାସିକ। ରାଜ୍ୟର ଜନସାଧାରଣ ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ ବିକାଶ ସ୍ୱପ୍ନକୁ ସମର୍ଥନ କରିଛନ୍ତି।
—ଜେ.ପି. ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାରତର କମ୍ୟୁନିଷ୍ଟ ପାର୍ଟି ଖୋର୍ଦ୍ଧା ଜିଲା ଏକାଦଶ ସମ୍ମିଳନୀ, ସ୍ଥାନ: ଉତ୍କଳମଣି ସଭାକକ୍ଷ, ଜୟଦେବ ବିହାର, ସମୟ: ସକାଳ ୯ଟା।
- ଝୁମୁକା ପୁରସ୍କାର, ସ୍ଥାନ: ରୋଟାରୀ ଭବନ, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର କାର୍ଯ୍ୟ ନିର୍ବାହୀ ସମିତି ବୈଠକ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର ଦୁର୍ଗାପୂଜା ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ବରେନ୍ଦ୍ରକୃଷ୍ଣ ଧଳ ସପ୍ତମ ସ୍ମାରକୀ ବକ୍ତୃତା ମାଳା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ଢେଙ୍କାନାଳ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଇଟିକିଲି ମିଟିକିଲି ସଙ୍ଗୀତ ସୁରଭି, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।

## କଟକ

- ଏନ୍‌ସିସି ଦିବସ ସମାରୋହ ପାଳନ, ସ୍ଥାନ: ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

ଓଡ଼ିଶା ନାଟ୍ୟ ସଂଘର ସାଧାରଣ ପରିଷଦ ବୈଠକ, ସ୍ଥାନ: ଉତ୍ତରାୟଣୀ କ୍ଲବ ପରିସର, ଜଟଣୀ, ସମୟ: ସକାଳ ୯ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- କୁପାରୀ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: କୁପାରୀ ମା' ଅମ୍ବିକା ମିନି ଷ୍ଟାଡ଼ିୟମ, ଖଇରା, ସମୟ: ଅପରାହ୍ନ ୨ଟା ୩୦।
- ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଶାନ୍ତିକାନନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦
- ରୌପ୍ୟଜୟନ୍ତୀ ସାମ୍ବତ୍ସରିକ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ସାଇନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ବାଲେଶ୍ୱର ପ୍ରତିଭା ସମାରୋହର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମିଶନ ସ୍କୁଲ କମ୍ପାଉଣ୍ଡ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟନ, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ଚାରୁଚନ୍ଦ୍ର ଇଂଲିଶ ମିଡିୟମ୍ ସ୍କୁଲ ପରିସର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମନମୋହନ ସଂଗୀତ ପରିଷଦ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବାସୁଦେବପୁର ପୌରପାଳିକାର ସ୍ୱର୍ଣ୍ଣ ଜୟନ୍ତୀ ସାଧାରଣ ସଭା, ସ୍ଥାନ: ଏବି ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ମୁସ୍‌ଲିମ ସମ୍ପ୍ରଦାୟର ଧର୍ମ ସମ୍ମିଳନୀ, ସ୍ଥାନ: ସନ୍ତରାପୁର, ଢେ଼ଙ୍କିକୋଟ୍, ସମୟ: ସକାଳ ୯ଟା।

## ମୟୂରଭଞ୍ଜ

- ବଲିଉଡ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡିଆ ଭଞ୍ଜପୁର ବାରିପଦା, ସମୟ: ସନ୍ଧ୍ୟା ୭ ଟା।
- ଜଗଦ୍ଧାତ୍ରୀ ମେଳା, ସ୍ଥାନ: ଭଞ୍ଜପୁର ବାରିପଦା, ସମୟ: ପୂର୍ବାହ୍ନ ୧୦ଟାରୁ ରାତ୍ର ୧୧ଟା।

## ବ୍ରହ୍ମପୁର

- ଭାଜପା ପକ୍ଷରୁ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଶୁଭ, ସ୍ଥାନ: ରାମଲିଙ୍ଗେଶ୍ୱର ପାର୍କ, ସମୟ: ସକାଳ ୮ଟା।
- କପିଳେଶ୍ୱର ଦାସ ସ୍ମୃତି ବକ୍ତବ୍ୟ ଓ ସ୍ମୃତି ସମ୍ମାନ ସମାରୋହ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ସିଦ୍ଧି ଦିବସ ପାଳନ, ସ୍ଥାନ: ବୁଗୁଡା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସମୟ: ସକାଳ ୮ଟା।
- ଏନସିସି ଦିବସ ପାଳନ, ସ୍ଥାନ: ବୁଗୁଡା,ପିପୁଲ୍ସ କଲେଜ, ସମୟ: ପୂର୍ବାହ୍ନ ୮ଟା।
- ଶ୍ରୀମଦ୍ ଭାଗବତ କଥା ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡା ପ୍ରାଣୀ ଚିକିତ୍ସାଳୟ ପରିସର, ସମୟ: ରାତି ୮ଟା।
- ଏନସିସି ଦିବସ ପାଳନ, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ

- ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ, ସ୍ଥାନ: ବିଜୁ କଲ୍ୟାଣ ମଣ୍ଡପ, ଫୁଲବାଣୀ, ସମୟ: ପ୍ରାତଃ ୫ଟାରୁ ସନ୍ଧ୍ୟା ୬ଟା।

## ଢେଙ୍କାନାଳ

- ମଗୁଶୀର ଭେଟ୍‌ଘାଟ୍, ସ୍ଥାନ: ଗଁଦିଆ ଥିଙ୍କର୍ସ ଫୋରମ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା୩୦।

- ଦିଲ୍ଲୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ରମାଦେବୀଙ୍କ ୧୨୫ ତମ ଜୟନ୍ତୀ ଉପଲକ୍ଷେ ଅଳକା ଆଶ୍ରମ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଏନ୍‌ଏସି ଉଚ୍ଚ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ୧୦ଟା।
- କିମ୍ସ ଅନୁଷ୍ଠାନ ଆନୁକୂଲ୍ୟରେ ମେଗା ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ଜଗନ୍ନାଥପୁର ଉଚ୍ଚ ବିଦ୍ୟାଳୟ, ତିର୍ତ୍ତୋଲ ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଶ୍ରୀଲ ରାମଦାସ ବାବାଜୀ ମହାଶୟଙ୍କ ସ୍ମରଣୋତ୍ସବ, ସ୍ଥାନ:ନୃସିଂହଟିକିରି ମଠ, କେନ୍ଦ୍ରାପଡ଼ା ସହର, ସମୟ:ସକାଳ ୬ଟା।
- ମାଇଁ ଏନ୍‌ସିସି ଆଲମୋନି ଆସୋସିଏଶନ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ସକାଳ ୯ଟା।
- ସତୀର୍ଥର ଦଶମ ସ୍ୱନକ୍ଷତ୍ର ଦିବସ, ସ୍ଥାନ: ଗଣକବି ଗୋପାଳ ଦାସ ମଞ୍ଚ, ସିଦ୍ଧବଟ, କୋରୋ, କେନ୍ଦ୍ରାପଡ଼ା, ସମୟ:ସକାଳ ୯ଟା।

## ଯାଜପୁର

- ଉଦୟଗିରି ବୁଦ୍ଧ ମହୋତ୍ସବ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରି ବୌଦ୍ଧ ପୀଠ, ସମୟ: ସକାଳ ୮ଟା।

## ନୟାଗଡ଼

- ଭଞ୍ଜ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଫାଇନାଲ ଫୁଟବଲ ମ୍ୟାଚ ଅନୁଗୋଳ ପତାକା କ୍ଲବ୍ ବନାମ ଆଠଗଡ ପଙ୍କାଲ ଦିବ୍ୟଜ୍ୟୋତି କ୍ଲବ, ସ୍ଥାନ:ନୂଆଗାଁ ବ୍ଲକର ମାଳିସାହି ଖେଳ ପଡ଼ିଆ, ସମୟ:ଅପରାହ୍ନ ୨ଟା।

## ରାୟଗଡ଼ା

- ଏନ୍‌ସିସି ଦିବସ ପାଳନ, ସ୍ଥାନ: ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର, ସମୟ: ସକାଳ ୮ ଟା।
- ଶ୍ରୀ ମା, ଶ୍ରୀ ଅରବିନ୍ଦଙ୍କ ସିଦ୍ଧି ଦିବସ, ସ୍ଥାନ: ଅରୋଶ୍ରୀ ବିହାର , ଗୁଣପୁର, ସମୟ: ସକାଳ ୯ଟା ୩୦ ।

## ନବରଙ୍ଗପୁର

- ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ମାଝୀଗୁଡ଼ା ପଡ଼ିଆ, ସମୟ: ସକାଳ ୮ଟା ୩୦।

## ମାଲକାନଗିରି

- ଲ୍ୟାମ୍ପସ୍ ବୈଠକ, ସ୍ଥାନ: ମାଥିଲି ଲ୍ୟାମ୍ପସ୍ କାର୍ଯ୍ୟାଳୟ, ସମୟ : ମଧ୍ୟାହ୍ନ ୧୨ଟା ।

## ସମ୍ବଲପୁର

- ଯୋଗ କ୍ଲବ ଆୟୋଜିତ ଯୋଗ ଶିବିର ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ଚାଉଁରପୁର ନିକଟସ୍ଥ ବରମପୁରା, ସମୟ : ସକାଳ ୯ଟା ୩୦ ।
- ବନ୍ଦନା ଆର୍ଟ ଆୟୋଜିତ ଦୁର୍ଗା-୨ ଚିତ୍ରକଳା ପ୍ରଦର୍ଶନୀର ପ୍ରସ୍ତୁତି ବୈଠକ, ସ୍ଥାନ : ଗୁଜୁରାତି କଲୋନୀ ସ୍ଥିତ ଆର୍ଟ କର୍ନର ପରିସର, ସମୟ : ସମୟ: ପୂର୍ବାହ୍ନ ୧୦ଟା।
- ଭାଲୁବାହାଲ ମା' ଲକ୍ଷ୍ମୀ କ୍ଲବ ଆୟୋଜନରେ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ପି ଟିକିରା ଖେଳପଡିଆ, ସମୟ : ଅପରାହ୍ନ ୩ ଟା ।

## ବଲାଙ୍ଗୀର

- ନିଖିଳ ଓଡିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘର ଶୋଭାଯାତ୍ରା ଓ ଜିଲା ସମ୍ମିଳନୀ, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଏକେ ଫିଲ୍ମ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ।

## ସୁବର୍ଣ୍ଣପୁର

- ନାରାୟଣୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ଉଫୁଲା ଖେଳ ପଡିଆ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ସହର ଅନ୍ତର୍ଗତ ତ୍ରିନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବହଲପାଲି, ଭେଡେନ, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସିଲେଟ୍, ଅତାବିରା, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ପଞ୍ଚାୟତ ବାଳିକା ହାଇସ୍କୁଲ, ଭୁକ୍ତା, ଅମ୍ବାଭୋନା, ସମୟ: ସକାଳ ୯ଟା ।
- ପୁସ୍ତକ ମେଳାରେ ସାଂସ୍କୃତିକ ବିଚିତ୍ରା, ସ୍ଥାନ: ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼, ସମୟ: ଅପରାହ୍ନ୫ଟା।

## ଝାରସୁଗୁଡ଼ା

- ସୂର୍ଯ୍ୟ ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ଜଗନ୍ନାଥ ମନ୍ଦିର କାଡିକେଲା, ସମୟ: ସକାଳ ୭ଟା।
- ଧାନ ସଂଗ୍ରହ ବୈଠକ, ସ୍ଥାନ: ଶ୍ରୀପୁରା ସମବାୟ ସମିତି, ସମୟ: ପୂର୍ବାହ୍ନ ୧୦ଟା।
- ସାଇବାବାଙ୍କ ଜନ୍ମଦିନ ପାଳନ, ସ୍ଥାନ: ଖେରୱାଲ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଆଜା ନଚ୍‌ଲେ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପନୀ ସମାରୋହ, ସ୍ଥାନ: ଭଞ୍ଜ ଭବନ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- ଦି ଥେଟ ଆଧୁନିକ ନାଗପୁରୀ ନାଇଟ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜ ଭବନ କଳାକେନ୍ଦ୍ର ପଡିଆ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ବିସ୍ଥାପିତ ଜଡ଼ା ଗୋଲା ବ୍ରାହ୍ମଣ ସମାଜ ପକ୍ଷରୁ ମଧୁମେହ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଟାଉନ ହଲ, ସମୟ: ସକାଳ ୮ଟା।
- ନେତାଜୀ କ୍ଲବ ସୁଗୁଡା ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନେତାଜୀ କ୍ଲବ ସୁଗୁଡ଼ା, ସମୟ: ସକାଳ ୯ଟା।
- ଶିଶୁ ବାଟିକା ଆଲୋଚନାଚକ୍ର, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣି ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ୭୬ ତମ ଏନ୍‌ସିସି ଡେ ପାଳନ, ସ୍ଥାନ: ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭବାନୀପାଟଣା, ସମୟ:ସକାଳ ୯।

## ନୂଆପଡ଼ା

- କୋସଲି ସାଂସ୍କୃତିକ ମହୋତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ମିଶନ ଶକ୍ତି କାଫେ ନୂଆପଡ଼ା, ସମୟ: ଅପରାହ୍ନ ୩ଟା।
- ଖରିଆର ରୋଡ୍ ମହୋତ୍ସବ ଦ୍ୱିତୀୟ ଦିବସ, ସ୍ଥାନ: ଏଫ୍‌ସିଆଇ ଗୋଦାମ ପଡିଆ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ନୀଳଚକ୍ର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ପାରିଜାତ ପ୍ୟାଲେସ, ବୌଦ୍ଧ, ସମୟ: ସକାଳ ୯ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗଜକେଶରୀ ଯୋଗ ହେତୁ କାର୍ଯ୍ୟସିଦ୍ଧି, ବନ୍ଧୁମିଳନ ସାଙ୍ଗକୁ ଆନନ୍ଦ ଉଲ୍ଲାସ ମଧ୍ୟରେ ଦିନଟି କଟାଇବେ। ଭୂମି ସମ୍ବନ୍ଧିତ ପ୍ରତ୍ୟେକ କର୍ମ ଓ ପଦାର୍ଥ, କର୍ମକ୍ଷେତ୍ର, ସ୍ୱାସ୍ଥ୍ୟ ଉନ୍ନତ ସ୍ଥିତିରେ ରହିବ। ସୀମାହୀନ ଧୈର୍ଯ୍ୟ ପ୍ରଭାବରେ ଅସାଧ୍ୟ ସାଧନ କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ସାମୟିକ ଭାବରେ ନୀରବ ରହିପାରନ୍ତି।

**ବୃଷ** ଶୁକ୍ରଙ୍କ ବିପରୀତ ରାଜଯୋଗ ପ୍ରଭାବରେ ଶତ୍ରୁତାର ସମାଧାନ, ଋଣ ପରିଶୋଧ, ଦୂରଯାତ୍ରା କରିପାରନ୍ତି। ଘରେ ହେଉ କିମ୍ବା ବାହାରେ, ସବୁଠି ଆଜି ଅନ୍ୟମାନଙ୍କଠାରୁ ପ୍ରଶଂସା ପାଇବେ। ଏକ ନୂତନ ପରିବେଶ ମଧ୍ୟରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ।

**ମିଥୁନ** ସପ୍ତମସ୍ଥ ଶୁକ୍ର ଆପଣଙ୍କୁ ଆନୁଷ୍ଠାନିକ କାମରେ, ବ୍ୟବସାୟିକ ସ୍ଥିତିରେ ଏବଂ ସଭା ସମିତିରେ ସଫଳ କରାଇବ। ବନ୍ଧୁ ଗହଣରେ ସାଧାରଣ କଥାରୁ କଳହ ଲାଗିପାରେ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସହାୟତାରେ କୌଣସି ମୂଲ୍ୟବାନ୍ ଜିନିଷ କ୍ରୟ କରିବାକୁ ମନ ବଳାଇପାରନ୍ତି।

**କର୍କଟ** ଚନ୍ଦ୍ରଙ୍କ ଚତୁର୍ଥ କେନ୍ଦ୍ର ଓ ଅନ୍ୟାନ୍ୟ ଗ୍ରହ ସମ୍ବନ୍ଧରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। ଭାବପ୍ରବଣତା ବୃଦ୍ଧି ଯୋଗୁ ସୁଯୋଗ ହରାଇ ପାରନ୍ତି। ବହୁତ ଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବନ୍ଧୁଙ୍କ ବ୍ୟବହାରରେ ବିପରୀତ ପ୍ରତିକ୍ରିୟା ପରିଲକ୍ଷିତ ହେବ, ଯାହାକି ମାନସିକ ଚିନ୍ତାକୁ ବଢ଼ାଇବ।

**ସିଂହ** ରାଶ୍ୟାଧିପତି ଧନଭାବସ୍ଥ ଯୋଗୁ ଆଜି ଯେଉଁ କାମରେ ହାତ ଦେବେ ସଫଳ ହେବେ। ଜିନିଷପତ୍ର ପ୍ରତି ସତର୍କ ଦୃଷ୍ଟି ରଖିବା ଭଲ। ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ହେବାରୁ ସାମୟିକ ଆଶ୍ୱସ୍ତି ମିଳିବ। ନୂତନ ଚୁକ୍ତିପତ୍ର, ଜମିଜମା କ୍ରୟ ବିକ୍ରୟ, ଯାନବାହନ କ୍ରୟ ବିକ୍ରୟ ଏବଂ ଲେଖାପଢ଼ା କ୍ଷେତ୍ରରୁ ସୁଫଳ ପାଇବେ।

**କନ୍ୟା** ଭାଗ୍ୟସ୍ଥାନସ୍ଥ ବୃହସ୍ପତିଙ୍କ ପ୍ରଭାବରେ ସତ୍‌କର୍ମ କରିବା ଦିଗରେ ଅନୁପ୍ରେରିତ ହେବେ। ଅତୀତ ଘଟଣା, ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଷ୍ଟେସନାରି ଜିନିଷ, ଧାତୁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବ୍ୟବସାୟରେ ସନ୍ତୋଷଜନକ ଫଳ ପାଇବେ।

**ତୁଳା** ବ୍ୟୟାଧିପ ଧର୍ମସ୍ଥାନକୁ ଅବଲୋକନ କରୁଥିବାରୁ ଧର୍ମକାର୍ଯ୍ୟରେ ବ୍ୟୟବୃଦ୍ଧି ଘଟିବ। ଘରେ ସାଧାରଣ କଥାରେ ଝଗଡ଼ା ଲାଗିବାର ଆଶଙ୍କା ରହିଛି। ଯାତ୍ରା ସମୟରେ ଯାନବାହନରେ ସତର୍କ ରହିବା ଭଲ ହେବ, ଅନ୍ୟଥା ସମସ୍ୟା ଆସିପାରେ। ଆଜି କିଣାବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି।

**ବିଛା** ମୁଖ୍ୟ ଭାବରେ ଶୁକ୍ର ଥିବାରୁ କଥାବାର୍ତ୍ତାରେ ମଧୁରତା ଅନ୍ୟମାନଙ୍କୁ ଆକର୍ଷିତ କରାଇବ। ରବିଙ୍କ ଦୁର୍ବଳତା କାରଣରୁ କର୍ମକ୍ଷେତ୍ରରେ ଯେତେ ପରିଶ୍ରମ କଲେ ମଧ ଆଶାନୁରୂପ ସଫଳତା ମିଳି ନ ପାରେ। ଅଧିକାଂଶ ସମୟ ମୁଣ୍ଡବ୍ୟଥାଜନିତ କଷ୍ଟ ଅନୁଭବ କରିପାରନ୍ତି। ପୂର୍ବାଲୋଚନାନୁଯାୟୀ ବନ୍ଧୁଙ୍କଠାରୁ ଆପଣଙ୍କ ପ୍ରାପ୍ୟ ଅବଶ୍ୟ ପାଇବେ।

**ଧନୁ** ଲାଭାଧିପ ଗ୍ରହ ଅନୁକୂଳ ବାତାବରଣ ମଧ୍ୟରେ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। କର୍ମ ସମ୍ପାଦନ ସହ ସମସ୍ୟାର ସରଳ ସମାଧାନ ଦିଗରେ ଚେଷ୍ଟିତ ହୋଇପାରନ୍ତି। ମୂଲ୍ୟବାନ୍ ଜିନିଷ କ୍ରୟ କରିବା ସକାଶେ ମନ ବଳାଇବେ। ଗୃହ, ଜମିଜମା, ପ୍ଲଟ କାରବାର, ଏଜେନ୍‌ସିପ ସମ୍ପର୍କୀୟ ଚିନ୍ତା କରିପାରନ୍ତି।

**ମକର** ସପ୍ତମାଧିପତି ଦୁଃସ୍ଥାନସ୍ଥ ଯୋଗୁ ବାଣିଜ୍ୟ, ବ୍ୟବସାୟ, ପ୍ରତିଦ୍ୱନ୍ଦ୍ୱିତା ସମ୍ବନ୍ଧୀୟ କାର୍ଯ୍ୟରେ ଅସନ୍ତୁଷ୍ଟ ରହିବେ। ବୈବାହିକ ସମ୍ବନ୍ଧ ନେଇ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ, ସଙ୍ଗଠନ, ରାଜନୀତି ଓ ବନ୍ଧୁମିଳନ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ଅନ୍ୟମନସ୍କ ରହିବେ, କିନ୍ତୁ ପ୍ରିୟ ବନ୍ଧୁଙ୍କଠାରୁ ଆଦର ଅଭ୍ୟର୍ଥନା ପାଇବେ।

**କୁମ୍ଭ** ଧନାଧିପ ଦେବଗୁରୁଙ୍କ କେନ୍ଦ୍ରସ୍ଥ ସ୍ଥିତି ପ୍ରଭାବରୁ ଅର୍ଥନୈତିକ ପ୍ରଗତିଜନିତ ମାନସିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। କର୍ମକ୍ଷେତ୍ରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ ଏବଂ ଆଜିର ଯାତ୍ରା ସଫଳ ହେବ। ବାଣିଜ୍ୟ, ବ୍ୟବସାୟ, କଚେରି ମାମଲା, ବିଦେଶ ଯାତ୍ରା, କଳା, ସାହିତ୍ୟ, ସଙ୍ଗୀତାଦି କ୍ଷେତ୍ର ଅପରିବର୍ତ୍ତିତ ରହିପାରେ।

**ମୀନ** ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ, ବନ୍ଧୁମିଳନ ମଧ୍ୟରେ ଖୁସିରେ ସମୟ ଅତିବାହିତ କରିପାରନ୍ତି। ଦିନଟିରେ ସମସ୍ତ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବ ଏବଂ ନୂତନ ଯୋଜନା କରିବାରେ ମନ ଦେବେ। କିନ୍ତୁ ଈର୍ଷାପର ନିକଟ ସମ୍ପର୍କୀୟମାନେ କ୍ରମଶଃ ଦୂରେଇ ଯାଇପାରନ୍ତି। ପରିବାରରେ ଲାଗି ରହିଥିବା ଦୀର୍ଘ ଦିନର ଅଶାନ୍ତି ଦୂର ହୋଇଯିବ।

ଆଜି ନଭେମ୍ବର ୨୪ ତାରିଖ, ମାର୍ଗଶିର ମାସ କୃଷ୍ଣପକ୍ଷର କାଞ୍ଜିଅଁଳା ନବମୀ ରବିବାର, ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୬।୪୮ମି. ଗତେ ଘ.୦୯।୦୦ ମଧ୍ୟେ, ଘ.୧୨।୫୫ମି. ଗତେ ଘ.୦୨।୫୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୩୯ମି. ଗତେ ଘ.୦୫/୦୨ମି. ମଧ୍ୟେ ରାହୁକାଳ।

## ମୋନା ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କ ୧୨୩ତମ ଜୟନ୍ତୀ | ନବକୃଷ୍ଣଙ୍କ ପ୍ରଣୀତ ନିଶା ନିବାରଣ ଆଇନ ଲାଗୁ କରାଯାଉ

ଭୁବନେଶ୍ୱର,୨୩।୧୧ (ସୁଚିସ୍ମିତା ସାହୁ)

ଓଡ଼ିଶାକୁ ମଦମୁକ୍ତ ଘୋଷଣା କରାଯାଉ। ନବକୃଷ୍ଣ ଚୌଧୁରୀଙ୍କ ପ୍ରଣୀତ ୧୯୫୬ ନିଶା ନିବାରଣ ଆଇନ ଲାଗୁ କରାଯାଉ। ମିଳିତ ଓଡିଶା ନିଶା ନିବାରଣ ଅଭିଯାନ(ମୋନା) ପକ୍ଷରୁ ଶନିବାର ୟୁନିଟ-୪ସ୍ଥିତ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସଠାରେ ଅନୁଷ୍ଠିତ ନବକୃଷ୍ଣ ଚୌଧୁରୀଙ୍କ ୧୨୩ତମ ଜୟନ୍ତୀରେ ବକ୍ତାମାନେ ଏହି ଦାବି କରିଛନ୍ତି। ଏଥିସହ ମଦମୁକ୍ତ ଓଡ଼ିଶା ପାଇଁ ସାରା ରାଜ୍ୟରୁ ୧୦ଲକ୍ଷ ଦସ୍ତଖତ ସଂଗ୍ରହ କରିବା ଅଭିଯାନ କାର୍ଯ୍ୟକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ସଂଗୃହୀତ ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ୨୦୨୫ ଜାନୁଆରୀ ୩୦ରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବା ସହ ସରକାରଙ୍କ ପରବର୍ତ୍ତୀ ନିଷ୍ପତ୍ତି ଓ ପଦକ୍ଷେପକୁ ଅପେକ୍ଷା କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ନିଶାମୁକ୍ତ ଓଡ଼ିଶା ଗଠନ ଉଦ୍ଦେଶ୍ୟରେ ସ୍ୱର ଉଠାଇବା ସହିତ ପୂର୍ଣ୍ଣ ସହଯୋଗ ପ୍ରଦାନ କରିବା ନେଇ ବିଭିନ୍ନ ଜିଲାରୁ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଥିଲେ।

ମୋନା ସଭାପତି ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ପ୍ରଜାପିତା ବ୍ରହ୍ମକୁମାରୀର ଓଡ଼ିଶା ମୁଖ୍ୟ ଲିନା ଭଉଣୀ, ସର୍ବଭାରତୀୟ ସର୍ବ ସେବା ସଂଘ ସଭାପତି ଆଦିତ୍ୟ ପଟ୍ଟନାୟକ, ସ୍ତମ୍ଭକାର ପ୍ରହ୍ଲାଦ ସିଂ, ମଦମୁକ୍ତି ଅଭିଯାନର ପ୍ରମିଳା ସ୍ୱାଇଁ, ରାଷ୍ଟ୍ରୀୟ ଯୁବା ସଂଗଠନ ଜାତୀୟ ସଂଯୋଜକ ମଧୁସୂଦନ ଦାସ, ମହାରାଷ୍ଟ୍ର ମଦମୁକ୍ତ ଭାରତ ଅଭିଯାନର ରଜନୀକାନ୍ତ, ତାମିଲନାଡୁ ମଦମୁକ୍ତ ଭାରତ ଅଭିଯାନର ଶିବ କୁମାର, ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରନେତା କମଲ କିରଣ ପତି, ଅଭିନେତ୍ରୀ ଅଙ୍କିତା ସ୍ୱାଇଁ, ପୂର୍ବତନ ଏମ୍‌ପି ବୀରଭଦ୍ର ସିଂହ ପ୍ରମୁଖ ଯୋଗଦେଇଥିଲେ। କାହ୍ନୁ ଚରଣ ବେହୁରା ସଂଯୋଜନା, ପ୍ରଫେସର କୁଳମଣୀ ନାୟକ ମଞ୍ଚ ପରିଚାଳନା ଓ ଅପର୍ଣ୍ଣା ନାୟକ ଧନ୍ୟବାଦ ଦେଇଥିଲେ।




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛାତି ଫୁଲେଇ;
ଚାଲୁଥାଏ ଦାଣ୍ଡେ ନୋଥ ହଲେଇ ।**

ଯୁଗ ଯୁଗରୁ ଅଳଙ୍କାର ପ୍ରତି ମହିଳାମାନଙ୍କର ରହିଆସିଛି ଅନେକ ଦୁର୍ବଳତା। ଭଲ ଗହଣାଗାଣ୍ଠି ପିନ୍ଧି ନିଜକୁ ସଜ୍ଜିତ କରାଇ ଅନ୍ୟ ଆଗରେ ଦେଖେଇ ହେବାରେ ସେମାନେ ଆନନ୍ଦ ପାଇଥାନ୍ତି। ଏଭଳି ସ୍ଥିତିରେ ଅଳଙ୍କାର ଦେଖେଇ ଛାତି ଫୁଲେଇ ବାହାରେ ଚାଲୁଥିବା ମହିଳାଙ୍କ ପ୍ରତି ଏପରି ଆକ୍ଷେପଭରା ଉକ୍ତି ପ୍ରକାଶ କରାଯାଇଛି।

**ଛାଇକି ଛତା,
ପାଣିକି ଜୋତା।**

ଛତା ଖରାରୁ ରକ୍ଷାକରି ଛାଇ ପ୍ରଦାନ କରିବା ସହ ବର୍ଷାରୁ ମଧ ସୁରକ୍ଷା ଦେଇଥାଏ। ସେହିପରି ଜୋତା ପାଦକୁ ବର୍ଷା ପାଣିରୁ ରକ୍ଷା କରିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପ୍ରଥମ ପୃଷ୍ଠାରୁ...

### ମହାରାଷ୍ଟ୍ରରେ ମହାଯୁତି, ...

ଥିଲା। ଉଭୟ ମେଣ୍ଟ ପକ୍ଷରୁ ଜୋର୍‌ଦାର ପ୍ରଚାର ହୋଇଥିଲା। ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ପ୍ରମୁଖ ପ୍ରଚାର ମଙ୍ଗ ଧରିଥିବାବେଳେ ବିରୋଧୀ ମେଣ୍ଟରୁ ଏନ୍‌ସିପି(ଏସ୍‌ପି) ଅଧ୍ୟକ୍ଷ ଶରଦ ପାୱାର, ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ ଏବଂ କଂଗ୍ରେସର ରାହୁଲ ଗାନ୍ଧୀ ଓ ଅନ୍ୟମାନେ ପ୍ରଚାର ନେତୃତ୍ୱ ନେଇଥିଲେ। ଶନିବାର ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହୋଇଥିଲା। ୨୮୮ ଆସନ ବିଶିଷ୍ଟ ବିଧାନସଭାରେ ସରକାର ଗଢ଼ିବା ପାଇଁ ମ୍ୟାଜିକ୍ ସଂଖ୍ୟା ୧୪୫ ହୋଇଥିବାବେଳେ ଭାଜପା, ଅଜିତ ପାୱାରଙ୍କ ଏନ୍‌ସିପି ଏବଂ ଏକନାଥ ଶିନ୍ଦେଙ୍କ ଶିବସେନାକୁ ନେଇ ଗଠିତ ମହାଯୁତି ମେଣ୍ଟ ଏହାଠାରୁ ଯଥେଷ୍ଟ ଅଧିକ ଆସନରେ ବିଜୟୀ ହୋଇଛି।

ଭାଜପା ନେତୃତ୍ୱାଧୀନ ମେଣ୍ଟକୁ ବହୁମତ ମିଳିବା ପରେ ଏବେ ସମସ୍ତଙ୍କ ଦୃଷ୍ଟି ଭାଜପା ନେତା ତଥା ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କ ଉପରେ ରହିଛି। ଭାଜପାର ବିଶାଳ ବିଜୟ ପଛରେ ତାଙ୍କର ବଡ଼ ଭୂମିକା ରହିଛି। ସେ ତୃତୀୟ ଥର ପାଇଁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ତେବେ ମୁଖ୍ୟମନ୍ତ୍ରୀ ପଦ ନେଇ ମହାଯୁତି ନେତାମାନେ ନିଷ୍ପତ୍ତି ନେବେ ବୋଲି ଫଡ଼ନବିସ କହିଛନ୍ତି। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ ଭାଜପା ୧୩୨ ଆସନରେ ବିଜୟୀ କିମ୍ବା ଆଗରେ ରହିଥିବାବେଳେ ଏକନାଥ ଶିନ୍ଦେଙ୍କ ଶିବସେନା ୫୭ ଏବଂ ଅଜିତ ପାୱାରଙ୍କ ଏନ୍‌ସିପି ୪୧ ଆସନରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ୨୦, କଂଗ୍ରେସ ୧୬, ଶରଦ ପାୱାରଙ୍କ ଏନ୍‌ସିପି ୧୦ ଆସନରେ ବିଜୟୀ ହୋଇଥିବା ବେଳେ ବାମଦଳ ଖାତାକୁ ୨ ଆସନ ଯାଇଛି। ଫଳାଫଳକୁ ଦେଖିଲେ ମହାରାଷ୍ଟ୍ର ବିଧାନସଭାରେ ଏଥର ବିରୋଧୀ ଦଳ ନେତା ରହି ନ ପାରନ୍ତି। କାରଣ ନିୟମ ଅନୁଯାୟୀ ବିରୋଧୀ ଦଳ ନେତା ହେବାକୁ ହେଲେ ଗୋଟିଏ ଦଳ ମୋଟ ସଦସ୍ୟ ସଂଖ୍ୟାର ଅନ୍ୟୂନ ୧୦ ପ୍ରତିଶତ ହାସଲ କରିବା ଆବଶ୍ୟକ। ମେଣ୍ଟର ସଦସ୍ୟ ସଂଖ୍ୟାକୁ ଏଥିରେ ମିଶାଯାଇ ନ ଥାଏ। ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଉପମୁଖ୍ୟମନ୍ତ୍ରୀ ଫଡ଼ନବିସ ଏବଂ ଅଜିତ ପାୱାର ସେମାନଙ୍କ ଆସନରୁ ଜିତିଥିବାବେଳେ କଂଗ୍ରେସର ବରିଷ୍ଠ ନେତା ପୃଥ୍ୱୀରାଜ ଚଭନ ଏବଂ ବାଲାସାହେବ ଥୋରାଟ୍ ହାରିଯାଇଛନ୍ତି। ଶିନ୍ଦେ ନିର୍ବାଚନକୁ ଐତିହାସିକ କହିବା ସହ ଏନ୍‌ସିପି ଏବଂ ଶିବସେନା କାହାର ତାହା ମହାରାଷ୍ଟ୍ର ଭୋଟର ସ୍ପଷ୍ଟ କରିଦେଇଛନ୍ତି ବୋଲି କହିଛନ୍ତି।

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟକୁ ପୂର୍ଣ୍ଣ ବହୁମତ ମିଳିଛି। ୮୧ ଆସନ ବିଶିଷ୍ଟ ବିଧାନସଭାରେ ଜେଏମ୍‌ଏମ୍, କଂଗ୍ରେସ, ଆର୍‌ଜେଡି ଏବଂ ସିପିଆଇ(ଏମ୍‌ଏଲ୍)କୁ ନେଇ ଗଠିତ ମେଣ୍ଟକୁ ୫୬ ଆସନ ମିଳିଥିବାବେଳେ ବିରୋଧୀ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ୨୪ ଆସନରେ ସୀମିତ ରହିଛି। ଏଠାରେ ସରକାର ଗଢ଼ିବା ପାଇଁ ମ୍ୟାଜିକ ନମ୍ବର ହେଉଛି ୪୧। ଜେଏମ୍‌ଏମ୍ ୩୪ ଆସନ ଜିତିଥିବାବେଳେ ସହଯୋଗୀ କଂଗ୍ରେସ ୧୬, ଆର୍‌ଜେଡି ୪ ଏବଂ ସିପିଆଇ(ଏମ୍‌ଏଲ୍) ୨ ଆସନରେ ବିଜୟୀ ହୋଇଛନ୍ତି। ଏଭଳି ନିର୍ଣ୍ଣାୟକ ବିଜୟ ପାଇଁ ହେମନ୍ତ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆମେ ଗଣତନ୍ତ୍ରର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛୁ ଏବଂ ଫଳାଫଳ ଆସିବା ପରେ ରଣନୀତି ଚୂଡ଼ାନ୍ତ କରିବୁ ବୋଲି ହେମନ୍ତ ଖବରଦାତା ସମ୍ମିଳନୀରେ କହିଛନ୍ତି। ହେମନ୍ତ ବାରହେଟ୍ ଆସନରେ ଭାଜପା ପ୍ରାର୍ଥୀ ଗାମଲିୟେଲ୍ ହେମ୍ବ୍ରମ୍‌ଙ୍କୁ ପରାଜିତ କରିଛନ୍ତି। ଜେଏମ୍‌ଏମ୍‌ର ରାମସୂର୍ଯ୍ୟା ମୁଣ୍ଡା ଖୁଣ୍ଟି ଆସନରୁ ଜିତିଥିବାବେଳେ ହେମନ୍ତଙ୍କ ସ୍ତ୍ରୀ କଳ୍ପନା ସୋରେନ୍ ଗାଣ୍ଡେୟ ଆସନରୁ ବିଜୟୀ ହୋଇଛନ୍ତି। ସେହିପରି କଂଗ୍ରେସର ପ୍ରଭାବଶାଳୀ ନେତା ରାମେଶ୍ୱର ଓରାଓଁ ଲୋହାରଡାଗାରୁ ଜିତିଛନ୍ତି।

ମହିଳା କୈନ୍ଦ୍ରିକ ଯୋଜନାଗୁଡ଼ିକ ଝାଡ଼ଖଣ୍ଡରେ ଶାସକ ଦଳକୁ କ୍ରମାଗତ ଦ୍ୱିତୀୟ ଥର କ୍ଷମତାକୁ ଆଣିବାରେ ବଡ଼ ଭୂମିକା ନେଇଥିବା କୁହାଯାଉଛି। ଗତ ଅଗଷ୍ଟରେ ହେମନ୍ତ ସୋରେନ୍ ସରକାର 'ମୈୟା ସମ୍ମାନ ଯୋଜନା' ଆରମ୍ଭ କରିଥିଲେ, ଯେଉଁଥିରେ ୨୧ରୁ ୫୦ ବର୍ଷ ବୟସବର୍ଗର ମହିଳାମାନଙ୍କୁ ମାସିକ ୧,୦୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଏହି ଯୋଜନାରେ ରାଜ୍ୟର ୫୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ଉପକୃତ ହୋଇଛନ୍ତି। ସେଥିପାଇଁ ନିର୍ବାଚନରେ ମୋଟ ୮୧ ଆସନରୁ ୬୮ ଆସନରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ଭୋଟଦାନ ହାର ଅଧିକ ରହିଥିଲା। ଅନ୍ୟପକ୍ଷରେ ଭାଜପା ପୁରୁଖା ନେତାମାନଙ୍କ ଉପରେ ଭରସା ରଖିଥିବାବେଳେ ସେମାନେ ଭୋଟରଙ୍କ ଦ୍ୱାରା ଗ୍ରହଣୀୟ ହୋଇ ନ ଥିଲେ।

### ଆଜି ମିଳିବ ୩ୟ ...

ସେମାନଙ୍କ ନାମରେ ଜମିନାହିଁ, କିନ୍ତୁ ସେମାନେ ଧାନ ବିକିଛନ୍ତି। ଆଉ ଥରେ ଏହାର ଯାଞ୍ଚ ହେବ। ଆକାଉଣ୍ଟ ଓ ଆଧାର ଲିଙ୍କ୍‌ରେ ସମସ୍ୟା ଥିବା ୫ ଲକ୍ଷ ମିସ୍‌କେସ୍ ସମସ୍ୟାର ସମାଧାନ ହୋଇପାରି ନାହିଁ। ସେମାନଙ୍କର ଆଧାର, ଆକାଉଣ୍ଟ ଓ ମୋବାଇଲ ନମ୍ବର ସଂଯୋଗ କରିବା ପରେ ଡିସେମ୍ବରରେ ଏହି ଯୋଜନାରେ ସାମିଲ ହୋଇପାରିବେ। ସରକାରୀ ହିତାଧିକାରୀ ଘରକୁ ଘର ଯାଇ ସଚେତନ କରିବେ। ବାଦ୍ ପଡ଼ିଥିବା ଆବେଦନକାରୀଙ୍କୁ ସାମିଲ କରିବା ଯାଏ ପ୍ରକ୍ରିୟା ଜାରି ରହିବ। ଜଣେ ବି ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେବେନି। ସମସ୍ତ ହିତାଧିକାରୀଙ୍କୁ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରଭାତୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୭ ଓ ଅକ୍ଟୋବର ୯ରେ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୬୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯାଇ ସାରିଛି। ଏହି ଯୋଜନାରେ ଅଧିକରୁ ଅଧିକ ମହିଳାଙ୍କୁ ସାମିଲ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

# ପରିବର୍ତ୍ତନର ସ୍ରୋତରେ ଡଙ୍ଗରିଆ

ନିଜର ନିଆରା ତଥା ଭିନ୍ନ ସଂସ୍କୃତି ଓ ପରମ୍ପରା ପାଇଁ ସାରା ବିଶ୍ୱରେ ପରିଚିତ ରାୟଗଡ଼ା ଜିଲା ଆଦିମ ଜନଜାତି ଡଙ୍ଗରିଆ କନ୍ଧ। ରାୟଗଡ଼ା ଜିଲାର ବିଷମକଟକ, ମୁନିଗୁଡ଼ା ଓ କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ନିୟମଗିରି ପାହାଡ଼ରେ ବସବାସ କରୁଥିବା ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ପରିବର୍ତ୍ତିତ ସମୟାନୁସାରେ ନିଜର ଢଙ୍ଗ, ବେଶଭୂଷାକୁ ପରିବର୍ତ୍ତନ କରି ଆଧୁନିକ ସଭ୍ୟତା ସହିତ ଖାପଖୁଆଇ ଆଗକୁ ବଢ଼ିପାରିଛନ୍ତି। ଶିକ୍ଷାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟ ଜଳ କ୍ଷେତ୍ରରେ ନିଜ ଅଞ୍ଚଳରେ ବିକାଶର ଧାରାକୁ ସ୍ୱାଗତ କରିପାରିଛନ୍ତି। ଫଳରେ ୨୦୨୩ରେ ସେମାନଙ୍କୁ ଆଦିମ ଜନଜାତି ବଦଳରେ ଅନୁନ୍ନତ ଜନଜାତିର ମାନ୍ୟତା ମିଳିପାରିଛି । ସେମାନଙ୍କର ଏହି ଉନ୍ନତ ପଛରେ ଓଡ଼ିଶା ବିଶେଷ ଭାବେ ଅନୁନ୍ନତ ଜନଜାତି ସଶକ୍ତୀକରଣ ଓ ଜୀବିକା ଉନ୍ନତୀକରଣ କାର୍ଯ୍ୟକ୍ରମ (ଓପିଇଏଲଆଇପି) ଓ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ବେଶ୍ ସହଯୋଗ କରିଥିବା କହିଛନ୍ତି ଖାମ୍ବେସି ଗ୍ରାମବାସୀ। ହେଲେ ଯେତେ ଆଧୁନିକତାକୁ ଗ୍ରହଣ କଲେ ସୁଦ୍ଧା ନିଜର ସଂସ୍କୃତି ଓ ପରମ୍ପରାକୁ ଭୁଲି ନାହାନ୍ତି ବୋଲି ସେମାନେ କହିଛନ୍ତି।

ଦିନେ ନିୟମଗିରି ପାଦଦେଶକୁ ପକ୍କାରାସ୍ତା ନ ଥିଲା । ପାହାଡ଼ରୁ ବୋହିଯାଉଥିବା ଝରଣା କୂଳେ କୂଳେ ପାହାଡ଼ ଚଢ଼ିବା ପାଇଁ ରହିଥିଲା ୩ ଫୁଟିଆ ଚଲାପଥ। ତେବେ ସମୟର ପରିବର୍ତ୍ତନ ସହିତ ଏବେ ନିୟମଗିରି ପାହାଡ଼ରେ ରହିଥିବା ଆଦିମ ଜନଜାତିଙ୍କ ଗାଁକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପକ୍କା ପିଚୁ ସଡ଼କ ରହିଛି। ଯାତାୟାତ ସୁବିଧା ଯୋଗୁ ପାହାଡ଼ରେ ବାସ କରୁଥିବା ଲୋକେ ପାଦଦେଶର ଗାଁଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ନିଜକୁ ଯୋଡ଼ିପାରିଛନ୍ତି । ରାୟଗଡ଼ାଠାରୁ ପ୍ରାୟ ୩୮ କି.ମି. ଯିବା ପରେ ବିଷମକଟକ ବ୍ଲକର ଚାଟିକଣା ଗ୍ରାମରେ ଏକ ରେଳ ଷ୍ଟେଶନ ମଧ୍ୟ ରହିଛି। ଚାଟିକଣାଠାରୁ ପ୍ରାୟ ୨କି.ମି. ଯିବା ପରେ ନିୟମଗିରି ପାହାଡ଼ ପାଦଦେଶ ପଡ଼େ। ସେଠାରୁ ୧୨କି.ମି. ଯିବା ପରେ ନିୟମଗିରି ପାହାଡ଼ରେ ବିଷମକଟକ ବ୍ଲକର ଶେଷ ଗାଁ ଖାମ୍ବେସି । ସେଠାରେ ଆଦିମ ଜନଜାତି ସମ୍ପ୍ରଦାୟ ଆଧୁନିକ ସଭ୍ୟତାକୁ ଆପଣାଇ ନେଇଥିବା ଦେଖିବାକୁ ମିଳେ। ପୂର୍ବରୁ ପୁରୁଷମାନେ ପିନ୍ଧୁଥିବା ଲେଙ୍ଗୁଟି କପଡ଼ା ବଦଳରେ ପ୍ୟାଣ୍ଟଶାର୍ଟ, ଟି-ଶାର୍ଟ ଆଦି ପିନ୍ଧୁଛନ୍ତି। ଗ୍ରାମର ବୃଦ୍ଧା ଓ ମହିଳାମାନେ ନିଜର ପାରମ୍ପରିକ ଢଙ୍ଗରେ ଶାଢ଼ି ପିନ୍ଧିଥିବା ବେଳେ ଅନେକାଂଶରେ ଯୁବତୀ ଓ ଛୋଟ ପିଲାମାନେ ଆଧୁନିକ ପୋଷାକ ପିନ୍ଧୁଛନ୍ତି । ପାହାଡ଼ ଉପରେ ଥିବା ଗାଁ ମଧ୍ୟ ବେଶ୍ ବିକଶିତ । ପୂର୍ବର କୁଡ଼ିଆ ଘର ନାହିଁ, କି ବାଉଁଶ ତାଟିରେ ତିଆରି କବାଟ ନାହିଁ। ପକ୍କା ଘର ସହିତ କବାଟ କିମ୍ବା ଲୁହା ଗ୍ରୀଲ ଲାଗିଛି । ଆଦିମ ଜନଜାତି ଡଙ୍ଗରିଆ ସମ୍ପ୍ରଦାୟଙ୍କ ଘରେ ବାଇକ୍‌ଠାରୁ ଆରମ୍ଭ କରି ଚାରି ଚକିଆ ଓ ୬ ଚକିଆ ଯାନବାହନ ମଧ୍ୟ ଅଛି । ଡିକେଡିଏ ଏବଂ ଓପିଲିପି ସଂସ୍ଥା ମାଧ୍ୟମରେ ବାସଗୃହ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଓ ଗମନାଗମନର ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି। ନିୟମଗିରିରେ ସେମାନେ ଚାଷ କରୁଥିବା ସପୁରି, ହଳଦୀ, ଷ୍ଟ୍ରବେରି, ବିରି, ମାଣ୍ଡିଆ ଓ ଅଦା ଆଦି ଶସ୍ୟ ବେଶ୍ ପ୍ରସିଦ୍ଧ। ଖାମ୍ବେସି ଗାଁକୁ ଏକ ପିକ୍‌ଅପ୍ ଭ୍ୟାନ୍ ପ୍ରଦାନ କରାଯାଇଛି । ଉକ୍ତ ଭ୍ୟାନ୍‌କୁ ଗ୍ରାମର ଜଣେ ଯୁବକ ପରିଚାଳନା କରୁଛନ୍ତି । ସେ ଗ୍ରାମ ଓ ଏହାର ଆଖାପାଖ ଗାଁରେ ଉତ୍ପାଦନ ହେଉଥିବା ସପୁରି, ହଳଦୀ, ଅଦା, ବିରି, ମାଣ୍ଡିଆ ଆଦିକୁ ନେଇ ବିଭିନ୍ନ ସ୍ଥାନରେ ବିକ୍ରିବଟା ପାଇଁ ବ୍ୟବସ୍ଥା କରୁଛନ୍ତି । ବିଷମକଟକ ବ୍ଲକ ଅନ୍ତର୍ଗତ ନିୟମଗିରିରେ ବସବାସ କରୁଥିବା ୧୩୯୮ ପରିବାରକୁ ପିଏମ୍-ଜନମନ ଯୋଜନାରେ ଓପିଲିପି ସହଯୋଗରେ ପକ୍କା ଘର ମିଳିପାରିଛି ବୋଲି ଅଞ୍ଚଳବାସୀ କହିଛନ୍ତି । କେବଳ ଖାମ୍ବେସି ଗ୍ରାମର ୧୪୦ ପରିବାରକୁ ପିଏମ୍-ଜନମନ ଯୋଜନାରେ ପକ୍କା ଘର ପାଇଁ ୨ଲକ୍ଷ ଟଙ୍କା ଆର୍ଥିକ ସହାୟତା ମିଳିଛି। ସେଥିମଧ୍ୟରୁ କିଛି ତା'ଠାରୁ ଅଧିକା ଖର୍ଚ୍ଚ କରି ବଡ଼ ଗୃହ ନିର୍ମାଣ କରୁଛନ୍ତି । ଗ୍ରାମର ସୁରେଶ ୱାଡ଼ାକା କହନ୍ତି, ସମୟାନୁକ୍ରମେ ଆମେ ପରିବର୍ତ୍ତନ ହୋଇଛୁ । ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ଆମ ଅଞ୍ଚଳରେ ବିକାଶ ଘଟିଛି । ଅଞ୍ଚଳରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ଗ୍ରାଜୁଏଟ୍ କରି ପୋଷ୍ଟ ଗ୍ରାଜୁଏଟ୍ କରୁଛନ୍ତି। ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ଯୁବକ ମୁକ୍ତେଶ୍ୱର ୱାଡ଼ାକା



ଏବେ ଚନ୍ଦ୍ରପୁର ସରକାରୀ ଜୁନିୟର କଲେଜରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟ କରିବା ସହ ସେଠାକାର ପ୍ରିନ୍ସିପାଲ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ପ୍ରତ୍ୟେକଙ୍କ ଘରେ ଆଣ୍ଡ୍ରଏଡ୍ ମୋବାଇଲ ଥିବାବେଳେ ସମସ୍ତେ ମୋବାଇଲ ବ୍ୟବହାର ଶିଖିପାରିଛନ୍ତି। କୁର୍ଲି ପଞ୍ଚାୟତରେ ପ୍ରାୟ ୧୧ଟି ପ୍ରାଥମିକ ବିଦ୍ୟାଳୟ ରହିଛି । ଫଳରେ ୫ମ ପରେ ପିଲା ବାହାରକୁ ପାଠ ପଢ଼ିବାକୁ ଯାଉଛନ୍ତି। ଅଞ୍ଚଳରେ ହାଇସ୍କୁଲ ନ ଥିବାରୁ ଅଧିକାଂଶ ପିଲା ଅଧାରୁ ପାଠପଢ଼ା ଛାଡୁଛନ୍ତି। ଯଦି ନିୟମଗିରି ଅଞ୍ଚଳରେ ହାଇସ୍କୁଲ ଓ କଲେଜ ବ୍ୟବସ୍ଥା କରାଯାଏ ତେବେ ଅଞ୍ଚଳର ଅଧିକାଂଶ ପିଲା ଉଚ୍ଚଶିକ୍ଷା ଗ୍ରହଣ କରିପାରିବେ ବୋଲି ସୁରେଶ କହିଛନ୍ତି। ସେହିଭଳି ଅଞ୍ଚଳରେ ୨୧ଟି ଅଙ୍ଗନୱାଡି ଗୃହ ସମେତ ୧୨ ଗାଁରେ ରହିଛି ଶିଶୁଗୃହ । ଏହି ଶିଶୁଗୃହରେ ୨ଜଣ ଲେଖାଏ ମହିଳାଙ୍କୁ ନିଯୁକ୍ତି ମିଳିଛି । ସେଠାକାର ମହିଳାମାନେ କାମକୁ ଯିବା ସମୟରେ ନିଜ ୬ ମାସରୁ ୩ ବର୍ଷର ଛୁଆଙ୍କ ରକ୍ଷଣାବେକ୍ଷଣ ପାଇଁ ସେଠାରେ ଛାଡ଼ି ଯାଉଛନ୍ତି । ସେଠାରେ ନିଯୁକ୍ତି ପାଇଥିବା ମହିଳା ୮୦୮୦ ଟଙ୍କା ମାସିକ ଦରମା ପାଇ ସ୍ୱାବଲମ୍ବୀ ହୋଇପାରିଛନ୍ତି । ସେହିପରି ଖାମ୍ବେସି ଗ୍ରାମ ସମେତ ଅନ୍ୟ ଗାଁରେ ରହିଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅଟା, ହଳଦୀ ମିଲିଂ ମେଶିନ ସହିତ ଖଲି ତିଆରି ମେଶିନ ମଧ୍ୟ ସରକାରଙ୍କ ପକ୍ଷରୁ ମିଳିଥିବାରୁ ସେମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ୨୦୧୭ରେ ଓପିଲିପି ସଂସ୍ଥା ଆସିବା ପରେ ଅଞ୍ଚଳର ପ୍ରକୃତ ବିକାଶ ହୋଇପାରିଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଓପିଲିପି ନେତୃତ୍ୱରେ ଯୁବକମାନଙ୍କୁ ମିସ୍ତ୍ରି, କପଡ଼ା ସିଲେଇ କରିବା, ଟେଷ୍ଟ ହାଉସ ବ୍ୟବସାୟରେ ସହଯୋଗ କରିବା ସହିତ ତାଲିମ ବ୍ୟବସ୍ଥା କରାଯାଉଛି । ଫଳରେ ବହୁ ଯୁବତୀଯୁବକ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଯେଉଁ ଡଙ୍ଗରିଆ ଦିନେ ସପୁରି ଓ ହଳଦୀ ଚାଷ ପରେ ଦଲାଲ ହାତରେ କମ୍ ଦରରେ ଟେକି ଦେଉଥିଲେ, ଏବେ ସେମାନେ ମେଶିନ ସାହାଯ୍ୟରେ ହଳଦୀ ଗୁଣ୍ଡକରି କିଲୋ ପିଛା ୧୦୦ ଟଙ୍କାରେ ବିକ୍ରିକରି ଲାଭବାନ୍ ହେଉଥିବା କହିଛନ୍ତି । ସେହିଭଳି ସପୁରିରୁ ବିଭିନ୍ନ ପ୍ରକାର ଦ୍ରବ୍ୟ ପ୍ରସ୍ତୁତି ପାଇଁ ଡିକେଡିଏ ଏବଂ ଓପିଲିପି ସହାୟତାରେ ଚାଟିକଣାଠାରେ ସପୁରି ପ୍ରକ୍ରିୟାକରଣ ପ୍ଲାଣ୍ଟ ରହିଛି। ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ପୂର୍ବରୁ ନିଜ ହାତବୁଣା ନିଖୁଣ କଳାକୃତି ଶାଲ୍ ନିଜେ ପିନ୍ଧୁଥିଲେ। ହେଲେ ଏବେ ସେହି ଶାଲ୍ କପଡ଼ାଗୁନ୍ଦା ନାମରେ ସାରା ବିଶ୍ୱରେ ପରିଚିତ । ଏଭଳିକି ଏହି ଶାଲ୍‌କୁ ଜିଆଇ ଟ୍ୟାଗ୍ ମାନ୍ୟତା ମଧ୍ୟ ମିଳିପାରିଛି।

-ରିପୋର୍ଟ: **ଆଶିଷ ରଞ୍ଜନ ପଣ୍ଡା,** ରାୟଗଡ଼ା












# ପ୍ରଥମ ଟେଷ୍ଟ, ଦୃଢ଼ ସ୍ଥିତିରେ ଭାରତ

**ପର୍ଥ,୨୩।୧୧(ପି.ଟି.)**

ପର୍ଥରେ ଅନୁଷ୍ଠିତ ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟରେ ଦୃଢ଼ ସ୍ଥିତିରେ ରହିଛି ଭାରତ। ଯଶପ୍ରୀତ୍ ବୁମ୍ରାଙ୍କ ୫ ଉଇକେଟ ସଫଳତା, ଅଷ୍ଟ୍ରେଲିଆ ମାଟିରେ ଜୟସ୍ୱାଲଙ୍କ ପ୍ରଥମ ଅର୍ଦ୍ଧଶତକ ବଳରେ ଭାରତ ଦ୍ୱିତୀୟ ଦିନର ଖେଳ ଶେଷ ହେବାବେଳକୁ ୨୧୮ ରନ୍‌ରେ ଆଗୁଆ ରହିଛି। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆକୁ ମାତ୍ର ୧୦୪ ରନ୍‌ରେ ସୀମିତ ରଖିବା ପରେ ଦ୍ୱିତୀୟ ଦିନର ଷ୍ଟମ୍ପ୍ ଅପସାରଣ ବେଳକୁ ଭାରତ ବିନା କ୍ଷତିରେ ୧୭୨ ରନ୍ ସଂଗ୍ରହ କରିଛି। ହାତରେ ୧୦ ଉଇକେଟ ରହିଥିବା ବେଳେ ଭାରତ ୨୧୮ ରନ୍‌ରେ ଆଗୁଆ ରହିଛି। ପ୍ରଥମ ଦିନରେ ଭାରତ ୧୫୦ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।

ପ୍ରଥମ ଦିନର ଅସମାପ୍ତ ସ୍କୋର ୬୭/୭ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଆଉ ମାତ୍ର ୩୭ ରନ୍ ଯୋଡି ପାରିଥିଲା। ପୂର୍ବ ଦିନର ଅପରାଜିତ ବ୍ୟାଟର ଆଲେକ୍ସ କେରୀ ଦଳୀୟ ସ୍କୋରରେ ୩ ରନ୍ ଯୋଡି ପ୍ୟାଭିଲିୟନ ଫେରିଥିଲେ। କେରୀଙ୍କୁ ଆଉଟ କରିବା ସହ ବୁମ୍ରା ନିଜର ୫ ଉଇକେଟ ସଫଳତା ପୂରଣ କରିଥିଲେ। ତେବେ ନିମ୍ନକ୍ରମରେ ମିଚେଲ୍ ଷ୍ଟାର୍କ ଲଢୁଆ ୨୬ ରନ୍ କରିବାରୁ ଅଷ୍ଟ୍ରେଲିଆ ୧୦୪ ରନ୍‌ରେ ଅଲ୍‌ଆଉଟ ହୋଇଥିଲା।


ଯଶସ୍ୱୀ ଜୟସ୍ୱାଲ

ଅଷ୍ଟ୍ରେଲୀୟ ଇନିଂସର ଟପ୍ ସ୍କୋରର ରହିଥିବା ଷ୍ଟାର୍କ ୧୧୨ ବଲ୍ ଖେଳି ୨ ଚୌକା ସହ ୨୬ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆଲେକ୍ସ କେରୀ ୨୧, ଟ୍ରାଭିସ୍ ହେଡ୍ ୧୧ ଓ ନାଥାନ ମ୍ୟାକ୍‌ସୁଇନି ୧୦ ଅଙ୍କ ସ୍କୋର ଛୁଇଁ ପାରିଥିଲେ। ଯଶପ୍ରୀତ୍ ବୁମ୍ରା ୧୧ତମ ଥର ପାଇଁ ଟେଷ୍ଟ କ୍ରିକେଟରେ ୫ ଉଇକେଟ ସଫଳତା ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେବ୍ୟୁଟାଣ୍ଟ ହର୍ଷିତ ରାଣା ୩ ଓ ମହମ୍ମଦ ସିରାଜ ୨ଟି ଲେଖାଏ ଉଇକେଟ ନେଇଥିଲେ।

୪୬ ରନ୍‌ରେ ଆଗୁଆ ରହିଥିବା ଭାରତର ଦ୍ୱିତୀୟ ଇନିଂସ ବେଶ୍ ପ୍ରଭାବୀ ରହିଥିଲା। ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ ନିଜର ଅର୍ଦ୍ଧଶତକ ପୂରଣ କରିଥିବା ବେଳେ ଭାରତ ଦ୍ୱିତୀୟ ଦିନର ଷ୍ଟମ୍ପସ ବେଳକୁ ବିନା କ୍ଷତିରେ ୧୭୨ ରନ୍ କରିଛି। ଷ୍ଟମ୍ପସ ବେଳକୁ ଜୟସ୍ୱାଲ ୯୦ ଓ ଲୋକେଶ ରାହୁଲ ୬୨ ରନରେ ବ୍ୟାଟିଂ କରୁଛନ୍ତି। ଅଷ୍ଟ୍ରେଲିଆ ମାଟିରେ ପ୍ରଥମ ଶତକ ଆଡ଼କୁ ଅଗ୍ରସର ହେଉଥିବା ଜୟସ୍ୱାଲ ୧୯୩ ବଲ୍ ଖେଳି ୭ ଚୌକା ଓ ୨ ଛକା ମାରିଛନ୍ତି। ସେହିପରି ଫର୍ମକୁ ଫେରିଥିବା ଲୋକେଶ ରାହୁଲ ୧୫୩ ବଲ୍ ଖେଳି ୪ ଚୌକା ମାରିଛନ୍ତି। ଷଷ୍ଠ ଭାରତୀୟ ଓପନିଂ ଯୋଡି ଭାବରେ ରାହୁଲ-ଜୟସ୍ୱାଲ ଶତକୀୟ ଭାଗୀଦାରି କରିବାରେ ସମର୍ଥ ହୋଇଛନ୍ତି। ତୃତୀୟ ଦିନରେ ଉଭୟଙ୍କ ନିକଟରେ ଆଉ ଏକ ରେକର୍ଡ ଭାଙ୍ଗିବାର ସୁଯୋଗ ରହିଛି। ୧୭୨ ରନ୍ ଯୋଡି ସାରିଥିବା ଏହି ଖେଳାଳି ଦ୍ୱୟ ଆଉ ୨୦ ରନ୍ ଯୋଡିଲେ ଭାରତୀୟ ରେକର୍ଡ ଭାଙ୍ଗିବେ। ୧୯୮୬ରେ ସୁନୀଲ ଗାଭାସ୍କର ଓ କ୍ରିଷ୍ଣମଚାରୀ ଶ୍ରୀକାନ୍ତଙ୍କ ଯୋଡି ପ୍ରଥମ ଉଇକେଟରେ ୧୯୧ ରନ୍ ଯୋଡିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୧୫୦/୧୦। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୫୧.୨ ଓଭରରେ ୧୦୪/୧୦ (ମିଚେଲ ଷ୍ଟାର୍କ-୨୬, ଆଲେକ୍ସ କେରୀ-୨୧, ଟ୍ରାଭିସ୍ ହେଡ୍-୧୧, ଯଶପ୍ରୀତ୍ ବୁମ୍ରା-୫/୩୦, ହର୍ଷିତ ରାଣା-୩/୪୮, ମହମ୍ମଦ ସିରାଜ-୨/୨୦)।

ଭାରତ ଦ୍ୱିତୀୟ ଇନିଂସ ୫୭ ଓଭରରେ ୧୭୨/୦ (ଯଶସ୍ୱୀ ଜୟସ୍ୱାଲ-୯୦*, ଲୋକେଶ ରାହୁଲ-୫୭*)।

## ଫାଇନାଲ ରାଉଣ୍ଡରେ ଓଡ଼ିଶା

**ଭୁବନେଶ୍ୱର, ୨୩।୧୧ (ବିଜୟ ରଣା)**

**ସନ୍ତୋଷ ଟ୍ରଫି ଫୁଟ୍‌ବଲ**

ପଞ୍ଜାବ ରାଜ୍ୟର ଅମୃତସରସ୍ଥିତ ଜିଏନ୍‌ଡିୟୁ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଶନିବାର ଅନୁଷ୍ଠିତ ୭୮ତମ ଜାତୀୟ ସିନିୟର ପୁରୁଷ ଫୁଟ୍‌ବଲ ଟୁର୍ନାମେଣ୍ଟ ସନ୍ତୋଷ ଟ୍ରଫିର ଏକ ମ୍ୟାଚରେ ଓଡ଼ିଶା କାର୍ତ୍ତିକ ହନ୍ତାଲ (୩୯ତମ ଓ ୫୩ତମ ମିନିଟ)ଙ୍କ ଡବଲ ଗୋଲ ସହାୟତାରେ ୪-୧ ଗୋଲ୍‌ରେ ଛତିଶଗଡ଼କୁ ପରାସ୍ତ କରିଛି। ଦଳ ଏଥିସହିତ ଓଡ଼ିଶା ତିନୋଟି ଦଳକୁ ନେଇ ଗ୍ରୁପ୍ 'ଏଫ୍'ରୁ ମୋଟ ୬ ପଏଣ୍ଟ ଅର୍ଜନ କରି ଫାଇନାଲ ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଗ୍ରୁପ୍ ପର୍ଯ୍ୟାୟରେ ଦଳ ୧୦ ଗୋଲ ସ୍କୋର କରିଥିବା ବେଳେ ୨ଟି ଗୋଲ ବରଣ କରିଛି। ଓଡ଼ିଶା ପକ୍ଷରୁ ପ୍ରଥମ ଗୋଲ୍ ଖେଳର ୪ର୍ଥ ମିନିଟ୍‌ରେ ଜିତୁ ମୁଦୁଲି ସ୍କୋର କରିଥିଲେ। ଷ୍ଟ୍ରାଇକର ରୋଶନ ପାନ୍ନା ୪ର୍ଥ ଗୋଲ୍‌ଟିକୁ ଖେଳର ୫୫ତମ ମିନିଟ୍‌ରେ ଦେଇଥିଲେ। ଛତିଶଗଡ଼ ତରଫରୁ ଅଧିନାୟକ ଅଭିଷେକ କୁଞ୍ଜାମ ଖେଳର ୮୪ତମ ମିନିଟରେ ପେନାଲ୍ଟି ଜରିଆରେ ଏକମାତ୍ର ଗୋଲ ସ୍କୋର କରିଥିଲେ।



ସୁନେଲିତା ଟପ୍ପୋଙ୍କୁ ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ କରୁଛନ୍ତି।

## ସୁନେଲିତା ଟପ୍ପୋ ସମ୍ବର୍ଦ୍ଧିତ

**ଭୁବନେଶ୍ୱର,୨୩।୧୧(ସରୋଜ ଜେନା)**

ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ବିଜୟୀ ଭାରତୀୟ ଦଳର ସଦସ୍ୟ ସୁନେଲିତା ଟପ୍ପୋଙ୍କୁ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ବର୍ଦ୍ଧିତ କରିଛନ୍ତି। କିସ୍‌ରେ ହୋମ୍ ସାଇନ୍ସରେ ସ୍ନାତକ ପ୍ରଥମ ବର୍ଷର ଛାତ୍ରୀ ସୁନେଲିତା ଭାରତୀୟ ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସୁନେଲିତାଙ୍କ କୃତିତ୍ୱ ପାଇଁ ତାଙ୍କୁ ୨ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି କରିବାକୁ ତାଙ୍କ ପାଇଁ ମାସିକ ୨୫ ହଜାର ଟଙ୍କାର ସ୍କଲାରଶିପ୍ ଘୋଷଣା କରାଯାଇଛି।

## ମିଜୋରାମକୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର,୨୩।୧୧(ସରୋଜ ଜେନା)**

ଛତିଶଗଡରେ ଅନୁଷ୍ଠିତ୧୫ ବର୍ଷରୁ କମ୍ ବାଳିକା ଜାତୀୟ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ମିଜୋରାମକୁ ୧୩୮ ରନ୍‌ରେ ପରାସ୍ତ କରିଛି ଓଡ଼ିଶା। ଆଞ୍ଚେଲ ରାଜଙ୍କ ୯୮ ରନ୍ ବଳରେ ଓଡ଼ିଶା ୩୫ ଓଭରରେ ୭ ଉଇକେଟ ହରାଇ ୨୦୪ ରନ୍ କରିଥିଲା। ଜବାବରେ ମିଜୋରାମ ୩୫ ଓଭରରେ ୮ ଉଇକେଟରେ ୬୬ ରନ୍ କରିଥିଲା। ଓଡ଼ିଶା ପକ୍ଷରୁ ପୂର୍ଣ୍ଣୟଶ୍ରୀ ୩ ଉଇକେଟ ନେଇଥିଲେ।

## କିଟ୍ ପୁରୁଷ ଭଲିବଲ ଦଳ ଚାମ୍ପିୟନ

**ଭୁବନେଶ୍ୱର, ୨୩।୧୧ (ବିଜୟ ରଣା)**

**ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ**

ପୂର୍ବାଞ୍ଚଳ ପୁରୁଷ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ଚାମ୍ପିୟନଶିପ୍ ୨୦୨୪-୨୫ରେ କିଟ୍ ଭଲିବଲ ଦଳ ଚାମ୍ପିୟନ ହୋଇଛି। ଏଥିସହିତ ଦଳ ସର୍ବଭାରତୀୟ ଆନ୍ତଃ ଜୋନ୍ ଭଲିବଲ୍ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟି (ଏଆଇୟୁ)ର ତତ୍ତ୍ୱାବଧାନରେ ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ୟୁନିଭର୍ସିଟି, ବାରିପଦା ଅନୁକୂଲ୍ୟରେ ଗତ ୧୯ ତାରିଖରୁ ଜାଲିଥିବା ଏହି ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଶ୍ରେଷ୍ଠ ୪ ଦଳକୁ ନେଇ ସୁପର ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କିଟ୍ ବିଶ୍ୱବିଦ୍ୟାଳୟ ସମସ୍ତ ୪ଟି ମ୍ୟାଚ ଜିତି ଚାମ୍ପିୟନ ହୋଇଥବଲା। ଏମ୍‌ଜି କାଶି ବିଦ୍ୟାପୀଠ ୨ଟି ମ୍ୟାଚ ଜିତି ପ୍ରଥମ ରନରଅପ୍ ଏବଂ ଗୋଟିଏ ମ୍ୟାଚ ଜିତିଥିବା ଆଡାମ୍ସ ୟୁନିଭର୍ସିଟି ୨ୟ ରନରଅପ୍ ହୋଇଥିଲା। ଅନ୍ୟପକ୍ଷରେ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ୟୁନିଭର୍ସିଟି କୌଣସି ମ୍ୟାଚ ନ ଜିତି ୪ର୍ଥ ହୋଇଥିଲା। ତେବେ ପୂର୍ବାଞ୍ଚଳ ପୁରୁଷ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ଚାମ୍ପିୟନଶିପ୍‌ର ଏହି ଶ୍ରେଷ୍ଠ ଦଳ ଆସନ୍ତାବର୍ଷ ଜାନୁଆରୀ ୬ରୁ ୧୦ ପର୍ଯ୍ୟନ୍ତ କୋଟାୟମସ୍ଥିତ ମହାତ୍ମାଗାନ୍ଧୀ ୟୁନିଭର୍ସିଟି ଦ୍ୱାରା ଆୟୋଜିତ ସର୍ବଭାରତୀୟ ଚାମ୍ପିୟନଶିପ୍‌ରେ ଭାଗ ନେବେ। ଏଥିରେ ଉତ୍ତର, ଦକ୍ଷିଣ ଓ ପଶ୍ଚିମାଞ୍ଚଳର ଶ୍ରେଷ୍ଠ ୪ ଦଳ ମଧ୍ୟ ଅଂଶଗ୍ରହଣ କରିବେ।

## କ୍ୱାର୍ଟରରେ ତନ୍‌ଭି, ପ୍ରଗତି, ବିଶାଖା

**ଭୁବନେଶ୍ୱର,୨୩।୧୧(ସରୋଜ ଜେନା)**

**ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ**

ଭୁବନେଶ୍ୱରର ନିଳାଦ୍ରୀ ବିହାର ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୟୋନେକ୍ସ ସନରାଇଜ ୪୭ତମ ଜାତୀୟ ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପର କ୍ୱାର୍ଟର ଫାଇନାଲ ରାଉଣ୍ଡ ଚୂଡାନ୍ତ ହୋଇଛି। ମହିଳା ସିଙ୍ଗଲ୍ସରେ ତନ୍‌ଭି ପତ୍ରି,ଡବଲ୍ସରେ ପ୍ରଗତି ପରିଡା ଓ ବିଶାଖା ଟପ୍ପୋ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ତନଭି ପତ୍ରି ୨୧-୧୦,୨୧-୧୦ ପଏଣ୍ଟରେ ଗୁଜରାଟର ଐସାନୀ ତିୱାରୀଙ୍କୁ କ୍ୱାର୍ଟରରେ ପହଞ୍ଚିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତାମିଲନାଡୁର ଆଦର୍ଶନୀ ଶ୍ରୀ, ମହାରାଷ୍ଟ୍ରର ଅଲିଶା ନାଏକ ମଧ୍ୟ କ୍ୱାର୍ଟରରେ ପହଞ୍ଚିଛନ୍ତି।

ବାଳକ ସିଙ୍ଗଲସରେ ଟପ ସିଡ଼ ରାଜସ୍ଥାନର ସଂସ୍କାର ସାରସ୍ୱତ, ତେଲେଙ୍ଗାନାର ଜ୍ଞାନ ଦତ୍ତ, କର୍ଣ୍ଣାଟକର ତୁଷାର ଶୁଭିର ଏବଂ ମହାରାଷ୍ଟ୍ରର ପ୍ରଜ୍ୱଳ ସନୱାନେ ବାଳକ ସିଙ୍ଗଲ୍ସର କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିଛନ୍ତି ।

ସେହିପରି ଛତିଶଗଡ଼ର ଦିବ୍ୟାଂଶ ଓ ମାନସ ଭଟ୍ଟାଚାର୍ଯ୍ୟ, ମଧ୍ୟପ୍ରଦେଶର ଆଗଡ଼ ବାଭେଜା ଓ ମୃଦୁଲ ବିରୟାଣୀ, ଆନ୍ଧ୍ରର ମୋହିତଭୀରା ଭେଙ୍କଟ ଓ ନୁମେର ଶେଖ ଏବଂ ଦିଲ୍ଲୀର ଭବ୍ୟ ଛାବ୍ରା ଓ ପରମ ଚୌଧୁରୀ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି।

ବାଳିକା ଡବଲ୍ସରେ ଟାଇଟଲ ଦାବିଦାର ଓଡିଶାରି ପ୍ରଗତି ପରିଡା ଓ ବିଶାଖା ଟପ୍ପୋଙ୍କ ଯୋଡି ୨୧-୯ ଓ ୨୧-୧୭ ପଏଣ୍ଟରେ ତାମିଲନାଡୁ ଯୋଡି ଅଞ୍ଜନା ମାଣିକନ୍ଦନ ଓ ପି. ପ୍ରସିଥାଙ୍କୁ, ଉତ୍ତରାଖଣ୍ଡର ଗାୟତ୍ରୀ ଓ ମନସା ରାଓ୍ୱତ ୨୧-୧୧,୨୧-୧୦ ସେଟରେ ଛତିଶଗଡର ରାଶି ମାଲ ଓ ଶତୋ ପରଦେଶୀଙ୍କୁ, ଆନ୍ଧ୍ରର ଦୀପିକା ଦେବନାବୈନା ଓ ଶ୍ରବନ୍ଥି ଦେବନାବୈନା ୨୪-୨୨,୨୧-୧୯ ସେଟରେ ହରିୟାଣାର ନିଶୁ ମଳିକ ଓ ତନୁ ମଳିକଙ୍କୁ ହରାଇ କ୍ୱାର୍ଟରରେ ପହଞ୍ଚିଛନ୍ତି।





Toll Free Number: 1800 266 0018

INDIA'S FIRST 5 YEAR WARRANTY* *Conditions apply

ALSO AVAILABLE ON Flipkart amazon.com

Hero MotoCorp Ltd. Regd. Office: The Grand Plaza, Plot No. 2, Nelson Mandela Road, Vasant Kunj Phase II, New Delhi-110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^Finance offer is at the sole discretion of the Financier, subject to its respective T&Cs. Available at select dealerships. $Flipkart & Amazon benefits are at the sole discretion & T&C of respective organisations.

**Authorized Dealers: Bhubaneswar:** Rohan Hero - 9289922474, Bharat Hero - 9289922180, DD Hero - 0674-2747448 / 9439650824, Arundhati Hero - 9289923183, **Cuttack:** JMG Hero - 9289922178, Sunny Hero - 9289922697, Essen Hero - 9289923078, **Angul:** Parbati Hero - 9289922902, **Balasore:** Neelam Hero - 9289922519, **Baripada:** Aditya Hero - 7799766370, **Bhadrak:** Sanjib Hero - 9289922608, **Chandikhol:** S. K. Hero - 9289922900, **Jajpur Road:** Soumik Hero - 9289922611, **Jaleswar:** Sai Hero - 9289922844, **Jatni:** Vishal Hero - 9289922984, **Keonjhar:** Supreme Hero - 9289922182, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Behrampur:** Lakshmi Motors, Dharma Nagar - 9289922184, Lakshmi Automotives, Gajapati Nagar - 9289923187, **Jeypore:** Supreme Hero - 9289922183, **Phulbani:** Narayani Hero - 9289922991, **Raygada:** Ajit Hero - 9289922819, **Bargarh:** Aakash Hero - 9289922181, **Bhawanipatna:** Arundhati Hero - 9289922837, **Bolangir:** Arundhati Hero - 9289923033, **Jharsuguda:** Vijaylaxmi Hero - 9289922595, **Rourkela:** Dua Hero - 9289922179, **Sambalpur:** Sri Shyam Hero - 9289922484, **Sonepur:** Jai Jawan Hero - 9289922800, **Sundergarh:** Robotech Hero - 9289923063, **Dhenkanal:** Som Hero - 9289922614, **Talcher:** Tarini Hero- 9289922736, **Jagatsinghpur:** Sunny Autobikes - 8455004731, **Authorized Hero Sure Dealers: Bhubaneshwar:** Arundhati Motobikes - 7682841658, **Rourkela:** Dua Motors - 6372753989, **Jeypore:** Supreme Sales - 8144822656, **Associate Dealers: Rahama:** Sarala Automobiles - 9937018532, **Nimapara:** Basudev Automobiles - 9861020724, **Pipili:** Shri Ram Motors - 9437110789, **Khamakhyanagar:** Reliance Automobiles - 9938435743, **Chendipada:** Tara Motors - 8018339414, **Balugaon:** Mahamayee Motors - 9437004624, **Khurdha:** Dinesh Trading Co. - 9778097876, **Sakhigopal:** Sai Motors - 9439765820, **Begunia:** Rashmi Automobiles - 9178316145, **Laxmipur:** Tarini Motors - 7205862853, **Rajgangpur:** Kedia & Kedia - 9437152881, **Brajrajnagar:** Bina Motors - 9861078290, **Belpahar:** Varsha Motors - 9437058417, **Deogarh:** Jindal Motors - 9437056659, **Bamra:** Choudhury Motors - 9938274720, **Baliapal:** Baba Motors - 8093603116, **Soro:** Twinkle Motors - 9861594852, **Kendrapara:** Baishnabi Motors - 9437089454/9853471301, **Barbil:** Wheels Motors - 9776931870, **Pattamundai:** Mishra Auto - 9853843713, **Basta:** Shivam Motors - 7735958754, **Rairangpur:** Maa Sakambari Motors - 7008581719, **Khuakia:** Binayak Automobiles - 9090444379, **Jajpur Town:** Ayush Automobiles - 9556189870, **Mayurbhanj:** Jk Motors - 9040909925, **Semiliguda:** K P Enterprises - 9437233464, **Parlakhemundi:** Preetam Enterprises - 9438685535, **Nabarangpur:** Arun Sales & Service - 9437174795, **Bhanjanagar:** Rebati Motors - 9438279794/9937015509, **Narsinghpur:** Ambika Motocorp - 9861811411, **Gunpur:** M/s Sai Sharan Automobiles - 9437234012, **Malkangiri:** Kanishka Automobiles - 9437181980, **Kotpad:** Shai Automobiles - 7205593156, **Umerkote:** Bharat Sales - 9937455659/9777765563, **Junagarh:** Shree Bimala, Motors - 9668287479, **Rajakhariar:** Jagdamba Auto Combines - 9937002262, **Boudh:** Bansal Auto - 9437062948, **Nuapada:** Maruti Auto - 9178014999, **Padampur:** Debesh Motors - 9437253970, **Barpalli:** Durga Motors - 9861265979, **Titlagarh:** Sneha Motors - 9853925879, **Mayurbhanj:** Mahaveer Motors - 7326872255/9853290346, **Baliguda:** Sai Automobiles - 9827843657, **Patrapur:** Ronak Motors - 9030985084, **Balipatna:** M/S Jagannath Motors - 7064309702, **Kalimela:** Laxminiyati Motors - 9861002055, **Chandpur:** Apsara -9861418161, **Subdega:** JDJ Automobiles - 8018714096, **Bissam cuttack:** Patnaik Motors - 7008615208, **Basudevpur:** Bidyalalita Automobile - 9827487072, **Telkoi:** Panchamukhi Motors - 9717004926, **Tikabali:** M/S Maa Rudrakali Automobiles - 7846961367, **Kamrda:** Siddhivinayak Motors - 7208675074, **Jagdalpur:** Kiran Sales - 9827654949, **Kesinga:** Annapurna Automobile - 7978787287, **M.Rampur:** Aruna Automobiles - 8114331356.



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

DHARITRI
ଭୁବନେଶ୍ୱର, ରବିବାର, ନଭେମ୍ବର ୨୪/୨୦୨୪ (୧୨+୮=୨୦ ପୃଷ୍ଠା+ଛୁଟିଦିନ+ସ୍ୱନକ୍ଷତ୍ର ବିଶେଷ)
Bhubaneswar, Sunday, November 24/2024 Page 20 ₹ 7.00
୫୧ଶ ଭାଗ ୧ ସଂଖ୍ୟା VOLUME 51 ISSUE 1 ମୂଲ୍ୟ ₹୭/-
www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul

# ଗୌତମ, ସାଗରଙ୍କୁ ଆମେରିକାର ସମନ

## ଆଦାନୀ ଲାଞ୍ଚ

### ୨୧ ଦିନରେ ଜବାବ ନ ଦେଲେ ଏକତରଫା ରାୟ


ଗୌତମ ଆଦାନୀ


ସାଗର ଆଦାନୀ

**ନ୍ୟୁୟର୍କ,୨୩ା୧୧**

ସୌର ବିଦ୍ୟୁତ୍ ଶକ୍ତି ଠିକା ପାଇଁ ଓଡ଼ିଶା ସମେତ ୫ ରାଜ୍ୟର ଅଧିକାରୀମାନଙ୍କୁ ୨୬୫ ନିୟୁତ ଡଲାର (ପ୍ରାୟ ୨,୨୦୦ କୋଟି ଟଙ୍କା) ଲାଞ୍ଚ ଦେବା ଅଭିଯୋଗରେ ଆଦାନୀ ଗ୍ରୁପ୍ ମୁଖ୍ୟ ଗୌତମ ଆଦାନୀ ଏବଂ ତାଙ୍କ ପୁତୁରା ସାଗର ଆଦାନୀଙ୍କ ବିରୋଧରେ ନ୍ୟୁୟର୍କସ୍ଥିତ ଏକ ଅଦାଲତରୁ ବୁଧବାର ଗିରଫ ପରୱାନା ଜାରି ହୋଇଥିଲା। ଏହି ମାମଲାରେ ଆମେରିକାର ସିକ୍ୟୁରିଟିଜ୍ ଆଣ୍ଡ୍ ଏକ୍ସଚେଞ୍ଜ କମିଶନ (ଏସ୍‌ଇସି) ଶନିବାର ଉଭୟଙ୍କୁ ସମନ କରିଛି। ଗୁଜରାଟର ଅହମଦାବାଦସ୍ଥିତ ଗୌତମଙ୍କ ବାସଭବନକୁ ଗୋଟିଏ ସମନ ପଠାଯାଇଥିବାବେଳେ ଅନ୍ୟଟି ସାଗରଙ୍କ ବୋଡାଭେକ୍ ବାସଭବନକୁ ପ୍ରେରଣ କରାଯାଇଛି। ଆଗତ ଅଭିଯୋଗ ଉପରେ ୨୧ ଦିନ ଭିତରେ ଜବାବ ରଖିବାକୁ ଉଭୟଙ୍କୁ ମହଲତ ଦିଆଯାଇଛି।

ନ୍ୟୁୟର୍କ ଇଷ୍ଟର୍ନ ଡିଷ୍ଟ୍ରିକ୍ଟ କୋର୍ଟ ଜରିଆରେ ଏସ୍‌ଇସି ପଠାଇଥିବା ଉକ୍ତ ସମନ ଜାରି ହେବାର ୨୧ ଦିନ ଭିତରେ ଗୌତମ ଓ ସାଗର ଆଦାନୀଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଫେଡେରାଲ୍ ରୁଲ୍ସ ଅଫ୍ ସିଭିଲ ପ୍ରସିଡ୍ୟୁର ଅଧୀନ ରୁଲ୍ ୧୨ ଅନୁସାରେ ସମନରେ ସଂଲଗ୍ନ ଅଭିଯୋଗପତ୍ରରେ ଉତ୍ତର ଦେବାକୁ ଏଥିରେ ନିର୍ଦ୍ଦେଶ ରହିଛି। ନିର୍ଦ୍ଧାରିତ ସମୟରେ ଜବାବ ରଖିବାକୁ ବିଫଳ ହେଲେ ଅଦାଲତ ଏକତରଫା ରାୟ ଦେବାକୁ ବାଧ୍ୟହେବେ ବୋଲି ଉକ୍ତ ସମନରେ ଉଲ୍ଲେଖ କରାଯାଇଛି।

ପ୍ରକାଶ ଯେ, ଆଦାନୀ ଗ୍ରୁପ୍ ପ୍ରତିଷ୍ଠାତା ୬୨ ବର୍ଷୀୟ ବିଲିୟନେୟାର ଗୌତମ, ତାଙ୍କ ପୁତୁରା ସାଗର ଆଦାନୀ ଏବଂ କମ୍ପାନୀର ଏକ୍‌ଜିକ୍ୟୁଟିଭ୍‌ମାନେ ନିଜ ଅକ୍ଷୟ ଶକ୍ତି କମ୍ପାନୀ ଆଦାନୀ ଗ୍ରୀନ୍ ଏନର୍ଜିକୁ ସୌରଶକ୍ତି କଣ୍ଟ୍ରାକ୍ଟ କରାଇଦେବା ପାଇଁ ଓଡ଼ିଶା ସମେତ ୬ ରାଜ୍ୟର ଅଧିକାରୀମାନଙ୍କୁ ୨୬୫ ନିୟୁତ ଡଲାର (ପ୍ରାୟ ୨,୨୦୦ କୋଟି ଟଙ୍କା) ଲାଞ୍ଚ ଦେଇଥିଲେ। ୨୦୨୦ରୁ ୨୦୨୪ ମଧ୍ୟରେ ଏହି ଲାଞ୍ଚ କାରବାର ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି।

ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ ଆଦାନୀ ଗ୍ରୁପ୍‌କୁ ଆଗାମୀ ୨୦ ବର୍ଷ ମଧ୍ୟରେ ୨ ବିଲିୟନ୍ ଡଲାର ଲାଭ ହୋଇଥାଆନ୍ତା ବୋଲି ମନେକରାଯାଉଛି। କେବଳ ଏତିକି ନୁହେଁ, ଆମେରିକାରେ ଲାଞ୍ଚ ମାମଲାର ତଦନ୍ତ ବେଳେ ଆଦାନୀ ଗ୍ରୀନ୍ ଏନର୍ଜି ପକ୍ଷରୁ ପର୍ଯ୍ୟାପ୍ତ ତଥ୍ୟ ଦିଆଯାଇ ନ ଥିଲା। ଏପରି କି ସେଠାକାର ପୁଞ୍ଜିନିବେଶକାରୀଙ୍କୁ ବିଭ୍ରାନ୍ତ କରାଯାଇଥିଲା ବୋଲି ନ୍ୟାୟ ବିଭାଗ ଏବଂ ଇଷ୍ଟର୍ନ ଡିଷ୍ଟ୍ରିକ୍ଟ ଅଫ୍ ନ୍ୟୁୟର୍କ ପକ୍ଷରୁ ଦାଖଲ ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏନେଇ ଗୌତମ, ସାଗରଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁହେବା ସହ ଗିରଫ ପରୱାନା ଜାରି ହୋଇଥିବାବେଳେ ଏସ୍‌ଇସି ସମନ ଦାଦାପୁତୁରାଙ୍କ ଅଡୁଆ ବଢ଼ାଇପାରେ ବୋଲି କୁହାଯାଉଛି।

PATANJALI®
ଯେଉଁମାନଙ୍କର ଆୟୁର୍ବେଦ ଓ ବେଦର ଜ୍ଞାନ ନାହିଁ, ଯେଉଁମାନେ ଦେଶକୁ ପରିବାର ନୁହେଁ, ବଜାର ବିବେଚନା କରନ୍ତି, ସେମାନେ ମହର୍ଷି ଚରକ ଓ ସୁଶ୍ରୁତ, ଧନ୍ୱନ୍ତରୀ ଓ ଚ୍ୟବନ ଋଷିଙ୍କ ପରମ୍ପରା ଅନୁରୂପ ଖାଣ୍ଟି ଚ୍ୟବନପ୍ରାଶ କେମିତି ତିଆରି କରିପାରିବେ ?
ଆମେ ଋଷିମାନଙ୍କର ପରମ୍ପରା ଏବଂ ବିଜ୍ଞାନ ଅନୁସାରେ 40 ନୁହେଁ, 51 ବହୁମୂଲ୍ୟ ଜଡ଼ି-ବୁଟି ଓ କେସରଯୁକ୍ତ ପତଞ୍ଜଳି ସ୍ପେଶାଲ ଚ୍ୟବନପ୍ରାଶ ତିଆରି କରିଛୁ ।
ଏହାକୁ ଖାଆନ୍ତୁ, ସବୁ ରୋଗକୁ ଦୂର କରନ୍ତୁ ଏବଂ
ନିଜ ଶରୀରକୁ ମେଡିକାଲ ଷ୍ଟୋର୍‌ରେ ପରିଣତ ହେବାରୁ ରକ୍ଷା କରନ୍ତୁ ।
ସର୍ଦ୍ଦି-ଥଣ୍ଡା, କଫ-କୋଲ୍ଡ ଆଦିରୁ ରକ୍ଷା କରି ଶ୍ୱସନତନ୍ତ୍ରକୁ ମଜଭୁତ କରିଥାଏ, ସହସ୍ରାଧିକ ରୋଗରୁ ଲଢ଼ିବାର ଶକ୍ତି ଦେଇଥାଏ ।
ଇମ୍ୟୁନିଟି ବଢ଼ାଉଥିବା ଆୟୁର୍ବେଦିକ ସୁପରଫୁଡ୍, ଯାହା ରୋଗରୁ ରକ୍ଷା କରି ସଦା ଯୁବ ରଖିଥାଏ।
51 ବହୁମୂଲ୍ୟ ଜଡ଼ି-ବୁଟି




'ବିଶ୍ୱରେ ପ୍ରଥମଥର' ପ୍ରତିଷ୍ଠିତ ରିସର୍ଚ୍ଚ ଜର୍ଣ୍ଣାଲ୍ 'ଫ୍ରଣ୍ଟିୟର୍ ଇନ୍ ଫାର୍ମାକୋଲୋଜି'ରେ ପ୍ରକାଶିତ ରିସର୍ଚ୍ଚ ପେପର୍ ପତଞ୍ଜଳି ସ୍ପେଶାଲ ଚ୍ୟବନପ୍ରାଶକୁ ସର୍ବଶ୍ରେଷ୍ଠ ରୂପେ ପ୍ରମାଣିତ କରିଛି, ଯାହା ଇନ୍‌ଫ୍ଲେମେଶନ୍‌କୁ ଦୂର କରି ରୋଗଗୁଡ଼ିକରୁ ଲଢ଼ିବାର ଶକ୍ତି ଦେଇଥାଏ ।
www.ncbi.nlm.nih.gov/pmc/articles/PMC8633414/
Shop Online- www.patanjaliayurved.net | Customer Care Number - 18001804108
OrderMe ଆପ୍ ମାଧ୍ୟମରେ ମଧ୍ୟ ଅନ୍‌ଲାଇନ୍ ପତଞ୍ଜଳି ଉତ୍ପାଦ ଅର୍ଡର୍ କରନ୍ତୁ ।

Odisha University of Technology and Research (OUTR)
Where every faculty, staff and student strives to realize the full potential in a caring environment to meet the changing demands of the society

OUTR offers the following programmes of studies

B.Tech.
- Civil Engineering
- Computer Engineering
- Electrical Engineering
- Electronics and Communication Engineering
- Electronics and Instrumentation Engineering
- Mechanical Engineering
- Mechanical Engineering (AI and Robotics)
- Metallurgical and Materials Engineering
- Textile Engineering
- Biotechnology
- Computer Science and Engineering
- Computer Science and Engineering (AI and Machine Learning)
- Information Technology
- Fashion & Apparel Technology
- B. Plan
- B. Arch



Integrated M. Sc.
- Chemistry
- Mathematics and Computing
- Physics

M. Sc.
- Chemistry
- Industrial Chemistry (Part Time)
- Mathematics and Computing
- Physics

M.Tech.
- Electronics and Communication Engineering
- Energy System and Management
- Instrumentation and Control Engineering
- Mechanical Systems Design
- Mechatronics and Machine Learning
- Power Electronics & Drives
- Power System Engineering
- Textile Chemical Processing
- Textile Engineering
- Thermal Engineering
- VLSI Design and Embedded System
- Water Resources Engineering
- Biotechnology
- Computer Science and Engineering
- Industrial Engineering and Management
- Information Technology
- Structural Engineering
- Industrial Engineering and Management (Part Time)
- Information Technology (Part Time)
- Instrumentation and Control Engineering (Part Time)
- Water Resources Engineering (Part Time)

Post Graduate Diploma in Management (PGDM)
School of Mechanical Sciences (MBA)
- Logistics and Supply Chain Management

Ph. D.
- All Branches of Science, Technology and Humanities

MCA

M. Plan

MBA
- Master in Business Administration

E-Masters Program
School of Computer Sciences
- Data Science
- Cyber Security
School of Mechanical Sciences
- Business Finance and Management



OUR USP
- Highly qualified faculty.
- Visiting Faculty from reputed organizations including industries.
- Adjunct Faculty from Foreign Universities.
- Professor of Practice.
- Updated Curriculum in the light of NEP-2020.
- Multiple CoEs.
- Advanced Lab and Computing facilities.
- Innovation and Incubation Centre.
- Support for Start-ups.






TECHNO CAMPUS, Ghatikia, Bhubaneswar – 751 029 | www.outr.ac.in




# ଛତିଶଗଡ଼ ଚାଲାଣ ବେଳେ ବାଘଛାଲ ଜବତ

ଉମରକୋଟ, ୨୩।୧୧(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରାଙ୍କ ନିର୍ଦ୍ଦେଶ ଓ ଏସିଏଫ୍‌ଓ ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ହିଂସ୍ରଜନ୍ତୁ ସୁରକ୍ଷା ବାହିନୀ ଏକ କଲରାପତରିଆ ବାଘଛାଲ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ବାଘଛାଲ ଛତିଶଗଡ଼ ଚାଲାଣ ହେଉଥିଲା। ୩ଲକ୍ଷ ଟଙ୍କାରେ ଏହାକୁ ବିକ୍ରି କରାଯିବାର ଯୋଜନା ଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ବାଘଛାଲ ଚାଲାଣ ହେଉଥିବା ନେଇ ବନ ବିଭାଗକୁ ଖବର ମିଳିଥିଲା। ଏସିଏଫ୍‌ଓ ସୁବାସ ଚନ୍ଦ୍ର ଖୁଣ୍ଟିଆ, ଫରେଷ୍ଟର ଆକୁଳ ବୈରାଗୀ ଓ ହିଂସ୍ରଜନ୍ତୁ ସୁରକ୍ଷା ବାହିନୀ ପଣ୍ଡରୀପଖନା ଗ୍ରାମରେ ଛକିରହିଥିଲେ। ଏହି ସମୟରେ ୩ଜଣ ଯୁବକ ବାଇକ୍ (ସିଜି-୦୪ଡିଜେ-୩୨୦୮)ରେ ଯାଉଥିବାବେଳେ ଅଧିକାରୀମାନେ ସେମାନଙ୍କୁ ଅଟକାଇ ଯାଞ୍ଚକରିଥିଲେ। ସେମାନଙ୍କଠାରୁ ୭ ଫୁଟ୍‌ର ଏକ ବାଘଛାଲ ଜବତ କରାଯାଇଛି। ଏହାପରେ ବାଇକ୍‌ରେ ଥିବା ୩ ଜଣଙ୍କୁ ବନ ବିଭାଗ କାର୍ଯ୍ୟାଳୟକୁ ନେଇ ଅଧିକାରୀମାନେ ପଚରାଉଚରା କରୁଥିବା ସୂଚନା ମିଳିଛି।


ଜବତ ବାଘଛାଲ।

# ମହିଳାଙ୍କୁ ଅପହରଣ ପରେ ବିକ୍ରି

## ମହାରାଷ୍ଟ୍ରରୁ ଉଦ୍ଧାର ହେଲେ ପୀଡ଼ିତା

ନବରଙ୍ଗପୁର, ୨୩।୧୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅପହରଣ ସହ ବଳାତ୍କାର ଓ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ମହିଳା ଜଣଙ୍କୁ ମହାରାଷ୍ଟ୍ରରୁ ପୋଲିସ ଉଦ୍ଧାର କରିବା ପରେ ଏହି ଘଟଣା ଜଣାପଡ଼ିଛି। ଶନିବାର ସ୍ଥାନୀୟ ମାଆଘର ବୈଠକ ଗୃହରେ ଏକ ଖବରଦାତା ସମ୍ମିଳନୀ କରି ସାମାଜିକ କର୍ମୀ କାଦମ୍ବିନୀ ତ୍ରିପାଠୀ ଓ ହାରାବତୀ ଗଣ୍ଡ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ଜିଲାରୁ ଯୁବତୀ ଚାଲାଣ ନଜିର ରହିଥିବାବେଳେ ଏବେ ବିବାହିତ ମହିଳାଙ୍କୁ ମଧ୍ୟ ଚାଲାଣ ସହ ବିକ୍ରି କରାଯାଉଛି। ଅଭିଯୁକ୍ତ ସେଠାରେ କିଭଳି ଘର ପାଇଲେ, ଲୋକଙ୍କ ସହ କେମିତି ସମ୍ପର୍କ ବଢ଼ିଥିଲା ତାହର ତଦନ୍ତ କରିବାକୁ ଦାବି ହେଉଛି। ପୂର୍ବରୁ ଆହୁରି କାହାକୁ ନେଇ ବିକ୍ରି କରିଛନ୍ତି କି ନାହିଁ ତାହର ଯାଞ୍ଚକରି କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଖବରଦାତା ସମ୍ମିଳନୀରେ ସାମାଜିକ କର୍ମୀ କାଦମ୍ବିନୀ ଓ ହାରାବତୀ ଦାବି କରିଛନ୍ତି।


ଖବରଦାତା ସମ୍ମିଳନୀରେ ସାମାଜିକ କର୍ମୀ କାଦମ୍ବିନୀ ତ୍ରିପାଠୀ ଓ ହାରାବତୀ ଗଣ୍ଡ ଘଟଣା ସମ୍ପର୍କରେ ସୂଚନା ଦେଉଛନ୍ତି।

ସୂଚନାନୁଯାୟୀ, ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଞ୍ଚଳରେ ପୀଡ଼ିତାଙ୍କ ଘର। ସେ ଅକ୍ଟୋବର ୨୯ରେ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଯାଇଥିଲେ। ଏହି ସମୟରେ ତେନ୍ତୁଳିଗୁଡ଼ା ଗାଁର ବାସୁଦେବ କଲାର ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବସ୍‌ରେ ରାୟପୁର ଓ ପରେ ନାଗପୁର ନେଇଥିଲେ। ସେଠାରୁ ମହିଳାଙ୍କୁ ମହାରାଷ୍ଟ୍ରର ଗଙ୍ଗାପୁର ଗାଁକୁ ନେଇ ଏକ ଘରେ ତାଲା ପକାଇ ରଖିଥିଲେ। ଏହାପରେ ସେ ମହିଳାଙ୍କ ଅନିଚ୍ଛା ସତ୍ତ୍ୱେ ନିୟମିତ ଶାରୀରିକ ସମ୍ପର୍କ ରଖୁଥିଲେ। ଏଥିସହ ଅନ୍ୟ ଯୁବକମାନଙ୍କୁ ଆଣି ଶାରୀରିକ ସମ୍ପର୍କ ରଖିବାକୁ ବାଧ କରାଉଥିଲେ। ଏହାକୁ ବିରୋଧ କରିବାରୁ ତାଙ୍କୁ ମାଡ଼ ମରାଯାଉଥିବା ପୀଡ଼ିତା ଜଣଙ୍କ କହିଛନ୍ତି। ନଭେମ୍ବର ୧୨ରେ ବାସୁଦେବ ବାହାରକୁ ଯାଇଥିବାବେଳେ ପୀଡ଼ିତା କୌଶଳକ୍ରମେ ଖସିଆସିଥିଲେ। ପାଖ ପଡ଼ୋଶୀମାନେ ପୀଡ଼ିତାଙ୍କୁ ସେ ବିକ୍ରି ହୋଇଯାଇଥିବା ନେଇ କହିଥିଲେ। ସେଠାରୁ ପୀଡ଼ିତା ୫ କି.ମି. ଦୂର ଚାଲି ଚାଲି ଏକ ଢାବାରେ ପହଞ୍ଚି ମାଲିକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଢାବା ମାଲିକଙ୍କ ମୋବାଇଲରୁ ସ୍ୱାମୀଙ୍କୁ ଫୋନ୍‌କରି ଘଟଣା ସମ୍ପର୍କରେ କହିଥିଲେ। ସେଠାରୁ ସେ ସ୍ଥାନୀୟ ଏକ ଥାନାକୁ ଯାଇଥିଲେ। ପୀଡ଼ିତାଙ୍କ ସ୍ୱାମୀ ସାମାଜିକ କର୍ମୀ ହାରାବତୀ, କାଦମ୍ବିନୀ ଓ ଉମରକୋଟ ଥାନାରେ ଘଟଣା ସମ୍ପର୍କରେ ଜଣାଇଥିଲେ। ଉକ୍ତ ଦିନ ହାରାବତୀଙ୍କ ନେତୃତ୍ୱରେ ୪ ଜଣ ଗଙ୍ଗାପୁର ଯାଇଥିଲେ। ନିକଟସ୍ଥ ଏକ ଥାନାରେ ଥିବା ପୀଡ଼ିତାଙ୍କୁ ଉମରକୋଟ, ଗଙ୍ଗାପୁର ପୋଲିସ ସହାୟତାରେ ସେମାନେ ଉଦ୍ଧାର କରିଥିଲେ। ଏଥିପୂର୍ବରୁ ପରିବାର ଲୋକେ ମହିଳା ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୩୯୭/୨୪ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ସେଠାରୁ ଫେରି ପୀଡ଼ିତା ତାଙ୍କୁ ଅପହରଣ, ବଳାତ୍କାର ଓ ବିକ୍ରି କରାଯାଇଥିବା ନେଇ ଉମରକୋଟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ କେସ୍ ନମ୍ବର ୪୪୧/୨୪ରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।




# ବିଧାୟକଙ୍କୁ ଆକ୍ରମଣ ଘଟଣାରେ ଗିରଫ ସଂଖ୍ୟା ୧୯କୁ ବୃଦ୍ଧି

ଯାଜପୁର ଟାଉନ, ୨୩।୧୧(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଆକ୍ରମଣ ସହ ତାଙ୍କ ଗାଡ଼ି ଭଙ୍ଗାରୁଜା ଘଟଣାରେ ଶନିବାର ପୋଲିସ ଆଉ ୫ଜଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଯାଜପୁର ଜିଲା ଜେଲକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁରର ପୂର୍ବତନ ପୌରାଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଭାଇ ଭବପ୍ରସାଦ ଦାସ(ଲଲ), ଯାଜପୁରସହର ଗରିଆପୁର ଅଞ୍ଚଳର ଦିବାକର ବେହେରା, ବୈଦ୍ୟରାଜପୁର ଗ୍ରାମର ଅପତାର ହୋସେନ ଖାନ୍, ଦାଣ୍ଡସୁନ୍ଦରପୁରର ସୁଶାନ୍ତ ସାହୁ ଓ ଗଣପତିପୁରର ପ୍ରଶାନ୍ତ କୁମାର ଦଳେଇ। ଏମାନଙ୍କୁ ମିଶାଇ ଗିରଫ ସଂଖ୍ୟା ୧୯କୁ ବୃଦ୍ଧି ପାଇଛି। ବିଧାୟକଙ୍କୁ ଆକ୍ରମଣ ଓ ଗାଡ଼ି ଭଙ୍ଗାରୁଜା ସହ ଯାଜପୁର ଥାନା ଘେରାଉ କରିବା, ବିରଜା ହାଟ ପୁନଃସ୍ଥାପନକୁ ବିରୋଧ କରିବା, ରାସ୍ତାରୋକୋ କରିବା ସହ ଛୋଟ ବ୍ୟବସାୟଙ୍କୁ ଆକ୍ରଣ କରିବା ଆଦି ଘଟଣାରେ ଅଭୟୁକ୍ତମାନେ ଜଡ଼ିତଥିବା ପୋଲିସ କହିଛି। ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ନାମରେ ୪ ମାମଲା ରୁଜୁ ହୋଇଥିଲା।

# ଜେଡ୍ ଇଷ୍ଟେଟ୍ ଏମ୍‌ଡିଙ୍କ ଘରେ ଇଡି ଯାଞ୍ଚ

ଭୁବନେଶ୍ୱର, ୨୩।୧୧(ସତ୍ୟଜିତ୍ ରାଉତ)– ବିଲ୍ଡର ସଂସ୍ଥା ଜେଡ୍ ଇଷ୍ଟେଟ୍‌ର ମାଲିକ ତଥା ପରିଚାଳନା ନିର୍ଦ୍ଦେଶକ ତପନ ନାୟକଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଯାଞ୍ଚ ହୋଇଛି। ବେଆଇନ ବୈଦେଶିକ ମୁଦ୍ରା ବିନିମୟ ଅଭିଯୋଗରେ ଇଡି ପକ୍ଷରୁ ଶୁକ୍ରବାର ଏହି ଯାଞ୍ଚ କରାଯାଇଥିବା ସୂଚନା ମିଳିଛି। ଯାଞ୍ଚ ହୋଇଥିବା ସ୍ଥାନ ମଧ୍ୟରେ ତପନଙ୍କ ଭୁବନେଶ୍ୱରସ୍ଥିତ ଘର, କାର୍ଯ୍ୟାଳୟ, ଦିଲ୍ଲୀସ୍ଥିତ ଜଣେ ସହଯୋଗୀଙ୍କ ଘର ଆଦି ରହିଛି। ତେବେ ଇଡି ଅଧିକାରୀମାନେ ବହୁ ଦିଗକୁ ନେଇ ପଚରାଉଚରା କରିଥିବାବେଳେ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି। ତେବେ ଏନେଇ ଇଡି ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନ ନାହିଁ। ତେବେ ଜେଡ୍ ଇଷ୍ଟେଟ୍‌ର ମାଲିକ ତପନ ଗଣମାଧ୍ୟମକୁ କହିଛନ୍ତି, ଫରେନ୍ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ (ଫେମା) ଅନୁସାରେ ଇଡି ପକ୍ଷରୁ ଏହି ଯାଞ୍ଚ ହୋଇଥିଲା। ଆକ୍ଟ ଅଧୀନରେ ଆମେ ଫରେନ୍ ଡାଇରେକ୍ଟ ଇନ୍‌ଭେଷ୍ଟମେଣ୍ଟ ଆଣିଛୁ ଓ ସମସ୍ତ ନିୟମକୁ ଅନୁପାଳନ କରାଯାଇଛି। ଏ ସଂକ୍ରାନ୍ତରେ ଆମ ପକ୍ଷରୁ ଇଡିକୁ ସମ୍ପୂର୍ଣ୍ଣ ସହଯୋଗ କରିଛୁ। ଇଡି କୌଣସି ଆପତ୍ତିଜନକ ଦସ୍ତାବିଜ୍ ଜବତ କରିନାହିଁ। ଏପରିକି ତାଙ୍କ ଘରୁ ଓ ଅଫିସରୁ ଟଙ୍କା, ଅଳଙ୍କାର ଆଦି ମଧ୍ୟ ଇଡି ପକ୍ଷରୁ ନିଆଯାଇନାହିଁ ବୋଲି ତପନ କହିଛନ୍ତି। ତେବେ ଏହି ଚଢ଼ାଉ ସମ୍ପର୍କରେ ଇଡି ପକ୍ଷରୁ ସୂଚନା ଦିଆଯାଇପାରେ ବୋଲି ଜଣାପଡ଼ିଛି।







# ଛାତ୍ରଙ୍କୁ ମାଡ଼ ମାରି ପ୍ରାଥମିକ ଶିକ୍ଷକ ଗିରଫ

ଟାଙ୍ଗୀ, ୨୩।୧୧(ରଘୁନାଥ ସାହୁ): ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ମାରିବା ଅଭିଯୋଗରେ ଟାଙ୍ଗୀ ଥାନା ପୋଲିସ ଜଣେ ପ୍ରାଥମିକ ଶିକ୍ଷକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଶିକ୍ଷକ ହେଲେ ପ୍ରଶାନ୍ତ କୁମାର ପ୍ରଧାନ। ଅଭିଯୋଗ ମୁତାବକ, ଚିଲିକା ବ୍ଲକ ଅନ୍ତର୍ଗତ ବାଲିନାସି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଭିରାମ ପ୍ରଧାନ ଦ୍ୱିତୀୟ ଶ୍ରେଣୀର ଛାତ୍ର। ଉକ୍ତ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୌଣସି କାରଣକୁ ନେଇ ଅଭିରାମଙ୍କୁ ଅମାନୁଷିକ ଭାବେ ମାଡ଼ ମାରିଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତର ଚିହ୍ନ ଥିବା ଦେଖିବାକୁ ମିଳିଥିଲା। ଏନେଇ ଛାତ୍ରଙ୍କ ସମ୍ପର୍କୀୟ ମନୋରଞ୍ଜନ ଘଡ଼ାଇ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ସମ୍ପୃକ୍ତ ଶିକ୍ଷକ ପ୍ରଶାନ୍ତଙ୍କୁ ଗିରଫ କରିଥିଲା।



୫୧ ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ନଭେମ୍ବର ୨୪/୨୦୨୪ Bhubaneswar, Sunday, November 24/2024 ପୃଷ୍ଠା-୧

# ପୁଞ୍ଜିନିବେଶକୁ ପ୍ରୋତ୍ସାହନ ମିଳିବ

## ଓଡ଼ିଶା ଶିଳ୍ପନୀତି-୨୦୧୫, ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍‌ର ମୋହର

ଭୁବନେଶ୍ୱର,୨୩।୧୧(ଅନିଲ ଦାସ)

ରାଜ୍ୟ ସରକାର ଓଡ଼ିଶାରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବା ସହ ଶିଳ୍ପ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ଶିଳ୍ପନୀତି-୨୦୧୫ରେ ୨ଟି ସଂଶୋଧନ କରିଛନ୍ତି। ଏହାଦ୍ୱାରା ଯୋଗ୍ୟ ନିବେଶକମାନେ ପ୍ରୋତ୍ସାହନ ପାଇଁ ଉଚିତ ସମୟରେ ଦାବି ଜଣାଇବା ସହ ସେଗୁଡ଼ିକୁ ପୂରଣ ଦିଗରେ ସକ୍ଷମ ହେବେ। ଏଥିସହିତ ପ୍ରୋତ୍ସାହନର ମଧ୍ୟ ସୁଗମ ପରିଚାଳନା ହୋଇପାରିବ। ଶିଳ୍ପ ବିଭାଗ ଦ୍ୱାରା ଦିଆଯାଇଥିବା ଏହି ପ୍ରସ୍ତାବକୁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି।

ବିଭିନ୍ନ ପ୍ରୋତ୍ସାହନ ଏବଂ ପ୍ରମାଣପତ୍ର ବିଷୟରେ କିମ୍ବା ନୀତି ତଥା ଦରଖାସ୍ତ ପ୍ରଣାଳୀ ବିଷୟରେ ଅଜ୍ଞତା କାରଣରୁ ଅନେକ କ୍ଷେତ୍ରରେ ଶିଳ୍ପସଂସ୍ଥା ଆବେଦନପତ୍ର ଦାଖଲ କରିବାରେ ବିଳମ୍ବ କରିଥାଆନ୍ତି। ଏତଦ୍‌ବ୍ୟତୀତ କୋଭିଡ୍-୧୯ ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ପରିସ୍ଥିତିକୁ ମଧ୍ୟ ବିଚାରକୁ ନେଇ ଶିଳ୍ପନୀତି ୨୦୧୫ ଅଧୀନରେ ସମସ୍ତ ପ୍ରକାର ପ୍ରୋତ୍ସାହନ ଏବଂ ପ୍ରମାଣପତ୍ର ପାଇଁ ଆବେଦନ ଦାଖଲ କରିବାର ସମୟସୀମାକୁ ୧ ବର୍ଷରୁ ୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଅନୁମୋଦନ ଦିଆଯାଇଛି। ୨ ବର୍ଷରୁ ଅଧିକ ବିଳମ୍ବ ପାଇଁ ମୁଖ୍ୟ ଶାସନ ସଚିବଙ୍କ ସ୍ତରରେ ବିଚାର କରାଯିବା ଲାଗି ବ୍ୟବସ୍ଥା କରାଯାଇଛି। ପରବର୍ତ୍ତୀ ସମୟରେ ଏକକ ପଦକ୍ଷେପ ଭାବରେ, ଯେଉଁ ନିବେଶକମାନେ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିସାରିଛନ୍ତି କିନ୍ତୁ ଧାର୍ଯ୍ୟ ତାରିଖ ମଧ୍ୟରେ ପ୍ରୋତ୍ସାହନ କିମ୍ବା ପ୍ରମାଣପତ୍ର ପାଇଁ ସେମାନଙ୍କ ଆବେଦନ ଦାଖଲ କରିବାରେ ବିଫଳ ହୋଇଥିଲେ, କିନ୍ତୁ ୨୦୨୩ ଜୁନ ୩୦ ତାରିଖ ମଧ୍ୟରେ ଦାଖଲ କରିଥିଲେ ମଧ୍ୟ ଅଯୋଗ୍ୟ ହୋଇଥିବେ ସେମାନଙ୍କ ଦରଖାସ୍ତ ଯୋଗ୍ୟ ଆବେଦନକାରୀ ଭାବେ ପୁନଃ ବିଚାର କରାଯିବ। ଏହାପରେ ଦାଖଲ ହୋଇଥିବା ଆବେଦନଗୁଡ଼ିକ ବିବେଚନା କରାଯିବ ନାହିଁ, ଯେଉଁଠାରେ ଶିଳ୍ପସଂସ୍ଥାର ନିୟନ୍ତ୍ରଣ ବାହାରେ ଥିବା କାରଣରୁ ବିଳମ୍ବ ହେବାର ପରିଲକ୍ଷିତ ହେବ, ତାହା ମୁଖ୍ୟ ସଚିବଙ୍କ ସ୍ତରରେ ବିଚାର କରାଯିବ।

ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬ରେ ୨୦୧୮ ନଭେମ୍ବର ୧୩ରେ ଏକ ସଂଶୋଧନ କରାଯାଇଥିଲା। ଏଥିରେ ଦ୍ରବଣ ନିଷ୍କାସନ ଏବଂ ରିଫାଇନ ତୈଳ ପ୍ରସ୍ତୁତି ଏବଂ ପାନୀୟ ଜଳର ବିଶୋଧନ କାରଖାନା କାର୍ଯ୍ୟକଳାପକୁ ନକାରାତ୍ମକ ତାଲିକାରୁ ହଟାଯାଇଥିଲା ଏବଂ ଏହି ନୀତି ଅନୁଯାୟୀ ପ୍ରୋତ୍ସାହନ ପାଇଁ ଯୋଗ୍ୟ ହୋଇଥିଲେ। କିନ୍ତୁ ୨୦୨୦ ଅଗଷ୍ଟ ୧୮ରେ ଶିଳ୍ପନୀତି-୨୦୧୫ରେ ସମାନ ବ୍ୟବସ୍ଥା କରାଯାଇଥିଲା। ଶିଳ୍ପନୀତି ଏବଂ କ୍ଷେତ୍ରୀୟ ନୀତିରେ ଉପରୋକ୍ତ ଅସଙ୍ଗତିକୁ ଦୂର କରାଯାଇଛି। ୨୦୨୦ ଅଗଷ୍ଟ ୧୮ରେ ଶିଳ୍ପନୀତି ୨୦୧୫ରେ କରାଯାଇଥିବା ସଂଶୋଧନ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି-୨୦୧୬ରେ ହୋଇଥିବା ସଂଶୋଧନ ତାରିଖଠାରୁ ଅର୍ଥାତ୍ ୨୦୧୮ ନଭେମ୍ବର ୧୩ ତାରିଖଠାରୁ କାର୍ଯ୍ୟକାରୀ ହେବ।

ଏଥିସହିତ ଓଡ଼ିଶାରେ ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଏବଂ ଶିକ୍ଷକ ନିଯୁକ୍ତି ବ୍ୟବସ୍ଥାକୁ ସରଳ କରିବା ପାଇଁ କ୍ୟାବିନେଟ୍ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯ରେ ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏକାଡେମିକ୍ ଉତ୍କର୍ଷ, ଗୁଣାତ୍ମକ ଗବେଷଣା ନିମନ୍ତେ ଅଧିକରୁ ଅଧିକ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ପ୍ରାପ୍ତି ଦିଗରେ ହୋଇଥିବା ସମସ୍ୟା ଓ ସମାଧାନ କରିବାକୁ ଏହି ସଂଶୋଧନ ହୋଇଛି। ବିଶ୍ୱବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଉନ୍ନତି ଆଣିବା, ଅଧିକ ସ୍ୱାୟତ୍ତତା ସହିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସଶକ୍ତ କରିବା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ଏବଂ ଅଧ୍ୟାପକ ନିଯୁକ୍ତି ଓ କୁଳପତି ଚୟନ ପ୍ରକ୍ରିୟାରେ ଏକାଡେମିକ୍ ପ୍ରଫେଶନାଲଙ୍କୁ ଜଡ଼ିତ କରିବା, ଅର୍ଥ କମିଟି ଓ ନିର୍ମାଣ କମିଟି ଆଦି ଗଠନ କରିବା ଏହି ଆଇନରେ ସଂଶୋଧନ ଦ୍ୱାରା ସମ୍ଭବ ହୋଇପାରିବ।

ଏହି ଆଇନରେ ସଂଶୋଧନ କରି ରାଜ୍ୟ ସରକାର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିବା ସହ କୋର୍ଟ ମାମଲା ହେତୁ ଶିକ୍ଷକ ନିଯୁକ୍ତିରେ ଆସିଥିବା ସ୍ଥାଣୁତା ଦୂର କରିବାକୁ ଲକ୍ଷ୍ୟ ରଖୁଛନ୍ତି। ନିଯୁକ୍ତି ପାଇଁ ଅଧିକ ସ୍ୱଚ୍ଛ ଏବଂ ସମୟ ସୀମା ବୃଦ୍ଧି ପ୍ରଣାଳୀ ସୃଷ୍ଟି କରିବାକୁ ଏହି ପରିବର୍ତ୍ତନଗୁଡ଼ିକ ପରିକଳ୍ପନା କରାଯାଇଛି। ଏହି ସଂଶୋଧନ ଜାତୀୟ ଶିକ୍ଷାନୀତି, ୨୦୨୦ର ପରିବର୍ତ୍ତନଶୀଳ ଦିଗଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରିଛି। ଯେପରି କି ବହୁମୁଖୀ ଶିକ୍ଷା ଉପରେ ଗୁରୁତ୍ୱ, ନିଯୁକ୍ତି ପାଇଁ ଦକ୍ଷତା ବିକାଶ ଏବଂ ଦୂରତା ଶିକ୍ଷା ଇତ୍ୟାଦି ମାଧ୍ୟମରେ ଅଧିକରୁ ଅଧିକ ଛାତ୍ରୀଛାତ୍ର ଯେପରି ଉଚ୍ଚଶିକ୍ଷା ହାସଲ କରିବେ। ଏଥିସହିତ କ୍ୟାବିନେଟ୍‌ରେ ମୋଟ ୨ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।






## ସଂକ୍ଷେପରେ

# ଯୁବକଙ୍କ ଗଳିତ ମୃତଦେହ ଜବତ

### ପରିଚୟ ଖୋଜୁଛି ପୋଲିସ

ଭୁବନେଶ୍ୱର,୨୩।୧୧(ସତ୍ୟଜିତ୍ ରାଉତ) – ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ଲିଙ୍ଗରାଜ ମାର୍କେଟ ନିକଟ ଏକ ଗାଡ଼ିଆରୁ ଶନିବାର ଜଣେ ଯୁବକଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ତେବେ ଉକ୍ତ ଯୁବକଙ୍କ ପରିଚୟ ନ ମିଳିବାରୁ ପୋଲିସ ସମସ୍ୟାରେ ପଡ଼ିଛି। ଯୁବକଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବାବେଳେ ବୟସ ୩୦ରୁ ୩୫ ବର୍ଷ ମଧ୍ୟରେ ହେବ। ଦିନେ କିମ୍ବା ଦୁଇଦିନ ତଳେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ ଶବ ସଂରକ୍ଷଣ ଗୃହରେ ରଖିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ତାଙ୍କ ଠିକଣା ଓ ପରିଚୟ ପାଇବାକୁ ପୋଲିସ ଆଖପାଖରେ ପଚରାଉଚରା କରୁଛି। ଏଥିସହ ଆଖପାଖ ଥାନା ଅଞ୍ଚଳର ନିଖୋଜ ମାମଲା ଯାଞ୍ଚ କରିବା ସହ ଫଟୋ ଆଦି ପଠାଇଛି। ଏଥିସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଥିବା ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ କହିଛନ୍ତି।

# ଲକ୍ଷେ ଟଙ୍କା ଭର୍ତ୍ତି ବ୍ୟାଗ୍ ପାଇ ଫେରାଇଲେ ଅଟୋଚାଳକ

ଭୁବନେଶ୍ୱର,୨୩।୧୧(ସତ୍ୟଜିତ୍ ରାଉତ)– ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ଅଟୋଚାଳକ ମହାନତା ଦେଖାଇଛନ୍ତି। ଶନିବାର ରାସ୍ତାରୁ ଲକ୍ଷେ ଟଙ୍କା ଭର୍ତ୍ତି ବ୍ୟାଗ୍ ପାଇ ପୋଲିସକୁ ଫେରାଇବା ପରେ ପ୍ରକୃତ ଲୋକ ତାଙ୍କ ଟଙ୍କା ଫେରିପାଇଛନ୍ତି। ଟଙ୍କା ପାଇ ଫେରାଇଥିବା ଅଟୋଚାଳକ ଜଣକ ହେଲେ ପ୍ରଶାନ୍ତି ବିହାରରେ ରହୁଥିବା ବାବୁ ମାଝୀ। ମିଳିଥିବା ସୂଚନା ଅନୁଯାୟୀ, ସୁବୋଧ କୁମାର ବରାଳ ନାମକ ଜଣେ ଯୁବକ ଘରଛାତ କାମ ପାଇଁ ସ୍ଥାନୀୟ ଅଞ୍ଚଳରେ ରହୁଥିବା ଭଉଣୀଠାରୁ ଟଙ୍କା ନେଇ ଗାଁକୁ ଯାଉଥିଲେ। ସେ ବାଇକ୍‌ରେ ଯାଉଥିବା ବେଳେ ପଟିଆ ଟ୍ରାଫିକ୍ ଛକ ନିକଟରେ ଟଙ୍କାଭର୍ତ୍ତି ବ୍ୟାଗ୍‌ଟି ଗଳିପଡ଼ିଥିଲା। କିଛି ସମୟ ପରେ ଅଟୋଚାଳକ ବାବୁ ଉକ୍ତ ବ୍ୟାଗ୍‌ଟିକୁ ପାଇ ରଖିଥିଲେ। ଏପଟେ ଟଙ୍କାଭର୍ତ୍ତି ବ୍ୟାଗ୍ ହଜିଯାଇଥିବା ନେଇ ସୁବୋଧ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ବାବୁଙ୍କ ଅଟୋକୁ ଚିହ୍ନଟକରି ତାଙ୍କୁ କଲ୍ କରି ଟଙ୍କା ଫେରାଇବାକୁ କହିଥିଲେ। ପରେ ବାବୁ ଥାନାକୁ ଆସି ଟଙ୍କା ଫେରାଇଥିଲେ। ଟଙ୍କା ଫେରିପାଇବା ପରେ ସୁବୋଧ ଅଟୋଚାଳକ ବାବୁଙ୍କୁ ଧନ୍ୟବାଦ ଦେଇଥିଲେ।

# ନବକୃଷ୍ଣ ଚୌଧୁରୀ ସାଲିସ୍‌ବିହୀନ ବ୍ୟକ୍ତିତ୍ୱ ଥିଲେ



ସୂଚନା ଭବନଠାରେ ନବକୃଷ୍ଣ ଚୌଧୁରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ଅନ୍ୟମାନେ।

**ଭୁବନେଶ୍ୱର, ୨୩।୧୧(ବନ୍ଦନା ସେଠୀ)**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶବାଦୀ ରାଜନେତା ଓ ସାଲିସ୍‌ବିହୀନ ବ୍ୟକ୍ତିତ୍ୱ। ଜମିଦାରି ପ୍ରଥା ଉଚ୍ଛେଦ, ଓଡ଼ିଶା ଭାଗଚାଷ ଆଇନ, ଭୂସଂସ୍କାର ପାଇଁ ପ୍ରାଥମିକ ବ୍ୟବସ୍ଥା ଆଦି ଜନକଲ୍ୟାଣକାରୀ ନିୟମ ଆଣି ସେ ଓଡ଼ିଶାର ଧନୀ–ଦରିଦ୍ର ମଧ୍ୟରେ ତାରତମ୍ୟକୁ ହ୍ରାସ କରିବା ଦିଗରେ ଚେଷ୍ଟା କରିଥିଲେ। ସେ ସବୁବେଳେ ଓଡ଼ିଆଙ୍କ ସ୍ୱାଭିମାନ, ଉନ୍ନତି ବିଷୟରେ ଚିନ୍ତା କରୁଥିଲେ। ଜଣେ ନିଷ୍ଠାପର ଜନନାୟକ ଏବଂ ବିପ୍ଳବୀର ସମସ୍ତ ଗୁଣ ତାଙ୍କଠାରେ ପରିପୂର୍ଣ୍ଣ ଥିଲା ବୋଲି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶନିବାର ସୂଚନା ଭବନଠାରେ ନବକୃଷ୍ଣ ଚୌଧୁରୀଙ୍କ ୧୨୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ଜଣେ ବିପ୍ଳବୀ ଜନନାୟକ, ସାମ୍ୟବାଦୀ ଦର୍ଶନର ରୂପକାର, କୃଷକ, ଖଟିଖିଆ ଓ ମେହନତି ମଣିଷର ସୁଖଦୁଃଖର ସାଥୀ, ସରଳ, ନିରାଡ଼ମ୍ବର ଓ ସର୍ବୋପରି ଜଣେ ସଚ୍ଚା ଦେଶସେବକ ଭାବେ ନବକୃଷ୍ଣ ଚୌଧୁରୀ ଓଡ଼ିଶାବାସୀଙ୍କ ହୃଦୟରେ ଚିର ଅମର ହୋଇ ରହିବେ। ମୁଖ୍ୟବକ୍ତା ଭାବେ ଆଇଆଇଟି ଭୁବନେଶ୍ୱରର ସଦସ୍ୟ ସତ୍ୟବ୍ରତ ପଣ୍ଡା ଯୋଗଦେଇ କହିଲେ, ନବକୃଷ୍ଣ ଓଡ଼ିଶା

## ରାଜ୍ୟସ୍ତରୀୟ ଜୟନ୍ତୀ

ଗ୍ରାମାଞ୍ଚଳର ବିକାଶ, ଚାଷୀମୂଲିଆ ତଥା ସମାଜର ନିମ୍ନସ୍ରୋତରେ ଥିବା ମଣିଷଙ୍କ ଉନ୍ନତି, ଭାଷାଗତ ଓ ସାଂସ୍କୃତିକ ବିକାଶ ସାଙ୍ଗକୁ ସବୁବେଳେ ଦୂରଦୃଷ୍ଟି ନେଇ ସମାଜର ଉତ୍ତରଣ କଥା ଚିନ୍ତା କରୁଥିଲେ। ତାଙ୍କ ପ୍ରଦର୍ଶିତ ମାର୍ଗକୁ ଅନୁସରଣ କରିପାରିଲେ ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ସେ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗାନ୍ଧିବାଦୀ ଲେଖକ ଓ ସ୍ତମ୍ଭକାର ପ୍ରହଲ୍ଲାଦ କୁମାର ସିଂହ କହିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ମହାଜନି କାରବାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ କହିଲେ, ପ୍ରତିକୂଳତାକୁ ଭ୍ରୂକ୍ଷେପ ନ କରି, କ୍ଷମତା ଓ ବସ୍ତୁବାଦୀ ଲୋଭରେ ଅବିଚଳିତ ରହି, ପ୍ରଲୋଭନକୁ ପଦାନତ କରି ନବକୃଷ୍ଣ ଚୌଧୁରୀ ଏକ ନୂତନ ଆଦର୍ଶ ସୃଷ୍ଟି କରିଥିଲେ। ବିଭାଗର ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଉପନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଓଡ଼ିଶାର ସ୍ୱାଧୀନତା ସଂଗ୍ରାମକୁ ପ୍ରଜ୍ୱଳିତ କରିଥିଲେ ବୀରକିଶୋର’


ସାରଳା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**କଟକ,୨୩।୧୧ (କାର୍ତ୍ତିକ ସାହୁ)**

ଜାତୀୟ କବି ବୀର କିଶୋର ସ୍ମୃତି ସଂସଦ ପକ୍ଷରୁ ଜାତୀୟ କବି ବୀରକିଶୋରଙ୍କ ଜୟନ୍ତୀ କଟକ ସାରଳା ଭବନରେ ଶନିବାର ପାଳିତ ହୋଇଯାଇଛି। ଏଥିରେ ସ୍ମୃତି ସଂସଦ ସଭାପତି ଡ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଛନ୍ତି, ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବୀରକିଶୋର ସରକାରୀ ଚାକିରି ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ତାଙ୍କର ତ୍ୟାଗପୂତ ଜୀବନ ଉତ୍ତର ପିଢ଼ିଙ୍କ ଆଦର୍ଶ ହେଉ ବୋଲି ସେ ଆହ୍ୱାନ ଦେଇଛନ୍ତି। ମୁଖ୍ୟ ଅତିଥି ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି କହିଛନ୍ତି, ଜାତୀୟ କବି ବୀର କିଶୋର ଦାସ ତାଙ୍କର ଜ୍ୱାଳାମୟୀ କବିତା ମାଧ୍ୟମରେ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମକୁ ପ୍ରଜ୍ୱଳିତ କରିଥିଲେ। ସେ ମୋ ଦେଶ ନାମକ ଶିଶୁ ପତ୍ରିକା ପ୍ରକାଶ କରି ଶିଶୁ ସାହିତ୍ୟକୁ ସମୃଦ୍ଧ କରିଥିଲେ। ମୁଖ୍ୟବକ୍ତା କଥାଶିଳ୍ପୀ ତରୁଣ କୁମାର ସାହୁ କହିଛନ୍ତି, ବୀରକିଶୋରଙ୍କ ରଚିତ ମୋହନ ବଂଶୀ, ରଣଭେରୀ, ରଣଦୁନ୍ଦୁଭି, ଅମର ଯୁଗର ସମର ସଙ୍ଗୀତ ଆଦି କବିତା ଗ୍ରନ୍ଥ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ପାଇଁ ବହୁ ତରୁଣଙ୍କୁ ପ୍ରଭାବିତ କରିଥିଲା। ପ୍ରଫେସର ସତ୍ୟନାରାୟଣ ପଣ୍ଡା, ଡ. ଭାଗବତ ଶୁକ୍ଳ, ଡା. ନିରଞ୍ଜନ ତ୍ରିପାଠୀ, ଡା. ନିମାଇଁ ଚରଣ ପରିଜା, କିଶୋର କୁମାର ମହାନ୍ତି, ପ୍ରସନ୍ନ କୁମାର ଜେନା, ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି, ବ୍ରହ୍ମାନନ୍ଦ ମହାନ୍ତି, ସଞ୍ଜିତ ପଟ୍ଟନାୟକ ପ୍ରମୁଖ ଜାତୀୟ କବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ରଜ କିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜାତୀୟ କବି ବୀରକିଶୋର ସରକାରୀ ମହାବିଦ୍ୟାଳୟରେ ବୀରକିଶୋରଙ୍କ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଅନୁଜା ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ଅଧ୍ୟାପିକା ଡ. ସଞ୍ଜିତା ମିଶ୍ର ଯୋଗଦେଇ କହିଛନ୍ତି, ବୀରକିଶୋରଙ୍କ ଜାତୀୟତାବାଦ, ସଂଗ୍ରାମ, ପ୍ରେମ ଓ ଶିଶୁ ସାହିତ୍ୟ ଅନନ୍ୟ। ଜାତୀୟ କବି ବୀରକିଶୋର ଜୟନ୍ତୀ କମିଟି ଆବାହକ ତଥା ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଡ. ଅନନ୍ତ କିଶୋର ଜେନା କହିଛନ୍ତି, ସ୍ୱାଧୀନତା ସଂଗ୍ରାମରେ ବୀରକିଶୋରଙ୍କ ଅବଦାନ ଅବିସ୍ମରଣୀୟ। ଡ. ସ୍ମରିତା ପ୍ରଧାନ ଅତିଥି ପରିଚୟ ଓ ଦେବଦତ୍ତା ମିଶ୍ର ଧନ୍ୟବାଦ ଦେଇଥିଲେ। ଡ. ଶିବପ୍ରସାଦ ଦଳେଇଙ୍କ ନିର୍ଦ୍ଦେଶନାରେ ଜାତୀୟ କବି ବୀରକିଶୋରଙ୍କ କବିତାକୁ ସ୍ୱାଗତ ସଙ୍ଗୀତ ଭାବେ ଗାନ କରାଯାଇଥିଲା।

# କାର୍‌ରୁ ୨୦ କେଜି ଗଞ୍ଜେଇ ଜବତ

### ଉତ୍ତରପ୍ରଦେଶର ୨ଯୁବକ ଗିରଫ

ଭୁବନେଶ୍ୱର,୨୩।୧୧(ସତ୍ୟଜିତ୍ ରାଉତ)– ଖଣ୍ଡଗିରି ଥାନା ପୋଲିସ ଏକ କାର୍‌ରୁ ୨୦ କେଜି ଗଞ୍ଜେଇ ଜବତ କରିବା ସହ ଉତ୍ତରପ୍ରଦେଶର ଦୁଇଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସନ୍ଥ କବିର ନଗର ଜିଲାର ସାଜ୍ରେ ଆଲାମ୍ (୩୮) ଓ ଇମ୍‌ତିଆଜ ଅହମ୍ମଦ (୪୧)। ଏନେଇ ଏକ ମାମଲା (ନଂ.୮୨୨/୨୦୨୪) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ପୋଲିସ ଟିମ୍ ଶୁକ୍ରବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିଲା। ରାତି ପ୍ରାୟ ୧୨ଟା ୪୨ରେ ଖଣ୍ଡଗିରି ବିଦେଶୀ ମଦ ଦୋକାନ ନିକଟରେ ଉକ୍ତ କାର୍ (ୟୁପି୫୮ଏସି୭୦୯୯)ଟି ପାର୍କିଂ ହୋଇଥିବା ଦେଖି ପୋଲିସ ଯାଞ୍ଚ କରିଥିଲା। କାରରୁ ଏକ ବସ୍ତାରେ ଗଞ୍ଜେଇ ବାହାରିଥିଲା। ତେବେ ଅଭିଯୁକ୍ତଦ୍ୱୟ ଭୁବନେଶ୍ୱର କିମ୍ବା କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ନେଇ ୟୁପି ଯାଇଥାନ୍ତେ ବୋଲି ଜଣାପଡ଼ିଛି। ପୋଲିସ ଏହି ମାମଲାରେ ଅଧିକ ଖୋଳତାଡ କରୁଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରଶାନ୍ତ


@ ସ୍ୱସ୍ତିପ୍ରିୟା


@ ଅଜୟ


@ ସନ୍ତୋଷ


@ ଆଦର୍ଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସରିଲା କଟକ ବାଲିଯାତ୍ରା

କଟକ, ୨୩।୧୧(ଶିଳ୍ପା ପ୍ରିୟଦର୍ଶିନୀ)– ଐତିହାସିକ କଟକ ବାଲିଯାତ୍ରା ଶନିବାର ଶେଷ ହୋଇଛି। ଦିନତମାମ ବାଲିଯାତ୍ରା ପଡ଼ିଆରେ ଲୋକଙ୍କ ଗହଳି ଲାଗିଥିଲା। ସନ୍ଧ୍ୟାରେ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା। ପଡ଼ିଆକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ଜାମ୍ ହୋଇଥିଲା। ଏପରି କି ମହାନଦୀ ରିଂରୋଡ୍‌ରେ ପ୍ରାୟ ୫ କି.ମି. ପର୍ଯ୍ୟନ୍ତ ଗାଡ଼ିର ଲମ୍ବା ଧାଡି ଲାଗିଥିବା ଦେଖିବାକୁ ମିଳିଥିଲା। ସମସ୍ତେ ଚାହୁଁଥିଲେ ପଡ଼ିଆରେ ଆଗ ପହଞ୍ଚିବା ପାଇଁ। ଶେଷ ଦିନରେ ଲୋକମାନେ ଚଟ୍‌ପଟି ଖାଦ୍ୟ ଖାଇବା ସହ ଦୋଳିରେ ବସି ମଜା ନେଇଥିଲେ। ଏପରି କି ଘରକରଣା ସାମଗ୍ରୀ କିଣିଥିଲେ। ଏଥିପାଇଁ ବିଭିନ୍ନ ଷ୍ଟଲ୍‌ରେ ଭିଡ଼ ଲାଗିଥିବାବେଳେ ବ୍ୟବସାୟୀ ମଧ୍ୟ ଭଲ ରୋଜଗାର କରିଛନ୍ତି।



# ଓଡ଼ିଶା ଶିଳ୍ପ, ବାଣିଜ୍ୟରେ ଶୀର୍ଷକୁ ଯିବ: ଆଇନ ମନ୍ତ୍ରୀ

**କଟକ,୨୩।୧୧ (କାର୍ତ୍ତିକ ସାହୁ)**

ବାଲିଯାତ୍ରା ପଡ଼ିଆ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାକୁ ଉଦ୍‌ଘାଟନକରି କହିଛନ୍ତି, ଆଜକୁ ଅଢ଼େଇ ହଜାର ବର୍ଷ ପୂର୍ବେ ନୌବାଣିଜ୍ୟ ଚାଲିଥିଲା। ଓଡ଼ିଶାକୁ ବିକଶିତ କରିବାକୁ ହେଲେ ନୌବାଣିଜ୍ୟ ଆଗେଇବାକୁ ହେବ। ଆଗାମୀ ଦିନରେ ଓଡ଼ିଶା ଶିଳ୍ପ ଓ ବାଣିଜ୍ୟରେ ଶୀର୍ଷକୁ ଯିବ। ସେହିପରି ସମ୍ମାନିତ ଅତିଥି କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି, ବାଲିଯାତ୍ରା ଆମର ଅସ୍ମିତା। ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ବାଣିଜ୍ୟ, ବ୍ୟବସାୟ ଜରିଆରେ ଓଡ଼ିଶାକୁ ଶିଳ୍ପ ସମୃଦ୍ଧଶାଳୀ ରାଜ୍ୟରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏଥର ବାଲିଯାତ୍ରାର ମାନ ଅତ୍ୟନ୍ତ ଉଚ୍ଚକୁ ଉଠିଛି ବୋଲି କହିଥିଲେ। ବିଧାୟିକା ସୋଫିଆ ଫିର୍ଦ୍ଦୋସ, କଟକ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଓ କଟକ ଡିସିପି ଜଗମୋହନ ମୀନା ଯୋଗଦେଇଥିଲେ।

ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସ୍ୱାଗତ ଭାଷଣ ଦେଇ ଶୁକ୍ରବାର ସୁଦ୍ଧା ଓର୍‌ମାସ୍‌ରେ ୩୭ କୋଟି ଟଙ୍କାର ବ୍ୟବସାୟ ହୋଇଥିବା କହିଥିଲେ। କଟକ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ହାସ୍ୟ ଅଭିନେତା ଜୟୀରାମ ସାମଲ, ପ୍ରଶାନ୍ତ ନନ୍ଦ, ଅଭିନେତ୍ରୀ ଜୟା ସ୍ୱାମୀ, ନମ୍ରତା ଦାସ, ପ୍ରଣବ ଦାସ, ସୁବାସ ଦାସ, ଡ. ତ୍ରିପୁରା ମିଶ୍ର, ବନଜା ଦାସ ମହାନ୍ତି, ନିର୍ଦ୍ଦେଶକ ଡ. ସବ୍ୟସାଚୀ ମହାପାତ୍ର, ସୁରେନ୍ଦ୍ର କୁମାର ସାହୁ, ଗୀତିକାର ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ, କଣ୍ଠଶିଳ୍ପୀ ଗୀତା ଦାସ, ଶେଖର ଘୋଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପ୍ରାୟୋଜକ ଭାବେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ଓମ୍ ଅଏଲ ଆଣ୍ଡ ଫ୍ଲୋରସ୍ ଲିମିଟେଡ୍ ତଥା ରୁଚି ମସଲାର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ମ୍ୟାନେଜର ସନ୍ତୋଷ ମିଶ୍ର ଓ ନୀଳାଞ୍ଚଳ ସୁବୁଦ୍ଧି, ୟୁକୋ ବ୍ୟାଙ୍କର ଡିଜିଏମ୍ ତଥା ଜୋନାଲ ହେଡ୍ ଚିନ୍ମୟ କୁମାର ସାହୁ ଏବଂ ଓର୍‌ମାସ୍‌ର ଜଏଣ୍ଟ ସିଇଓ ବିପିନ୍ ରାଉତଙ୍କ ସମେତ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବାଲିଯାତ୍ରାକୁ ନେଇ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା।


ଗଣକବି ବୈଷ୍ଣବ ପାଣି ମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି, ମନ୍ତ୍ରୀ, ବିଧାୟକ ଓ ଜିଲାପାଳଙ୍କ ସହ ଅନ୍ୟମାନେ ।

ଉଦ୍‌ଯାପନୀ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚ ଓ ଅକ୍ଷୟ ମହାନ୍ତି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ବିୟୋଗରେ କାର୍ଯ୍ୟକ୍ରମ ବନ୍ଦ କରାଯାଇଥିବାବେଳେ ଉକ୍ତ ଦିନର କାର୍ଯ୍ୟକ୍ରମକୁ ଶନିବାର ପରିବେଷଣ କରାଯାଇଥିଲା। ଗଣକବି ବୈଷ୍ଣବ ପାଣି ମଞ୍ଚରେ ଓଲିଉଡ୍ କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକ ଅନେକ ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ। ଏଥିସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ଅକ୍ଷୟ ମହାନ୍ତି ମଞ୍ଚରେ କେ–୧ ଲାଇଭ ପକ୍ଷରୁ ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତ ପରିବେଷଣ କରାଯାଇଥିଲା। ସେହିପରି ଓଲିଉଡ୍ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ ଲୋକପ୍ରିୟ ସଙ୍ଗୀତ ପରିବେଷଣ କରିଥିବାବେଳେ ବିଭିନ୍ନ ନୃତ୍ୟାନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୩।୧୧।୨୦୨୪

| | |
|---|---|
| ୪,୧୩,୨୪୪ ଟଙ୍କା | |
| ସୁନା | ୧.୧୬୦ ଗ୍ରାମ୍ |
| ରୁପା | ମିଳିନାହିଁ |

# ମନ ମୋହିଲା ନାଭାଲ ବ୍ୟାଣ୍ଡ କନ୍‌ସର୍ଟ

ପୁରୀ,୨୩।୧୧(ଅଜିତ୍ କୁମାର ମହାନ୍ତି)

ଡିସେମ୍ବର ୪ରେ ବ୍ଲୁ-ଫ୍ଲାଗ୍ ବିଚ୍‌ଠାରେ ନୌସେନ ଦିବସ ପାଳନ କରାଯିବ। ଏହାର ଅବ୍ୟବହିତ ପୂର୍ବରୁ ଶନିବାର ସନ୍ଧ୍ୟାରେ ଟାଉନ୍ ହଲ୍‌ଠାରେ ନାଭାଲ ବ୍ୟାଣ୍ଡ ଆଇଏନ୍ଏସ୍ ଚିଲିକା ପକ୍ଷରୁ ଏକ ଚିତ୍ତାକର୍ଷକ କନସର୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ନୌସେନାର ଅବସରପ୍ରାପ୍ତ ସର୍ଜନ ରିଅର ଆଡ୍‌ମିରାଲ୍ ସଲୀଲ କୁମାର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପରେ ପରେ ନାଭାଲ ବ୍ୟାଣ୍ଡର ଚିଫ୍ କଣ୍ଡକ୍ଟର ହନୁମାନ ଥାପାଙ୍କ ନେତୃତ୍ୱରେ ସମସ୍ତ କଳାକାର ଚମତ୍କାର କନସର୍ଟ ପରିବେଷଣ କରିଥିଲେ। କଳାକାର ପ୍ରସନ୍ନଜିତ୍ ମହନ୍ତ, ଗୌତମ ସିଂ, ପବିତ୍ର ଘୋଷ, ଷ୍ଟିଫେନ ଜୋ, ଗୌରବ ପ୍ରଶାନ୍ତ ଜି, ଡାନିଏଲ ଲାଲନୁଥାରା, ମଦନ ଛେତ୍ରୀ, ପି. ଭୈଭବ, ମୋହନ ରାଓ, ଆଜିଙ୍କ୍ୟ ଶିବାଜୀ ଯାଦବ, ନମଦାସ ଭି ଚନ୍ଦ୍ରକାନ୍ତ, ଅଜୟ ଭଟ୍ଟ, ସୌମ୍ୟଦୀପ ମଣ୍ଡଳ, ରୋଶନ ଆର, ପଙ୍କଜ ବିଶ୍ୱକର୍ମା, ରାହୁଲ କୁମାର, ରେଜିନ ସିଏସ୍, ଶୁଭମ ପାଠକ, ଅଭିଜିତ କୁମାର ଓ ରାହୁଲ ବିଶ୍ୱକର୍ମା ବାଦ୍ୟଯନ୍ତ୍ରର ଚମତ୍କାର ଉପଯୋଗ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ।

'ଜୟ ହୋ' ଗୀତରୁ ଆରମ୍ଭ ହୋଇଥିବା ଏହି କନସର୍ଟ ୧୪ ଲୋକପ୍ରିୟ ଗୀତର କନସର୍ଟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଏନ୍‌ସିସି କ୍ୟାଡେଟ୍ ଓ ସାଧାରଣ ଲୋକମାନେ ଉପସ୍ଥିତ ରହି କନସର୍ଟ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିବା ସହ ବିପୁଳ କରତାଳିରେ କଳାକାରଙ୍କୁ ଉତ୍ସାହିତ କରିଥିଲେ।




## ଓଡ଼ିଶା ଶିକ୍ଷା ଅମଲା ସଂଘ ପୁରୀ ଶାଖା ପକ୍ଷରୁ ବୈଠକ

ପୁରୀ,୨୩।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍କୁଲ ପ୍ରାଙ୍ଗଣରେ ଓଡ଼ିଶା ଶିକ୍ଷା ଅମଲା ସଂଘ ପୁରୀ ଶାଖାର ନୂତନ ସରଞ୍ଜନାତ୍ମକ ଜିଲା ସମିତି ଗଠନ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କ୍ଷୀତିଶ ଚନ୍ଦ୍ର ପାଲ ସଭାପତିତ୍ୱ କରିଥିଲେ। ବୈଠକରେ ପୁରୁଷ ଅଧକ୍ଷ ଭାବେ ପ୍ରଶାନ୍ତ କୁମାର ମହାପାତ୍ର, ମହିଳା ଅଧକ୍ଷା ଭାବେ ପ୍ରଣତୀ ଦୀକ୍ଷିତ ନିର୍ବାଚିତ ହୋଇଥିବା ବେଳେ ସଦାନନ୍ଦ ତ୍ରିପାଠୀ ସଭାପତି, ସୁନୀଲ କୁମାର ବେହେରା ଉପସଭାପତି, ଆଦିତ୍ୟ ମିଶ୍ର କାର୍ଯ୍ୟକାରୀ ସଭାପତି, କୃଷ୍ଣଚନ୍ଦ୍ର ବେହେରା ସାଧାରଣ ସମ୍ପାଦକ, କୃତୀଦାସ ବେହେରା ସାଙ୍ଗଠନିକ ସମ୍ପାଦକ, ସଞ୍ଜୟ କୁମାର ସ୍ୱାଇଁ ଅର୍ଥ ସମ୍ପାଦକ, ରତିକାନ୍ତ ବରାଳ ସହ-ଅର୍ଥ ସମ୍ପାଦକ, ସତ୍ୟ ନାରାୟଣ ମହାନ୍ତି କାର୍ଯ୍ୟାଳୟ ସମ୍ପାଦକ, ବିପିନ କୁମାର ରାୟ ଗଣମାଧମ ସଂଯୋଜକ ଏବଂ ୧୧ଟି ବ୍ଲକ ଓ ଏକ ପୌରପାଳିକା ନିମନ୍ତେ ୧୨ଗୋଟି ସଂଯୋଜକ ବୈଠକରେ ସଦସ୍ୟମାନଙ୍କ ଦ୍ୱାରା ଚୟନ କରାଯାଇଛନ୍ତି। ଏହାସହ ଦୀପକ କୁମାର ସାହୁଙ୍କୁ ରାଜ୍ୟ ଯୁଗ୍ମ ସମ୍ପାଦକ ଭାବେ ଚୟନ କରାଯାଇଛି। ବୈଠକରେ ମାନସ ରଞ୍ଜନ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ବୈଠକରେ ହେମନ୍ତ କୁମାର ଦାଶ, ଜିତେନ୍ଦ୍ରୀୟ କୁଣ୍ଡ, ପ୍ରଣତୀ ଦୀକ୍ଷିତଙ୍କ ସମେତ ୨୦୨ ଜଣ ସଦସ୍ୟାସଦସ୍ୟ ଉପସ୍ଥିତ ରହି ଏହି ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ।

# ମୁକ୍ତାକାଶ ରଙ୍ଗମଞ୍ଚରେ ଶୋଭାପାଉଛି ଝୋଟି, ଚିତା

କୋଣାର୍କ,୨୩।୧୧(ଜ୍ୟୋତିରାଜ ମହାନ୍ତି)

**କୋଣାର୍କ ଉତ୍ସବ ପ୍ରସ୍ତୁତି**

କୋଣାର୍କ ଉତ୍ସବ ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ମୁକ୍ତାକାଶ ରଙ୍ଗମଞ୍ଚରେ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଓ ଚନ୍ଦ୍ରଭାଗା ବେଳାଭୂମିରେ ଦେଶ, ବିଦେଶରେ ବାଲୁକାଶିଳ୍ପୀଙ୍କୁ ନେଇ ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନୀ ଅନୁଷ୍ଠିତ ହେବ। ମୁକ୍ତାକାଶ ରଙ୍ଗମଞ୍ଚ ଗ୍ରୀନ ରୁମ ମରାମତି, ପାଚେରୀରେ ଝୋଟି ଓ ଚିତା ରଙ୍ଗ, ଶବ୍ଦ ଓ ଆଲୋକ ବ୍ୟବସ୍ଥା, ଦର୍ଶକ ଗ୍ୟାଲେରୀ ସାଜସଜ୍ଜା, ଯାତ୍ରୀ ନିବାସର ରୁମ ମରାମତି ଆଦି କାର୍ଯ୍ୟ ଆଗେଇ ଚାଲିଛି। ରଙ୍ଗମଞ୍ଚ ପରିସରରେ ଥିବା ବଡ଼ ଗଛରେ ଚାନ୍ଦୁଆ ଶୋଭା ପାଉଛି। ପ୍ରତି ସନ୍ଧ୍ୟା ୬ଟାରୁ ରାତି ୮ଟା ୩୦ପର୍ଯ୍ୟନ୍ତ ଓଡ଼ିଶୀ, କଥକ, ମଣିପୁରୀ, କୁଚିପୁଡ଼ି, ଭାରତନାଟ୍ୟମ, ମୋହିନୀଆଟ୍ଟମ ଆଦି ନୃତ୍ୟ ପ୍ରଦର୍ଶନ ହେବ। ଟିକେଟର ମୂଲ୍ୟ ୫ ଦିନ ପାଇଁ ସିଜିନ (୪ଶହ), ଦୈନିକ ୧୦୦ ଟଙ୍କା ଓ ୨୦ଟଙ୍କା। ଓଟିଡିସି ପକ୍ଷରୁ ଭୁବନେଶ୍ୱର ଓ ପୁରୀରୁ ସ୍ୱତନ୍ତ୍ର ପ୍ୟାକେଜ ଟୁର୍ ବ୍ୟବସ୍ଥା ରହିଛି। ସେହିଭଳି ହେଲିପ୍ୟାଡରେ ଅପେରା ଓ ମୀନା ବଜାର ପାଇଁ କୋଣାର୍କ ଏନ୍‌ଏସି ପକ୍ଷରୁ ବିଭିନ୍ନ କାର୍ଯ୍ୟ ଜୋରଦାର ହେଉଥିବା ଦେଖିବାକୁ ମିଳିଛି।



କୋଣାର୍କ ଉତ୍ସବ ନିମନ୍ତେ ମୁକ୍ତାକାଶ ରଙ୍ଗମଞ୍ଚରେ ଝୋଟି, ଚିତା ପକାଯାଉଛି ।

## ବେଆଇନ କରତକଳରେ ଚୋରା କାଠଚାଲାଣ

ଯୋଗେଶ୍ୱରପୁର,୨୩।୧୧(ରଶ୍ମିରଞ୍ଜନ ସାହୁ)

୧୦ କି.ମି. ମଧ୍ୟରେ ସଂରକ୍ଷିତ ଜଙ୍ଗଲ ଥିଲେ ସେ ଅଞ୍ଚଳରେ କରତକଳ ଚାଲିପାରିବ ନାହିଁ ବୋଲି ସରକାରଙ୍କ ନିୟମ ରହିଛି। ପାନିଛତ୍ରଠାରେ ଥିବା ଟଭା ଗୋଲରା ଗାଡ଼ ସଂରକ୍ଷିତ ଜଙ୍ଗଲ ପାଣିଛତ୍ରଠାରୁ ତୁଳସୀପୁର ୭ କି.ମି. ହୋଇଥିବାବେଳେ ସେଠାରେ ବେଆଇନ ଭାବେ ୨୦ରୁ ଅଧିକ କରତକଳ ଚାଲିଛି। ଉକ୍ତ କରତକଳଗୁଡ଼ିକୁ ସିଖରଘାଟ ଅଞ୍ଚଳରୁ ଓ ନୟାହାଟ ଅଞ୍ଚଳରୁ ପ୍ରତିଦିନ ସନ୍ଧ୍ୟାଠାରୁ ରାତି ମଧ୍ୟରେ ୧୦ରୁ ୧୫ ଟ୍ରାକ୍ଟର ଯୋଗେ ଚକୁଣ୍ଡା, ଆକାଶୀ, ପଣସ, ଆମ୍ବ ଓ ଅତି ମୂଲ୍ୟବାନ କାଠ ଚିରା ହେବା ହୋଇ ତୁଳସୀପୁର ଚୋରାଚାଲାଣ ହେଉଛି। କଞ୍ଚା ଗଛ କାଟିବାକୁ ବ୍ୟବସାୟୀଙ୍କ ପାଖରେ ଲାଇସେନ୍ସ ନ ଥିବା କିମ୍ବା ବନ ବିଭାଗର ନିର୍ଦ୍ଦେଶ ନ ଥାଇ ଗଛଗୁଡ଼ିକ କିପରି ଗ୍ରାମ ଅଞ୍ଚଳରୁ କଟାଯାଉଛି, ତାହା ଉପରେ ରେଞ୍ଜରଙ୍କ କିପରି ଦୃଷ୍ଟି ପଡୁନାହିଁ ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ମଝିରେ ମଝିରେ ଲୋକ ଦେଖାଣିଆ ଚଢ଼ାଉ କରାଯଉଥିବା ଦେଖିବାକୁ ମିଳୁଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଶାନ୍ତ



@ ସ୍ୱସ୍ତିପ୍ରିୟା



@ ଅଜୟ



@ ସନ୍ତୋଷ



@ ଆଦର୍ଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସୁକାନ୍ତି ନନ୍ଦଙ୍କ 'ତିନୋଟି ଉପନ୍ୟାସ' ଉନ୍ମୋଚିତ

ପୁରୀ,୨୩।୧୧(ଅଜିତ୍ କୁମାର ମହାନ୍ତି)

ସବିତା ସ୍ମୃତି ସାହିତ୍ୟ ସଂସଦ ସଭାଗୃହରେ ବରିଷ୍ଠ ଲେଖିକା ସୁକାନ୍ତି ନନ୍ଦଙ୍କ ରଚିତ 'ତିନୋଟି ଉପନ୍ୟାସ'କୁ ଅତିଥିମାନେ ଉନ୍ମୋଚନ କରିଛନ୍ତି। ବିପିନ ବିହାରୀ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ପଣ୍ଡା, ଜାନକୀ ବଲ୍ଲଭ ଦାଶ, ଚନ୍ଦ୍ରଶେଖର ମହାରଣା, ହରିହର ଦୋରା, ପ୍ରବାସିନୀ ମିଶ୍ର, ସାରଙ୍ଗଧର ଷଡ଼ଙ୍ଗୀ, ଯୋଗେଶ୍ୱର ନାୟକ, ମହେଶ୍ୱର ଜେନା, ସତ୍ୟଭାମା ନାୟକ, କଳ୍ପନା ମିଶ୍ର, ମହେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୁଶ୍ରୀ କ୍ରିଷ୍ଣା ମହାପାତ୍ର ସଭା ପରିଚାଳନା କରିଥିଲେ।




ଅତିଥିମାନେ 'ତିନୋଟି ଉପନ୍ୟାସ' ଉନ୍ମୋଚନ କରୁଛନ୍ତି ।

## ଧାନ ମହାଯଜ୍ଞରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ

ପୁରୀ,୨୩।୧୧(ଅଜିତ୍ କୁମାର ମହାନ୍ତି)

ଧାନଯୋଗ ଟ୍ରଷ୍ଟ ପକ୍ଷରୁ ପୌରସଦନଠାରେ ଆୟୋଜିତ ତ୍ରିଦିବସୀୟ ଓଡ଼ିଶା ଧାନ ମହାଯଜ୍ଞ -୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ସିଦ୍ଧ ମହାବୀର ସଙ୍ଗୀତ ପରିଷଦ ପକ୍ଷରୁ ଶ୍ରୀମଦ୍ ବଲ୍ଲଭାଚାର୍ଯ୍ୟଙ୍କ ରଚନାରୁ ଗୁରୁ ସତ୍ୟପ୍ରିୟ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଶ୍ରୀମଧୁରାଷ୍ଟକମ ସମବେତ କଣ୍ଠରେ ପରିବେଷଣ କରାଯାଇଥିଲା। ଏଥିସହ ଲିଙ୍ଗରାଜ କଳା ନିକେତନ ଅନୁଷ୍ଠାନ ପକ୍ଷରୁ ନୃତ୍ୟାଚାର୍ଯ୍ୟ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ନିର୍ଦ୍ଦେଶିତ ଓଡ଼ିଶୀ ନୃତ୍ୟରୂପକ 'ଶକ୍ତିସରୂପା' ଏବଂ ଗୁରୁ ମନୋଜ କୁମାର ପ୍ରଧାନ ଓ ଗୁରୁ ଜଗନ୍ନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ 'ନିତ୍ୟ ଜଗନ୍ନାଥ' ପରିବେଷିତ ହୋଇ ଉପସ୍ଥିତ କଳାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଏହି ଆଧ୍ୟାତ୍ମିକ ସମାରୋହରେ ହାଇକୋର୍ଟ ବିଚାରପତି ଚିତ୍ତରଞ୍ଜନ ଦାସ ଏବଂ ବିଚାରପତି ଗୌରୀଶଙ୍କର ଶତପଥୀ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହିତ କାର୍ଯ୍ୟକ୍ରମର ସଞ୍ଚାଳକ ଓ ଗୁରୁମାନଙ୍କୁ ଉତ୍ତରୀୟ ଏବଂ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଧାନଯୋଗ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଈପ୍‌ସିତା ପୂଜାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ। ଦେଶବିଦେଶରୁ ଯୋଗଗୁରୁଙ୍କ ସମେତ ପ୍ରତିନିଧିମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ପ୍ରଥମାଷ୍ଟମୀରେ ଜ୍ୟେଷ୍ଠ ସନ୍ତାନ ନୂଆ ପିନ୍ଧିଲେ, ଏଣ୍ଡୁରି ପିଠା ଖାଇଲେ

ଅସ୍ତରଙ୍ଗ,୨୩।୧୧
(ପ୍ରଦୀପ୍ତ କୁମାର ଦୀକ୍ଷିତ)

ମାର୍ଗଶୀର କୃଷ୍ଣପକ୍ଷ ଅଷ୍ଟମୀ ତିଥି ଶନିବାରରେ ଘରେ ଘରେ ପ୍ରଥମାଷ୍ଟମୀ ପାଳିତ ହୋଇଯାଇଛି। ଘରର ଜ୍ୟେଷ୍ଠ ସନ୍ତାନମାନେ ସକାଳୁ ଉଠି ଗାଧୋଇ ନବ ବସ୍ତ୍ର ପରିଧାନ କରିଥିଲେ। ସେମାନଙ୍କୁ ପିଢ଼ାରେ ବସାଯାଇ ବନ୍ଦାପନା କରାଯାଇଥିଲା। ସନ୍ତାନଙ୍କ ଶୁଭ ମନାସୀ ଷଠୀ ଦେବୀ ଓ କୂଳ ଦେବତାଙ୍କ ନିକଟରେ ମା'ମାନେ ପୂଜା କରିଥିଲେ। ପରେ ହଳଦୀ ପତ୍ରରେ ତିଆରି ଏଣ୍ଡୁରି ପିଠା ଖାଇଥିଲେ। ପରେ ସାନମାନେ ପିଠା ଖାଇଥିଲେ। ପ୍ରଥମାଷ୍ଟମୀରେ ହଳଦୀ ପତ୍ରରେ ତିଆରି ଏଣ୍ଡୁରି ପିଠାରର ବିଶେଷ ମହତ୍ୱ ରହିଛି। ଅନ୍ୟ କୌଣସି ପୂଜାରେ ହଳଦୀ ପତ୍ରର ବ୍ୟବହାର କରାଯାଇ ପିଠା ପ୍ରସ୍ତୁତି ହୁଏନାହିଁ। ହଳଦୀ ପତ୍ରରେ ଉଆପକ୍ଷିଆ ଚାଉଳ, ବିରି ବଟାର ଆଣ ଦିଆଯାଇ ତି ଭିତରେ ଛେନା, ନଡ଼ିଆ, ଗୁଡ଼ ପୁର ଦିଆଯାଏ। ହଳଦୀ ପତ୍ରର ମହମହ ବାସ୍ନାରେ ପିଠାରେ ସୁଆଦ ଅଧିକ ରୁଚିକର ଲାଗେ।

## ପଡୁଆଁ ହେଲେ ଶ୍ରୀସାକ୍ଷୀଗୋପାଳ, ଶ୍ରୀରାଧା

ସାକ୍ଷୀଗୋପାଳ,୨୩।୧୧(କିଶୋର ମହାପାତ୍ର/ ପ୍ରଶାନ୍ତ ବାରିକ/ଭରତ ରାଉତ)

ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିରରେ ପ୍ରଥମାଷ୍ଟମୀ ନୀତି ଶୁକ୍ରବାର ପାଳିତ ହୋଇଯାଇଛି। ଦୈନନ୍ଦିନ ଦେବନୀତି ମଧ୍ୟରେ ଦ୍ୱାର ଉନ୍ମୋଚନ, ମଙ୍ଗଳ ଆଳତି, ବେଶ ମଇଲମ, ମର୍ଦ୍ଦନ, ଅବକାଶ ବେଶ ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ବୀର କେଶରୀ ବଲ୍ଲଭ ସହିତ ଦ୍ୱିପ୍ରହର ଧୂପରେ ଶ୍ରୀସାକ୍ଷୀଗୋପାଳ ଠାକୁର ଓ ଶ୍ରୀରାଧାଙ୍କୁ ନୂତନ ବସ୍ତ୍ର, ଫୁଲହାର, ଚନ୍ଦନ ଲାଗି କରାଯାଇଥିଲା। ଜାତଭୋଗ, ଆଳତି, ଉପଚାର ଓ ବନ୍ଦାପନା କରାଯାଇ ଠାକୁରଙ୍କ ପଡୁଆଁ ନୀତି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଛତିତ୍ରାସ, ବିଜେ କାହାଳୀ, ଘଣ୍ଟ, ତେଲିଙ୍ଗି ବାଦ୍ୟ, ମହୁରୀ ସେବା କରାଯାଇଥିଲା। ପୂଜପଣ୍ଡା ବିଜୟ ମହାପାତ୍ର, ପାଳିଆ ପତ୍ରି ଜଳନ୍ଧର ମହାପାତ୍ର, ସିଂହାରୀ ନରହରି ମହାପାତ୍ର, ପାଳିଆ ଭଣ୍ଡାର ମେକାପ ପ୍ରଶାନ୍ତ ମେକାପଙ୍କ ସହିତ ବିଭିନ୍ନ ବର୍ଗର ସେବାୟତ ସାମିଲ ରହିଥିଲେ। ପରିବାରର ବଡ଼ କନ୍ୟା ବା ପୁତ୍ରଙ୍କୁ ପଡୁଆଁ ଭାବରେ ନୂଆଡ୍ରେସ ପିନ୍ଧାଇ ବନ୍ଦାପନା କରାଯାଇଥିଲା। ଘରେ ଘରେ ପିଠାପଣା ଆଦି ଆସର ଜମିଥିଲା।

# ଏନ୍‌ସିସି ଦିବସ ଉପଲକ୍ଷେ ରକ୍ତଦାନ ଶିବିର

ପୁରୀ,୨୩।୧୧(ଅଜିତ୍ କୁମାର ମହାନ୍ତି)

୭୬ତମ ଏନ୍‌ସିସି ଦିବସ ଉପଲକ୍ଷେ କମାଣ୍ଡିଂ ଅଫିସର୍ କର୍ଣ୍ଣେଲ ସୁଦୀପ ସିହ୍ନାଙ୍କ ତତ୍ତ୍ୱାବଧାନରେ ଏକ ବିଶାଳ ରକ୍ତଦାନ ଶିବିର ତାଳବଣିଆସ୍ଥିତ ୬ଷ୍ଠ ବାଟାଲିୟନ ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିରଜା ଶଙ୍କର ରଥ ଉଦ୍‌ଘାଟନ କରିଥିଲେ। ଶିବିରରେ ୨୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। କାର୍ଯ୍ୟକ୍ରମରେ ଆସୋସିଏଟ୍ ଏନ୍‌ସିସି ଅଫିସର୍ କ୍ୟାପଟେନ୍ ସଚ୍ଚିଦାନନ୍ଦ ସାହୁ, କ୍ୟାପଟେନ ଆଦିତ୍ୟ ପ୍ରସାଦ ରଥ, ଲେଫ୍ଟନାଣ୍ଟ ବି ବି ମହାପାତ୍ର, ପ୍ରଥମ ଅଧିକାରୀ ଧୀରେନ କୁମାର ନାୟକ ଏବଂ ବାଟାଲିୟନ୍‌ର ସମସ୍ତ ପି.ଆଇ. କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଚାରୋଟି ଭିନ୍ନ ଭିନ୍ନ ଜିଲାର କଲେଜର କ୍ୟାଡେଟ୍‌ମାନେ ଶିବିରରେ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ। ଜିଲା ମେଡିକାଲ ବ୍ଲଡ୍ ବ୍ୟାଙ୍କର ପ୍ରାଧିକୃତ କର୍ମଚାରୀଙ୍କ ଦ୍ୱାରା ଏହି ରକ୍ତ ସଂଗ୍ରହ କରାଯାଇଥିଲା।




ଏନ୍‌ସିସି କ୍ୟାଡେଟମାନେ ରକ୍ତଦାନ କରୁଛନ୍ତି ।

# ଜିଲାସ୍ତରକୁ ୭ ପ୍ରକଳ୍ପ ମନୋନୀତ

ପିପିଲି,୨୩।୧୧(ପ୍ରଭାତ କୁମାର ମହାପାତ୍ର)

**ପିପିଲି ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା**

ପିପିଲି ନୋଡାଲ୍ ଉଚ୍ଚବିଦ୍ୟାଳୟଠାରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସିଫାର ମୁଖ୍ୟ ବୈଜ୍ଞାନିକ ଜି.ଏସ୍. ସାହା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ବିଜ୍ଞାନର ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଦେଶର ପ୍ରଗତି ଅଗ୍ରଗତି ହେଉଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପିପିଲି ବ୍ଲକ ଏବିଇଓ ସାହେବ ପାତ୍ର ଓ ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଜବାହର ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପୀତବାସ ସେଠୀଙ୍କ ସଭାପତିତ୍ୱରେ ହୋଇଥିବା ବେଳେ ଶିକ୍ଷକ ନେତା ବିକ୍ରମ ରଥ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ହେମନ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ଜୟପ୍ରକାଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।

ଏହି ପ୍ରଦର୍ଶନୀ ମେଳାରେ ପିପିଲି ବ୍ଲକର ୧୮୫ଟି ସ୍କୁଲର ଛାତ୍ରୀଛାତ୍ର ଯୋଗ ଦେଇଥିବା ବେଳେ ୨୦୦ରୁ ଊର୍ଦ୍ଧ୍ୱ ପ୍ରୋଜେକ୍ଟ ଏଥିରେ ପ୍ରଦର୍ଶିତ ହୋଇଥିଲା। ଖାଦ୍ୟଶସ୍ୟ ଓ ସ୍ୱାସ୍ଥ୍ୟ, ପ୍ରାକୃତିକ କୃଷି ସମ୍ବଳ ପରିଚାଳନା, ଗଣିତ ପ୍ରକଳ୍ପ, ବର୍ଜ୍ୟବସ୍ତୁ ପରିଚାଳନା, ବିପର୍ଯ୍ୟୟ ପରିଚାଳନା ଓ ପରିବହନ ଯୋଗାଯୋଗ ସମ୍ବନ୍ଧରେ ଛାତ୍ରୀଛାତ୍ରମାନେ ନିଜ ନିଜର ପ୍ରୋଜେକ୍ଟ ପ୍ରଦର୍ଶନ କରିଥିଲେ। ଏହି ପ୍ରଦର୍ଶନୀ ମେଳାରେ ବିଚାରକ ଭାବେ ପୁରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବରାମ ମିଶ୍ର, କରମଳା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଶୀଲ ମହାପାତ୍ର, ଐଶାନେଶ୍ୱର ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ କାହ୍ନୁଚରଣ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରୋଜେକ୍ଟକୁ ଅନୁଧ୍ୟାନ କରିଥିଲେ। କାର୍ଯ୍ୟକ୍ରମ ମଧ୍ୟରେ ରାଜ୍ୟସ୍ତରୀୟ ଆର୍ଟ ଆଣ୍ଡ କ୍ରାଫ୍ଟ ପ୍ରଦର୍ଶନ ମେଳାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପିପିଲି ଜୟପୁର ଶାସନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ସୌମ୍ୟଶ୍ରୀ ମହାରଣାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ନହଳାପଡ଼ା ହାଇସ୍କୁଲର ଅଷ୍ଟମ ଛାତ୍ର ଚିରାଗ ପାତ୍ର, ମଉଜିବେଗ ଉପ୍ରା ବିଦ୍ୟାଳୟର ଅଷ୍ଟମ ଛାତ୍ରୀ ଐଶ୍ୱର୍ଯ୍ୟା ସାହୁ, ହାଟସାହି ପଞ୍ଚାୟତ ହାଇସ୍କୁଲର ନବମ ଛାତ୍ର ବେନୁ ବାରିକ, ସହଜପୁର ହାଇସ୍କୁଲର ନବମ ଛାତ୍ର ସତ୍ୟବ୍ରତ ପରିଡା, ଅର୍ଜୁନେଶ୍ୱର ହାଇସ୍କୁଲର ନବମ ଛାତ୍ରୀ ସ୍ମୃତିପ୍ରଜ୍ଞା ସାହୁ, ହରିବନ୍ଧୁ ହାଇସ୍କୁଲର ନବମ ଛାତ୍ରୀ ତୃପ୍ତିମୟୀ ନାୟକ, ଗୋବିନ୍ଦପୁର ହାଇସ୍କୁଲର ନବମ ଛାତ୍ର ପ୍ରିୟବ୍ରତ ମଲିକ ପ୍ରମୁଖ ୭ ଜଣ ଛାତ୍ରୀଛାତ୍ର ଜିଲାସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିବା ଏବିଇଓ ସାହେବ ପାତ୍ର କହିଛନ୍ତି। କାର୍ଯ୍ୟକ୍ରମକୁ ସମସ୍ତ ସିଆର୍‌ସିସି ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ବିଧାୟକ ଆଶ୍ରିତ ପଟ୍ଟନାୟକ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି ।

**ଜଳିଗଲା ଇ-ବାଇକ୍**

ବାରଙ୍ଗ/ତ୍ରିଶୂଳିଆ,(ଲିଙ୍ଗରାଜ ରାଉତ): ନେତାଜୀ ସେତୁ ଉପରେ ଶନିବାର ସକାଳେ ଏକ ଇ-ବାଇକ୍‌ଟି ଜଳିଯାଇଛି। ଫକୀରପଡ଼ା ଗ୍ରାମର ସିଦ୍ଧାର୍ଥ ପ୍ରସାଦ ସାହୁ ଇ-ବାଇକ୍ ଯୋଗେ ମା'ଙ୍କୁ ସାଙ୍ଗରେ ନେଇ କଟକ ଯିବାବେଳେ ହଠାତ୍ ତାଙ୍କ ବାଇକ୍‌ରେ ନିଆଁ ଲାଗିଯିବାରୁ ଗାଡି ଅଟକାଇ ଦୁହେଁ ଦୂରକୁ ପଳାଇଥିଲେ। ବାରଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ସେତେବେଳକୁ ଗାଡ଼ିଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା।

# ଶିକ୍ଷା ହିଁ ପରିବର୍ତ୍ତନର ମାଧ୍ୟମ



## କିସ୍ ବିଶ୍ୱବିଦ୍ୟାଳୟର ୪ର୍ଥ ସମାବର୍ତ୍ତନ ଉତ୍ସବ

### ପଦ୍ମଶ୍ରୀ ସାବଜୀ ଢୋଲକିଆ, ପଦ୍ମଶ୍ରୀ ଡା. ମୁକେଶ ବାତ୍ରା ଏବଂ ପ୍ରଦୀପ୍ତ କୁମାର ମହାନ୍ତିଙ୍କୁ ଡକ୍ଟରେଟ ଡିଗ୍ରୀ

**ଭୁବନେଶ୍ୱର,୨୩।୧୧(ଅନୁରାଧା ମହାରଣା)**

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)ର ୪ର୍ଥ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରିଟେନର ପୂର୍ବତନ ଏମ୍‌ପି ତଥା ପୂର୍ବତନ ମନ୍ତ୍ରୀ ନିକ୍ ଗିବ୍ ଯୋଗଦେଇ କହିଲେ, ଶିକ୍ଷା ହିଁ ପରିବର୍ତ୍ତନର ମାଧ୍ୟମ। ପିଲାମାନେ ଇଚ୍ଛା ଅନୁସାରେ ଲକ୍ଷ୍ୟପଥ ସ୍ଥିର କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରିଟେନର ଏମ୍‌ପି ଆଲାନ ଗେମେଲ କହିଲେ, ଶିକ୍ଷା ହେଉଛି ନିଜକୁ ସଶକ୍ତ କରିବାର ଉପଯୁକ୍ତ ମାଧ୍ୟମ। କିସ୍ ଛାତ୍ରୀଛାତ୍ର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ପାଉଛନ୍ତି ଓ ଶିକ୍ଷାକୁ ବିନିଯୋଗ କରି ନିଜ ଲକ୍ଷ୍ୟ ପୂରଣ କରିପାରିବେ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଆମେରିକାସ୍ଥିତ ହାଭାର୍ଡ କେନେଡି ସ୍କୁଲର ପବ୍ଲିକ ପଲିସି ପ୍ରଫେସର ଡ. ଜେଫ୍ରେ ବି. ଲାଏବମାନ ଯୋଗଦେଇ ସମାଜର ଅବହେଳିତ ଜନଜାତି ଛାତ୍ରୀଛାତ୍ରଙ୍କୁ ସଶକ୍ତ କରାଇବାରେ କିସ୍‌ର ପ୍ରୟାସକୁ ପ୍ରଶଂସା କରିଥିଲେ।

ଏହି ଅବସରରେ ବିଶିଷ୍ଟ ଶିଳ୍ପପତି ତଥା ପଦ୍ମଶ୍ରୀ ସାବଜୀ ଢୋଲକିଆ, ପଦ୍ମଶ୍ରୀ ଡା. ମୁକେଶ ବାତ୍ରା ଏବଂ ପ୍ରଦୀପ୍ତ କୁମାର ମହାନ୍ତିଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଡକ୍ଟରେଟ୍ ଡିଗ୍ରୀ ଗ୍ରହଣ କରି ପଦ୍ମଶ୍ରୀ ଢୋଲକିଆ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଫଳତାର ୫ ମନ୍ତ୍ର ପ୍ରଦାନ କରିଥିଲେ। ସବୁବେଳେ ନିଜକୁ ଶ୍ରେଷ୍ଠ ଭାବେ ବିବେଚନା କରିବା, ସବୁ କାର୍ଯ୍ୟ ମୋ ଦ୍ୱାରା ସମ୍ଭବ ହୋଇପାରିବ ବୋଲି ଭାବିବା, ଭଗବାନ ମୋ ସହ ସବୁବେଳେ ଅଛନ୍ତି, ମୁଁ ବିଜୟୀ ହୋଇପାରିବି ଓ ଆଜି ହେଉଛି ମୋ ପାଇଁ ନୂଆ ଦିନ – ଏସବୁ ମନ୍ତ୍ରକୁ ଛାତ୍ରୀଛାତ୍ର ନିଷ୍ଠାର ସହ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଛାତ୍ରୀ ରୋଜାଲିନ ପ୍ରଧାନଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିବା ବେଳେ ୭ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣ ପଦକ ଏବଂ ୭ଜଣଙ୍କୁ କୁଳପତି ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ୮ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ଓ ୪୨୬ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର.ଏନ୍. ଦାସ, କୁଳାଧିପତି ସତ୍ୟ ଏସ. ତ୍ରିପାଠୀ, ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ଦୀପକ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ ଓ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ।

# ମେଟ୍ରୋ ରେଳପ୍ରକଳ୍ପ ଡିପୋ ଆଗରେ ଗ୍ରାମବାସୀଙ୍କ ଧାରଣା

## ଅଧିକ ଜାଗା ଦଖଲକୁ ବିରୋଧ

**ବାରଙ୍ଗ,୨୩।୧୧(ଲିଙ୍ଗରାଜ ରାଉତ)**

ମେଟ୍ରୋ ରେଳପ୍ରକଳ୍ପର ରତାଗଡ ନୂଆସାହିରେ ହୋଇଥିବା ଡିପୋକୁ ବିରୋଧ କରି ଶନିବାର ସକାଳେ ଗ୍ରାମବାସୀ ମୁଖ୍ୟଫାଟକ ଆଗରେ ଧାରଣାରେ ବସିଥିଲେ। ପ୍ରାୟ ଅଧଘଣ୍ଟା ପରେ ଡିପୋ ଦାୟିତ୍ୱରେ ଥିବା ଅଧିକାରୀ ଆସି ବୁଝାଶୁଝା କରିବାରୁ ଧାରଣା ହଟିଥିଲା।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ରତାଗଡ ନୂଆସାହି ଗ୍ରାମ ମୁଣ୍ଡରେ ହୋଇଥିବା ମେଟ୍ରୋ ରେଳ ପ୍ରକଳ୍ପର ଡିପୋ ପାଇଁ ନିଆଯାଇଥିବା ଜାଗା ପରେ ବି ପୁନର୍ବାର ଅଧିକ ଜାଗା ନେବାକୁ ଉଦ୍ୟମ ଆରମ୍ଭ କରାଯାଇଛି। ଗ୍ରାମବାସୀ ଲଗାଇଥିବା ୫୪ଟି ଗଛକୁ ଯେସିବି ଲଗାଯାଇ ଶୁକ୍ରବାର ନଷ୍ଟ କରିଦିଆଯାଇଛି। ଏଠାରେ ଡିପୋ ହେବା ପରେ ଗ୍ରାମ ଶ୍ମଶାନକୁ ବାଟ ନ ଥିବାରୁ ଶବଦାହ ପାଇଁ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଡିପୋ କାମ କରୁଥିବା ଠିକାଦାର ଶୁକ୍ରବାର ଯେସିବି ଲଗାଇ ଡିପୋ ପାର୍ଶ୍ୱ ଜାଗା ସଫା କରାଯିବା ପରେ ଗ୍ରାମରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଶନିବାର ସକାଳୁ ଗ୍ରାମବାସୀ ଆସି ଡିପୋ ଗେଟ୍ ଆଗରେ ଧାରଣାରେ ବସିଥିଲେ। ଡିପୋ ଦାୟିତ୍ୱରେ ଥିବା ଅଧିକାରୀ ଆସି ବୁଧବାର ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଜାଗା ମାପଚୁପ କରାଯିବାର ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣରୁ ଉଠିଥିଲେ।






# ଫେବୃଆରୀ ସୁଦ୍ଧା ମାହାଙ୍ଗା ମେଗା ପ୍ରକଳ୍ପରୁ ଜଳ ଯୋଗାଣ

## ପ୍ରକଳ୍ପ ନିର୍ମାଣରେ ବିଳମ୍ବ, ୨ ସଂସ୍ଥା ଉପରେ ବର୍ଷିଲେ ବିଧାୟକ

**ଭୁବନେଶ୍ୱର,୨୩।୧୧(ସୁନିତ୍ ମିଶ୍ର)**



ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କ ତାଗିଦା ଆଗରେ ନଇଁଛନ୍ତି ମାହାଙ୍ଗା ଅଞ୍ଚଳର ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କରୁଥିବା ୨ ସଂସ୍ଥା ମେଘା ଇଞ୍ଜିନିୟରିଂ ଓ କ୍ଲୁଷ୍ଟାର। ୨୦୨୩ ମସିହାରୁ ଏହି ୨ ସଂସ୍ଥା ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଧାର୍ଯ୍ୟ ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ସାରି ନ ଥିବାରୁ ସମୀକ୍ଷା ବୈଠକରେ ବିଧାୟକ ପ୍ରଧାନ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ଶନିବାର ଲୋକସେବା ଭବନରେ ମାହାଙ୍ଗା ଅଞ୍ଚଳର ପାନୀୟଜଳ ପ୍ରକଳ୍ପର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତିରାଜ ବିଭାଗ ସଚିବ ଏସ୍.ଏନ୍. ଗିରୀଶ, ପଞ୍ଚାୟତିରାଜ ନିର୍ଦ୍ଦେଶକ ଭିନିଲ ଭରଦ୍ୱାଜ, ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ସମେତ କଟକ ଆରଡବ୍ଲ୍ୟୁଏସ୍‌ଏସର ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

ପାନୀୟଜଳ ପ୍ରକଳ୍ପରେ ଅହେତୁକ ବିଳମ୍ବ ନେଇ ବିଧାୟକ ପ୍ରଧାନ ଅସନ୍ତୋଷ ପ୍ରକଟ କରିବା ସହିତ କେବେସୁଦ୍ଧା ପ୍ରକଳ୍ପ ସରିବ ବୋଲି ପ୍ରଶ୍ନ କରିଥିଲେ। ବିଭାଗୀୟ ସଚିବ ଓ ନିର୍ଦ୍ଦେଶକ ମଧ କାର୍ଯ୍ୟ ବିଳମ୍ବକୁ ନେଇ କ୍ଷୁବ୍ଧ ହୋଇଥିଲେ। ବିଧାୟକଙ୍କ ତାଗିଦା ଦେଖି ମେଘା ଇଞ୍ଜିନିୟରିଂ କର୍ତ୍ତୃପକ୍ଷ ୨୦୨୫ ଫେବୃଆରୀରେ ମାହାଙ୍ଗା ଅଞ୍ଚଳର ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କ୍ଲୁଷ୍ଟାର କର୍ତ୍ତୃପକ୍ଷ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଦେଇ ନ ଥିବାବେଳେ ତୁରନ୍ତ ପ୍ରକଳ୍ପ କାର୍ଯ୍ୟ ସାରି ପାନୀୟଜଳ ନ ଯୋଗାଇଲେ କାମରୁ ବିଦାହେବାକୁ ପଡ଼ିବ ବୋଲି ବିଧାୟକ ପ୍ରଧାନ ସଫାସଫା ଶୁଣାଇ ଦେଇଥିଲେ।








# ନିଶାମୁକ୍ତ ଅଭିଯାନ ପରିବାରରୁ ଆରମ୍ଭ ହେଉ

## ବରିଷ୍ଠ ନାଗରିକ ମଞ୍ଚର ବାଇକ୍ ଶୋଭାଯାତ୍ରା



**ଖୋର୍ଦ୍ଧା,୨୩।୧୧(ପ୍ରଭାତ ପାଣିଗ୍ରାହୀ)**

ନିଶାକୁ ନା କହିଲେ ସମାଜ ଶୃଙ୍ଖଳିତ ହେବ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୩ତମ ଜୟନ୍ତୀ ଅବସରରେ ନିଶାମୁକ୍ତ ଖୋର୍ଦ୍ଧା ସହର ଆହ୍ୱାନ ଦେଇଛି ବରିଷ୍ଠ ନାଗରିକ ମଞ୍ଚ। ଶନିବାର ପୂର୍ବାହ୍ନରେ ଜିଲା ଆରକ୍ଷୀ କାର୍ଯ୍ୟାଳୟ ନିକଟରୁ ଶହେରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ବାଇକ୍ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଲୋକଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର କୁମାର ମୁର୍ମୁ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ନିଶାମୁକ୍ତ ପରିବାର ଗଠନ ଦିଗରେ ଜନସାଧାରଣ ବ୍ରତୀ ହେବା ପାଇଁ ମଞ୍ଚ ପକ୍ଷରୁ ଆହ୍ୱାନ ଦିଆଯାଇଛି।

ନୂଆ ବସ୍‌ଷ୍ଟାଣ୍ଡଠାରେ ଏକ ସଚେତନତା ସଭା ହୋଇଥିଲା। ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଓଡ଼ିଶା ନିଶା ନିବାରଣ ଆଇନ ଗୃହୀତ କରାଇଥିଲେ। ପରବର୍ତ୍ତୀ ସମୟରେ ତାହା କାର୍ଯ୍ୟକାରୀ ହୋଇପାରିଲାନାହିଁ। ନିଶା ସମାଜ ବିକାଶର ବାଧକ। ନିଶାସେବନ ଯୋଗୁ ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ପଥଭ୍ରଷ୍ଟ ଯୁବ ସମାଜକୁ ପୁଣିଥରେ ଦାୟିତ୍ୱସମ୍ପନ୍ନ କରିବାକୁ ହେଲେ ନିଶାଠାରୁ ଦୂରେଇ ରହିବାକୁ ପଡ଼ିବ। ଯୁବବର୍ଗ ଦେଶର ଏକ ପ୍ରମୁଖ ଆଧାର। ଯୁବସମାଜ ଶୃଙ୍ଖଳିତ, ଦାୟିତ୍ୱ ଏବଂ କର୍ତ୍ତବ୍ୟସମ୍ପନ୍ନ ହେଲେ ଏକ ସଶକ୍ତ ରାଷ୍ଟ୍ର ଗଠନ ହେବ। ତେଣୁ ନିଶାରୂପକ ଏକ ବଡ଼ ବିପଦରୁ ଯୁବପିଢ଼ିଙ୍କୁ ରକ୍ଷା କରିବାକୁ ହେଲେ ପରିବାରର ଅଭିଭାବକ, ଅଭିଭାବିକା ମାନେ ଆଗକୁ ଆସିବାକୁ ହେବ। ଏକ ଶୃଙ୍ଖଳିତ ସମାଜ ଗଠନ କରିବାକୁ ହେଲେ ନିଶାକୁ ନା କହିବା ଜରୁରୀ ବୋଲି ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ରାମଶଙ୍କର କହିଛନ୍ତି।

ଏହି ଅବସରରେ ବରିଷ୍ଠ ଆଇନଜୀବୀ ବସନ୍ତ ଦାଶ କହିଥିଲେ, ନିଶା ସମାଜକୁ କଳୁଷିତ କରୁଛି। ଦେଶର ଭବିଷ୍ୟତ ଯୁବସମାଜ ପଥଭ୍ରଷ୍ଟ ହେଉଛି। ସମାଜରେ ବିଶୃଙ୍ଖଳା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ନିଶା ଯୋଗୁ ଅନେକ ପରିବାରରେ ଅଶାନ୍ତି ଲାଗି ରହିଛି। ଶୃଙ୍ଖଳିତ ସମାଜ ଗଠନ କରିବାକୁ ହେଲେ ନିଶାମୁକ୍ତ ଅଭିଯାନ ପ୍ରତ୍ୟେକ ପରିବାରରୁ ଆରମ୍ଭ ହେବା ଆବଶ୍ୟକ ରହିଛି। ପ୍ରତ୍ୟେକ ପରିବାର ଏଥିପ୍ରତି ଯତ୍ନବାନ୍ ହେବା ସହ ସଙ୍କଳ୍ପ ନେବାକୁ ସମୟ ଆସିଛି। ମଞ୍ଚ ସଭାପତି ଦେବପ୍ରସାଦ ମଜୁମ୍‌ଦର ଏବଂ ସମ୍ପାଦକ ରାମ ଶଙ୍କରଙ୍କ ନେତୃତ୍ୱରେ ଭୀମସେନ ପ୍ରଧାନ, ବୈକୁଣ୍ଠନାଥ ରାଜଗୁରୁ, ପ୍ରଫୁଲ୍ଲ ସମାନ୍ତରାୟ, ଅଖିଳ ଚନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପଟ୍ଟନାୟକ, ହାଜି ନସିମ୍ ଉଦ୍ଦିନ୍ ଖାଁ, ବିପ୍ରଚରଣ ବେହୁରା, ରବୀନ୍ଦ୍ର କୁମାର ସାହୁ, ନବକିଶୋର ମହାପାତ୍ର, ସତ୍ୟବ୍ରତ ଦାସ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ରତ୍ନାକର ରଣସିଂହ, ବିଜୟ ସାମନ୍ତସିଂହାର, ବିପିନ ବିହାରୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି ମାମଲା | ଅଭିଯୁକ୍ତଙ୍କୁ ଜେଲ ଦଣ୍ଡାଦେଶ

**ବାଲୁଗାଁ,୨୩।୧୧(ସଂଗ୍ରାମ ପାଇକରାୟ):** ଖୋର୍ଦ୍ଧା ଜିଲା ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ବିଚାରପତି ଯୁଧିଷ୍ଠିର ଦଳେଇ ଏକ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି ମାମଲାର ବିଚାରକରି ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ଜେଲ ଦଣ୍ଡାଦେଶ ସହିତ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ହେଲେ ବାଲୁଗାଁ ଗୁଣ୍ଡୁରପୁର ସାହିର ରାକେଶ ପଣ୍ଡା(୨୨)। ସୂଚନା ମୁତାବକ, ଗତ ଜୁନ୍ ୧୯ ତାରିଖ ରାତିରେ ବଡ଼କୁଳ ରେଳଫାଟକ ନିକଟ ତ୍ରିନାଥ ମନ୍ଦିରରୁ ହୁଣ୍ଡି ଭାଙ୍ଗି ଟଙ୍କା ଚୋରି କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଦ୍ୱାରା ରାକେଶ ଧରାପଡ଼ିଥିଲେ। ବାଲୁଗାଁ ପୋଲିସ ପହଞ୍ଚି ରାକେଶଙ୍କଠାରୁ ଚୋରି ୩ ହଜାର ଟଙ୍କା ସହ ଏକ ବାଇକ୍ ଜବତ କରିଥିଲା। ବାଲୁଗାଁ ଥାନା ଆଇଆଇସି ଜୟପ୍ରକାଶ ପରିଡ଼ା ଏ ସମ୍ପର୍କରେ ଏକ ମାମଲା (ନଂ.୨୦୬/୨୪) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିବା ସହ ଘଟଣାର ତଦନ୍ତ ଚଳାଇଥିଲେ। ପରବର୍ତ୍ତୀ ସମୟରେ ମାମଲାଟି ଚିଲିକା କୋର୍ଟରେ ବିଚାରାଧୀନ ଥିଲା। ବିଚାରପତି ଦଳେଇ ଏହି ମାମଲାରେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାରକରି ଅଭିଯୁକ୍ତଙ୍କୁ ଭାରତୀୟ ନ୍ୟାୟ ସଂହିତା ଧାରା ୪୫୭ ଅନୁଯାୟୀ ୩ ବର୍ଷ ଜେଲ ଦଣ୍ଡାଦେଶ ସମେତ ୩ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଆଉ ୪ ମାସ ଅଧିକ ଜେଲଦଣ୍ଡ ନିର୍ଦ୍ଦେଶ ରହିଛି। ସେହିପରି ଧାରା ୩୮୦ ଅନୁଯାୟୀ ୨ବର୍ଷ ଜେଲ ଦଣ୍ଡାଦେଶ ଏବଂ ୨ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ରହିଥିବା ବେଳେ ଜରିମାନା ଅନାଦାୟ ଅଧିକ ଦୁଇମାସ ଜେଲଦଣ୍ଡ ନିର୍ଦ୍ଦେଶ ରହିଛି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ନାଥ ପରିଚାଳନା କରିଥିଲେ।






# ଆବର୍ଜନାରୁ ସୃଜନଶୀଳତା, ଗାଁ ହାଟ ଆକର୍ଷଣ

**ଖୋର୍ଦ୍ଧା,୨୩।୧୧(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ୨୬ତମ ଜିଲାସ୍ତରୀୟ କ୍ୟାମ୍ପୋରିର ଶନିବାର ଥିଲା ଦ୍ୱିତୀୟ ଦିବସ। ପ୍ରତିଯୋଗିତାରେ ଶିବିରାର୍ଥୀମାନେ ଦୁଃସାହସିକ ଶାରୀରିକ କ୍ରୀଡ଼ା ଓ ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ଶିବିରାର୍ଥୀମାନେ କ୍ରାଉଲ ଅଣ୍ଡରନେଟ, କମାଣ୍ଡୋକ୍ରସିଂ, ମଂକିକ୍ରାଓଲ, ଲ୍ୟାଡରକ୍ରସିଙ୍ଗ, ବାଲାନ୍ସ ୱାକ୍, ସ୍ଲୋପ ୱାକ୍, ଟନେଲକ୍ରସିଂ, ରୋପ୍ କ୍ଲାଇମ୍ବିଂ, ଧନୁଶର ଲକ୍ଷ୍ୟ ପରୀକ୍ଷା, ଫିଡ଼ିଂ ଦିବଲ ଆଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ଜିଲା କମିଶନର ପୀତବାସ ପଟ୍ଟନାୟକ, ରମେଶ ଚନ୍ଦ୍ର ବଳବନ୍ତରାୟ, ଦିବାକର ପଟ୍ଟନାୟକ, ଭୁବନାନନ୍ଦ ରାଉତ, ପୂର୍ବତନ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପଠାଣି ଆଗ୍ରାସିଂହ ପରିଚାଳନା କରିଥିଲେ। ବିଜେବି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ପ୍ରମୁଖ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ।

ଅପରାହ୍ନ ଅଧିବେଶନରେ ସ୍କିଲୋରାମା ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲା ସ୍କାଉଟ୍ସ ଓ ଗାଇଡ୍ସ ସମ୍ପାଦକ ସୁଧାକର ମହାପାତ୍ର ପରିଚାଳନା କରିଥିଲେ। ଶିବିରାର୍ଥୀମାନେ ବିଭିନ୍ନ ବର୍ଜ୍ୟବସ୍ତୁରୁ ଆବଶ୍ୟକ ବ୍ୟବହାରିକ ସାମଗ୍ରୀ ପ୍ରଦର୍ଶନ କରିଥିଲେ। କାଗଜ, ପ୍ଲାଷ୍ଟିକ୍, କତା, ଷଢ଼େଇ, କାଚ, ଖୋଟ, ତାଳପତ୍ର ଆଦିର ସାମଗ୍ରୀ ସହିତ ପୁରୁଣା ସାମଗ୍ରୀକୁ ସଂଗୃହୀତ କରି ବ୍ୟବହାର ଉପଯୋଗୀ ଘରୋଇ ସାଜସଜ୍ଜା, ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଏହି ସ୍କିଲୋରାମା ପ୍ରତିଯୋଗିତାକୁ ଖୋର୍ଦ୍ଧା ବିଇଓ ସନ୍ଧ୍ୟାରାଣୀ ରାଉତ, ଟାଙ୍ଗୀ ମଣ୍ଡଳ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ସାହୁ ଉଦ୍‌ଘାଟନ କରିଥିଲେ। ପରେ ଗାଁ ହାଟ ପ୍ରଦର୍ଶନୀ ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ, ବିଭିନ୍ନ ପ୍ରକାର ପିଠା, ଶୁଖୁଆ ତିଆରି ଖାଦ୍ୟ, ଚା, କେକ୍ ପ୍ରସ୍ତୁତକରି ଶିବିରାର୍ଥୀମାନେ ପ୍ରଦର୍ଶନ କରିଥିଲେ। ଏହି ଗାଁ ହାଟକୁ ବେଗୁନିଆ ବିଇଓ ଭାସ୍କର ଲେଙ୍କା, ବାଣପୁର ବିଇଓ ସି.ଏଚ୍. ବିଜୟଲକ୍ଷ୍ମୀ ଏବଂ ବୋଲଗଡ଼ ବିଇଓ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ଗାଁ ହାଟ ଓ ସ୍କିଲୋରାମା ପ୍ରତିଯୋଗିତାର ଉପାଦେୟତା ବିଷୟରେ ବିଜେବି ଉଚ୍ଚ ବିଦ୍ୟାଳୟର ଆଲୁମ୍‌ନି ସଭ୍ୟ ଦିଲୀପ ପଟ୍ଟନାୟକ, ବୈଜ୍ଞାନିକ ରାଜ କିଶୋର ପରମଗୁରୁ, ବିଜୟ ପଟ୍ଟନାୟକ, ପୂର୍ବତନ ଫୁଡ୍ କମିଶନର ପ୍ରମୋଦ ମେକାପ ଅତିଥିଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଲୋକନୃତ୍ୟ ପ୍ରତିଯୋଗିତା ହେବା ପରେ କ୍ୟାମ୍ପ ଫାୟାର ଅନୁଷ୍ଠିତ ହୋଇଥିଲା।

# ୪ ଡକାୟତ ଗିରଫ

## ବନ୍ଧୁକ ଦେଖାଇ ଟଙ୍କା ଲୁଟିନେବା ଘଟଣା

**ବାଣପୁର,୨୩।୧୧(ଦିଲୀପ କୁମାର ସ୍ୱାଇଁ):** ବାଣପୁର ଥାନା ଅଞ୍ଚଳରେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଗତ ମଙ୍ଗଳବାର ସନ୍ଧ୍ୟାରେ ୧୬ ନମ୍ବର ଜାତୀୟ ରାଜପଥର ବାଣପୁର ଓଭରବ୍ରିଜ୍ ନିକଟରେ ଚାଉଳ ମିଲ୍ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ୮ ଲକ୍ଷ ୩୦ ହଜାର ଟଙ୍କା ଲୁଟିନେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ୪ ଡକାୟତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବାଣପୁର ଥାନା ଅନ୍ତର୍ଗତ ବାଁଲୋଇ ଗ୍ରାମର ହରେକୃଷ୍ଣ ପ୍ରଧାନ ଓରଫ୍ ହରିଆ, ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ତେଲିଦିନ ଗ୍ରାମର ତ୍ରିଲୋଚନ ବେହେରା ଓରଫ୍ ଟିନା, ନୟାଗଡ଼ ଜିଲା ରଣପୁର ଥାନା ମାନପୁର ଗ୍ରାମର ବିଶ୍ୱନାଥ ପରିଡା ଓରଫ୍ ବିଶୁନି ଏବଂ ଯଶୋଦାପୁର ଗ୍ରାମର ଚିତ୍ତରଞ୍ଜନ ପ୍ରଧାନ ଓରଫ୍ ମଣିଆ। ଏମାନଙ୍କଠାରୁ ୧ ଲକ୍ଷ ୧୭ ହଜାର ଟଙ୍କା, ବାଇକ୍, ପିକ୍‌ଅପ୍ ଭ୍ୟାନ୍, ୫ଟି ଦେଶୀ ପିସ୍ତଲ, ଗୁଳି, ଭୁଜାଲି, ଛୁରି, ମୋବାଇଲ ଫୋନ୍ ଏବଂ ଘରଭଙ୍ଗାରେ ବ୍ୟବହୃତ ଉପକରଣ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୩ ଡକାୟତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଶନିବାର ବାଣପୁର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାଲୁଗାଁ ପୋଲିସ ଉପଖଣ୍ଡ ଅଧିକାରୀ ଯୁଗଳ କୁମାର ମଲ୍ଲିକ, ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତା, ଥାନା ଉପଅଧିକାରୀ ସମୀର ରଞ୍ଜନ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।







## ଜାନୁଆରୀରୁ ଦର ବଢ଼ାଇବ ବିଏମ୍‌ଡବ୍ଲ୍ୟୁ

**ନୂଆଦିଲ୍ଲୀ,୨୩।୧୧:** ଦେଶର ପ୍ରମୁଖ ପ୍ରିମିୟମ କାର ବ୍ରାଣ୍ଡ ତଥା ବିଏମ୍‌ଡବ୍ଲ୍ୟୁ ଇଣ୍ଡିଆ ୨୦୨୫ ଜାନୁଆରୀ ୧ରୁ ନୂଆ ଦର ଲାଗୁ ସହିତ ପହିଲାରୁ ପ୍ରାୟ ୩% ଦର ବଢ଼ାଇବ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଶାରଦା ପ୍ରସାଦ ପରିଜା**

ମାକ୍ରୋସଫ୍ଟ ଆସୋସିଏଟ୍‌ସର ନିର୍ମାଣକର୍ତ୍ତା ଭାବେ ଆପଣଙ୍କର ଅବଦାନ ଅବର୍ଣ୍ଣନୀୟ। ଆପଣଙ୍କର ଅକସ୍ମାତ୍ ଦେହାବଶେଷ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଅକ୍ଟୋବର ୨୦୨୪ରେ ଆପଣଙ୍କର ଦେହାନ୍ତ ଆମକୁ ହତବାକ୍ କରିଦେଇଛି। ମାନବତା ପ୍ରତି ଗଭୀର ସମର୍ପଣ ପାଇଁ ଆପଣ ନିଜକୁ ଉତ୍ସର୍ଗ କରିଥିଲେ। ଆପଣଙ୍କ ନେତୃତ୍ୱରେ, ଆମର AI ଆଧାରିତ ସ୍ୱାସ୍ଥ୍ୟସେବା ପ୍ରୟାସଗୁଡ଼ିକ ଏକ ନୂଆ ଦିଗରେ ଅଗ୍ରସର ହୋଇଥିଲା, ଯାହା ମଧ୍ୟରୁ ଏକ ପଦକ୍ଷେପ ହେଉଛି ମୋବାଇଲ୍ ଆପ୍ସ NIMAI, ଯାହା ସ୍ୱାସ୍ଥ୍ୟସେବାକୁ ସମସ୍ତଙ୍କ ପାଖରେ ପହଞ୍ଚାଏ। ତାଙ୍କ ବିଚାର ଓ ପ୍ରେରଣା ଆମ ସମସ୍ତଙ୍କୁ ଆଗକୁ ବଢ଼ିବାରେ ଏବଂ ନୂଆ ଉଦ୍ୟମକୁ ସଫଳ କରିବାରେ ପ୍ରେରଣା ଦେଉଛି। ଆପଣ ସଶରୀରେ ନଥିଲେ ବି ଆମ ମନରେ ସବୁବେଳେ ରହିବେ। ଆପଣଙ୍କର ସ୍ୱପ୍ନକୁ ସାର୍ଥକ କରିବାରେ ଆମେ ସବୁବେଳେ ପ୍ରୟାସ କରିବୁ।

ସୁକନ୍ୟା ରାୟ - ବିକ୍ରମ ରାୟ

# ଅକ୍ଷୟ ଶକ୍ତିକୁ ଗ୍ରୀଡ୍‌କୋର ଗୁରୁତ୍ୱ

■ବାଲିଯାତ୍ରାରେ ଲୋକଙ୍କୁ ସଚେତନତା
■ଓଡ଼ିଶାରେ ରହିଛି ଅପାର ସମ୍ଭାବନା

**ଭୁବନେଶ୍ୱର,୨୩।୧୧ (ଅଭୟ ଦାଶ)**

ରାଜ୍ୟ ଅକ୍ଷୟଶକ୍ତି ପ୍ରମୁଖ ସଂସ୍ଥା 'ଗ୍ରୀଡ୍‌କୋ' ପକ୍ଷରୁ କଟକ ବାଲିଯାତ୍ରା ପାଭିଲିୟନ୍‌ରେ ଅକ୍ଷୟଶକ୍ତିକୁ ଆପଣାଇବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ପ୍ରଦର୍ଶିତ ଗ୍ରୀନ୍ ହାଇଡ୍ରୋଜେନ ପ୍ଲାଣ୍ଟର ଏକ ମଡେଲ ମାଧ୍ୟମରେ ହାଇଡ୍ରୋଜେନ ଭଳି ସବୁଜ ଶକ୍ତିର ବ୍ୟବହାର କରି କିପରି ବଡ଼ ବଡ ଶିଳ୍ପ କାର୍ଯ୍ୟକ୍ଷମ ହୋଇପାରିବ, ସେ ସମ୍ପର୍କରେ ଦର୍ଶାଯାଇଥିଲା। ହାଇଡ୍ରୋଜେନ ଦ୍ୱାରା କିଭଳି ଗାଡିମୋଟର ଆଦି ଚାଲିପାରିବ ତା ଏକ ମଡେଲ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ ହେଲେ ବସ୍ ଭଳି ଭାରିଯାନରୁ ଧୂଆଁ ବଦଳରେ ପାଣି




ବାହାରିବ। ସେହିପରି ପିଏମ୍ ସୂର୍ଯ୍ୟଘର ଯୋଜନାରେ କିଭଳି ଲୋକମାନେ ସୁବିଧାରେ ସୌର ଶକ୍ତି ବ୍ୟବହାର କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିଜ ବିଜୁଳି ବିଲ୍‌କୁ କମାଇପାରିବେ ବା ସମ୍ପୂର୍ଣ୍ଣ ଦେୟମୁକ୍ତ କରିପାରିବେ, ସେ ସମ୍ପର୍କରେ ସଚେତନ କରାଯାଇଥିଲା। ଏହାବ୍ୟତୀତ ଗ୍ରୀଡ୍‌କୋ ପକ୍ଷରୁ ଏକ ସ୍ୱତନ୍ତ୍ର ଆପ୍ଲିକେଶନର ବିକାଶ କରାଯାଇଛି। ଲୋକଙ୍କ ଘର ଓ ପରିସୀମା ଅନୁସାରେ କେତେ ସୌରଶକ୍ତି ଆବଶ୍ୟକ, କେତେ ଟଙ୍କା ଖର୍ଚ୍ଚ ହେବ, ସେଥିରୁ କେତେ ଟଙ୍କା କେନ୍ଦ୍ର ଓ ରାଜ୍ୟ ସରକାର ସବ୍‌ସିଡି ଆକାରରେ ପ୍ରଦାନ କରିବେ, ଆଉ କେତେ ବଳକା ଟଙ୍କା ଉପଭୋକ୍ତାଙ୍କୁ ଦେବାକୁ ପଡିବ, ସେ ବିଷୟରେ ଅବଗତ କରାଯାଇଥିଲା। ସେହିପରି ଏକ ମଡେଲ ମାଧ୍ୟମରେ ପବନ ଶକ୍ତି ଦ୍ୱାରା କିଭଳି ୨୪ ଘଣ୍ଟିଆ ବିଜୁଳି ଉତ୍ପାଦନ ହୋଇପାରିବ, ସେ ସମ୍ପର୍କରେ ଅବଗତ କରାଯାଇଥିଲା। ଏହାସହ ଆୟୋଜିତ କୁଇଜ ପ୍ରତିଯୋଗିତାରେ ବିଜୟୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଲୋଚନାଚକ୍ରରେ ସ୍ଥାନୀୟ ଓ ଜାତୀୟ ସ୍ତରର ନିବେଶକ, ବିଶେଷଜ୍ଞ ଓ ଗ୍ରୀଡ୍‌କୋର ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ଅକ୍ଷୟ ଶକ୍ତି କ୍ଷେତ୍ରରେ ରାଜ୍ୟରେ ଥିବା ଅପାର ସମ୍ଭାବନା ଓ ଏହାର ବିକାଶ ଦିଗରେ ଓଡ଼ିଶା ନବୀକରଣ ଶକ୍ତି ନୀତିର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

## ୟୁକୋ ବ୍ୟାଙ୍କ ପକ୍ଷରୁ ଆର୍‌ସେଟି ବଜାର

**ଭୁବନେଶ୍ୱର,୨୩।୧୧ (ଅନୁରାଧା ମହାରଣା)**

ୟୁକୋ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥା ପକ୍ଷରୁ କଟକ ବାଲିଯାତ୍ରାରେ ଓରମାସ ପରିସରରେ ଏକ ଆର୍‌ସେଟି ବଜାର ଖୋଲାଯାଇଥିଲା। ୟୁକୋ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଚିନ୍ମୟ କୁମାର ସାହୁ ଓ ମହାପ୍ରବନ୍ଧକ ଗୌତମ ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆର୍‌ସେଟି ନିର୍ଦ୍ଦେଶକ ସୁକାନ୍ତ ଛାଟୋଇ, ଏଲଡିଏମ୍(କଟକ) ପ୍ରସୁନ ମିତ୍ରଙ୍କ ସହ ଶାଖାର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ବଜାରରେ ଆର୍‌ସେଟିରୁ ତାଲିମ୍ ନେଇଥିବା ଟ୍ରେନିମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଝୋଟ, ସାମଗ୍ରୀ, ଧୂପକାଠି ଓ ପାମ୍ପଡ ଆଦି ବିକ୍ରି କରାଯାଇଥିଲା।

# Classified Everyday

**0674-2580101, 2549949**


MATRIMONIAL

### BRIDE WANTED

Handsome Bengali Brahmin Boy 1990- 5'8", B.Com Pass. Working as Accountant (P.C.) Puri. Contact No.- 9439736612. D-75613

MSc (Math)- Education Leader, +2 Sc., +3 Sc. Principal (Pvt. College), ପୁଅ ବାହାଘର ପାଇଁ MSc ଝିଅ ଆବଶ୍ୟକ, ଖଣ୍ଡାୟତ, ଗୌର ବର୍ଣ୍ଣ। Mob (Whatsapp)- 7853908012. D-2039


REAL ESTATE

### SALE

**Ready to move 2BHK flat for sale @ 21 Lakh near Gudiapokhari Bhubaneswar. Call- 9437631769.** D-1891

ଫୁଲନଖରା ଅନନ୍ତପୁର ସରକାରୀ ରୋଡ୍‌କୁ ଲାଗିକି ଘରବାରି ନିଜ ପ୍ଲଟ୍ ବିକ୍ରିହେବ। Mob- 9556187814. D-2008

**Land near Balasore Town for sale. Residential Plot 19 decimals near Harihat and agriculture firm house plots total 184 decimals. All in Village Sindhia near Balighat and 278 decimals all in Village Sahupada near Balasore- Baripada National Highway. Please contact immediately- 7656861995, 8984692488.** D-75829

Duplex project at Retang Medical, Station, C.V. Raman Tamando, Apartment near Sum Hospital, Bhubaneswar. 7008459987. D-76204

**(A) Commercial plot, facing to NH Road Nakhara to Niali NH 10000sqft., 3sides road, (B) Residential plot near Petal English Medium School 1250/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75799

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45,000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75579

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965.** D-2042

ମାତ୍ର ଅଢ଼େଇଲକ୍ଷରୁ ସାଢ଼େ ତିନିଲକ୍ଷରେ Best Investment plot, Location ଢେଙ୍କାନାଳ, ଅନୁଗୁଳ, ଜଙ୍କିଆ (ଖୋର୍ଦ୍ଧା) ଭୁବନେଶ୍ୱର, ROI Upto- 50 lakhs. Contact- 9827767837. D-2049

**Duplex and Apartment sale near Kalinga Nagar DAV School, Bhubaneswar. 9777433701.** D-76212

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-2043

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd. 9439856856.** D-1953

**Construct your dream home @ 970/-, 1490/- includes archiecture struture with 3years FMC, we provide plan approval boring & interer work- SNV Engineering. 9439295469.** D-76203


FOR RENT

3BHK flat main road, Soubhagyanagar for Office, Family, Bachelors. 9000004523. D-2044


Healthcare

Newly open health benefits SPA by expert therapist. Contact- 8280961126. D-76169

Newly open health benefits SPA special offer @ 799 Bapuji Nagar. 8018429809. D-76172

Newly open Jyoti SPA positively health benefits (expert therapist). 8458067955. D-76171

### LOST

ମୁଁ ପ୍ରୀତମ୍ ମିଶ୍ର, ପିତା- ସୁନୀଲ କୁମାର ମିଶ୍ର, ଜିଲ୍ଲା- ବୌଦ୍ଧ, ଗତ ୧୯।୧୨।୨୦୧୯ରେ ବୁଟୁପାଲିରୁ ବୌଦ୍ଧ ଆସୁଥିବା ବେଳେ ମୋର ବି.ଟେକ୍ ସାର୍ଟିଫିକେଟ୍ ଏବଂ ଗ୍ରେଡ୍‌ଶିଟ୍ ହଜିଯାଇଛି। କୌଣସି ବ୍ୟକ୍ତି ପାଇଥିଲେ ଉକ୍ତ ନମ୍ବରରେ ଜଣାଇବେ। ମୋ- ୮୧୦୪୪୦୩୩୨୪. ଘ-୨୦୫୦

### AFFIDAVIT

I, Kavita Maheswari, aged about 48 years, D/o- Rajendra Kumar Gilra of Gopal Gaon (Budha Vihar), P.O.- Srikanthapur, P.S.- Balesore, Dist.- Balesore do hereby declare that by virtue of an affidavit before Executive Magistrate, Balesore I changed my surname Gilra to Maheswari. Henceforth, I will be known as Kavita Maheswari instead of Kavita Gilra for all purpose. D-2045

By virtue of an affidavit sworn before the Executive Magistrate, Rajnagar, AF No.- 3849, dtd. 22.11.2024, I, Prasanta Kumar Mohanty, At/P.O.- Sansarphal, P.S.- Pattamundai, Dist.- Kendrapara-754217 declare that I have changed my son name from Suprava Mohanty to new name Supravata Mohanty. That now he shall be known as Supravata Mohanty for all purposes. D-2047

By virtue of an affidavit before Notary Public, dtd 22 Nov. 2024 my daughter name changed Sasmita Mohanty to Priyanka Mohanty, D/o- Meghaduta Mohanty, At- Orikanta, Santapur, Cuttack, Odisha for all purposes. D-2040

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### LEGAL NOTICE

Pr- 715/ 13.11.2024
Summons for Settlement of Issues
(Order V, Rules 1 and 5, Code of Civil Procedure)
Dist.- Sundargarh (Odisha)
IN THE COURT OF THE SENIOR CIVIL JUDGE, BONAI
T. S. No.- 2 of 1997

Nrusingha Charan Nanda (D) by LRs & anr .....Plaintiff
-Versus-
Chintamani Nanda (D) by LRs & others ....Defendants

To,
1. Purnima Patra, aged about 48 years, D/o- Late Rabinarayan Patra,
2. Pravatraman Patra, aged about 46 years, D/o- Late Rabinarayan Patra, Boths are of Vill- Barhamusa (Thakurma tola), P.O./ P.S.- Bonai, Dist.- Sundargarh-770038.

Whereas the plaintiffs Nrusingh Charan Nanda and Chakradhar Nanda of Village-Jibika, P.O.-Narendra, P.S.- Bonai, Dist.- Sundargarh have instituted a suit against you for a decree for partition of the suit land along with other reliefs.

You are hereby summoned to appear in this Court in person, or by pleader duly instructed, able to answer all material questions relating to the suit, or who shall be accompanied by some person able to answer all such questions, on the 28th day of November, 2024 at 10.30 O'clock in the forenoon, to answer the claim and you are directed to produce on that day the documents upon which you intend to reply in support of your defence.

Take notice that, in default of your appearance on the day before mentioned the suit shall be heard and determined in your absence.

Given under my hand and seal of the Court, this the 13th day of November, 2024.

By Order
Sd./- Sheristadar, Court of the Civil Judge (Sr. Division, Bonai)
D-2051

## ମାଲାବାରରେ ବ୍ରାଇଡାଲ ଜୁଏଲେରୀ ଶୋ




**ଭୁବନେଶ୍ୱର,୨୩।୧୧**

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ବ୍ରାଇଡ୍‌ସ ଅଫ ଇଣ୍ଡିଆ ଫେଷ୍ଟିଭାଲ'ସର୍ବଭାରତୀୟସ୍ତରରେ ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର ଶହୀଦନଗରସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏକ୍ସକ୍ଲୁସିଭ ଶୋ'ରୁମରେ 'ବ୍ରାଇଡାଲ ଜୁଏଲେରୀ ଶୋ'ର ଆନୁଷ୍ଠାନିକ ଅନାବରଣ (ଶୁଭାରମ୍ଭ) ଶନିବାର ହୋଇଯାଇଛି। ଏହି ଅବସରରେ ସାମାଜିକକର୍ମୀ ତଥା ଫ୍ୟାଶନ ଡିଜାଇନର ଜୁବିନା ଅଲ୍ଲୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରାଣ୍ଡର ବରିଷ୍ଠ ଅଧିକାରୀଙ୍କ ସମେତ କର୍ମଚାରୀ ଏବଂ ପ୍ରମୁଖ ଗ୍ରାହକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଶୋ ୨୦୨୪ ଡିସେମ୍ବର ୮ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଏହି ଅବସରରେ ଗ୍ରାହକମାନେ ବ୍ରାଣ୍ଡର ପ୍ରମୁଖ ଗହଣାଗୁଡ଼ିକ ଉଭୟ କ୍ରୟ ଓ ବୁକିଂ ମଧ୍ୟ କରିପାରିବେ। ସେହିଭଳି ଏହି ଶୋ ଜରିଆରେ ଗ୍ରାହକ ଆକର୍ଷଣୀୟ ରିହାତି ପାଇପାରିବେ।

## ୟୁଏସ୍‌ଏଫ୍‌ବିଏଲ୍‌ର ନୂତନ ଶାଖା ଉଦ୍‌ଘାଟିତ

**ଭୁବନେଶ୍ୱର,୨୩।୧୧**

ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ (ୟୁଏସ୍‌ଏଫ୍‌ବିଏଲ୍) ର ନୂତନ ଶାଖା (ଆଠଗଡ଼ ଶାଖା) ନିକଟରେ କଟକ ଆଠଗଡ଼ଠାରେ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏ ସମ୍ପର୍କରେ ୟୁଏସ୍‌ଏଫ୍‌ବିଏଲ୍‌ର ଏମ୍‌ଡି ତଥା ସିଇଓ ଗୋବିନ୍ଦ ସିଂହ କହିଛନ୍ତି, ଆମେ ଆମର ନୂତନ ଶାଖାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ। ଏପରିକି କଟକ ଆଠଗଡ଼ଠାରେ ଆମର ନୂତନ ଶାଖା ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ତ୍ୱରାନ୍ୱିତ କରିବା ଓ ଓଡ଼ିଶାର ଆର୍ଥିକ ବିକାଶରେ ମଧ୍ୟ ସହଯୋଗ ପ୍ରତି ଆମର ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି। ଏପରିକି ଜରୁରୀ ବ୍ୟାଙ୍କିଙ୍ଗ୍ ସେବା ପାଇଁ ପହଞ୍ଚ ଏବଂ ଜେଏଲ୍‌ଜି ମଡେଲ ମାଧ୍ୟମରେ ମାଇକ୍ରୋ-ବ୍ୟାଙ୍କିଙ୍ଗ୍ ଲୋନ୍ ପ୍ରଦାନକରି ଆମେ ଅଣସଂରକ୍ଷିତ ସମୁଦାୟଗୁଡ଼ିକୁ ସଶକ୍ତ କରିବା ଏବଂ ଓଡ଼ିଶାର ସାମାଜିକ-ଆର୍ଥିକ ପ୍ରଗତିରେ ଯୋଗଦାନ ଦେବାକୁ ଲକ୍ଷ୍ୟ ରଖିଛୁ। ସେହିଭଳି ଆମର ମଜଭୁତ ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍‌ର ଭିତ୍ତିଭୂମି, ଡିଜିଟାଲ ବ୍ୟାଙ୍କିଙ୍ଗ୍ କ୍ଷମତା ଓ ଏଟିଏମ୍ ନେଟ୍‌ୱର୍କ ସହିତ ୟୁଏସ୍‌ଏଫ୍‌ବିଏଲ୍ ଏକୀକୃତ ଗ୍ରାହକ ସେବା ସୁନିଶ୍ଚିତ କରୁଛି। ବ୍ୟାଙ୍କ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, ମୋବାଇଲ ବ୍ୟାଙ୍କିଙ୍ଗ୍, ୟୁପିଆଇ ଓ ଗ୍ରାହକଙ୍କ ସହଯୋଗ ପାଇଁ ଏକ କଲ୍‌ସେଣ୍ଟର ଭଳି ଏକାଧିକ ମାଧ୍ୟମ ପ୍ରଦାନ କରୁଛି, ଏହାଛଡ଼ା ବ୍ୟାଙ୍କ ଏକ ସୁବିଧାଜନକ, ଟାବ୍‌ଲେଟ୍-ଆଧାରିତ ଆପ୍ଲିକେଶନ-ଆସିଷ୍ଟେଡ ମଡେଲ 'ଡିଜି ଅନ୍-ବୋର୍ଡିଂ' ପ୍ରଦାନ କରୁଛି, ଯାହା ଗ୍ରାହକଙ୍କୁ ବ୍ରାଞ୍ଚକୁ ନ ଆସି ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପାଇଁ ସକ୍ଷମ କରିଥାଏ।

## ଟିପିସିଓଡିଏଲ୍‌କୁ ୯ ସ୍ୱର୍ଣ୍ଣ ପୁରସ୍କାର




**ଭୁବନେଶ୍ୱର,୨୩।୧୧**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟି ପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)କୁ ନିକଟରେ ଆଉ ଏକ ଅନ୍ତର୍ଜାତୀୟ ସ୍ୱୀକୃତି ସହ ସମ୍ମାନ ପ୍ରଦାନ କରାଯାଇଛି। ଏପରିକି ଇଣ୍ଟରନ୍ୟାଶନାଲ୍ କନ୍‌ଭେନସନ୍ ଅନ୍ କ୍ୱାଲିଟି କଣ୍ଟ୍ରୋଲ ସର୍କଲ୍ସ ବା ଆଇସିକ୍ୟୁସିସି-୨୦୨୪ ସମ୍ମିଳନୀରେ କମ୍ପାନୀ ୯ଟି 'ସ୍ୱର୍ଣ୍ଣ' ପୁରସ୍କାର ସହ ଉଲ୍ଲେଖନୀୟ ଉପଲବ୍ଧି ହାସଲ କରିଛି। ଉଲ୍ଲେଖଯୋଗ୍ୟ,ଶ୍ରୀଲଙ୍କା ଆସୋସିଏସନ ଫର୍ ଦି ଆଡଭାନ୍ସମେଣ୍ଟ ଅଫ୍ କ୍ୱାଲିଟି ଆଣ୍ଡ ପ୍ରଡକ୍ଟିଭିଟି ଦ୍ୱାରା ଏହି ସ୍ୱତନ୍ତ୍ର ସମ୍ମିଳନୀ ଶ୍ରୀଲଙ୍କାର କଲମ୍ବୋଠାରେ ଆୟୋଜନ କରାଯାଇଥିଲା। ଯେଉଁଥିରେ ଗୁଣାତ୍ମକ ମାନ,ଉତ୍ପାଦକତା ଓ ନବସୃଜନ ଉପରେ ବିଶେଷ ଭାବେ ଗୁରୁତ୍ୱାରୋପ କରାଯାଇଥିଲା। ସେହିଭଳି ଏହି ସମ୍ମିଳନୀର ବିଷୟବସ୍ତୁ 'ବିୟଣ୍ଡ ବାଉଣ୍ଡ୍ରିଜ: ଏ କ୍ୱେଷ୍ଟ ଫର୍ କ୍ୱାଲିଟି, ପ୍ରଡକ୍ଟିଭିଟି ଆଣ୍ଡ ଇନୋଭେସନ'ରହିଥିଲା। ଏଥିରେ ୧୪ଟି ଦେଶରୁ ୧୦୮୩ ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଟିପିସିଓଡିଏଲ୍ କାର୍ଯ୍ୟକ୍ଷେତ୍ରରେ ଗୁଣାତ୍ମକ ମାନ, ଉତ୍ପାଦକତା ଓ ନବସୃଜନରେ ଉନ୍ନତି ଆଣିବା ଲାଗି ଟିମ୍ ପକ୍ଷରୁ ଉଲ୍ଲେଖନୀୟ ପ୍ରତିବଦ୍ଧତା ପ୍ରଦର୍ଶନ କରାଯାଇଥିଲା। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି, ଗୁଣାତ୍ମକ ମାନ ଓ ଦଳଗତ କାର୍ଯ୍ୟରେ ଉତ୍କର୍ଷ ପ୍ରଦର୍ଶନକରି ଆଇସିକ୍ୟୁସିସିରେ ଉଲ୍ଲେଖନୀୟ ଉପଲବ୍ଧି ହାସଲ କରିଥିବା ସମସ୍ତ ଟିମ୍‌କୁ ମୁଁ ଅଭିନନ୍ଦନ ଜଣାଉଛି।

# ମହତାବଙ୍କ ଜୀବନୀ ଉପରେ ବାୟୋପିକ୍ କରାଯିବ

## ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ

### ଓଡ଼ିଶା ସ୍ୱାଧୀନତା ଆନ୍ଦୋଳନରେ ନୂତନ କ୍ରାନ୍ତି ଆଣିଥିଲେ ମହତାବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୩।୧୧(ଅନିଲ ଦାସ)**

ଓଡ଼ିଶାର ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ଇତିହାସରେ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଜୀବନୀ ଓ କୃତିତ୍ୱ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଅଧ୍ୟାୟ। ସେ ଓଡ଼ିଶା ସ୍ୱାଧୀନତା ଆନ୍ଦୋଳନରେ କ୍ରାନ୍ତି ଆଣିଥିଲେ। ମହତାବଙ୍କ ବିନା ଆଧୁନିକ ଓଡ଼ିଶାର କଳ୍ପନା କରାଯାଇ ନ ପାରେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରଠାରେ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ସ୍ମରଣୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଡ. ମହତାବଙ୍କୁ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ରାଜନୀତିଜ୍ଞ, ସାହିତ୍ୟିକ, ସାମ୍ବାଦିକ, ଐତିହାସିକ, କୂଟନୀତିଜ୍ଞ ଓ ଲୋକପ୍ରିୟ ରାଜନେତା ଭାବେ ବିବେଚନା କରାଯାଇଥାଏ। ୧୯୨୧ ରେଭେନ୍ସା ମହାବିଦ୍ୟାଳୟରେ ପଢୁଥିବା ସମୟରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ପାଠପଢ଼ା ଛାଡ଼ି ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଡ. ମହତାବ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇ ଜନମାନସରେ ଏକ ନୂତନ କ୍ରାନ୍ତି ଆଣିଥିଲେ। ବିଗତ ବହୁବର୍ଷ ଧରି ଓଡ଼ିଶା କେବଳ ଗୋଟିଏ ପରିବାରର ଅବଦାନ ପାଇଁ ତାଙ୍କୁ ସମ୍ମାନିତ କରିଆସୁଥିଲା। ପ୍ରଧାନମନ୍ତ୍ରୀ ଦେଶ ଓ ଜାତି ଗଠନରେ ପ୍ରମୁଖ ଅବଦାନ ରଖିଥିବା ସମସ୍ତ ବରପୁତ୍ରଙ୍କୁ ଉଚିତ ସମ୍ମାନ ଦେବା ପାଇଁ ଏହି ଧାରାରେ ପରିବର୍ତ୍ତନ ଆଣିଛନ୍ତି। ଜଣଙ୍କୁ ମହାନ୍ କରିବା ପାଇଁ ଅନ୍ୟମାନଙ୍କୁ ହତାଦର କରିବା କେବେ ହେଲେ ଏକ ସୁସ୍ଥ ପରମ୍ପରା ନୁହେଁ। ଏହି କ୍ରମରେ ଆଧୁନିକ ଓଡ଼ିଶାର ମଙ୍ଗୁଆଳ ମହତାବଙ୍କ ୧୨୫ତମ ଜୟନ୍ତୀର ଏକବର୍ଷ ବ୍ୟାପୀ ଜାତୀୟ ସ୍ତରର ଉତ୍ସବ ପାଳନ ଏକ ଉପଯୁକ୍ତ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟତମ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମହତାବଙ୍କ ବିଷୟରେ ଜାଣିବାକୁ ହେଲେ ଯୁବପିଢ଼ିଙ୍କୁ ତାଙ୍କ ବିଷୟରେ ଅଧ୍ୟୟନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ, ମହତାବ ଜଣେ ବିସ୍ମୟ ପୁରୁଷ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ତାଙ୍କର ଏହି ସ୍ମରଣୋତ୍ସବ କେବଳ ରାଜ୍ୟ ସ୍ତରୀୟ ଉତ୍ସବରେ ନୁହେଁ ଜାତୀୟ ସ୍ତରୀୟ ଉତ୍ସବରେ ପରିଣତ ହୋଇଛି। ଏହି ଅବସରରେ କଟକ ଏମ୍‌ପି ତଥା ହରେକୃଷ୍ଣ ମହତାବଙ୍କ ସୁଯୋଗ୍ୟ ସନ୍ତାନ ଭର୍ତ୍ତୃହରି ମହତାବ ଉପସ୍ଥିତ ଥିଲେ। ଏହି ଅବସରରେ ମହତାବଙ୍କ ଉପରେ ଆୟୋଜିତ ଫଟୋଚିତ୍ର ଏବଂ ତୈଳଚିତ୍ର ପ୍ରଦର୍ଶନୀ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ।



ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ସ୍ମରଣୋତ୍ସବରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟାନ୍ୟ ଅତିଥି।

## ଆଜି ମୁଖ୍ୟମନ୍ତ୍ରୀଙ୍କ ସୁନ୍ଦରଗଡ଼ ଗସ୍ତ

**ସୁନ୍ଦରଗଡ଼,୨୩।୧୧ (ଜୟ ନାରାୟଣ ମେଣ୍ଟୁଳି)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଦିନିକିଆ ସୁନ୍ଦରଗଡ଼ ଗସ୍ତରେ ଆସୁଛନ୍ତି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିମାନବନ୍ଦରରୁ ସ୍ୱତନ୍ତ୍ର ବିମାନରେ ଆସି ଝାରସୁଗୁଡା ସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ ଆସି ସୁନ୍ଦରଗଡ଼ ସରକାରୀ କଲେଜ ନିକଟସ୍ଥ ଯତରା ପଡିଆରେ ପୂର୍ବାହ୍ନ ୧୧ଟା ୨୫ରେ ପହଞ୍ଚିବେ। ସେଠାରେ ଆୟୋଜିତ ସୁଭଦ୍ରା ଯୋଜନାର ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ସେଠାରୁ ଅପରାହ୍ନ ୧ଟା୩୦ମିନିଟ୍‌ରେ ବାହାରି ସର୍କିଟ ହାଉସଠାରେ ପହଞ୍ଚିବେ। ମଧ୍ୟାହ୍ନଭୋଜନ ପରେ ଜିଲା ସଂସ୍କୃତି ଭବନରେ ଅପରାହ୍ନ ୨ଟା୩୦ରେ ପହଞ୍ଚିବେ। ସେଠାରେ ଦଳୀୟ ଭାଜପା କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରି ଅପରାହ୍ନରେ ଭୁବନେଶ୍ୱର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବେ। ତାଙ୍କ ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।




## ତାମିଲନାଡୁ ଉପକୂଳରେ ଦାନା ବାନ୍ଧୁଛି ବାତ୍ୟା

**ଭୁବନେଶ୍ୱର,୨୩।୧୧ (ଅନିଲ ଦାସ)**

ତାମିଲନାଡୁ ଉପକୂଳରେ ଏକ ବାତ୍ୟା ଦାନା ବାନ୍ଧୁଛି। ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୨୫ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ଧୀରେ ଘନୀଭୂତ ହୋଇ ବାତ୍ୟାରେ ପରିଣତ ହେବ ବୋଲି ଅନୁମାନ କରାଯାଉଛି। ୨୮ କିମ୍ବା ୨୯ ତାରିଖ ବେଳକୁ ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତିକରି ତାମିଲନାଡୁ କିମ୍ବା ଦକ୍ଷିଣ ଆନ୍ଧ୍ର ଉପକୂଳ ଦେଇ ଅତିକ୍ରମ କରିବା ସମ୍ଭାବନା ରହିଛି। ତେବେ ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ବାତ୍ୟାର ରୂପରେଖ ସ୍ପଷ୍ଟ ହେବ ବୋଲି ପାଣିପାଗ ବିଜ୍ଞାନୀ ଶରତ ଚନ୍ଦ୍ର ସାହୁ କହିଛନ୍ତି।

### ୨୭ରୁ ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

ବାତ୍ୟା ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ୨୭ରୁ ୩୦ ତାରିଖ ଯାଏ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ସୋନପୁର, ସୁନ୍ଦରଗଡ଼ ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ନାହିଁ। ରବିବାରଠାରୁ ପାଗରେ ପରିବର୍ତ୍ତନ ହେବ। ଆକାଶ ମେଘାଚ୍ଛନ୍ନ ରହିବା ସହିତ ରାତ୍ରିର ତାପମାତ୍ରା ବୃଦ୍ଧି ପାଇବ। ଫଳରେ ଶୀତ ହ୍ରାସ ପାଇବ।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଆସନ୍ତା ୨୬ ତାରିଖ ଯାଏ ରାଜ୍ୟରେ ପାଗ ଶୁଖିଲା ରହିବ। ଆସନ୍ତା ୨୮ ତାରିଖରେ ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ,ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଜିଲାର ଗୋଟିଏ କିମ୍ବା ଦୁଇ ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି।

## ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ନୀତି

**ପୁରୀ,୨୩।୧୧ (ଅଜିତ୍ କୁମାର ମହାନ୍ତି):** ପ୍ରଥମାଷ୍ଟମୀ ଅବସରରେ ଶନିବାର ଶ୍ରୀମନ୍ଦିରରେ ବନ୍ଦାପନା ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ମହାପ୍ରଭୁଙ୍କ ଭୋଗମଣ୍ଡପ ଶେଷ ପରେ ବେଶ ମଇଲମ କାରାଯାଇ ପାଣି ପଡ଼ିଥିଲା। ପରେ ପୂଜାପଣ୍ଡାସାମନ୍ତ ଯାତ୍ରାଙ୍ଗୀ ମହାସ୍ନାନ ନୀତି ସମ୍ପନ୍ନ କରିବା ସହ ତିନି ଠାକୁରଙ୍କୁ ନୂଆଲୁଗା ଲାଗି କରାଯାଇଥିଲା। ଚନ୍ଦନ ଲାଗି ସର୍ବାଙ୍ଗ ନୀତି ପରେ ସେବକମାନେ ଶ୍ରୀବିଗ୍ରହମାନଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗି କରି ବେଶ କରିଥିଲେ। ଠାକୁରଙ୍କୁ ବନ୍ଦାପନା କରାଯାଇ ପୋଡୁଅାଁ ନୀତି ସମ୍ପନ୍ନ ହୋଇଥିଲା।













4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




Not Just Mining Minerals...

MINING
HAPPINESS

Odisha_mining | OmcOdisha

# ସବାଇଘାସରୁ ସ୍ୱାବଲମ୍ବୀ




ମହିଳାମାନେ ସବାଇଘାସରୁ ଘରକରଣା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।

ମୟୂରଭଞ୍ଜ ଜିଲାର ଅନ୍ୟ ଏକ ପରିଚୟ ହେଲା ସବାଇଘାସ। ଏଥିରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଏବେ ଦେଶ, ବିଦେଶ ତଥା ବିଶ୍ୱ ବଜାରରେ ବେଶ୍ ଆଦୃତି ଲାଭ କରିଛି। ଫ୍ଲିପ୍‌କାର୍ଟ ଓ ଆମାଜନ୍ ଭଳି ଅନ୍‌ଲାଇନ୍ ମାର୍କେଟିଂ ସଂସ୍ଥା ଜରିଆରେ ସବାଇଘାସ ସାମଗ୍ରୀ ମାଲେସିଆ, ଦୁବାଇ, ନେପାଳ ଓ ଆମେରିକା ଭଳି ଦେଶକୁ ଯାଇପାରୁଛି। ରଙ୍ଗବେରଙ୍ଗ ଓ ସୁନ୍ଦର ହସ୍ତକଳାରେ ନିର୍ମିତ ବିଭିନ୍ନ ଘରକରଣା ଜିନିଷ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଦେଶର ବଡ଼ ବଡ଼ ସହରରେ ଏହାର ଷ୍ଟଲ୍ ମଧ୍ୟ ଉପଲବ୍ଧ ହେଉଛି। ସବାଇ ଘାସରୁ ସାମଗ୍ରୀ ପ୍ରସ୍ତୁତକରି ଜିଲାର ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ତେବେ ସରକାରୀସ୍ତରରେ ନୂତନ ଡିଜାଇନ ସହ ଉନ୍ନତ ଜ୍ଞାନକୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିବାକୁ ମହିଳାମାନେ ଦାବି କରିଛନ୍ତି। ଏହାବ୍ୟତୀତ ନୂତନ ବଜାର ସୃଷ୍ଟି କରାଗଲେ ଅଧିକ ରୋଜଗାରକ୍ଷମ ହୋଇପାରନ୍ତେ ବୋଲି ବିଭିନ୍ନ ସଙ୍ଗଠନର ସଦସ୍ୟାମାନେ ଆଶାବାଦୀ ଅଛନ୍ତି।

ଅନେକ ଆଦିବାସୀ ପରିବାର ମୁହଁରେ ହସ ଫୁଟାଇ ଆସୁଛି ସବାଇଘାସ। ଏହି ଘାସର ଦଉଡ଼ିରୁ ପ୍ରସ୍ତୁତ ଭଳିକି ଭଳି ଜିନିଷ ବିକି ଆଦିବାସୀମାନେ ପରିବାର ପ୍ରତିପୋଷଣ କରିଆସୁଛନ୍ତି। ବଣପାହାଡ଼ ଘେରା ମୟୂରଭଞ୍ଜ ଜିଲାର ଉଚ୍ଚ ଜମିରେ ସବାଇଘାସ ଭଲ ହୋଇଥାଏ। ଏହି ଘାସରୁ ରଶି(ଦଉଡ଼ି) ପ୍ରସ୍ତୁତ କରି ନିକଟସ୍ଥ ହାଟବଜାରରେ ବିକ୍ରିକରି ବେଶ୍ ଦୁଇପଇସା ରୋଜଗାର କରିଥାନ୍ତି ସ୍ଥାନୀୟ ଅଧିବାସୀ। ଏହି ଘାସରୁ ଘରକରଣା ଭଳି ସୁନ୍ଦର ଉପକରଣ ପ୍ରସ୍ତୁତକରି କେତେଜଣ ମହିଳା ରୋଜଗାରକ୍ଷମ ମଧ୍ୟ ହୋଇପାରିଛନ୍ତି। ସବାଇଘାସରୁ ଫୁଲ ଚାଙ୍ଗୁଡ଼ି, ଫୁଲଦାନି, ଫଳ ପାଛିଆ, ପେନ୍‌ଷ୍ଟାଣ୍ଡ, ସାବୁନ କେଶ୍, ହଟ୍‌କେଶ, ଡଷ୍ଟବିନ୍, ସିନ୍ଦୂର ଫରୁଆ, ଭାନିଟି ବ୍ୟାଗ୍, ୱାଲ ହାଙ୍ଗିଙ୍ଗ୍, ଗଛ, ରାଖୀ, ବ୍ୟାଗ୍, ପାପୋଛ, କାନଫୁଲ, ମନିପର୍ସ, ଚେୟାର, ଡାଇନିଂ ଟେବୁଲ, ସୋଫାସେଟ୍ ଭଳି ୭୦ ପ୍ରକାର ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ ଭଳି ବଡ଼ ସହରରେ ଏହି ସାମଗ୍ରୀର ଚାହିଦା ବଢ଼ିବା ଓ ଅନ୍‌ଲାଇନ ମାଧ୍ୟମରେ ଦେଶ ବିଦେଶର ଲୋକେ ଏହାକୁ ପାଇପାରୁଛନ୍ତି।

ଶୁଳିଆପଦା ବ୍ଲକ ଅଧୀନ ଫାନିଆ ପଞ୍ଚାୟତ ସାଲସାହି ଗ୍ରାମରେ 'ମା' ଅନ୍ଧାରୀ ବୁଢ଼ୀ ସବାଇ ପ୍ରଡ୍ୟୁସର ଗ୍ରୁପ୍' ନାମକ ଏକ ମହିଳା ସ୍ୱୟଂ ସହାୟକ ସଂସ୍ଥା ରହିଛି। ସେମାନେ ସବାଇଘାସ ସହ ଖଜୁରିପତ୍ର ଓ ରଙ୍ଗବେରଙ୍ଗ ସୂତା ସାହାଯ୍ୟରେ ମନଲୋଭା ଘର ସାଜସଜ୍ଜା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ୨୦୧୪ରେ ମାତ୍ର ୬୦ଜଣଙ୍କୁ ନେଇ ଗଠିତ ହୋଇଥିବା ଗ୍ରୁପ୍‌ର ସଦସ୍ୟାମାନେ ସ୍ଥାନୀୟ ବ୍ୟାଙ୍କରୁ କିଛି ଟଙ୍କା ଋଣ ନେଇ ବ୍ୟବସାୟ ଆରମ୍ଭ କରିଥିଲେ। ପରେ ଓର୍‌ମାସ ପକ୍ଷରୁ ସହଯୋଗ ମିଳିବାରୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ବଜାରରେ ଆଦୃତି ଲାଭ କରିଥିଲା। ଫଳରେ ମହିଳାମାନେ ବର୍ତ୍ତମାନ ମେଶିନ ଓ ହାତରେ ସାମଗ୍ରୀଗୁଡ଼ିକ ପ୍ରସ୍ତୁତ କରିବାରେ ପାରଙ୍ଗମ ହୋଇପାରିଛନ୍ତି। ମଝିରେ ମଝିରେ ସେମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଓର୍‌ମାସ ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ଗ୍ରୁପ୍‌ରେ ସାଲସାହି ଗାଁ ସମେତ ଅନ୍ଧାରୀଶୋଳ, ଡୁମୁରଡିହା, ମୁଣ୍ଡାକଟା, ଢେଙ୍କିଆ ଆଦି ଆଖପାଖ ବିଭିନ୍ନ ଗ୍ରାମର ପାଖାପାଖି ୨୨୨ସଦସ୍ୟା ରହିଛନ୍ତି। ଘରକାମ ପରେ ପ୍ରତିଦିନ ୫ରୁ ୭ ଘଣ୍ଟା ସମୟ ଦେଇ ଏହି ହସ୍ତଶିଳ୍ପ ସାମଗ୍ରୀ ପ୍ରସ୍ତୁତକରି ମାସକୁ ୮ରୁ ୧୦ହଜାର ଟଙ୍କା ରୋଜଗାର କରିପାରୁଛନ୍ତି ବୋଲି ସୁମିତ୍ରା ବାରିକ ଓ ଅନୀତା ନାଏକ କହିଛନ୍ତି। ଏହାଦ୍ୱାରା ପରିବାର ପ୍ରତିପୋଷଣ କରିବାରେ ତାଙ୍କର ଆର୍ଥିକ ସମସ୍ୟା ଦୂରହୋଇପାରିଛି ବୋଲି କହିଛନ୍ତି। ଏହି ସଙ୍ଗଠନ ବ୍ୟତୀତ ଜିଲାର ଉଦଳା, କପ୍ତିପଦା, ବେତନଟୀ, କୁଳିଅଣା ଓ ବାରିପଦା ବ୍ଲକର ମହିଳାମାନେ ସବାଇଘାସରୁ ବିଭିନ୍ନ ଉପକରଣ ପ୍ରସ୍ତୁତ କରୁଛନ୍ତି। ଜିଲାର ୧୯ଟି କ୍ଲଷ୍ଟର ଗ୍ରୁପ୍ ମିଶି 'ମୟୂରଭଞ୍ଜ ସବାଇ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍' ନାମକ ସଂସ୍ଥା ଗଢ଼ିଛନ୍ତି। ଏଥିରେ ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ବିଭିନ୍ନ ସାମଗ୍ରୀ ପ୍ରସ୍ତୁତକରି ବାର୍ଷିକ ୨ରୁ ୩କୋଟି ଟଙ୍କା ପର୍ଯ୍ୟନ୍ତ କାରବାର କରିପାରୁଛନ୍ତି ବୋଲି ଗ୍ରୁପ୍ ସଭାପତି ଗୀତାଞ୍ଜଳି ନାଏକ ଓ ପଦ୍ମିନୀ ବାରିକ ପ୍ରକାଶ କରିଛନ୍ତି। କିଛିଦିନ ତଳେ ରାଜ୍ୟପାଳ ରଘୁବର ଦାସ ଏହି ଅଞ୍ଚଳ ପରିଦର୍ଶନରେ ଆସି ମହିଳାମାନଙ୍କ ଉଦ୍ୟମକୁ ପ୍ରଶଂସାକରି ସବାଇଘାସରେ ପ୍ରସ୍ତୁତ ଏକ ସୋଫାସେଟ୍ କିଣିଥିଲେ।

**–ରିପୋର୍ଟ: ନୀଳାଦ୍ରି ବିହାରୀ ଦଣ୍ଡପାଟ**, ବାରିପଦା



ଲୋକଙ୍କୁ ସଚେତନ କରୁଛନ୍ତି ଲହରି କୁଣ୍ଡିକା।

## ଡଙ୍ଗରିଆଙ୍କ ଆଶାର କିରଣ 'ଲହରି'



ରାୟଗଡ଼ା ଜିଲା ନିୟମଗିରି ପାହାଡ଼ ପାଦଦେଶରେ ବାସ କରୁଥିବା ଜନଜାତି ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ଲୋକଙ୍କ ପାଇଁ ଆଶାର କିରଣ ପାଲଟିଛନ୍ତି ଲହରି କୁଣ୍ଡିକା। ବିଷମକଟକ ବ୍ଲକ୍ ଖମ୍ବେସୀ ଗ୍ରାମର ୪୪ ବର୍ଷୀୟ ଲହରି ପାଠପଢ଼ି ନ ଥିଲେ ମଧ୍ୟ ଲୋକଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟର ସଚେତନତା ସାଙ୍ଗକୁ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବାକୁ ପ୍ରେରଣା ଦେଉଛନ୍ତି। ଆଦିମ ଜନଜାତିଙ୍କ ପାରମ୍ପରିକ ଶାଲ୍ କପଡ଼ାଗାନ୍ଧା ଓ ନୃତ୍ୟ ଧୀରେ ଧୀରେ ଲୋପ ପାଉଥିବାରୁ ସ୍ଥାନୀୟ ଯୁବତୀଙ୍କୁ ସେ ଶାଲ୍ ବୁଣିବା ଏବଂ ନୃତ୍ୟ ଶିକ୍ଷା ଦେଉଛନ୍ତି। ଏବେ ସୁଦ୍ଧା ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଯୁବତୀଙ୍କୁ ଲହରି ନୃତ୍ୟ ସହ ଶାଲ୍ ବୁଣା ଶିଖାଇଛନ୍ତି।

କନ୍ଧ ସମ୍ପ୍ରଦାୟ ଲୋକେ ମୁଖ୍ୟତଃ ସଚେତନତା ଅଭାବରୁ ମୁଖ୍ୟସ୍ରୋତରେ ସାମିଲ ନ ହୋଇ ପଛୁଆ ରହିଯାଉଛନ୍ତି। ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲକରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି ଲହରି। ସେ ପ୍ରତିଦିନ ନିଜ ଘର କାମ ସାରି ନିୟମଗିରି ପାହାଡ଼ରେ ଚାଷ କାମରେ ଲାଗି ପଡ଼ନ୍ତି। ସପ୍ତାହରେ ୨ରୁ ୩ ଦିନ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରିଥାନ୍ତି। ଏହାସହ ପ୍ରତି ରବିବାର ସନ୍ଧ୍ୟାରେ ସେ ଗ୍ରାମବାସୀଙ୍କୁ ଏକାଠି କରି ବାଲ୍ୟବିବାହ, ନିଶା ସେବନଠାରୁ ଦୂରେଇ ରହିବା, ଅନ୍ଧବିଶ୍ୱାସକୁ ଭରସା ନ କରିବା, ସରକାରୀ ଯୋଜନାର ଲାଭ ନେବା, ଉଚିତ ମୂଲ୍ୟରେ ଦ୍ରବ୍ୟ ବିକ୍ରିକରିବା, ଶିକ୍ଷାର ଗୁରୁତ୍ୱ, ମେଡିକାଲରେ ଗର୍ଭବତୀ ମା'ଙ୍କୁ ପ୍ରସବ କରାଇବା, ସରକାରୀ ସ୍ୱାସ୍ଥ୍ୟସେବା ଆପଣେଇବା, ଲିଙ୍ଗଗତ ଭେଦଭାବ ଦୂରେଇବା, ଯୁବତୀଙ୍କୁ ପାଠ ପଢ଼ାଇବା ଉପରେ ଗୁରୁତ୍ୱ ଦେଇ ସଚେତନ କରିଥାନ୍ତି। ଏହା ସହ ସେମାନେ କିପରି ପରିଷ୍କାର ପରିଚ୍ଛନ୍ନ ରହିବେ ସେ ନେଇ ଲୋକଙ୍କୁ ବୁଝାଇଥାନ୍ତି। ୨ ପୁଅ, ୩ ଝିଅଙ୍କୁ ନେଇ ଲହରିଙ୍କ ପରିବାର। ସେ ନିଜେ ପୂର୍ବରୁ ସଚେତନ ନ ଥିବାରୁ ତାଙ୍କ ବଡ଼ଝିଅ ପାଠପଢ଼ାରୁ ବଞ୍ଚିତ ଥିଲେ। ପାଠ ନ ପଢ଼ିବା ଦ୍ୱାରା ଜୀବିକା ନିର୍ବାହ କରିବା କେତେ କଷ୍ଟକର ସେ ନିଜେ ଅନୁଭବ କରିବା ପରେ ଲୋକଙ୍କୁ ସଚେତନ କରାଇବା ପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ପରିବାରର ସହଯୋଗ ରହିଥିବା ଲହରି କହିଛନ୍ତି। ସରକାରୀ କାର୍ଯ୍ୟକ୍ରମ ହେଉ କିମ୍ବା ଗ୍ରାମର ହିତ କାର୍ଯ୍ୟ, ସବୁଥିରେ ଆଗରେ ଲହରି। ଆଜି ସୁଦ୍ଧା ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ମହିଳା ଏବଂ ପୁରୁଷଙ୍କୁ ସେ ସଚେତନ କରିଛନ୍ତି। ସଚେତନ କଲେ ଲୋକେ ବୁଝୁଛନ୍ତି, ହେଲେ ଅର୍ଥ ଅଭାବ ଏବଂ ଅନ୍ୟାନ୍ୟ ସମସ୍ୟା ଯୋଗୁ ବିକାଶ ବାଧକ ହେଉଥିବା ଲହରି କହିଛନ୍ତି।

**– ରିପୋର୍ଟ: ଭାଗ୍ୟଶ୍ରୀ ମିଶ୍ର**, ରାୟଗଡ଼ା






ରଘୁନାଥଜୀଉ ମଠ

ପୂଜା ପାଆନ୍ତି ତନ୍ତ୍ର ଜଗନ୍ନାଥ

# ରାଜାଙ୍କ ବିଶ୍ରାମସ୍ଥଳ
# ରାଜନଗର

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟରୁ ୨୧ କି.ମି. ଦୂରରେ ଅବସ୍ଥିତ ଥିବା ରାଜନଗର ଓଡ଼ିଶା ପର୍ଯ୍ୟଟନରେ ରାଜ ଶାସନର ସ୍ୱତନ୍ତ୍ର ଛାପ ଛାଡ଼ିଛି। ରାଜରାଜୁଡ଼ା ଅମଳରୁ ଏହି ସ୍ଥାନଟି ଗୁରୁତ୍ୱ ବହନ କରିଆସିଛି। କେତେକ ଐତିହାସିକଙ୍କ ମତରେ କେନ୍ଦୁଝର ରାଜା ଦୋହରା ଶାସନ ବ୍ୟବସ୍ଥା ପାଇଁ ପାଟଣା ବ୍ଲକ୍ ରାଜନଗରକୁ ବାଛିଥିଲେ। ଏହା ବ୍ୟତୀତ କେନ୍ଦୁଝର ରାଜାଙ୍କ ମୟୂରଭଞ୍ଜ ଗସ୍ତ ସମୟରେ ବିଶ୍ରାମ ପାଇଁ ରାଜନଗରଗଡ଼କୁ ନିର୍ମାଣ କରିଥିବା ଐତିହାସିକ ମତ ଦିଅନ୍ତି।

କେନ୍ଦୁଝରଗଡ଼ ମହାରାଜା ଶିବ ନାରାୟଣ ଭଞ୍ଜଙ୍କ ସୁପୁତ୍ର ଲକ୍ଷ୍ମୀ ନାରାୟଣ ଭଞ୍ଜଙ୍କ ଶାସନ କାଳ(୧୬୫୪ ରୁ ୧୬୮୮)କୁ କେନ୍ଦୁଝର ଇତିହାସର ସୁବର୍ଣ୍ଣ ଯୁଗ କୁହାଯାଏ। ଏହି ସମୟରେ ୧୬୭୧ରେ ପୁଣ୍ୟତୋୟା ବୈତରଣୀ ନଦୀକୂଳରେ ରାଜନଗର ଗଢ଼ି ଉଠିଥିଲା। ଏଥିସହ ପ୍ରତିଷ୍ଠା ହୋଇଥିବା ଦଧିବାମନ ଜୀଉଙ୍କ ମନ୍ଦିର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ରକ୍ଷଣାବେକ୍ଷଣ ଅଭାବରୁ ମଠ ତା'ର ଶ୍ରୀ ହରାଇଛି। ତେବେ ସୂର୍ଯ୍ୟବଂଶୀ କେନ୍ଦୁଝର ରାଜା ଗୋବିନ୍ଦ ଭଞ୍ଜଙ୍କ ସମୟରୁ ଲକ୍ଷ୍ମୀ ନାରାୟଣ ଭଞ୍ଜଙ୍କ ଶାସନ କାଳ (୧୬୦୩ ରୁ ୧୬୮୮) ମଧ୍ୟରେ ରାଜନଗର ନଅରକୁ ତତ୍କାଳୀନ ରାଜାମାନେ ଗ୍ରୀଷ୍ମ ନିବାସ (ଗ୍ରୀଷ୍ମ ଅବକାଶ)ରୂପେ ବ୍ୟବହାର କରୁଥିଲେ। ରାଜନଗର ରଘୁନାଥ ଜୀଉଙ୍କ ପ୍ରସିଦ୍ଧ ଚନ୍ଦନ ଯାତ୍ରା ସମୟରେ ସମ୍ଭବତଃ ସମସ୍ତ ରାଜ ପରିବାର ଏଠାରେ ଅବସ୍ଥାନ କରୁଥିବା ଅନୁମେୟ। ତେଣୁ ଶାସନ ପରିଚାଳନାର ସୁବ୍ୟବସ୍ଥା ପାଇଁ ଦଣ୍ଡପାଟ, ପଧାନ, ଗଡ଼ନାୟକ ଆଦି ଏଠାରେ ନିଯୁକ୍ତ କରିଥିଲେ। ସେତେବେଳେ ରାଜନଗରର ରାଜରାଜୁଡ଼ା ଶାସନର ଗରିମାମୟ ଐତିହ୍ୟର ସ୍ୱାକ୍ଷର ବହନ କରୁଥିବା ରାଜନଗରର ଭଗ୍ନ ରାଜଉଆସ ଓ ରଘୁନାଥ ଜୀଉ ମଠ ଆଜି ମୂକସାକ୍ଷୀ ଭାବେ ଦଣ୍ଡାୟମାନ ରହିଛି। ବୈତରଣୀ ନଦୀର ଶବ୍ୟା କାବେରୀ ଘାଟ ଏଠାରେ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ନଦୀ କୂଳରେ ଅବସ୍ଥିତ ରଘୁନାଥ ଜୀଉ ମନ୍ଦିରରେ ଶ୍ରୀରାମ, ଲକ୍ଷ୍ମଣ, ସୀତା, ପଞ୍ଚମୁଖୀ ହନୁମାନ ଓ ତନ୍ତ୍ର ଜଗନ୍ନାଥ ପୂଜା ପାଉଛନ୍ତି। ଏକଦା ଏହା ତନ୍ତ୍ର ସାଧନାର କେନ୍ଦ୍ରବିନ୍ଦୁ ଥିଲା ବୋଲି କଥିତ ଅଛି। ରଘୁନାଥ ଜୀଉଙ୍କ ମନ୍ଦିର ନିକଟରେ ଥିବା ରାମାନୁଜ ମଠର ଭଗ୍ନାବଶେଷ ଦଣ୍ଡାୟମାନ ରହିଛି।


ବୈତରଣୀ ନଦୀର ଶୈବ କାବେରୀ ଘାଟ।

ଏଠାରେ ଥିବା ଦଧିବାମନ ଜୀଉ ମନ୍ଦିରରେ ପୁରୀ ଓ କେନ୍ଦୁଝର ବଳଦେବ ଜୀଉଙ୍କ ନୀତି ଅନୁଯାୟୀ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ନୀତିକାନ୍ତିରେ ପୂଜିତ ହୁଅନ୍ତି। ରାଜତନ୍ତ୍ରର ଅବସାନ ପରେ ଏହି ମନ୍ଦିର ମଠ ସବୁ ଦେବୋତ୍ତର ବିଭାଗ ହାତରେ ରହିଛି। ଭୌଗୋଳିକ ଓ ଧର୍ମୀୟ ଉପାସନା ଦୃଷ୍ଟିକୋଣରୁ ରାଜନଗର କେନ୍ଦୁଝର ଜିଲାର ଏକ ପ୍ରାଚୀନ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ରୂପେ ପରିଗଣିତ ହୋଇଛି। ପ୍ରଶାସନିକ ଅବହେଳା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ଯେଉଁଳି ସ୍ଥାନ ପାଇବା କଥା ପାଇପାରିନାହିଁ ବୋଲି ଗବେଷକ ତଥା ଶିକ୍ଷାବିତ୍ ଅକ୍ଷୟ ନାରାୟଣ ମିଶ୍ର ଓ ଶିକ୍ଷାବିତ ଧରଣୀଧର ଦାସ ପ୍ରମୁଖ କହିଛନ୍ତି। ରଘୁନାଥ ଜୀଉ ମନ୍ଦିରର ପାନୀୟ ଜଳ, ଆଲୋକୀକରଣ ଓ ଶୌଚାଳୟ ବ୍ୟବସ୍ଥାରେ ଉନ୍ନତି କଲେ ଏଠାକୁ ପର୍ଯ୍ୟଟକଙ୍କ ଆଗମନରେ ବୃଦ୍ଧି ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି।

**– ରିପୋର୍ଟ: ବୀରକିଶୋର ଦାଶ, ପାଟଣା**


ତନ୍ତ୍ର ସାଧନା ପାଇଁ ସାଧୁ ରହୁଥିବା ଗୃହ।

# ରାତି ବିତାଇଥିଲେ ଗାନ୍ଧୀ

**ସନ୍ଧ୍ୟା ହେଉ ହେଉ ଅଟକି ଯାଇଥିଲା ଗାନ୍ଧୀଙ୍କ ପାଦ। ପରଦିନର ପ୍ରସ୍ତୁତି ପାଇଁ ବିଶ୍ରାମ ଚାହିଁଥିଲେ ଜାତିର ପିତା। ସାଥୀରେ ଥିବା ଅନ୍ୟ ସଂଗ୍ରାମୀଙ୍କ ସହ ବାମୁରରେ ବିତାଇଥିଲେ ରାତି। ମହାତ୍ମାଙ୍କ ରାତ୍ରିଯାପନର ସେହି ମୁହୂର୍ତ୍ତକୁ ଚିରସ୍ମରଣୀୟ କରିବାକୁ ପରବର୍ତ୍ତୀ ସମୟରେ ଗଢ଼ାଯାଇଥିଲା ଗାନ୍ଧୀ ସ୍ମୃତିପୀଠ।**

## ବାମୁର ଗାନ୍ଧୀ ସ୍ମୃତିପୀଠ

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁରଠାରେ ରହିଛି ଗାନ୍ଧୀ ସ୍ମୃତିପୀଠ। ଜାତିର ପିତା ମହାତ୍ମା ଗାନ୍ଧୀ ଏଠାରେ ଗୋଟିଏ ରାତି ରହଣି କରିଥିବାରୁ ଏହାକୁ ନିଜର ସୌଭାଗ୍ୟ ମନେ କରନ୍ତି ବାମୁରବାସୀ। ସେମାନଙ୍କ କହିବା ଅନୁଯାୟୀ, ୧୯୩୪ ମସିହାରେ ଝାରସୁଗୁଡ଼ାରୁ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ ଗାନ୍ଧୀ। ଅନୁଗୋଳ ଦେଇ ଯିବା ବେଳେ ସନ୍ଧ୍ୟା ହୋଇଯିବାରୁ ବାମୁରଠାରେ ଥିବା ବଙ୍ଗଳାର ମାଟି ଘରେ ରାତିରେ ଅଟକି ଯାଇଥିଲେ ସେ। ତାଙ୍କ ସହ ରାଜକ୍ରିଷ୍ଣ ବୋଷ, ଘନଶ୍ୟାମ ଦାସ ବିରଳା ଓ ମୀରା ଦେଈଙ୍କ ପରି କେତେଜଣ ସଂଗ୍ରାମୀ, ଗାନ୍ଧିବାଦୀ ଏଠାରେ ରାତିଟିଏ ବିଶ୍ରାମ ନେଇଥିଲେ। ଏହି ସ୍ୱଳ୍ପ ସମୟର ରହଣି ଭିତରେ ଏକାଠି ହୋଇଥିବା ଅଞ୍ଚଳବାସୀଙ୍କୁ ଗାନ୍ଧୀ ଦେଇଥିଲେ ସଚେତନତାର ବାର୍ତ୍ତା। ତତ୍କାଳୀନ ସମାଜରେ ପ୍ରଚଳିତ କୁସଂସ୍କାର, ଅନ୍ଧବିଶ୍ୱାସ ଓ ଅସ୍ପୃଶ୍ୟତା ଦୂରୀକରଣ ସହ ନିଶା ନିବାରଣ ସମ୍ପର୍କରେ ସଚେତନ କରିଥିଲେ। ମହାତ୍ମାଙ୍କ ବାମୁର ରହଣିର ସ୍ମୃତିକୁ ପରପିଢ଼ି ପାଇଁ ସ୍ମରଣୀୟ କରିବାକୁ ୧୯୮୯ ମସିହାରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ରମାକାନ୍ତ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏକ ଟ୍ରଷ୍ଟ ଗଠନ କରାଯାଇଥିଲା। ଏହାପରେ ଗାନ୍ଧୀ ସ୍ମୃତି ଭବନ ନିର୍ମାଣ ହୋଇଥିଲା। ୧୯୯୦ରେ ତତ୍କାଳୀନ ଢେଙ୍କାନାଳ ଜିଲାପାଳ ଡ. କେ. ଏସ୍. ଗଣେଶନ ଏହାର ଉଦ୍‌ଘାଟନ କରିଥିଲେ। ଏଥିସହ ବାମୁର ଡାକବଙ୍ଗଳାଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ସେହିବର୍ଷ ଠାରୁ ପ୍ରତିବର୍ଷ ଏଠାରେ ଗାନ୍ଧିଜୀଙ୍କ ଜୟନ୍ତୀ, ମହାପ୍ରୟାଣ ଦିବସ, ରହଣି ସ୍ମୃତିସଭା, ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ ଆଦି ପାଳନ କରାଯାଉଛି। କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ପାଇଁ ଗାନ୍ଧୀ ସ୍ମୃତିପୀଠରେ ଥିବା


ବାମୁର ଗାନ୍ଧୀ ସ୍ମୃତିପୀଠ

ମହାତ୍ମାଙ୍କ ପୁରୁଣା ପ୍ରତିମୂର୍ତ୍ତିକୁ ଉକ୍ତ ସ୍ଥାନରୁ ହଟାଯାଇଥିଲେ ହେଁ ୨୦୨୦-୨୦୨୧ରେ ସାମାନ୍ୟ ଦୂରରେ ଆହୁରି ଆକର୍ଷଣୀୟ ମଣ୍ଡପ ସହିତ ବ୍ରୋଞ୍ଜରେ ସ୍ଥାପନ କରାଯାଇଛି। ଅନେକ ସମୟରେ ଗାନ୍ଧୀପ୍ରେମୀ ଓ ପର୍ଯ୍ୟଟକଙ୍କ ପାଦ ଏଠାରେ ପଡୁଥିବାରୁ ଏହାକୁ ନେଇ ଖୁସିବ୍ୟକ୍ତ କରୁଛନ୍ତି ବାମୁରବାସୀ।

**–ରିପୋର୍ଟ: ପରିକ୍ଷିତ ସାହୁ, ବଇଣ୍ଡା**


ବାମୁର ଗାନ୍ଧୀ ସ୍ମୃତିପୀଠରେ ଥିବା ଗାନ୍ଧୀଙ୍କ ବ୍ରୋଞ୍ଜ ନିର୍ମିତ ପ୍ରତିମୂର୍ତ୍ତି।

# ଜୈନ, ବୌଦ୍ଧ ସାଧୁଙ୍କ ଉପାସନାପୀଠ
# ଚକ୍ରତୀର୍ଥ

କେନ୍ଦୁଝର ଜିଲାରେ ଭରି ରହିଛି ବହୁ ପ୍ରାକୃତିକ ତଥା ପୌରାଣିକ ଓ ଐତିହାସିକ ସମ୍ପନ୍ନ ପର୍ଯ୍ୟଟନ କେନ୍ଦ୍ର। ସେଥି ମଧ୍ୟରୁ ଆନନ୍ଦପୁର ଉପଖଣ୍ଡ ହଦଗଡ଼ ହାତୀ ଅଭୟାରଣ୍ୟ ମଧ୍ୟରେ ରହିଥିବା ଚକ୍ରତୀର୍ଥ ଜୈବମଣ୍ଡଳ ଜୈନ ଓ ବୌଦ୍ଧ ସାଧୁଙ୍କ ତନ୍ତ୍ର ଓ ଉପାସନା ପୀଠଭାବରେ ଗୁରୁତ୍ୱ ବହନ କରୁଥିଲା। ହାଟଡିହୀ ବ୍ଲକ୍‌ର କାଠକଟା ପଞ୍ଚାୟତର ବଉଳା ପର୍ବତମାଳା ପାଦଦେଶରେ ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ, ଶାନ୍ତ ପରିବେଶ ଏବେ ଅବହେଳିତ ଅବସ୍ଥାରେ ରହିଛି। ଘଞ୍ଚ ପ୍ରାକୃତିକ ଜଙ୍ଗଲ ପରିବେଷ୍ଟିତ ପୁରାତନ ଶିବ ମନ୍ଦିର, ମଠ ଏବଂ ସୌନ୍ଦର୍ଯ୍ୟମୟ ଜଳପ୍ରପାତ ରହିଛି। ମନ୍ଦିରର ରକ୍ଷଣାବେକ୍ଷଣ ଜଣେ ବାବା କରନ୍ତି। ଏଠାରେ ମଠ ରହିଥିବା ବେଳେ ଅନବରତ ଧୁନି ଜଳିଥାଏ। ଘଞ୍ଚ ଅରଣ୍ୟକୁ ହସ୍ତୀ ଅଭୟାରଣ୍ୟ ତଥା ଚକ୍ରତୀର୍ଥ ଜୈବମଣ୍ଡଳ ଭାବରେ ସରକାର ସଂରକ୍ଷିତ କରିଛନ୍ତି। ଐତିହାସିକଙ୍କ ମତରେ ଏକଦା ଏହି ସ୍ଥାନଟି ଏକ ଜୈନ କ୍ଷେତ୍ର ଭାବରେ ପରିଚିତ ଥିଲା। ଯଦିଓ ଏହି ସ୍ଥାନର ନାମକରଣକୁ ନେଇ ଠିକ୍ ତଥ୍ୟ ନାହିଁ, ତେବେ ଏହାକୁ ନେଇ ବହୁ ଲୋକକଥା ରହିଛି। କୁହାଯାଏ, ପାହାଡ଼ରେ ଭଗବାନ ବିଷ୍ଣୁଙ୍କ ଦ୍ୱାରା ଚକ୍ର ଭେଦ ହେବା ପରେ ଏକ ଝରଣା ସୃଷ୍ଟି ହୋଇଥିଲା। ଏହି ଅଞ୍ଚଳର ଶାନ୍ତ ଓ ଅଗନାଅଗନି ମନୋରମ ପରିବେଶ ସମୟ କ୍ରମେ ଜୈନ ଧର୍ମାବଲମ୍ବୀ ସାଧୁସନ୍ଥଙ୍କୁ ତପ କରିବାକୁ ଆକୃଷ୍ଟ କରିଥିଲା। ପରବର୍ତ୍ତୀ ସମୟରେ ଏହି ସ୍ଥାନଟି ଚକ୍ରତୀର୍ଥ ନାମରେ ନାମିତ ହେଲା। ସାଧୁସନ୍ଥମାନେ ସାଧନା କରିବା ସହ ଏଠାରେ ବିଭିନ୍ନ ପ୍ରକାରର ଫଳମୂଳ ତଥା ଔଷଧୀୟ ଚାରାରୋପଣ କରିଥିଲେ। ପାହାଡ଼ର ପାଦଦେଶ ଏବଂ ଝରଣା କୂଳରେ ରହିଥିବା ଶୈବ ମନ୍ଦିର ଚକ୍ରେଶ୍ୱର ମହାଦେବ ନାମରେ ପୂଜା ପାଇଆସୁଛନ୍ତି। ଝରଣା ଦେଇ ପାହାଡ଼ ଉପରକୁ ଏକ ପାଦଚଲା ରାସ୍ତା ଥିଲା। ରାସ୍ତା ଦେଇ ସାଧୁସନ୍ଥ ପାହାଡ଼ ଉପରକୁ ଯାଇ ତପସ୍ୟା କରୁଥିଲେ ବୋଲି କୁହାଯାଏ। ଏହି ସ୍ଥାନରେ ଗରୁଡକୁଣ୍ଡ ଓ ଆକାଶଗଙ୍ଗା ନାମକ ଜଳାଶୟ ରହିଛି; ଯେଉଁଠି ସ୍ନାନକଲେ ସାନ୍ନିଧ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ଏହା ନିକଟରେ ରହିଛି ଯୋଗୀ ଛତା। ତାହା ନିକଟରେ ଚକ୍ରକୁଣ୍ଡ ରହିଛି।

୧୯୯୯ ମହାବାତ୍ୟା ପରେ ପାହାଡ଼ରୁ ପଥର ଖସିବା ପରେ ରାସ୍ତାଟି ବନ୍ଦ ହୋଇଯାଇଥିବା ବେଳେ ସେଠାକୁ ଯିବା ବନ୍ଦ ହୋଇଯାଇଛି। ବଉଳା ପର୍ବତମାଳାର ଅନ୍ୟ ଏକ ପାର୍ଶ୍ୱରେ ବୌଦ୍ଧତନ୍ତ୍ର ଯୁଗର ଗଡ଼ଚଣ୍ଡୀ ମନ୍ଦିର ରହିଛି। ଏଠାରେ ପାହାଡ଼ ଗୁମ୍ଫାରେ ଦେବୀ ଚାମୁଣ୍ଡା ପୂଜା ପାଇ ଆସୁଥିବା ବେଳେ ପରବର୍ତ୍ତୀ ସମୟରେ ଏକ ମନ୍ଦିର ଗଢ଼ାଯାଇ ଦେବୀଙ୍କ ପୂଜାର୍ଚ୍ଚନା କରାଯାଉଛି। ପରବର୍ତ୍ତୀ ସମୟରେ ଦେବୀଙ୍କ ଆଦେଶକ୍ରମେ ପାହାଡ଼ ତଳେ ପୂଜା ପାଇଆସୁଥିବା ସ୍ଥାନୀୟ ଲୋକକଥା ରହିଛି। ୧୯୭୮ରେ ସ୍ଥାନୀୟ ଲୋକମାନେ ଗଡ଼ଚଣ୍ଡୀ ଯୁବ ପରିଷଦ ଗଠନ କରି ଏହାର ରକ୍ଷଣାବେକ୍ଷଣ କରିଆସୁଛନ୍ତି। ୧୯୮୫ରେ ଏହି ମନ୍ଦିର ନିର୍ମାଣ କରାଯାଇଥିବା ବେଳେ ୧୯୯୮ରେ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ମିଳିଥିଲା। ଏହି ଅଞ୍ଚଳରୁ ବହୁ ବୌଦ୍ଧତନ୍ତ୍ର ସମୟର କଳାକୃତି ଉଦ୍ଧାର କରାଯାଇଥିଲା।


ବୌଦ୍ଧ କୀର୍ତ୍ତିରାଜି


ଗଡ଼ଚଣ୍ଡୀ ମନ୍ଦିର

ସେହିପରି ନିକଟରେ ରହିଥିବା ରାମଚଣ୍ଡୀ ମନ୍ଦିର, ପୋଡାସିଙ୍ଗିଡିଠାରେ ଜୈନ ଓ ବୌଦ୍ଧତନ୍ତ୍ର ଯୁଗର କଳାକୃତିର ଅବଶେଷ ଏବେ ମଧ୍ୟ ଦେଖିବାକୁ ମିଳେ। ଏହାର ଖନନ କରାଗଲେ ବହୁ କଳାକୃତି ଓ ଅବଶେଷ ମିଳିବ ବୋଲି ଅନେକ ଐତିହାସିକ ମତବ୍ୟକ୍ତ କରନ୍ତି। ପୂର୍ବରୁ ଏଠାରୁ ସଂଗୃହୀତ ବହୁ ଜୈନ ଓ ବୌଦ୍ଧତନ୍ତ୍ର ଯୁଗର କଳାକୃତି ଉଦ୍ଧାର କରାଯାଇ ରାଜ୍ୟ ସଂଗ୍ରହାଳୟରେ ରଖାଯାଇଥିବା ଜଣାପଡ଼ିଛି। ଅଞ୍ଚଳ ବିଷୟରେ ଅଧିକ ଗବେଷଣା ହେବା ଆବଶ୍ୟକ। ଏହାକୁ ନେଇ ବହୁ ଲେଖା ପ୍ରକାଶିତ ହୋଇଥିଲେ ହେଁ ସରକାର ପ୍ରତ୍ନତତ୍ତ୍ୱ ବିଭାଗ ଜରିଆରେ ଏହାର ଖନନ କରାଇଲେ ଲୁଚି ରହିଥିବା ଅନେକ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ମତପ୍ରକାଶ ପାଉଛି। ଅଞ୍ଚଳର ପରିବେଶର ସୁରକ୍ଷା କରିବା ସହ ଏହି କେନ୍ଦ୍ରଗୁଡ଼ିକର ବିକାଶ କରାଗଲେ ଜାତୀୟସ୍ତରରେ ମାନ୍ୟତା ପାଇପାରିବ ଏବଂ ଆନ୍ତର୍ଜାତିକ ପର୍ଯ୍ୟଟକମାନେ ଆସିପାରିବେ ବୋଲି ମତ ପ୍ରକାଶ ପାଉଛି।

**–ରିପୋର୍ଟ: ନରେଶ ଚନ୍ଦ୍ର ପଟ୍ଟନାୟକ, କେନ୍ଦୁଝର**


ଚକ୍ରତୀର୍ଥ ମନ୍ଦିର


ପୋଡ଼ା ସିଙ୍ଗିଡ଼ିରୁ ମିଳିଥିବା ମୂର୍ତ୍ତି।

**ଜାତୀୟ, ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କୁ ଚମତ୍କୃତ କରୁଥିବା ଭାରତର ଅଳ୍ପ କେତୋଟି ହସ୍ତକଳା ମଧ୍ୟରେ କଟକ ରୁପା ତାରକସି ଅନ୍ୟତମ। ବହୁବର୍ଷ ତଳୁ ରୁପା ତାରକସି ବିଶ୍ୱବାସୀଙ୍କ ମନ କିଣିସାରିଛି। ଏହି ତାରକସିକୁ ଜିଆଇ ମାନ୍ୟତା ମିଳିଛି।**

# ସବୁଠି ଚମକୁଛି କଟକ ତାରକସି





କଟକ ତାରକସିର ପ୍ରଚଳନ ପାର୍ସୀ, ଇଣ୍ଡୋନେସିଆ, ମୋଗଲଙ୍କ ଦ୍ୱାରା ପ୍ରଭାବିତ ହୋଇ ଆରମ୍ଭ ହୋଇଥିବା କୁହାଯାଏ। ଏହି ତାରକସିର ତିନି ପ୍ରକାରର ନିର୍ମାଣ ଶୈଳୀ ରହିଛି ଯଥା- ଫୁଲ, ଜାଲି ଓ ସିକୋ ଏବଂ ସେଥିମଧ୍ୟରେ ଏକ ଘର ସଜା ବା ଡେକୋରେଟିଭ ସାମଗ୍ରୀ ଓ ଅନ୍ୟଟି ଅଳଙ୍କାର ରହିଛି। ପୂର୍ବରୁ କାରିଗରମାନେ ଏହି ତାରକସିର ମୁଖ୍ୟ ତାର କାମକୁ ହାତରେ ତିଆରି କରୁଥିବାବେଳେ ଏବେ ଏହି ତାରକୁ ମୋଟର ମେଶିନ ସାହାଯ୍ୟରେ ତିଆରି କରୁଛନ୍ତି। ପରେ ସମ୍ପୂର୍ଣ୍ଣ ହାତରେ ଏହାକୁ ତିଆରି କରିଥାନ୍ତି। ଏହାର ନିର୍ମାଣରେ ପ୍ରାୟ ୩୨ ପ୍ରକାରର ଉପକରଣ କରାଯାଇଆସୁଛି। ସେଥିମଧ୍ୟରେ ଘଡ଼ିଆ, ଭାଟି, ସିୟାଦି, ବଙ୍କାନାକ ଷଣ୍ଢୁଆସି, ଜନ୍ତା, କଟୁରି, ଶାଳ, ଢାଳ, ଚିମୁଟା, ହାତୁଡି, କଂସୁଲା, କଲମ, ମୁଦି, ଶାବଳ, ଗୁବା, ମସ୍କଳ, ଡିବି, ଫୋର୍ମା, ପିତ୍ତଳ ବ୍ରଶ୍, ନିକିତି, ନେହି ଇତ୍ୟାଦି ରହିଛି। ୧୯୯୫-୯୬ ମସିହାରେ କଟକ ସହରରେ ୩ ହଜାର ୭୯ କାରିଗର ଏହି କାମ କରୁଥିଲେ। ୨୦୨୦ ମସିହା ବେଳକୁ ଏହାର ସଂଖ୍ୟା ୬୧୨କୁ ଖସିଯାଇଥିଲା ଏବଂ ଏବେ ହାରାହାରି ୧୦୦ରୁ ୨୦୦ କାରିଗର ଏହି କାମ କରୁଛନ୍ତି। କଟକ ସହରର ନୂଆପଡ଼ା, ମଙ୍ଗଳାବାଗ, ନାୟକ ସାହି, କେଶରପୁର, ବଢ଼େଇସାହି, ଥୋରିଆସାହି, ବଣିଆସାହି, ମାଛୁଆ ବଜାର, ଶେଖ୍‌ବଜାର, ବାସୁଳିସାହି, କନିକା ଛକ, ମାନସିଂହପାଟଣା, ଚାନ୍ଦିନୀଚୌକ, ଡଗରପଡ଼ା, ଅଲିଶା ବଜାର ସମେତ ବିଡ଼ାନାସୀଠାରୁ ବିଦ୍ୟାଧରପୁର ପର୍ଯ୍ୟନ୍ତ ୩୫ଟି ସ୍ଥାନରେ ତାରକସି କାମ କରାଯାଉଛି। ଏଥିମଧ୍ୟରେ ବକ୍ସିବଜାରରେ ସର୍ବାଧିକ ୨୮୧ ଜଣ କାରିଗର ରହିଛନ୍ତି। ବକ୍ସିବଜାର ଅଞ୍ଚଳରେ ୧୧୦ଟି ଉତ୍ପାଦନ କେନ୍ଦ୍ର ରହିଥିବାବେଳେ ଚାନ୍ଦିନୀଚୌକଠାରୁ ନୟାସଡ଼କ ଅଞ୍ଚଳ ପର୍ଯ୍ୟନ୍ତ ତାରକସିର ୧୨୦ରୁ ଅଧିକ ରିଟେଲ ଶୋ' ରୁମ୍ ରହିଛି। ୨୦୦୮ ପର୍ଯ୍ୟନ୍ତ ତାରକସିର କାରବାର ୧୫ କୋଟି ରହିଥିବାବେଳେ ଏବେ ତାହା ୨୦ କୋଟି ୩୨ ଲକ୍ଷରେ ପହଞ୍ଚିଛି। ଧୀରେ ଧୀରେ ତାରକସି ବ୍ୟବସାୟରୁ ଲାଭ ମିଳିବା କମିବାରୁ ବ୍ୟବସାୟୀ ଅନ୍ୟ ପେସାକୁ ଆପଣାଇବା ଆରମ୍ଭ କଲେ। ଏହି ସମୟରେ ଉତ୍କଳ ଗୌରବ ମଧୁସୂଦନ ଦାସ ତାରକସି ଶିଳ୍ପ ପାଇଁ ଅଣ୍ଟା ଭିଡିଥିଲେ। ଏନେଇ 'ଉତ୍କଳ ୱାର୍କ ଫ୍ୟାକ୍ଟ୍ରି' ପ୍ରତିଷ୍ଠା କରିଥିଲେ ଏବଂ ୧୯୬୨ ମସିହାରେ ଖପୁରିଆରେ ପୂର୍ବତନ ଶିଳ୍ପମନ୍ତ୍ରୀ ବିଜୁ ପଟ୍ଟନାୟକ କଳିଙ୍ଗ ଫିଲିଗ୍ରୀ ସମବାୟ ସମିତି ପ୍ରତିଷ୍ଠା କରିଥିଲେ। ସେଠାରେ କଟକର ପ୍ରାୟ ୨୦୦ କାରିଗର କାର୍ଯ୍ୟ କରୁଥିବାବେଳେ କିଛି ମହିଳା ମଧ୍ୟ ସାମିଲ ଥିଲେ। କାରିଗରଙ୍କ ପାଇଁ ଦୁଇଟି ସ୍ୱତନ୍ତ୍ର ବସ୍‌ର ବ୍ୟବସ୍ଥା କରାଯାଇଥିଲା। ଓଡ଼ିଶାର ଐତିହ୍ୟ, ସଂସ୍କୃତିକୁ ଗୁରୁତ୍ୱ ଦେଇ ସେଠାରେ ବିଶେଷକରି ଅଶୋକ ଚକ୍ର, କୋଣାର୍କ, ଶ୍ରୀଜଗନ୍ନାଥ, ପୁରୀ ମନ୍ଦିର ପ୍ରତିକୃତିକୁ ନିର୍ମାଣ କରାଯାଉଥିଲା।

**– ରିପୋର୍ଟ: ଶିଳ୍ପା ପ୍ରିୟଦର୍ଶିନୀ,** କଟକ



> ଏନେଇ ତାରକସି କାରିଗର ପଙ୍କଜ ସାହୁ କହିଛନ୍ତି, ତାରକସି ଅଳଙ୍କାରର ଆନ୍ତର୍ଜାତିକସ୍ତରରେ ବେଶ୍ ଚାହିଦା ରହିଛି। ଘରସଜା ସାମଗ୍ରୀ ମଧ୍ୟରେ ଐତିହ୍ୟ ଜଡ଼ିତ କାର୍ଯ୍ୟର ସବୁସ୍ତରରେ ଲୋକେ ପସନ୍ଦ କରିଥାନ୍ତି। ଆଜିକୁ ୩୫ ବର୍ଷ ହେବ ଏହି ତାରକସି କାମ କରିଆସୁଛି। ପିଢ଼ି ପରେ ପିଢ଼ି ଏହି କାମକୁ ଗୁରୁତ୍ୱ ଦେଇଥାଉ। କଟକ ସମେତ ପଶ୍ଚିମ ଓଡ଼ିଶା, ମୁମ୍ବାଇ, ହାଇଦ୍ରାବାଦ ଓ ଅନ୍ୟାନ୍ୟ ସ୍ଥାନରେ ଏହି କାମ କରିଛି ବୋଲି ସାହୁ କହିଛନ୍ତି।



# ପ୍ରକୃତିର ଦେବଦୂତ ହେନ୍ତାଳ

କାହିଁ କେଉଁ କାଳରୁ ପ୍ରକୃତିର ଦେବଦୂତ ଭାବେ ପରିଚିତ ହେନ୍ତାଳ (ଲୁଣା ଜଙ୍ଗଲ ଚିରହରିତ୍) ନିର୍ବିକାର ଭାବେ ସାଗରତଟରେ ଛିଡ଼ାହୋଇଛି। ଷାଠିଏ ଦଶକଠାରୁ ଆଜିଯାଏ ଯେତେବେଳେ ବି ସାମୁଦ୍ରିକ ଝଡ଼ ହେଉ କି ଲୁଣା ଜୁଆର ସେସବୁକୁ ସାମ୍ନାକରି ମଣିଷ ଜାତିକୁ ବଞ୍ଚେଇଆସିଛି, ଆସୁଛି ଏବଂ ଅନାହତ ଭବିଷ୍ୟତ ପିଢ଼ି ପାଇଁ ଆସୁଥିବ, ଏହା ନିଃସନ୍ଦେହ। ସବୁବେଳେ ହେନ୍ତାଳ ତରୁତୃଣଭରା ଜୈବବିବିଧତାପୂର୍ଣ୍ଣ, ଆର୍ଦ୍ରଭୂମିର ବୈଶିଷ୍ଟ୍ୟ ଆମ ପାଇଁ ଗର୍ବ ଗୌରବ, ସ୍ମରଣୀୟ ଐତିହାସିକ ଦସ୍ତାବିଜ୍‌ରେ ଲେଖି ହୋଇଯାଇଥିବା ସବୁଜ ହସ୍ତାକ୍ଷର ଭିତରକନିକାର ଅଂଶବିଶେଷ ହେନ୍ତାଳ। ବାସ୍ତବରେ ପ୍ରକୃତିର ଏହି ଅନବଦ୍ୟ ଉପହାର, ମାନବସମାଜ ପାଇଁ ସବୁବେଳେ ବିପଦ ଆପଦବେଳେ ଦେବଦୂତ ଭାବରେ ଛିଡ଼ାହୋଇ ଆସୁଥିବାରୁ ସାମୁଦ୍ରିକ ବାତ୍ୟା 'ଦାନା'କୁ କିଭଳି ତଡ଼ିଦେଲେ ଏହା ହିଁ ବିସ୍ମୟ। ସେଦିନ ଥିଲା ଅକ୍ଟୋବର ୨୪ ତାରିଖ। ପୂର୍ବରୁ ପାଣିପାଗ ବିଭାଗ ସୂଚନା ଦେଇସାରିଥିଲା ବାତ୍ୟା 'ଦାନା' ଭିତରକନିକାକୁ ହିଟ୍ କରିବ। ବ୍ୟାପକ କ୍ଷୟକ୍ଷତି ହେବା ସମ୍ଭାବନା ଥିବାରୁ ଭିତରକନିକା ସୀମା ସରହଦରେ ବସବାସ କରୁଥିବା ନିରୀହ ମଣିଷ ଆତଙ୍କ ଭିତରେ ଉଜାଗର ରହିଲେ। ୨୪ ତାରିଖ ବିଳମ୍ବିତ କାଳରାତ୍ରିରେ ବାତ୍ୟା 'ଦାନା' ଭିତରକନିକା ପାଖ ନ ମାଡ଼ି କୂଳେ କୂଳେ ଦୁର୍ବଳ ହୋଇଗଲା। ଏହାର କାରଣ କ'ଣ ହୋଇପାରେ ଏହା କଳନା କରିବା ସମୟରେ ସାମ୍‌ନାକୁ ଆସିଥିଲା ଭିତରକନିକାର ହେନ୍ତାଳବନ। ଏହି ପ୍ରକୃତିରାଣୀ ଯେଉଁ ସଶକ୍ତ ସୁଦୃଢ଼, ସବୁଜ ଓଢ଼ଣିରେ ଢାଙ୍କିହୋଇଛି ତାହା ମଧ୍ୟ ବିସ୍ମୟ। ସେଇ ସବୁଜ ହସ୍ତାକ୍ଷରର ମୂକସାକ୍ଷୀ ହେଉଛନ୍ତି ୬୩ ପ୍ରକାରର ଉଦ୍ଭିଦ। ଏହା ଜଳବାୟୁରେ ଅହେତୁକ ପରିବର୍ତ୍ତନର ପ୍ରମୁଖ ମୁଖ୍ୟ କାରଣ ହୋଇପାରେ ବୋଲି ଗବେଷକଙ୍କ ମତ। ପ୍ରକୃତିର ଏହି ନୈସର୍ଗିକ ଉପହାର ମାନବସମାଜ ପାଇଁ ଦେବଦୂତ ସାଜିଥିବା ହେନ୍ତାଳବଣକୁ ଅନ୍ୟ କୌଣସି ମାନବୀୟ ଚାପର ସମ୍ମୁଖୀନ ନ ହୋଇ ଆମେ ଏହାର ଅବକ୍ଷୟକୁ ସୁରକ୍ଷା ଦେବା ସମୟର ଆହ୍ୱାନ ଆସିଛି ବୋଲି ବିଶିଷ୍ଟ ପରିବେଶବିତ୍ ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି।



## ଲୁଣା ଜଙ୍ଗଲ କେଉଁଠି କେତେ

ଓଡ଼ିଶାରେ ୨୧୫ ବର୍ଗ କିଲୋମିଟରରୁ ଭିତରକନିକାରେ ୧୮୪ ବର୍ଗ କି.ମି., ବାଲେଶ୍ୱରରେ ୩ ବ. କି.ମି., ଜଗତ୍‌ସିଂହପୁରରେ ୧୦ ବ. କି.ମି. ଓ ଭଦ୍ରକରେ ୧୮ ବ. କି.ମି. ପରିମିତ ଲୁଣାଜଙ୍ଗଲ ଦେଖିବାକୁ ମିଳେ। ଉପକୂଳବାସୀଙ୍କ ଭରସା, ବିଶ୍ୱାସ, ସୁରକ୍ଷାର ଅନନ୍ୟ କବଚ ଇତିମଧ୍ୟରେ ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ତଥ୍ୟ ଅନୁସାରେ ୨ ବର୍ଷ ଭିତରେ ସାରା ରାଜ୍ୟରେ ୮.୩୪ ବ. କି.ମି. ବୃଦ୍ଧି ପାଇଥିବାବେଳେ ଭିତରକନିକାରେ ୭.୭୦ ବ.କି.ମି. ବୃଦ୍ଧି ପାଇବା ଆନନ୍ଦର ବିଷୟ ବୋଲି କୁହାଯାଇପାରେ।

ଭିତରକନିକା ଇତିହାସର ପୃଷ୍ଠା ଓଲଟାଇଲେ ଜଣାପଡ଼େ ଯେ, ୧୮୯୧ରୁ ୧୯୪୨ ପର୍ଯ୍ୟନ୍ତ ଝଡ଼ତୋଫାନ ହୋଇଥିଲା। ପରବର୍ତ୍ତୀ ସମୟରେ ୧୯୫୧, ୧୯୬୬, ୧୯୬୭, ୧୯୬୮, ୧୯୭୧, ୧୯୭୨, ୧୯୭୩, ୧୯୮୨, ୧୯୯୯ ପରବର୍ତ୍ତୀ ସମୟରେ ଛୋଟମୋଟ ୮ଟି ବାତ୍ୟା ଫନୀ, ଅମ୍ପନ, ଦାନା ପ୍ରଭୃତି ଉପକୂଳ ଜନଜୀବନକୁ ପ୍ରଭାବିତ କରିଥିଲା। ଏସବୁକୁ ଦେବଦୂତ ଭାବେ ସାଗରତଟରେ ଦଣ୍ଡାୟମାନ ଥିବା ହେନ୍ତାଳ ସୁରକ୍ଷା ଦେଇଆସୁଛି ଆମକୁ। ଯଦିଓ ୧୯୭୧, ୧୯୯୯ ଓ ସାମୁଦ୍ରିକ ଝଡ଼ ଉପକୂଳ ଅଞ୍ଚଳରେ ତାଣ୍ଡବ ରଚିଥିଲା, ତାହା ଆମ କାର୍ଯ୍ୟଧାରା, ମାନବୀୟ ଭାବନା ସବୁରି କ୍ଷେତ୍ରରେ ଦାୟୀ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

## ଅବକ୍ଷୟ ଦ୍ୱାରଦେଶରେ ...

ଅବାରିତ ଗଛକଟା, ପ୍ରଦୂଷଣ, ଜଳର ସାନ୍ଦ୍ରତା ବୃଦ୍ଧି ଯୋଗୁ ହିଁ ହେନ୍ତାଳ ଜୈବମଣ୍ଡଳ ଅସୁରକ୍ଷିତ ହେବାରେ ଲାଗିଛି। ପରିବେଶବିତ୍‌ଙ୍କ ମତରେ ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁରେ ଲୁଣାପାଣି ମାଡୁଥିବା ପଙ୍କାଦୁଅରେ ୫୫ ପ୍ରତିଶତ ହେନ୍ତାଳଗଛ ଦେଖାଯାଏ। ଏହି ପ୍ରଜାତିର ଗଛଗୁଡ଼ିକର ବିଶେଷତ୍ୱ ହେଲା ମିଠା ଲୁଣାପାଣିରେ ହିଁ ଏମାନେ ବୃଦ୍ଧି ପାଇଥାନ୍ତି। ଏହି ଗଛର ଚେରଗୁଡ଼ିକ ଶ୍ୱାସ ଗ୍ରହଣ କରିଥିବା ବିଶେଷଜ୍ଞଙ୍କ ମତ। ଲୁଣାପାଣି ଓ ଜୁଆରର ପ୍ରଖରତା ଭିତରେ ଏହି ଚେର ହିଁ ଭୂମି ସହ ଯୋଡ଼ିବାର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ହେନ୍ତାଳବନର ଜୈବବିବିଧତା ଭୂଭାଗକୁ ସମୁଦ୍ରତଟର ସୁରକ୍ଷା ଦେବା ସହିତ ଶତାଧିକ ସାଧାରଣ ନିରୀହ ମଣିଷଙ୍କ ଜୀବନଜୀବିକାର ମାଧ୍ୟମ ପାଲଟିଛି। ସାମୁଦ୍ରିକ ପ୍ରକୋପ ହେଉ ବା ଜୁଆରର ପ୍ରଚଣ୍ଡ ଆକ୍ରମଣ, ସବୁଥିରୁ ସୁରକ୍ଷା ଦେଇଆସୁଥିବା ହେନ୍ତାଳବନ ସାଗର ତଟବର୍ତ୍ତୀ ବିଶାଳ ଭୂଖଣ୍ଡରେ ସ୍ଥିରତା ଆଣିପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଅଜସ୍ର ସାମୁଦ୍ରିକ ଜୀବ କଙ୍କଡ଼ା, ମାଛ, ଚିଙ୍ଗୁଡ଼ି, ମେରୁଦଣ୍ଡବିହୀନ ଜୀବଙ୍କ ଅଭୟ ବାସସ୍ଥାନ ସାଜିଆସିଛି ଏଇ ବନାନୀ। ବିଶିଷ୍ଟ ପ୍ରାଣୀ ବୈଜ୍ଞାନିକଙ୍କ ମତରେ ପ୍ରଫେସର ଶରତ କୁମାର ପଲିତାଙ୍କ ଭାଷାରେ ପୃଥିବୀର ଜୀବଜଗତର ଅଭ୍ୟୁଦୟ ଓ ବିକାଶ ଏକ ଚମକପ୍ରଦ ଘଟଣା। ଏହି କ୍ରମରେ ବିଭିନ୍ନ ପ୍ରଜାତିର ବିସ୍ମୟପୂର୍ଣ୍ଣ ଜୀବମାନଙ୍କର ବିକାଶ ହେବା ସହ ଅନେକଙ୍କର ମଧ୍ୟ ବିଲୟ ଘଟିଛି। ପ୍ରାୟ ୬୫-୧୦୦ ମିଲିୟନ ବର୍ଷ ପୂର୍ବେ କ୍ରେଟାସିୟସ ଯୁଗରେ ପୃଥିବୀପୃଷ୍ଠରେ ଲୁଣା ଜଙ୍ଗଲର ସୃଷ୍ଟି ହୋଇଥିଲା। ସମୁଦ୍ର ଜଳପତନର ବୃଦ୍ଧି ଓ ଆର୍ଦ୍ର ଜଳବାୟୁ ଏହାର ବୃଦ୍ଧିର ସହାୟକ ଯଦି ନ ହୁଏ, ପୃଥିବୀର ବିଷୁବ ମଣ୍ଡଳୀୟ ଉଷ୍ମ ଓ ଜୁଆରିଆ ନଦୀ ମୁହାଣ ଏବଂ ସମୁଦ୍ରର ମିଳନ ସୁନ୍ଦର ଉପକୂଳ ଅଞ୍ଚଳରେ ଏହି ଜଙ୍ଗଲ ସୃଷ୍ଟି ସମ୍ଭବ ହୋଇଥାଏ। ଏହି ଜଙ୍ଗଲ ୨୫ ଡିଗ୍ରୀ ଉତ୍ତର ଓ ୨୫ ଡିଗ୍ରୀ ଦକ୍ଷିଣ ଅକ୍ଷାଂଶ ମଧ୍ୟବର୍ତ୍ତୀ ଗ୍ରୀଷ୍ମମଣ୍ଡଳୀୟ- ଉପ ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳରେ ହିଁ ଭିତରକନିକା ହେନ୍ତାଳବନ ସୃଷ୍ଟି। ଏହାର ସୁରକ୍ଷା ଆମ କର୍ତ୍ତବ୍ୟର ଆଧାର ହେଉ।

**– ରିପୋର୍ଟ: ଭାସ୍କର ରାଉତରାୟ,** ରାଜନଗର






# ଅନନ୍ୟ ଆକର୍ଷଣ ପ୍ରଧାନପାଟ ଜଳପ୍ରପାତ

ପ୍ରକୃତିର ଅନନ୍ୟ ଉପହାର ପ୍ରଧାନପାଟ। ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ଦେବଗଡ଼ ଜିଲାର ପ୍ରଧାନପାଟ ଜଳପ୍ରପାତ ପ୍ରକୃତିର ଏକ ଅନନ୍ୟ ଉପହାର। ଦେବଗଡ଼ ସହରରୁ ମାତ୍ର ଦେଢ଼ କିଲୋମିଟର ଦୂରରେ ଅବସ୍ଥିତ। ପ୍ରକୃତିର ଏହି ବରଦାନକୁ ଉପଭୋଗ କରିବା ପାଇଁ ବର୍ଷ ସାରା ପର୍ଯ୍ୟଟକଙ୍କ ସୁଅ ଛୁଟେ। ହେଲେ ପିକ୍‌ନିକ୍ ଋତୁ ଅର୍ଥାତ୍ ନଭେମ୍ବରରୁ ଜାନୁୟାରୀ ମଧ୍ୟରେ ପ୍ରଧାନପାଟ ଜଳପ୍ରପାତର ଅପରୂପ ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ। ପ୍ରଧାନପାଟର ସବୁଜିମା, ପ୍ରାକୃତିକ ପରିବେଶ, ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ କଳରାବ ପ୍ରକୃତି ପ୍ରେମୀଙ୍କୁ ଟାଣିଆଣେ। ନିଜ ପରିବାର ବନ୍ଧୁ, ପରିଜନଙ୍କ ସହ ଏହି ଜଳପ୍ରପାତର କୋଳରେ କିଛି ସମୟ ବିତାଇ ନିଜ କର୍ମଜଞ୍ଜାଳ କ୍ଳାନ୍ତିକୁ ଦୂର କରିବା ପାଇଁ କବି, ଲେଖକ, କଳାକାର, ଚିତ୍ରକର, ନିଜ କଳାକାରିଗରିରେ ବାନ୍ଧିରଖିବାକୁ ପ୍ରୟାସ କରନ୍ତି। ଅପରୂପ ସୌନ୍ଦର୍ଯ୍ୟକୁ ଶାଳଗଛ ଘେରା ଜଙ୍ଗଲ ଭିତରେ ଅବସ୍ଥିତ ପ୍ରଧାନପାଟ ଜଳପ୍ରପାତର ପାଦଦେଶରେ ରହିଛି ମା' ପଧାନୀଙ୍କ ମନ୍ଦିର। ବଣଭୋଜି କରିବା ପାଇଁ ଅନେକ କଂକ୍ରିଟ ପିଣ୍ଡି ରହିଛି। ପ୍ରତ୍ୟେକ ବର୍ଷ ଏହି ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ସାଂସ୍କୃତିକ ମଣ୍ଡପରେ ଆୟୋଜିତ ହୁଏ ପ୍ରଧାନପାଟ ଉତ୍ସବ। ଆଧ୍ୟାତ୍ମିକତା, କଳା ସଂସ୍କୃତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଏ ଅପୂର୍ବ ମିଳନ ସ୍ଥଳୀକୁ ଆକୃଷ୍ଟ ହୋଇ ଚାଲି ଆସନ୍ତି ରାଜ୍ୟ ଭିତରୁ ଓ ବାହାରୁ ବିଭିନ୍ନ ବର୍ଗ ଓ ବୟସର ଅନେକ ପର୍ଯ୍ୟଟକ। ପିକ୍‌ନିକ୍ କରିବାକୁ ଯୋଜନା କରୁଥିଲେ ଭିଡ଼ରୁ ବଞ୍ଚିବା ପାଇଁ, ସକାଳୁ ଆସି ନିଜ ମନ ମୁତାବକ ସ୍ଥାନ ବା ପିଣ୍ଡିକୁ ପୂର୍ବରୁ ଅକ୍ତିଆର କରିବାକୁ ପଡେ। ପରିବାର ବନ୍ଧୁ ପରିଜନଙ୍କ ସହ କିଛି ଦିନ ଏଠାରେ ରହିବାକୁ ଯୋଜନା ଥିଲେ, ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ଦ୍ୱାରା ନିର୍ମିତ ୨ଟି ଡାକ ବଙ୍ଗଳା ବସନ୍ତ ନିବାସ ଓ ଲଳିତ ବସନ୍ତ ଏବଂ ପୌର ପରିଷଦ ଦ୍ୱାରା ପରିଚାଳିତ ଗୋଟାଏ ଅତିଥି ନିବାସ ମଧ୍ୟ ଏଠାରେ ରହିଛି। ପିଲାମାନଙ୍କ ମନୋରଞ୍ଜନ ପାଇଁ ଏଠାରେ ଏକ ଶିଶୁ ଉଦ୍ୟାନ ମଧ୍ୟ ଅଛି। ଉକ୍ତ ଉଦ୍ୟାନ ଭିତରେ ରହିଛି ଚମ୍ପକେଶ୍ୱର ଶିବ ମନ୍ଦିର, ଶିରିଡ ସାଇ ମନ୍ଦିର ଓ ଗିରିଗୋବର୍ଦ୍ଧନ ମନ୍ଦିର। ଏଠାକୁ ଆସିବାକୁ ହେଲେ ସମ୍ବଲପୁର ରେଳ ଷ୍ଟେଶନରୁ ୯୦ କିଲୋମିଟର ଓ ଭୁବନେଶ୍ୱରରୁ ୨୫୦ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ପଡେ।

**– ରିପୋର୍ଟ: ଶଶାଙ୍କ ଶେଖର ଝାଙ୍କର,** ଦେବଗଡ଼




## ସଫଳ ଯୁବ ର୍‍ୟାପର ବିନୟ

ବୟସ ମାତ୍ର ୨୨। ଏହି ବୟସରେ ସଫଳ ର୍‍ୟାପର୍ ଭାବେ ଯୁବ ମାନସରେ ଛାଇଯାଇଛନ୍ତି। ତାଙ୍କ ଆକର୍ଷଣୀୟ ଗୀତ ଶୈଳୀ ୟୁଟ୍ୟୁବ୍‌ରେ ବେଶ୍ ଲୋକପ୍ରିୟ ହୋଇପାରିଛି। ସେ ଗୋଟିଏ ବର୍ଷରେ ନିଜ ସହର ଓ ଜିଲାକୁ ନେଇ ସେ ଅନେକ ଗୀତ ଲେଖିଛନ୍ତି ଏବଂ ଗାଇଛନ୍ତି। ଭଦ୍ରକର ଗାଥା, ଗରିମା, ଇତିହାସକୁ ନେଇ ବିଡିକେରେ ଜନ୍ମ ମୁଁ...ବିଡିକେର ରକ୍ତ ମୁଁ...ବିଡିକେର ଭକ୍ତ ମୁଁ...ବିଡିକେର ଗର୍ବ ମୁଁ... ବିଡିକେରେ ଭସ୍ମ ମୁଁ ଏମିତି ପଦ ଛନ୍ଦି ର୍‍ୟାପ୍‌ର ତାଳେ ତାଳେ ନିଜେ ଗାଇବା ସହ ଅଭିନୟରେ ସମସ୍ତଙ୍କୁ ମତୁଆଲା କରିଛନ୍ତି। ଏମିତି ଜଣେ ଯୁବ ର୍‍ୟାପର ହେଉଛନ୍ତି ଭଦ୍ରକ ଚରମ୍ପାର ବିନୟ ପାଢ଼ୀ।

ଭଦ୍ରକ ଜିଲାର ଖବରଦାତା ଅଶ୍ୱିନୀ ପାଢ଼ୀ ଓ ଗୃହିଣୀ ଉଷା ପାଢ଼ୀଙ୍କ ବଡ଼ପୁଅ ବିନୟ। ଯୁକ୍ତ ୩ କଳା ପାସ୍ କରିବା ପରେ ଓଡ଼ିଆ ର୍‍ୟାପ୍ ଜଗତରେ ଚହଳ ସୃଷ୍ଟି କରିଛନ୍ତି। ନିକଟରେ ଭୁବନେଶ୍ୱରରେ ହୋଇଥିବା ର୍‍ୟାପ୍ ବ୍ୟାଟେଲ ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ଆସିଥିବା ପ୍ରତିଯୋଗୀଙ୍କୁ ପଛରେ ପକାଇ ବିଜୟ ମୁକୁଟ ପିନ୍ଧିଛନ୍ତି। ଏବେ ର୍‍ୟାପ୍ ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ହୋଇଥିବାବେଳେ ଓଡ଼ିଆ ସହ ହିନ୍ଦୀ, ଇଂଲିଶରେ ର୍‍ୟାପ୍ ଗୀତ ଗାଇ ସେ ଚର୍ଚ୍ଚାରେ ରହିଛନ୍ତି। ୟୁଟ୍ୟୁବ୍‌ରେ ତାଙ୍କ ସାଇଟ୍ 'ମନ୍ତ୍ରୀ ଓଡି ୨୨'ରେ ର୍‍ୟାପ୍ ସଙ୍ଗୀତ 'ଷ୍ଟ୍ରିଟ୍ ଅଫ୍ ଭଦ୍ରକ' କମାଲ କରିଛି। ତାଙ୍କର ପ୍ରଥମ ଗୀତ 'ରାତି ତିନ୍' ଥିବାବେଳେ ନିକଟ ଅତୀତରେ ବଜୟ ହୋ ଚନ୍ଦୁ ନନା', 'ଷ୍ଟ୍ରିଟ୍ସ ଅଫ୍ ଭଦ୍ରକ' ବେଶ୍ ଲୋକପ୍ରିୟ ହୋଇପାରିଛି। କମ୍ ବୟସରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସ୍କୁଲ ପଢ଼ା ସମୟରେ ଭାରତରେ ର୍‍ୟାପ୍ ପ୍ରସିଦ୍ଧିଲାଭ କରିଥିଲା। ସେହି ସମୟରୁ ତାଙ୍କର ର୍‍ୟାପ୍ ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। କିଛି ନୂଆ କରିବେ ବୋଲି ଭାବିଥିଲେ। ସେ ନିଜେ ଲେଖିବା ସହ ସ୍ୱର ସଂଯୋଜନା ଏବଂ ସାଉଣ୍ଡ ଇଞ୍ଜିନିୟରିଂ ମଧ୍ୟ କରିଥାନ୍ତି। ଜିଲାର ଇତିହାସ ଓ ଗାଥା ଗୌରବକୁ ଆଗକୁ ନେବାକୁ ପ୍ରୟାସ ଜାରି ରଖିଛନ୍ତି। ଏଥିସହ ରାଜ୍ୟ ବାହାରେ ଯେବେ ଓଡ଼ିଶାକୁ ପରିଚିତ କରାଇବେ, ସେବେ ସେ ସଫଳ ହେଲେ ବୋଲି ଭାବିବେ। ମା', ବାପାଙ୍କ ସମେତ ପରିବାର ଲୋକେ ତାଙ୍କୁ ଏ ଦିଗରେ ପ୍ରେରଣା ଦେଉଛନ୍ତି। ଭବିଷ୍ୟତରେ ଜଣେ ଅଭିନେତା ହେବାକୁ ପ୍ରୟାସ ଜାରି ରଖିଥିବା ବିନୟ କହିଛନ୍ତି।

**-ରିପୋର୍ଟ: ସନାତନ ରାଉତ, ଭଦ୍ରକ**


ର୍‍ୟାପର ବିନୟ ପାଢ଼ୀ

## ନବରଙ୍ଗପୁର ପୁରୁଣା ଜେଲ

## ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱର ଗାଥା ବଖାଣୁଛି



ଭାରତୀର ସ୍ୱାଧୀନତା ସଂଗ୍ରାମ, ଦେଶ ପାଇଁ ଆତ୍ମ ବଳିଦାନର ମୂକସାକ୍ଷୀ ନବରଙ୍ଗପୁର ଟ୍ରେଜେରି ଓ ତହସିଲ କାର୍ଯ୍ୟାଳୟ ପରିସରରେ ଥିବା ପୁରୁଣା ଜେଲ। ଯେଉଁଠି ଅବିଭକ୍ତ କୋରାପୁଟ ଜିଲାର ବୀର ସଂଗ୍ରାମୀ ଦେଶ ସ୍ୱାଧୀନତା ପାଇଁ ଲଢ଼େଇକରି ମାସ ମାସ ଓ ବର୍ଷ ବର୍ଷ ଜେଲଦଣ୍ଡ ଭୋଗିଥିଲେ। ଡ.ସଦାଶିବ ତ୍ରିପାଠୀ, ବିପ୍ଳବୀ ସୋନୁ ମାଝୀ, ଶହୀଦ ବଗା ପୂଜାରୀ, ମହମ୍ମଦ ବାଜି, ଜଗନ୍ନାଥ ତ୍ରିପାଠୀ ଓ ମିରୁ ହରିଜନଙ୍କ ସଂଗ୍ରାମର ଗାଥା ଏବେ ମଧ୍ୟ ଜେଲର ରୁଦ୍ଧଦ୍ୱାର କୋଠରି କହୁଛି।

ଐତିହାସିକମାନେ ମତ ଦିଅନ୍ତି ୧୯୩୨ ମସିହାରେ ଏହି ଜେଲକୁ ବ୍ରିଟିଶ ସରକାରଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା। ଏହାପରେ ୧୯୩୬ ମସିହା ବେଳକୁ ଜେଲ ପରିସର ସଂଗ୍ରାମୀଙ୍କ ରକ୍ତରେ ପ୍ରତିଦିନ ରଞ୍ଜିତ ହେଉଥିଲା। ୧୯୪୨ ମସିହାରେ ଏଥିରେ ପୂର୍ଣ୍ଣ ମାତ୍ରାରେ (୨୫୦ଜଣ) ସ୍ୱାଧୀନତା ସଂଗ୍ରାମୀ ରହିଥିଲେ। ୨୫୦ରୁ ଊର୍ଦ୍ଧ୍ୱ ସଂଗ୍ରାମୀ ଛୋଟ ଛୋଟ ୧୪ଟି କୋଠରି ଭିତରେ କିଭଳି ବଞ୍ଚିଥିଲେ ତାହା ଏବେ ମଧ୍ୟ ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଗୋରା ସରକାର ସଂଗ୍ରାମୀମାନଙ୍କ ଶୁଣାଣିକରି ହାଜତ ମିଆଦ ଶୁଣାଇବା ପରେ ସେମାନଙ୍କୁ କୋରାପୁଟ ଏବଂ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତର କରାଯାଉଥିଲା। ଭୋକ ଉପାସରେ ୭ ମହାନ୍ ସଂଗ୍ରାମୀ ଏହି ଜେଲ ପରିସରରେ ଶହୀଦ ହୋଇଥିବା ଐତିହାସିକ ମତ ଦିଅନ୍ତି। ଏବେ ମଧ୍ୟ ରାତିରେ ସଂଗ୍ରାମୀଙ୍କ ଆର୍ତ୍ତ ଚିତ୍କାର ଓ ସ୍ୱରାଜ ସଂଗ୍ରାମର ବନ୍ଦେ ମାତରମ୍ ସ୍ଲୋଗାନ ଶୁଣାଯାଉଥିବା ସ୍ଥାନୀୟ ଲୋକେ କୁହନ୍ତି। କିନ୍ତୁ ଏବେ ଏହି ଜେଲ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ କେତେବେଳେ ଯେ ଏହା ଭୁଶୁଡ଼ି ପଡ଼ିବ କହିହେବ ନାହିଁ। କାନ୍ଥ ଫାଟି ଆଁ କରିଥିବା ବେଳେ ଉପର ଛାତ ଭାଙ୍ଗି ତଳେ ପଡ଼ି ମାଟିରେ ମିଶିଗଲାଣି। ତେଣୁ ଏହାର ପୁନରୁଦ୍ଧାର ପାଇଁ ବିଭିନ୍ନ ମହଲରୁ ଦାବି କରାଯାଉଛି। ଏଥିସହ ଏହାକୁ ଏକ ଜାତୀୟ ସ୍ମାରକୀ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରାଯାଉଛି।

**-ରିପୋର୍ଟ : ସଦାଶିବ ପ୍ରହରାଜ, ନବରଙ୍ଗପୁର**







With Best Compliments From
DHARMASALA PUBLIC SCHOOL
A Senior Secondary School Affiliated to CBSE, New Delhi from Std-I to Std-XII
Excellent teaching, Library, Sophisticated Computer and Science Labs.
Chairman PRACHI SAMAL
Principal SABITRU TRIPATHY







With Best Compliments From
A WELL Wisher
DHARMASALA, JAJPUR, ODISHA












**ପରିବେଶ ସୁରକ୍ଷା ଲକ୍ଷ୍ୟରେ**

# ମହାନଦୀ ଆଳତି

ଓଡ଼ିଶାର ଜୀବନରେଖା ମହାନଦୀ। ମହାନଦୀ କୂଳେ କୂଳେ ଅନେକ ଜନବସତି ଗଢ଼ି ଉଠିଥିବା ବେଳେ ବୌଦ୍ଧଗଡ଼ ଅନ୍ୟତମ। ବର୍ତ୍ତମାନ ଏହାର ନାମ ବୌଦ୍ଧ ଜିଲା। ଭୌଗୋଳିକ ଦୃଷ୍ଟିରୁ ରାଜ୍ୟର କେନ୍ଦ୍ର ସ୍ଥଳରେ ବୌଦ୍ଧ ଜିଲା ଅବସ୍ଥିତ। ମହାନଦୀ ଛତିଶଗଡ଼ ରାଜ୍ୟରୁ ବାହାରି ଓଡ଼ିଶାର ବିଭିନ୍ନ ଜିଲା ଦେଇ ପ୍ରବାହିତ ହୋଇଛି । ଏହି ନଦୀ ବୌଦ୍ଧ ଜିଲାରେ ୧୧୦ କି.ମି. ପ୍ରବାହିତ ହେଉଛି। ମହାନଦୀ ଜଳକୁ ସ୍ୱଚ୍ଛ ରଖିବା ଓ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ମହାନଦୀ ଆଳତି ଘାଟର ପରିକଳ୍ପନା କରି ତାକୁ କାର୍ଯ୍ୟକାରୀ କରାଯାଇଛି। ଏହାଦ୍ୱାରା ଆଧ୍ୟାତ୍ମିକ ପରିବେଶ ସୃଷ୍ଟିହେବା ସହ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରାଯାଇପାରୁଛି। ଆଳତି ଘାଟ ବୌଦ୍ଧ ସହରର ଚନ୍ଦ୍ରଚୂଡ଼ ମନ୍ଦିର ନିକଟରେ ନିର୍ମାଣ କରାଯାଇଛି। ଜିଲା ପ୍ରଶାସନ ଓ ଜଳ ସମ୍ପଦ ବିଭାଗ ପକ୍ଷରୁ ଏହି ଜିଲା କିପରି ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇପାରିବ ସେ ନେଇ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇ ମହାନଦୀର ସୁରକ୍ଷାକୁ ଦୃଷ୍ଟିରେ ରଖି ଆଳତି ଘାଟ ନିର୍ମାଣ କରାଯାଇଛି। ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଏହାର ସୌନ୍ଦର୍ଯ୍ୟକରଣ କରାଯାଇଛି। ଗଙ୍ଗା ନଦୀକୂଳରେ ଥିବା ଋଷିକେଶ, ହରିଦ୍ୱାର ଓ ବନାରସରେ ହେଉଥିବା ଆଳତିକୁ ଅନୁକରଣ କରାଯାଇ ଏଠାରେ କାର୍ଯ୍ୟକାରୀ କରାଯାଇଛି। ସମସ୍ତଙ୍କ ପ୍ରସ୍ତାବକ୍ରମେ ବୌଦ୍ଧ ଜିଲା ବ୍ରାହ୍ମଣ ସମାଜ ନେତୃତ୍ୱରେ ବୁଦ୍ଧିଜୀବୀମାନଙ୍କ ସହଯୋଗରେ ୨୦୨୩ ଜାନୁୟାରୀ ମାଘ ସପ୍ତମୀରେ ଆଳିତ ଘାଟର ଶୁଭାରମ୍ଭ କରାଯାଇ ଆଳିତ ହୋଇଆସୁଛି। ଘାଟରେ ଆଳତିହେବା ସହ ବର୍ଷତମାମ ଆଧ୍ୟାତ୍ମିକ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଆସୁଛି। ଏହାକୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ଆସୁଛନ୍ତି। ଆଳତି ଘାଟ ପାଇଁ ପୂର୍ବରୁ ହୋଇଥିବା ମାଷ୍ଟରପ୍ଲାନ୍‌ରେ ଯୋଗ ଓ ବ୍ୟାୟାମଶାଳା, ନୌକାବିହାର, ବେଦ ପାଠଶାଳା, ଭକ୍ତ ନିବାସ, ପାର୍କ, ଉଦ୍ୟାନ, ମାର୍କେଟ କମ୍ପ୍ଲେକ୍ସ ସ୍ଥାନ ପାଇଥିଲା। ଏହା କାର୍ଯ୍ୟକାରୀ କରାଗଲେ ଏହାର ଶୋଭା ବହୁଗୁଣରେ ବୃଦ୍ଧି ପାଇବା ସହ ଅବହେଳିତ ବୌଦ୍ଧ ଜିଲା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇପାରନ୍ତା। ଏହାଛଡ଼ା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ଜିଲାର ପରିବେଶ ସୁରକ୍ଷା ଓ ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ।



**-ରିପୋର୍ଟ: ଅଜିତ୍ କୁମାର ବାରିକ,** ବୌଦ୍ଧ

# ମୀନାକ୍ଷୀଙ୍କ ହାତରେ ମଖାନାର ମହକ

ମଖାନା ଏକ ସ୍ୱାସ୍ଥ୍ୟପ୍ରଦ ଶୁଖିଲା ଖାଦ୍ୟ। ଏହା ବିହାର ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରସ୍ତୁତ ହେଉଥିବାବେଳେ ଏବେ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏହାକୁ ଓଡ଼ିଶା ଆଣିବାରେ ପ୍ରମୁଖ ଭୂମିକା ନେଇଛନ୍ତି ଗଞ୍ଜାମ ଜିଲା ବ୍ରହ୍ମପୁର ନିକଟ ନୂଆ ଖଜୁରିଆର ମୀନାକ୍ଷୀ ଦାସ। ତାଙ୍କ ହାତରେ ପ୍ରସ୍ତୁତ ମଖାନାର ବାସ୍ନା ଏବେ ମହକିବାରେ ଲାଗିଛି। ଚଳିତବର୍ଷ କଟକ ବାଲିଯାତ୍ରାରେ ଏହି ଖାଦ୍ୟ ବିଷୟରେ ସେ ସଚେତନ କରିବା ସହ ଏହାର ବଜାରୀକରଣ କରୁଛନ୍ତି।

ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଖାନାର ପ୍ରସାର କରି ଓଡ଼ିଶାକୁ ଗୌରବାନ୍ୱିତ କରିବା ସହ ମହିଳାଙ୍କୁ ସଶକ୍ତ କରିବା ତାଙ୍କ ଲକ୍ଷ୍ୟ ରହିଛି ବୋଲି ମୀନାକ୍ଷୀ କହିଛନ୍ତି। ରଙ୍ଗେଇଲୁଣ୍ଡା ବ୍ଲକ ତଥା ଗୋସାଇଁନୂଆଗାଁ ନିକଟ ନୂଆ ଖଜୁରିଆ ପଞ୍ଚାୟତ ମହକୁମାରେ ତାଙ୍କ ଘର। ଭାଗୀରଥି ଦାସ ଓ ପୂର୍ଣ୍ଣମାସୀ ଦାସଙ୍କ ସେ କନ୍ୟା। ପିଲାଟି ବେଳୁ ମେଧାବୀ ଥିଲେ। ସେ ଜାତୀୟସ୍ତରୀୟ ଆଇସିଏଆର ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିହାରର କୃଷି ଗବେଷଣା କେନ୍ଦ୍ରରେ ଡିଗ୍ରୀ ହାସଲ କରିଛନ୍ତି। ସେଠାରେ ପଢୁଥିବାବେଳେ ୨୦୨୧ରେ ବିଶ୍ୱ କୃଷି ଯୁବ ସମ୍ମେଳନରେ ସେ ଯୋଗଦେଇଥିଲେ। ୪୮ ଦେଶର ପ୍ରାୟ ୧୦୦ ଜଣ ସେଥିରେ ଭାଗ ନେଇଥିଲେ। ଭାରତରୁ ସ୍ଥାନ ପାଇଥିବା ୬ଜଣଙ୍କ ଭିତରେ ଥିଲେ ମୀନାକ୍ଷୀ। ନିଜ ଦେଶକୁ ଯାଇ ବ୍ୟବସାୟ କରିବା ସାଥୀମାନଙ୍କ ଉଦ୍ଦେଶ୍ୟ ଥିଲା। ମୀନାକ୍ଷୀ ମଧ୍ୟ ନିଜ ଦେଶରେ କିଭଳି ଜଣେ ଉଦ୍ୟୋଗୀ ହେବେ ତାହା ତାଙ୍କ ମୁଣ୍ଡରେ ବସା ବାନ୍ଧିଥିଲା। ସେବେଠାରୁ ଆରମ୍ଭ ହୋଇଥିଲା ତାଙ୍କର ଅଭିଯାନ। ମଖାନା ସମ୍ପର୍କରେ ସେ କୁହନ୍ତି ବିହାରରେ ପଢୁଥିବାବେଳେ ସେହି ଚାଷ ବିଷୟରେ ଗବେଷଣା କରିବାକୁ ସୁଯୋଗ ମିଳିଥିଲା। ବିହାରର କୋସି ନଦୀ କୂଳରେ ଏହି ଚାଷ ଅଧିକ ହୁଏ। ମଖାନା ଏକ ଜଳଜ ଉଦ୍ଭିଦ। ପଦ୍ମ ପତ୍ର ଭଳି ଏହାର ପତ୍ର। ସେହି ପତ୍ରର ତଳେ ମଖାନା ହୋଇଥାଏ। ମଖାନା ଫଳ ଯେତେବେଳେ ବଡ଼ ହୋଇଯାଏ ସେହି ପତ୍ର ପାଣିରେ ବୁଡ଼ିଯାଏ। ପାଣିରୁ ବାହାର କରାଯାଇ ମଖାନାଗୁଡ଼ିକୁ ସଂଗ୍ରହ କରାଯାଏ। ତାହାକୁ ରୋଷ୍ଟେଡ କରି ବାହାରକୁ ଛଡ଼ାଯାଏ। ବିଶେଷ କରି ମୋଟାପଣ କମାଇବା ଓ ମଧୁମେହ ରୋଗୀଙ୍କ ପାଇଁ ଏହି ଖାଦ୍ୟ ଉପକାରୀ। ଓଡ଼ିଶା ସମେତ ଦକ୍ଷିଣ ଭାରତର ଅଧିକାଂଶ ଲୋକ ମଖାନା ବିଷୟରେ ଜାଣି ନ ଥିବା ସେ କହିଛନ୍ତି। ତେଣୁ ଏହାକୁ ଓଡ଼ିଶା ଆଣି ପ୍ରସ୍ତୁତ କରିବା ସେ ଆରମ୍ଭ କରିଛନ୍ତି। ପ୍ରଥମେ ବିହାରରୁ କଞ୍ଚାମାଲ ଆଣି ୫ ହଜାର ଟଙ୍କାରେ ରୋଷ୍ଟେଡ ମଖାନା ପ୍ରସ୍ତୁତ କରି ଇଲେଟ କ୍ରଞ୍ଚେସ ନାମ ଦେଇ ବଜାରକୁ ଛାଡ଼ିବା ଆରମ୍ଭ କଲେ। ପରେ ଏଥିରେ ୧୦ଲକ୍ଷ ଟଙ୍କା ବିନିଯୋଗ କଲେ। ଏବେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଷ୍ଟାର୍ଟଅପରେ ଯୋଡ଼ି ହୋଇ ପିଏମ୍‌ଇଜିପିରୁ ୪୦ଲକ୍ଷ ଟଙ୍କା ଋଣ ଆଣି ନିଜ ଘରେ କାରଖାନା ବସାଇଛନ୍ତି, ଯାହା ରାଜ୍ୟରେ ପ୍ରଥମ। ବର୍ତ୍ତମାନ ଗାଁରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ୮ଜଣ କାମ କରୁଛନ୍ତି। କମ୍ପାନୀ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ପରେ ୨୭ ଜଣ ଦରକାର ବୋଲି ମୀନାକ୍ଷୀ କୁହନ୍ତି। ମାତାପିତାଙ୍କ ପ୍ରୋତ୍ସାହନରେ ଏଭଳି ଏକ ବଡ଼ ପ୍ରକଳ୍ପ ସମ୍ଭବ ହୋଇପାରିଛି। ନିକଟରେ ମୀନାକ୍ଷୀଙ୍କ ଦ୍ୱାରା ଖୋଲାଯାଇଥିବା ଇଲେଟ କ୍ରଞ୍ଚେସ୍ କମ୍ପାନୀକୁ ଶିଳ୍ପ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦ୍‌ଘାଟନ କରିଛନ୍ତି । ତେବେ ଖାଲି ମଖାନା ନୁହେଁ, ମାଣ୍ଡିଆ, କାଙ୍ଗୁ, ଗହମରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟପ୍ରଦ ଶୁଖିଲା ଖାଦ୍ୟ ସହ ଛତୁଆ ବି ଏଠାରେ ପ୍ରସ୍ତୁତ ହେଉଛି। ଅନେକ ଲୋକଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ଓ ପ୍ରସ୍ତୁତ ମଖାନାକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଲୋକଲୋଚନକୁ ଆଣିବା ତାଙ୍କ ଲକ୍ଷ୍ୟ ରହିଛି ବୋଲି ମୀନାକ୍ଷୀ କହିଛନ୍ତି।



**-ରିପୋର୍ଟ: ଅଶୋକ କୁମାର ସାହୁ,** ବ୍ରହ୍ମପୁର






























# ଋଷିମାଳ ପାହାଡ଼

## ଧାର୍ମିକ ଆସ୍ଥା ସହ ପ୍ରକୃତିର ଆକର୍ଷଣ



ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଶୀତଳତା ପାଇଁ ଓଡ଼ିଶାର କଶ୍ମୀର ଭାବେ ଖାତି ଅର୍ଜିଛି କନ୍ଧମାଳ ଜିଲାର ଦାରିଙ୍ଗବାଡ଼ି। ଏଠାକୁ ବର୍ଷସାରା ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଦାରିଙ୍ଗବାଡ଼ି ବ୍ଲକ ସଦର ମହକୁମା ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ହୋଇଥିବାବେଳେ ଏହାର ଆଖପାଖ ଅଞ୍ଚଳ ମଧ୍ୟ ବେଶ୍ ମନଲୋଭା। ସେଥିମଧ୍ୟରୁ ହାତୀମୁଣ୍ଡା ପଞ୍ଚାୟତରେ ରହିଛି ଦେବଭୂମି ତଥା ତୀର୍ଥକ୍ଷେତ୍ର ଋଷିମାଳ ପାହାଡ଼। ଅନେକ ତୀର୍ଥ ସ୍ଥାନମାନଙ୍କ ମଧ୍ୟରୁ ଋଷିମାଳ ଅନ୍ୟତମ। ମହାବାରୁଣୀ ସ୍ନାନ ଯୋଗୁ ଏହି ସ୍ଥାନ ଶ୍ରଦ୍ଧାଳୁଙ୍କ ଧାର୍ମିକ ଆସ୍ଥାର କେନ୍ଦ୍ର ପାଲଟିଥିବାବେଳେ ପୌରାଣିକ କିମ୍ବଦନ୍ତୀ ମଧ୍ୟ ବହନ କରୁଛି। ଦାରିଙ୍ଗିବାଡ଼ିଠାରୁ ପ୍ରାୟ ୫୦ କିମି ଦୂର ତାମାଙ୍ଗି ଗାଁ ନିକଟ ପୀଡ଼ିକାଗିପି ଗାଁକୁ ଯିବାପରେ ସେଠାରୁ ଏକାଧିକ ଘାଟି ପାର ହେଲେ ପଡ଼ିଥାଏ ଋଷିମାଳ ପଦ୍ମନାଭଗିରି ପର୍ବତମାଳା।

ଦୁଇପାର୍ଶ୍ୱରେ ଆକାଶଛୁଆଁ ମାଳ ମାଳ ପାହାଡ଼ ପଦ୍ମ ପାଖୁଡ଼ାର ଭ୍ରମ ସୃଷ୍ଟି କରିଥାଏ। ଏହି ପାହାଡ଼ ଉପତ୍ୟକାରେ ପ୍ରାକୃତିକ ଚିରସ୍ରୋତା ଝରଣା, ଜଳପ୍ରପାତ, ଆୟୁର୍ବେଦିକ ଔଷଧୀୟ ଗୁଳ୍ମ ଏବଂ ବିହଙ୍ଗମାନଙ୍କ ବିଚରଣ ଓ ଆକର୍ଷଣୀୟ କୋଳାହଳରେ ଦେଖଣାହାରୀ ନିଜକୁ ହଜାଇ ଦିଅନ୍ତି। ଏହି ସ୍ଥଳଟି ବିନ୍ଦୁସର ତୀର୍ଥ ରୂପେ ପରିଚିତ। ମହାଭାରତ, ଭାଗବତ ତଥ୍ୟ ଅନୁଯାୟୀ ସତକୁଳ ପର୍ବତ ମଧ୍ୟରୁ ଋଷିମାଳ ପର୍ବତ ଅନ୍ୟତମ। ଋଷିମାଳ ପାହାଡ଼ରୁ ଋଷିକୁଲ୍ୟା ନଦୀର ଉତ୍ପତ୍ତି ହୋଇଛି, ଯାହା ଗଞ୍ଜାମ ଜିଲା ସୋରଡ଼ା, ଆସିକା ଓ ପୁରୁଷୋତ୍ତମପୁର ଦେଇ ପ୍ରଭାବିତ ହୋଇ ବଙ୍ଗୋପସାଗରେ ମିଶିଛି।

ଋଷିମାଳ ପାହାଡ଼ର ପୌରାଣିକ କିମ୍ବଦନ୍ତୀ ସମ୍ପର୍କରେ ଗବେଷକମାନେ କୁହନ୍ତି, ଭଗବାନ ବିଷ୍ଣୁଙ୍କ ୨୪ ଅବତାର ମଧ୍ୟରୁ କପିଳ ମୁନି ଅନ୍ୟତମ। ଏହି ସ୍ଥଳ କପିଳ ଭଗବାନଙ୍କର ନିତ୍ୟ ତପସ୍ୟା କ୍ଷେତ୍ର ଥିଲା। ଏଠାରେ ସେ ମାତା ଦେବହୁତୀଙ୍କୁ ସଂଖ୍ୟା ଯୋଗ ଦର୍ଶନ ସମ୍ବନ୍ଧରେ ଶୁଣାଇଥିଲେ। ମହାଭାରତ ବର୍ଣ୍ଣନା ଅନୁସାରେ କପିଳ ମୁନି ପଦ୍ମନାଭଗିରି ଶିଖରରେ ଥିବା ଗିରିଗୁମ୍ଫାଗୁଡ଼ିକରେ ବାସ କରି ଧ୍ୟାନରେ ମଗ୍ନ ରହୁଥିଲେ। ଏବେ ବି ଋଷିମାଳ ପଦ୍ମନାଭଗିରି ଚତୁଃପାର୍ଶ୍ୱରେ ଅନେକ ଗିରିଗୁମ୍ଫା ବିଦ୍ୟମାନ ରହିଛି। ଗବେଷକଙ୍କ କହିବା ଅନୁସାରେ ରାମ ବନବାସ କାଳରେ ଭାଇ ଲକ୍ଷ୍ମଣ ଓ ମାତା ସୀତାଙ୍କ ସହିତ କିଛିଦିନ ଏହି ବନରେ ବିତାଇଥିବା ବର୍ଣ୍ଣନା ଅଛି। ଏହାର ସ୍ମାରକୀ ଭାବେ ବାରୁଣୀ କୁଣ୍ଡର ଉତ୍ତର ଦିଗରେ ଋଷିମାଳ ପାଦଦେଶରେ ସୀତାକୁଣ୍ଡ ଅବସ୍ଥିତ ଅଛି, ଯେଉଁଠାରେ ଶ୍ରଦ୍ଧାଳୁମାନେ କେଉଁ ପୁରୁଣା କାଳରୁ ପୂଜା ଅର୍ଚ୍ଚନା କରିଆସୁଛନ୍ତି। ଏହା ଦେବୀ ସୀତାଙ୍କର ପ୍ରିୟ ସ୍ଥାନ ବୋଲି କୁହାଯାଏ। ଏଠାରେ ପ୍ରକୃତି କୋଳରେ ଶିବଲିଙ୍ଗ ପୂଜା ପାଉଥିବାବେଳେ ସୀତାକୁଣ୍ଡ ନିକଟ ଅଞ୍ଚଳ ପ୍ରାକୃତିକ ଶୋଭାରାଜି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ।

**– ରିପୋର୍ଟ: ଅରୁଣ ସାହୁ,** ଦାରିଙ୍ଗବାଡ଼ି

## ଐତିହ୍ୟର ଗନ୍ତାଘର ଖୋର୍ଦ୍ଧା

**ଖୋର୍ଦ୍ଧା ବୀରତ୍ୱର ମାଟି। କଳା, ସଂସ୍କୃତି, ଭାସ୍କର୍ଯ୍ୟ, ପ୍ରାଚୀନ କୀର୍ତ୍ତିରାଜି, ଐତିହ୍ୟ ତଥା ପ୍ରାକୃତିକ ନୈସର୍ଗିକରେ ଭରପୂର ଖୋର୍ଦ୍ଧା। ରାଜଧାନୀଠାରୁ ୩୦କି.ମି. ଦୂରରେ ଅବସ୍ଥିତ ଖୋର୍ଦ୍ଧା ସହରର ରେଣୁ ରେଣୁରେ ରହିଛି ଐତିହ୍ୟର ପଦଚିହ୍ନ। ଇତିହାସରେ ଖୋର୍ଦ୍ଧାର ସ୍ଥାନ ସ୍ୱତନ୍ତ୍ର। ଅତୀତର ଓଡ଼ିଶା ରାଜଧାନୀ ହେଉଛି ଖୋର୍ଦ୍ଧା। ବୀରତ୍ୱ ଓ ଲାଲ ମାଟିର ଗଡ଼ଭାବେ ପରିଚିତ। ଭୌଗୋଳିକ, ଐତିହାସିକ, ରାଜନୈତିକ ଏବଂ ସାଂସ୍କୃତିକ ପୃଷ୍ଠଭୂମିରୁ ଗୌରବମୟ ଗାଥାର ପରିଚୟ ବହନ କରେ।**

### ମାଟିର ଗୌରବ ପାଇକ ବିଦ୍ରୋହ: ▼

ଭାରତ ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧାର ସ୍ଥାନ ଅନନ୍ୟ। ସ୍ୱାଧୀନତା ଆନ୍ଦୋଳନରେ ଏହାର ସଂଗ୍ରାମର ଗାଥା ସର୍ବଦା ଜାଜ୍ଜ୍ୱଲ୍ୟମାନ ହୋଇରହିବ। ୧୮୫୭ର ସିପାହି ବିଦ୍ରୋହର ଠିକ୍ ୪୦ବର୍ଷ ତଳେ ଏଠାରେ ଆରମ୍ଭ ହୋଇଥିଲା ପାଇକ ବିଦ୍ରୋହ। ଦେଶମାତୃକାର ସେବାରେ ପାଇକ ବୀରଙ୍କ ବୀରତ୍ୱ ସ୍ମରଣୀୟ। ଭାରତ ସ୍ୱାଧୀନତା ସଂଗ୍ରାମରେ ଏହାକୁ ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ମାନ୍ୟତା ରହିଛି। ପାଇକ ବିଦ୍ରୋହର ସ୍ମୃତିଚିହ୍ନ ସ୍ୱରୂପ ୧୬ନଂ. ଜାତୀୟ ରାଜପଥରେ ଗଡ଼ଖୋର୍ଦ୍ଧା ଛକ ନିକଟରେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ୨୦୧୯ ନଭେମ୍ବର ୮ତାରିଖରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏହି ସ୍ମାରକୀ ପାଇକ ବୀରଙ୍କ ସ୍ୱାଭିମାନ ଗୌରବ ପ୍ରତୀକ ହେବ।



### ବରୁଣେଇ ପାହାଡ଼: ▼

ପାଇକ ବିଦ୍ରୋହର ମୂକସାକ୍ଷୀ ଭାବେ ଦଣ୍ଡାୟମାନ ରହିଛି ବରୁଣେଇ ପାହାଡ଼। ଓଡ଼ିଶା ପର୍ଯ୍ୟଟନର ଏକ ପ୍ରମୁଖ ପୀଠ। ଖୋର୍ଦ୍ଧାଗଡ଼ ରାଜାଙ୍କ ଇଷ୍ଟଦେବୀ ମା' ବରୁଣେଇ ଓ କରୁଣେଇଙ୍କ ମହିମା ଏବଂ ପାହାଡ଼ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର। ପାହାଡ଼ ଉପରେ ସୀତାକୁଣ୍ଡ, ଗୁମ୍ଫା ଏବଂ ବୌଦ୍ଧ କୀର୍ତ୍ତିରାଜିର ୨ହଜାର ବର୍ଷ ତଳର ଶିଳଲେଖା ରହିଥିବା ଗବେଷକମାନେ ମତ ଦିଅନ୍ତି। ପାହାଡ଼ ଉପରୁ ଶ୍ରୀମନ୍ଦିର ନୀଳଚକ୍ର ଦେଖାଯାଏ ବୋଲି ବିଶ୍ୱାସ ରହିଛି। ଏହି ପାହାଡ଼ ହସ୍ତି ସଦୃଶ। ପାହାଡ଼ ଉପରେ ଐତିହାସିକ ସୀତାକୁଣ୍ଡ, ପାଣ୍ଡବ ଗୁମ୍ଫା, ରହିଛି। ଏହାର ଅନ୍ୟପଟେ ରହିଛି ଦିଗବାରେଣୀ ପାହାଡ଼।



### ଲୀଳାକ୍ଷେତ୍ର: ▼

ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଭାବେ ପରିଚିତ ଗଡ଼ଖୋର୍ଦ୍ଧାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ବ୍ରିଟିଶ ଆକ୍ରମଣ ସମୟରେ ତୋପ କମାଣର ଚିହ୍ନକୁ ନିଜ ବକ୍ଷରେ ସାଇତି ରଖିଥିବା କୁଞ୍ଜବନ ମଠ ଆଜି ବି ଅକ୍ଷୁଣ୍ଣ ଅବସ୍ଥାରେ ରହିଛି। ଏଠାରେ ଗଜପତି ମହାରାଜ ରାମଚନ୍ଦ୍ର ଦେବ କୁଜଙ୍ଗଗଡ଼ରୁ ବ୍ରହ୍ମ ଆଣି ନବକଳେବର କରାଇଥିଲେ। ଏଣୁ ଶ୍ରୀମନ୍ଦିର ସଂସ୍କୃତି ସହ ଗଡ଼ଖୋର୍ଦ୍ଧା ଜଡ଼ିତ। ୨୦୧୪ ରୁ ଏଠାରେ ମହାପ୍ରଭୁଙ୍କ ଚତୁର୍ଦ୍ଧାବିଗ୍ରହ ପ୍ରତିଷ୍ଠା କରାଯାଇଛି। ଶ୍ରୀମନ୍ଦିର ନୀତିପରମ୍ପରା ଅନୁଯାୟୀ ଏଠାରେ ବର୍ଷସାରା ନୀତିକାନ୍ତି କରାଯାଇଥାଏ।

### ଶିକ୍ଷାର ଅନ୍ତୁଡ଼ିଶାଳ ପ୍ରାଣନାଥ କଲେଜ: ▼

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ଖୋର୍ଦ୍ଧାରେ ଶିକ୍ଷାର ପ୍ରଗତି ପାଇଁ ଉଚ୍ଚଶିକ୍ଷା ଉଦ୍ଦେଶ୍ୟରେ ମହାବିଦ୍ୟାଳୟ ଗଢିଥିଲେ। ତାଙ୍କ ନାମ ଅନୁସାରେ ଏହି ମହାବିଦ୍ୟାଳୟ ନାମ ପ୍ରାଣନାଥ ନାମରେ ନାମକରଣ କରାଯାଇଛି। ୧୯୫୮ରେ ସ୍ଥାପିତ ଏହି ମହାବିଦ୍ୟାଳୟ ୨୦୦୬ ମସିହାରେ ସ୍ୱୟଂଶାସିତ ମାନ୍ୟତା ପାଇଛି। ଓଡ଼ିଶାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ। ଲବ୍ଧ ପ୍ରତିଷ୍ଠିତ କଲେଜ ମଧ୍ୟରେ ଅନ୍ୟତମ। ଜିଲା ତଥା ଜିଲା ବାହାରୁ ଏଠାରେ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଯୁକ୍ତ୨ ଏବଂ ୩ ସ୍ତରରେ ୭ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ଏଠାରେ ବିଭିନ୍ନ ବିଭାଗରେ ସ୍ନାତକୋତ୍ତର ମଧ୍ୟ ରହିଛି। ଏଥିସହିତ ସେଲ୍ଫ ଫାଇନାନ୍ସ କୋର୍ସ ମଧ୍ୟ ଚାଲିଛି।



### ଖୋର୍ଦ୍ଧାଗଡ଼: ▲

ସେହିପରି ପାଇକ ବିଦ୍ରୋହର ଅନ୍ତୁଡ଼ିଶାଳ ତଥା ଶେଷ ସ୍ୱାଧୀନ ଦୁର୍ଗଭାବେ ପରିଚିତ ଖୋର୍ଦ୍ଧାଗଡ଼ ଆଜି ବି ଦଣ୍ଡାୟମାନ ରହିଛି। ଏହି ଐତିହାସିକ ଗଡ଼ର ପୁନରୁଦ୍ଧାର ପାଇଁ ସରକାର ଘୋଷଣା କରିଛନ୍ତି। ଗଡ଼ ଭିତରେ ଅନେକ ଐତିହ୍ୟ କୀର୍ତ୍ତିରାଜି ରହିଛି। ଏହାର ସଂରକ୍ଷଣ କରାଗଲେ, ଏହାର ଗୌରବ ବଢ଼ିବ। କୁହାଯାଏ ପ୍ରଥମ ଗଜପତି ମହାରାଜା ରାମଚନ୍ଦ୍ର ଦେବ ଖୋର୍ଦ୍ଧାଗଡ଼ ମଧ୍ୟରେ ଅନେକ ମନ୍ଦିର ନିର୍ମାଣ କରିଥିଲେ। ଏବେ ନିଜ ଅସ୍ତିତ୍ୱକୁ ନେଇ ସଂଘର୍ଷ କରୁଛି ଖୋର୍ଦ୍ଧାଗଡ଼।



### ପରିଚୟ ଦେଇଛି ଲୁଙ୍ଗି ଗାମୁଛା:

ଖୋର୍ଦ୍ଧାର ନାଲି ଗାମୁଛାର ବେଶ୍ ପ୍ରସିଦ୍ଧି ରହିଛି। ରାଜ୍ୟ ତଥା ରାଜ୍ୟ ବାହାରେ ମଧ୍ୟ ଏହାର ଚାହିଦା ମଧ୍ୟ ଅଧିକ। ପ୍ରୋତ୍ସାହନ ଅଭାବରୁ ବହୁ କୁଶଳ କାରିଗର କୌଳିକ ବୃତ୍ତିକୁ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଭାରତ ସରକାର ନିକଟରେ ଖୋର୍ଦ୍ଧାର ପ୍ରସିଦ୍ଧ ଲୁଙ୍ଗି ଓ ନାଲି ଗାମୁଛାକୁ ବୟନଶିଳ୍ପର ମାନ୍ୟତା ପ୍ରଦାନ କରିଛି।

**– ରିପୋର୍ଟ: ପ୍ରଭାତ ପାଣିଗ୍ରାହୀ,** ଖୋର୍ଦ୍ଧା

## ଦେବ ମୂର୍ତ୍ତିରେ ପୂଜାପାଉଛନ୍ତି ମହାରାଜା

ଗଡ଼ଜାତ ସମୟରେ ମୟୂରଭଞ୍ଜ ରାଜ୍ୟର ରାଜରାଜୁଡ଼ାଙ୍କୁ ନେଇ ଅନେକ ଅଭୁଲା ସ୍ମୃତି ରହିଛି। ଐତିହାସିକ ରାଜପ୍ରାସାଦ, ମଠ, ମନ୍ଦିର ଏବଂ ଗମନାଗମନ ଭଳି ବ୍ୟବସ୍ଥା ଆଜି ବି ଜିଲାବାସୀଙ୍କ ମାନସପଟ୍ଟରେ ଉଙ୍କି ମାରିଚାଲିଛି। ରାଜ୍ୟବାସୀଙ୍କ ମୌଳିକ ସମସ୍ୟା ପୂରଣ କରିବାରେ ତତ୍କାଳୀନ ମହାରାଜା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଏଇଥି ପାଇଁ ଆଜକୁ ୯୦ ବର୍ଷ ହେଲା ଦେବ ପ୍ରତିମାରେ ପୂଜା ପାଇ ଆସୁଛି ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି। ପ୍ରତିଦିନ ବ୍ରାହ୍ମଣଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଚାଲୁରହିଛି। ଏଭଳି ଦୃଶ୍ୟ ବାରିପଦା ସହର ମଧ୍ୟଭାଗ ତଥା ଶହୀଦ ସ୍ମୃତି ଭବନ ନିକଟରେ ଥିବା ମହାରାଜାଙ୍କ ମନ୍ଦିରରେ ଦେଖିବାକୁ ମିଳେ।

ମୟୂରଭଞ୍ଜ ଭଞ୍ଜବଂଶର ସ୍ୱର୍ଣ୍ଣିମ ଶାସନର ଉଦ୍ୟୋକ୍ତା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ। ୧୯୧୨ ଫେବୃଆରୀ ୨୨ରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅକାଳ ବିୟୋଗ ପରେ ରାଜପଦରେ ଅଭିଷିକ୍ତ ହୋଇଥିଲେ ଯୁବରାଜ ପୂର୍ଣ୍ଣଚନ୍ଦ୍ର। ୧୮୯୯ ଅଗଷ୍ଟ ୬ରେ ଜନ୍ମ ଗ୍ରହଣ କରିଥିବା ପୂର୍ଣ୍ଣଚନ୍ଦ୍ର ମାତ୍ର ୧୩ ବର୍ଷ ବୟସରେ ରାଜସିଂହାସନ ଆରୋହଣ କରିଥିଲେ।

୧୯୧୭ ଜାନୁଆରୀ ୨୭ରେ ସେ ତକତ କୁମାରୀଙ୍କୁ ବିବାହ କରିଥିଲେ। ୧୯୨୮ ଏପ୍ରିଲ ୨୧ରେ ବମ୍ବେଠାରେ ଚ୍ୟାମ୍ବର ଅଫ୍ ପ୍ରିନ୍ସମାନଙ୍କର ଏକ ସଭାରେ ଯୋଗଦେବା ଅବସରରେ ଟିଟାନସ ସଂକ୍ରମଣରେ ଆକ୍ରାନ୍ତ ହୋଇ ମାତ୍ର ୨୯ ବର୍ଷ ବୟସରେ ଦେହତ୍ୟାଗ କରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କର ମୃତ୍ୟୁ ପରେ ତାଙ୍କର କନିଷ୍ଠ ଭ୍ରାତା ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ରାଜ ସିଂହାସନ ଆରୋହଣ କରିଥିଲେ। ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ସ୍ମୃତିରେ ପତ୍ନୀ ତକତ କୁମାରୀଙ୍କ ଉଦ୍ୟମରେ ବାରିପଦାଠାରେ ନିର୍ମାଣ ହୋଇଥିଲା ପୂର୍ଣ୍ଣଚନ୍ଦ୍ର ମନ୍ଦିର।



ବାରିପଦାରେ ଥିବା ମହାରାଜାଙ୍କ ମନ୍ଦିର

ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ସ୍ୱଳ୍ପ ବର୍ଷ ନିମନ୍ତେ ସିଂହାସନ ଆରୋହଣ କରିଥିଲେ ମଧ୍ୟ ନିଜର ପ୍ରଜାଭିମୁଖି ଶାସନ, ପ୍ରତ୍ନତାତ୍ତ୍ୱିକ ଜିଜ୍ଞାସା, ଭାଷା ଓ କଳା ପ୍ରେମୀ ଭାବେ ବେଶ୍ ପ୍ରସିଦ୍ଧ ଥିଲେ। ଅଷ୍ଟମ ଶତାବ୍ଦୀରେ ମୟୂରଭଞ୍ଜ ରାଜ୍ୟର ପ୍ରଥମ ରାଜଧାନୀ ଖିଚିଂଠାରେ ନିର୍ମିତ ମା' କୀଚକେଶ୍ୱରୀ ମନ୍ଦିରର ପୁନଃନିର୍ମାଣ ସହ ଓଡ଼ିଶା ତଥା ପୂର୍ବ ଭାରତରେ ପ୍ରଥମ ସଂଗ୍ରହାଳୟ ବା ମ୍ୟୁଜିୟମ ବାରିପଦାରେଠାରେ ପ୍ରତିଷ୍ଠା କରାଇଥିଲେ। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ମୟୂରଭଞ୍ଜ ରାଜ୍ୟ ଗଭର୍ଣ୍ଣମେଣ୍ଟକୁ ବିଭିନ୍ନ ଉପାୟରେ ସାହାଯ୍ୟ କରିଥିଲେ। ବ୍ରିଟିଶ ସେନାର ସହାୟତା ନିମନ୍ତେ ୧୦ ହଜାର ସୈନିକଙ୍କୁ ପଠାଇବା ସହ ନାବାଳକ ଅବସ୍ଥାରେ ନିଜେ ସମ୍ମୁଖରେ ରହି ପ୍ରଥମ ବିଶ୍ୱ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ। ଫ୍ରାନ୍ସ ଓ ଇଂଲଣ୍ଡ ରଣକ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ପରେ ଇଂଲଣ୍ଡଠାରେ ସମ୍ରାଟ ଓ ସମ୍ରାଜ୍ଞୀଙ୍କ ଦ୍ୱାରା ଅଭିନନ୍ଦିତ ହୋଇ ଗଭର୍ଣ୍ଣମେଣ୍ଟ ଦ୍ୱାରା ସାମରିକ ଲ୍ୟୁଟ୍‌ନାଣ୍ଟ ଉପାଧିରେ ମହାରାଜା ଭୂଷିତ ହୋଇଥିଲେ। ଏହାବ୍ୟତୀତ ପ୍ରସିଦ୍ଧ ଓଡ଼ିଆ ଶବ୍ଦକୋଷ ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କ ନାମରେ ହିଁ ନାମିତ ହୋଇଥିଲା। ପୂର୍ଣ୍ଣଚନ୍ଦ୍ରଙ୍କର ଶାସନ କାଳରେ ମୟୂରଭଞ୍ଜରେ ହୋଇଥିବା ସର୍ବାଙ୍ଗୀନ ଉନ୍ନତି ମଧ୍ୟରେ ବାରିପଦା ସହରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ମୟୂରଭଞ୍ଜର ପ୍ରାଚୀନ କୀର୍ତ୍ତି ରକ୍ଷା କରିବା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ସ୍ଥାପନ, ମୟୂରଭଞ୍ଜକୁ ଅନ୍ୟ ରାଜ୍ୟର ଗମନାଗମନର ବ୍ୟବସ୍ଥା ପାଇଁ ୭ଟି ବଡ଼ ପୋଲ ନିର୍ମାଣ, ରେଳପଥର ସମ୍ପ୍ରସାରଣ, ବାରିପଦାରେ ମେଡିକାଲ ଶିକ୍ଷାନୁଷ୍ଠାନ ରହିଛି। ଏହା ବ୍ୟତୀତ ସେ ରାଜ୍ୟ ବାହାରେ ମଧ୍ୟ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଅଜସ୍ର ଟଙ୍କା ଦାନ କରି ଚିରସ୍ମରଣୀୟ ହୋଇ ରହିଛନ୍ତି।



ମନ୍ଦିରରେ ପୂଜା ପାଉଥିବା ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ମୂର୍ତ୍ତି।

**– ରିପୋର୍ଟ: ନୀଳାଦ୍ରି ବିହାରୀ ଦଣ୍ଡପାଟ,** ବାରିପଦା

# ଶ୍ରୀମନ୍ଦିର ସୁରକ୍ଷାରେ ଜାଗା ଆଖଡ଼ା

ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ପରିଚୟ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଜଗନ୍ନାଥ ସଂସ୍କୃତି। ମୁଖ୍ୟତଃ ସଂସ୍କୃତିର ପ୍ରାଣକେନ୍ଦ୍ର ହେଉଛନ୍ତି ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥ। ଶ୍ରୀମନ୍ଦିରକୁ ଘେରି ରହିଥିବା ସାହିଗୁଡ଼ିକ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଓତପ୍ରୋତ ଭାବେ ଜଡ଼ିତ। ସାହିଗୁଡ଼ିକରେ ଥିବା ଜାଗା ଆଖଡ଼ାର ସମ୍ପର୍କ ଶ୍ରୀମନ୍ଦିର ସଂସ୍କୃତି ସହ ଅତି ନିବିଡ଼। ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ରର ସାଂସ୍କୃତିକ ପ୍ରାଣକେନ୍ଦ୍ର ଭାବେ ଜାଗା ଆଖଡ଼ାକୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଥାଏ। ଇତିହାସ ପୃଷ୍ଠାରୁ ଜଣାପଡ଼େ, ଶ୍ରୀମନ୍ଦିର ଉପରେ ଅନେକ ଥର ଅଣହିନ୍ଦୁ ଶାସକମାନଙ୍କ ଦ୍ୱାରା ଆକ୍ରମଣ ହୋଇଛି। ଏପରିକି ସୁରକ୍ଷା ଦୃଷ୍ଟିକୋଣରୁ ଶ୍ରୀମନ୍ଦିରରୁ ବହୁବାର ଶ୍ରୀବିଗ୍ରହମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ତେବେ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ସୁରକ୍ଷା ପାଇଁ ଜାଗା ଆଖଡ଼ା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି।

ଏକାଦଶ ଶତାବ୍ଦୀରେ ରାଜା ଚୋଡ଼ଗଙ୍ଗ ଦେବଙ୍କ ସମୟରୁ ତଥା ଗଙ୍ଗବଂଶ ରାଜତ୍ୱ କାଳରୁ ଜାଗା ଆଖଡ଼ା, କୋଟର ଆରମ୍ଭ ହୋଇଥିବା ଅନୁମାନ କରାଯାଏ। ସେତେବେଳେ ମେଘନାଦ ପାଚେରି ନିର୍ମାଣ ହୋଇ ନ ଥିଲା। ତେଣୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ଘେରି ରହିଥିବା ପୁରୁଣା ସାହି ମାଧ୍ୟମରେ ଏହି ଜାଗା ଆଖଡ଼ା ଶ୍ରୀମନ୍ଦିର ସୁରକ୍ଷା କବଚ ସାଜିଥିଲା। ପୁରୀରେ ଅନେକ ସାହି ରହିଥିଲେ ମଧ୍ୟ ଶ୍ରୀମନ୍ଦିରକୁ ଘେରି ରହିଥିବା ସାତସାହିକୁ ପ୍ରମୁଖ ଭାବେ ବିବେଚନା କରାଯାଏ। କାଳିକାଦେବୀ ସାହି, ହରଚଣ୍ଡୀ ସାହି, ମାର୍କଣ୍ଡେଶ୍ୱର ସାହି, କୁଣ୍ଡେଇବେଣ୍ଟ ସାହି, ଦୋଳମଣ୍ଡପ ସାହି, ବାଲିସାହି ଓ ଗୌଡ଼ବାଡ଼ ସାହିକୁ ନେଇ ସାତସାହି ଗଠିତ। ସାହିଗୁଡ଼ିକରେ ଅନେକ ଜାଗା ରହିଛି। ତେବେ ପରବର୍ତ୍ତୀ ସମୟରେ ସାତସାହି ସହ ମାଟିମଣ୍ଡପ ସାହିକୁ ମିଶାଇ ସାହି ସଂଖ୍ୟାକୁ ୮କୁ ବୃଦ୍ଧି କରାଯାଇଛି। ସାହିର ଜାଗାଗୁଡ଼ିକ ଆଖଡ଼ା ଅଧୀନରେ ରହିଥାଏ। ପୁରୀରେ ୮ଟି ସାହିର ୮ଟି ଆଖଡ଼ା ମାଧ୍ୟମରେ ରହିଛି ୬୦ରୁ ଅଧିକ ଜାଗା। ଗୌଡ଼ବାଡ଼ ସାହି ଆଖଡ଼ା ଅଧୀନରେ ୪ଟି ଏବଂ ହରଚଣ୍ଡୀ ସାହିର ଚାମୁଣ୍ଡାମୁଣ୍ଡେଇ ଆଖଡ଼ା ଅଧୀନରେ ୧୨ଟି ଜାଗା ବା ମେଳ ରହିଛି। କୁଣ୍ଡେଇବେଣ୍ଟ ସାହିର ପଥର ଆଖଡ଼ା ଅଧୀନରେ ୨୫ଟି ଜାଗା ବା ମେଳ ଥିବାବେଳେ ବର୍ତ୍ତମାନ ୨୨ଟି କାର୍ଯ୍ୟକ୍ଷମ ରହିଛି। ମାର୍କଣ୍ଡେଶ୍ୱର ସାହିର ଭଗବତୀ କୋଟ ଅଧୀନରେ ୮ଟି, ଦୋଳମଣ୍ଡପ ସାହିର ଜହ୍ନିମୁଣ୍ଡିଆ ଆଖଡ଼ା ଅଧୀନରେ ୭ଟି ମଧ୍ୟରୁ ୫ଟି ମେଳ ବା ଜାଗା କାର୍ଯ୍ୟକ୍ଷମ ରହିଛି। କାଳିକାଦେବୀ ସାହିର ଦକ୍ଷିଣକାଳୀ ଆଖଡ଼ା ଅଧୀନରେ ଗୋଟିଏ ଜାଗା, ମାଟିମଣ୍ଡପ ସାହିର ମାଟିମଣ୍ଡପ ସାହି ଆଖଡ଼ା ଗୋଟିଏ ଓ ବାଲିସାହି ରବାଲି ସାହି ଆଖଡ଼ାରେ ୮ ଜାଗା ରହିଛି।


ଫଟୋ: ଯଜ୍ଞେଶ୍ୱର ମହାନ୍ତି

ତେବେ ଶ୍ରୀମନ୍ଦିର ତଥା ମହାପ୍ରଭୁଙ୍କ ସୁରକ୍ଷା ଦୃଷ୍ଟିରୁ ଜାଗା ଆଖଡ଼ା ଗଢ଼ିଉଠିଥିବାରୁ ଜାଗା ଆଖଡ଼ାଗୁଡ଼ିକରେ ସାହି ଯୁବକଙ୍କ କୁସ୍ତି କସରତ ସହ ଶରୀରଚର୍ଯ୍ୟା ଦେଖିବାକୁ ମିଳିଥାଏ। ସକାଳ ଓ ସନ୍ଧ୍ୟାରେ ସାହିର ଯୁବକମାନେ ନିଜକୁ ସୁସ୍ଥ ଓ ନୀରୋଗ ରଖିବା ପାଇଁ ଜାଗାରେ ବ୍ୟାୟାମ କରିଥାନ୍ତି। ଏଥିସହ ଜାଗା ଆଖଡ଼ାରେ ନିୟମିତ କୁସ୍ତି, ବ୍ୟାୟାମ, ଭାରୋତ୍ତୋଳନ, ଅନ୍ୟାନ୍ୟ କ୍ରୀଡ଼ା, ମାଟି କୁସ୍ତି, ସୁନ୍ଦର ସ୍ୱାସ୍ଥ୍ୟ ଗଠନ ଇତ୍ୟାଦି ନିୟମିତ ଅଭ୍ୟାସ କରାଯାଏ। ଏହା ସେମାନଙ୍କୁ ମାନସିକ ଭାବେ ଦୃଢ଼ ଶାରୀରିକ ଭାବେ ସୁସ୍ଥ ରଖିବା ସହ ମହାପ୍ରଭୁଙ୍କ ସୁରକ୍ଷା ସମ୍ପର୍କିତ ବ୍ୟବସ୍ଥାକୁ ସୁନିଶ୍ଚିତ କରିଥାଏ। ଆଖଡ଼ା ଅଧୀନରେ ମେଳ ରହିଥାଏ। ଏହି ମେଳଗୁଡ଼ିକୁ ୪ଟି ବିଭାଗରେ ବିଭକ୍ତ କରାଯାଇଥାଏ। ଯଥା ଗଡ଼, କୋଟ, ଜାଗା ଓ ଗୁରୁଜ। ଗଡ଼ରେ ୧୦୦ଜଣ ଯୁବକ ବା ଭେଣ୍ଡିଆ ସମରକଳା ତାଲିମପ୍ରାପ୍ତ ହୋଇ ରହିଥାନ୍ତି। ସେହିପରି କୋଟରେ ୫୦୦ ଜଣ ଯୁବକ ତାଲିମପ୍ରାପ୍ତ ହୋଇ ଗୁପ୍ତରେ ରହିଥାନ୍ତି। ଜାଗା ସାହି ନାୟକଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ସୁରକ୍ଷା ପାଇଁ ଯୋଦ୍ଧାମାନେ ରହୁଥିଲେ। ଗୁରୁଜ ରାଜ କର୍ମଚାରୀ ଓ ସାହି ନାୟକଙ୍କ କ୍ଷେତ୍ର ସୁରକ୍ଷା ନିମନ୍ତେ ହୋଇଥିବା ମନ୍ତ୍ରଣା ସ୍ଥାନକୁ ତନଖି ଫାଟକ ମଧ୍ୟ କୁହାଯାଏ। ଶ୍ରୀକ୍ଷେତ୍ରର ପ୍ରବେଶ ଦ୍ୱାର ଜଗିବା ଓ ଶତ୍ରୁକୁ ପ୍ରବେଶ ନ କରାଇଦେବା ମୁଖ୍ୟ କାର୍ଯ୍ୟ ଥିଲା। ସେହିପରି ଜାଗା ନିର୍ମାଣକୁ ନେଇ ଜାଗାକୁ ୪ ଭାଗରେ ବିଭକ୍ତ କରାଯାଇଛି। ଯଥା ରାଜ ଅଙ୍ଗିରା, ବକ୍ସି ଖଞ୍ଜା, ବଢ଼ତି ଓ ବହୁମାନ। ଯେଉଁ ଜାଗା ଗଜପତି କିମ୍ବା ଅନ୍ୟ ରାଜାଙ୍କ ପ୍ରତ୍ୟକ୍ଷ ଅର୍ଥଦାନରେ ପ୍ରତିଷ୍ଠିତ ହୋଇଥିଲା, ତାକୁ ରାଜ ଅଙ୍ଗିରା କୁହାଯାଏ। ସେହିପରି ଗଜପତିଙ୍କ ବକ୍ସି ତଥା ପରିଜାମାନଙ୍କ ଅଧିନାୟକତ୍ୱରେ ଗଠିତ ଜାଗାକୁ ବକ୍ସି ଖଞ୍ଜା କୁହାଯାଉଥିବାବେଳେ ବଳିଷ୍ଠ ସାଧୁସନ୍ଥ, ସନ୍ନ୍ୟାସୀ ଓ ବୈଷ୍ଣବଙ୍କ ଦ୍ୱାରା ଗଢ଼ା ଜାଗାକୁ ବଢ଼ତି କୁହାଯାଏ। ଯେଉଁ ଜାଗା ବଦାନ୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ଗଢ଼ାହୋଇଥିଲା, ତାକୁ ବହୁମାନ କୁହାଯାଏ।

ଜାଗା ଆଖଡ଼ାର ସମ୍ପର୍କ ଶ୍ରୀମନ୍ଦିର ସହ ଓତପ୍ରୋତ ଭାବେ ଜଡ଼ିତଥିବାରୁ ସାହିଯାତରେ ଜାଗାଘରର ପ୍ରମୁଖ ଭୂମିକା ରହିଥାଏ। ସାହିଯାତରେ କଳାକୌଶଳ ଦେଖାଉଥିବା ଯୁବକମାନେ ଜାଗାଘରେ ପ୍ରଶିକ୍ଷିତ ହୋଇଥାନ୍ତି। ପୁରୀ ୮ସାହିରେ ଥିବା ସମୁଦାୟ ୬୦ଟି ଜାଗାଘରୁ ବିଭିନ୍ନ ପ୍ରକାର ମେଢ଼, ନାଗା, ରାବଣ, ପର୍ଶୁରାମ ଆଦି ବେଶଧାରୀ ବାହାରିଥାନ୍ତି। ଏଥିସହ ସାହିଯାତରେ ବିଭିନ୍ନ ଦୁଃସାହସିକ ସମରକଳା ପ୍ରଦର୍ଶିତ ହୁଏ। ପିଲାଟି ଦିନରୁ ଜାଗାଘରେ ଏହିସବୁ ସମରକଳା ତାଲିମ ଦିଆଯାଏ। ଶାରୀରିକ ପ୍ରଶିକ୍ଷଣ ସହ ଜାଗାଘରେ ପାରମ୍ପରିକ ନୃତ୍ୟସଙ୍ଗୀତ ଆସର ମଧ୍ୟ ଜମେ। ଓଡ଼ିଶୀ, ଛାନ୍ଦ, ଚମ୍ପୂ ଗାୟନରେ ଯୁବକ ନିବୃତ୍ତ ରୁହନ୍ତି। ଜନଜୀବନକୁ ନେଇ ସୁଆଙ୍ଗ, ବ୍ୟଙ୍ଗଗୀତ, ଢଗଢ଼ମାଳି ଓ ବଚନିକା ମଧ୍ୟ ଜାଗାଘରର ପ୍ରମୁଖ ଆକର୍ଷଣ ସାଜିଥାଏ। ତେବେ ଆଧୁନିକତାର ଚାକଚକ୍ୟ ଭିତରେ ପୁରୀ ଜାଗା ଆଖଡ଼ା ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ଧୀରେ ଧୀରେ କମୁଥିବା ଦେଖିବାକୁ ମିଳିଥିଲା। ଏପରିକି କେତେକ ଜାଗା ଆଖଡ଼ା ଅସ୍ତିତ୍ୱ ହରାଇବାକୁ ବସିଥିଲା। ତେବେ ବର୍ତ୍ତମାନ ସମୟରେ ଜାଗା ଆଖଡ଼ାର ଭୂମିକା ଓ ଗୁରୁତ୍ୱକୁ ବୁଝି ରାଜ୍ୟ ସରକାର ଉନ୍ନତି ନିମନ୍ତେ ପଦକ୍ଷେପ ଗ୍ରହଣ କରିଛନ୍ତି। ଜାଗାଗୁଡ଼ିକୁ ପୂର୍ଣ୍ଣବିକଶିତ, ଭିତ୍ତିଭୂମି ଉନ୍ନତି ଓ ବିବିଧ ଆବଶ୍ୟକ ଉପକରଣ ପ୍ରଦାନ ପାଇଁ ପ୍ରଶାସନ ବ୍ୟବସ୍ଥା କରିଛି। ଜାଗା ଆଖଡ଼ାକୁ ଉନ୍ନତମାନର ମେସିନ, କୁସ୍ତି ପାଇଁ ଗଦି ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯିବା ସହ ବିଭିନ୍ନ ସୁବିଧା କରାଯାଇଛି। ଏଥିଯୋଗୁ ପୁଣି ଜାଗା ଆଖଡ଼ାର ଅସ୍ତିତ୍ୱ ଫେରିଛି। ଅନେକ ସ୍ଥାନରେ ଯୁବପିଢ଼ି ପଥଭ୍ରଷ୍ଟ ହେଉଥିବାବେଳେ ଜାଗା ଆଖଡ଼ାର ପିଲାମାନେ କିନ୍ତୁ ଶୃଙ୍ଖଳିତ ଓ ନିଷ୍ଠାପର ହେବାରେ ଲାଗିଛନ୍ତି। ଏହାକୁ ପୁରୀର ମୁରବିମାନେ ପ୍ରଶଂସା କରିଛନ୍ତି। ସେହିପରି ସାହିର ଯୁବକମାନେ ଜାଗା ଆଖଡ଼ା ପ୍ରତି ଆକର୍ଷିତ ହେବା ସହ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଆପଣାଉଥିବା ଦେଖିବାକୁ ମିଳୁଛି।

**– ରିପୋର୍ଟ: ଅଜିତ୍ କୁମାର ମହାନ୍ତି,** ପୁରୀ






























# ହାତୀଙ୍କ ଘର ଢେଙ୍କାନାଳ

ଓଡ଼ିଶାରେ ଢେଙ୍କାନାଳ ବନଖଣ୍ଡରେ ସର୍ବାଧିକ ହାତୀ ଥିବା ଗତ ଗଣନା ସମୟରେ ଜଣାପଡ଼ିଛି। ଢେଙ୍କାନାଳ ଜିଲାରେ ୩୭୪ରୁ ଊର୍ଦ୍ଧ୍ୱ ହାତୀ ବିଭିନ୍ନ ଦଳରେ ରହିଛନ୍ତି। ସେଥିମଧ୍ୟରୁ ହିନ୍ଦୋଳ ରେଞ୍ଜରେ ସର୍ବାଧିକ ୨୦୦ରୁ ଅଧିକ ହାତୀ ଥିବା ଜଣାପଡ଼ିଛି। ଜିଲାରେ ଜଙ୍ଗଲ ବଢୁଥିବାବେଳେ ଲୋକମାନଙ୍କର ହାତୀମାନଙ୍କ ପ୍ରତି ସେଭଳି ଉଗ୍ର ବ୍ୟବହାର ନ ଥିବାରୁ ହାତୀମାନଙ୍କର ଅଧିକ ପସନ୍ଦ ଢେଙ୍କାନାଳ। ଦିନକୁ ଦିନ ହାତୀମାନଙ୍କ ସଂଖ୍ୟା ବଢୁଥିବାରୁ ଢେଙ୍କାନାଳକୁ ହାତୀଙ୍କର ଘର କୁହାଯାଉଛି। ଜିଲାରେ ହିନ୍ଦୋଳ ରେଞ୍ଜ ସମେତ ସଦର, କପିଳାସ, କାମାକ୍ଷାନଗର ପଶ୍ଚିମାଞ୍ଚଳ, ପୂର୍ବାଞ୍ଚଳ, ମହାବିରୋଡ ଓ ଷଡ଼ଙ୍ଗୀ ରେଞ୍ଜରେ ହାତୀ ସଂଖ୍ୟା ଅଧିକ ରହିଛି। ସଦର ରେଞ୍ଜରେ ମେରାମଣ୍ଡଳୀ ରେଳଷ୍ଟେଶନଠାରୁ ଢେଙ୍କାନାଳ ରେଳଷ୍ଟେଶନ ମଧ୍ୟରେ ପ୍ରାୟ ପ୍ରତିଦିନ ହାତୀପଲ ରେଳଧାରଣା ପାର ହେଉଥିବାରୁ ଏହି ଅଞ୍ଚଳକୁ ହାତୀ କରିଡର ବୋଲି ଦର୍ଶାଯାଇଛି, ଯେଉଁଥିପାଇଁ ଏହି ବାଟରେ ଟ୍ରେନ୍ ଚଳାଚଳ ସମୟରେ ପ୍ରତିଦିନ ସନ୍ଧ୍ୟା ୬ଟାରୁ ପରଦିନ ସକାଳ ୬ଟା ପର୍ଯ୍ୟନ୍ତ ଘଣ୍ଟାକୁ ୩୦ କିଲୋମିଟର ବେଗରେ ଟ୍ରେନ୍ ଚଳାଚଳ ପାଇଁ ବନ ବିଭାଗ ପକ୍ଷରୁ ପୂର୍ବତଟ ରେଳବାଇ ଖୋର୍ଦ୍ଧାରୋଡ଼ କାର୍ଯ୍ୟାଳୟକୁ ସତର୍କତା ଜାରି କରାଯାଇଥାଏ। ହାତୀ ଦାଉରୁ ଫସଲ ରକ୍ଷା କରିବା ପାଇଁ ବନ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବା ସକାଶେ 'ଐରାବତ' ନାମକ ଏକ ଯାନ ରହିଛି। ଏଥିରେ ହାତୀ ଘଉଡ଼ାଇବା ପାଇଁ ସମସ୍ତ ଉପକରଣ ରହିଥିବା ବେଳେ ବନ କର୍ମଚାରୀମାନେ ସଜାଗ ରହୁଛନ୍ତି। ବାସି ପଖାଳ ଓ ଧାନ ଅମଳ ସମୟରେ ବାସ୍ନା ଯୋଗୁ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମଗୁଡ଼ିକୁ ହାତୀମାନେ ମୁହାଁଉଥିବାରୁ ଢେଙ୍କାନାଳରେ ହାତୀ-ମଣିଷ ସଂଘର୍ଷ କେତେକ ସ୍ଥାନରେ ଦେଖିବାକୁ ମିଳୁଛି। ଗତ ୫ବର୍ଷ ମଧ୍ୟରେ ୮୫ ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ୧୨୦ଜଣ ଲୋକ ମରିଥିବା ଜଣାପଡ଼ିଛି। ହାତୀଙ୍କୁ ଭାରତ ସରକାର ଜାତୀୟ ଐତିହ୍ୟ ପ୍ରାଣୀ ଘୋଷଣା କରିଥିବାବେଳେ ହାତୀ ସଂଖ୍ୟା ବଢ଼ିଲେ ଜଙ୍ଗଲ ସୁରକ୍ଷିତ ରହିବ ଏବଂ ସବୁଜ ବଳୟ ସୃଷ୍ଟି ହେବାରେ ସହାୟକ ହେବ ବୋଲି ଅନେକେ ମତ ଦିଅନ୍ତି। ଏସବୁକୁ ଦୃଷ୍ଟିରେ ରଖି ଢେଙ୍କାନାଳ ଜିଲାର କପିଳାସଠାରେ ଥିବା ପ୍ରାଣୀ ଉଦ୍ୟାନ କେନ୍ଦ୍ରରେ ୨୦୧୦ରେ ୨୫ ହେକ୍ଟର ଜାଗାରେ ଏକ ହାତୀ ଉଦ୍ଧାର କେନ୍ଦ୍ର ଖୋଲାଯାଇଛି, ଯେଉଁଠି ଓଡ଼ିଶାର ବିଭିନ୍ନ ଜିଲାରୁ ହାତୀଶାବକ ଏବଂ ବଡ଼ ହାତୀମାନଙ୍କୁ ବିଭିନ୍ନ ଘଟଣାରୁ ଉଦ୍ଧାର କରାଯାଇ ଚିକିତ୍ସା କରାଯାଉଛି। ସେଠାକୁ ଉଗ୍ର ହାତୀମାନଙ୍କୁ ଟ୍ରାଙ୍କୁଲାଇଜର କରି ଅଣାଯିବା ପରେ ଦୁଇଟି କ୍ରାଲ୍ (କାଠ ଖୁଆଡ଼)ରେ ରଖାଯାଇ ସେମାନଙ୍କର ବ୍ୟବହାର ପରିବର୍ତ୍ତନ କରାଯାଉଛି। ହାତୀ ଉଦ୍ଧାର କେନ୍ଦ୍ରରେ ହାତୀମାନଙ୍କ ପାଇଁ ଜଣେ ତାଲିମପ୍ରାପ୍ତ ଡାକ୍ତର ଓ ୪ଜଣ ମାହୁନ୍ତ ମଧ୍ୟ ରହିଛନ୍ତି। ବର୍ତ୍ତମାନ କପିଳାସରେ ହାତୀ ଉଦ୍ଧାର କେନ୍ଦ୍ରରେ ଏକ ସ୍ୱତନ୍ତ୍ର ଏନ୍‌କ୍ଲୋଜରରେ ୨୦୨୨ରେ ୧୨ଜଣ ଲୋକଙ୍କୁ ମାରିଥିବା 'ରାଜେଶ'କୁ ତାଳଚେରରୁ ଉଦ୍ଧାର କରାଯାଇ ରଖାଯାଇଛି। ଏଥିରେ ଆଉ ୩ଟି ଛୁଆହାତୀ ଏବଂ ବାରିପଦାରୁ ଉଦ୍ଧାର ହୋଇ ଆସିଥିବା ନରହନ୍ତା ଦନ୍ତାହାତୀ ଓ ଢେଙ୍କାନାଳ ଜିଲା ମେରାମଣ୍ଡଳୀରୁ ଉଦ୍ଧାର ହୋଇ ଆସିଥିବା ଆହତ ମାଈହାତୀ ରହି ଚିକିତ୍ସିତ ହେଉଛନ୍ତି। ଏଥିପୂର୍ବରୁ ହାତୀ କେନ୍ଦ୍ରରେ ଥିବା ୩ଟି ଛୁଆ ହାତୀଙ୍କୁ ଚନ୍ଦକା କୁମାରବସ୍ତକୁ ଅନ୍ୟ ହାତୀଙ୍କୁ ତାଲିମ ପ୍ରଦାନ ପାଇଁ ପଠାଯାଇଛି। ଏବେ ଢେଙ୍କାନାଳ ଜିଲା ବନ ବିଭାଗ ପକ୍ଷରୁ ଦନ୍ତାହାତୀଙ୍କ ପାଇଁ ଏକ ପ୍ରୋଫାଇଲ କରିବା ଆରମ୍ଭ ହୋଇଥିବା ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି। ଏତଦ୍‌ବ୍ୟତୀତ ଢେଙ୍କାନାଳ ଜିଲାରେ ବନ ବିଭାଗ ଏବଂ ବନ୍ୟପ୍ରାଣୀ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଗ୍ରାମରେ 'ହାତୀ ଆମର ସାଥୀ', 'ହାତୀ ବଞ୍ଚିଲେ ଜଙ୍ଗଲ ବଞ୍ଚିବ' ଆଦି ସ୍ଲୋଗାନ ଦିଆଯାଇ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ବିଦ୍ୟାଳୟଗୁଡ଼ିକରେ ମଧ୍ୟ ହାତୀ ସଚେତନତା ପାଇଁ ବିଭିନ୍ନ ପ୍ରବନ୍ଧ, ଚିତ୍ରାଙ୍କନ ଓ ବକ୍ତୃତା ମାଧ୍ୟମରେ ସଚେତନ କରାଯାଉଛି। ଭାରତର ଜାତୀୟ ଐତିହ୍ୟ ପ୍ରାଣୀ ହାତୀ ବଞ୍ଚାଇବା ସମସ୍ତଙ୍କ ଧ୍ୟେୟ ହେବା ଦରକାର।

**- ରିପୋର୍ଟ:ରତନ ନାୟାର, ଢେଙ୍କାନାଳ**





# ଦୁବଲାଗଡ଼ି ଗଡ଼

ବାଲେଶ୍ୱର ସଦର ମହକୁମାରୁ ୩୦ କି.ମି. ଦୂର ବଙ୍ଗୋପସାଗର କୂଳରେ ଅବସ୍ଥିତ ଦୁବଲାଗଡ଼ି ଗାଁ। ସମୁଦ୍ର ଉପକୂଳବର୍ତ୍ତୀ ଏହି ଅଞ୍ଚଳରେ ଲୋକେ ବସତି ସ୍ଥାପନ କରିଥିଲେ। ସେତେବେଳେ ଜମିଦାରୀ ପ୍ରଥା ଚଳିଆସୁଥିଲା। କାଳକ୍ରମେ ଏହା ଦୁବଲାଗଡ଼ିର ଗଡ଼ ଭାବେ ପରିଚିତ ହୋଇଥିଲା। ଏବେବି ଏହି ଗାଁର ମାଟି ଖୋଳିଲେ ପ୍ରାଚୀନ ପଥର, ଦୁର୍ଗା ମୂର୍ତ୍ତି, ଇଂରେଜ ଅମଳର ଇଟା, ପଥରବାସନ ଓ ବଡ଼ ବଡ଼ ମାଟି ହାଣ୍ଡିର ଭଗ୍ନାବଶେଷ ମିଳୁଛି। ଏସବୁ ସାମଗ୍ରୀ ଇତିହାସର ସ୍ମୃତି ବଖାଣୁଛି। ପ୍ରତ୍ନତତ୍ତ୍ୱ ବିଭାଗ ଖନନ କରିବା ସହ ଗବେଷଣା କଲେ ଏହି ଗଡ଼ ସମ୍ପର୍କିତ ଅନେକ ଲୁକ୍କାୟିତ ତଥ୍ୟ ସାମ୍ନାକୁ ଆସିପାରିବ ବୋଲି ମତ ପ୍ରକାଶ ପାଇଛି।

ଏହି ଗାଁର ପୂର୍ବରେ ବଙ୍ଗୋପସାଗର, ପଶ୍ଚିମ ଓ ଉତ୍ତରରେ ବାହାବଳପୁର ଏବଂ ଦକ୍ଷିଣରେ ବଗଦା ଗ୍ରାମ ରହିଛି। ବର୍ତ୍ତମାନ ଏଠାରେ ବସବାସ କରୁଥିବା ଗ୍ରାମବାସୀଙ୍କର ପୂର୍ବପୁରୁଷମାନେ ଅବିଭକ୍ତ ଓଡ଼ିଶାର କାନ୍ଥି ମହକୁମାର ଅଧିବାସୀ, ବର୍ତ୍ତମାନ ପଶ୍ଚିମବଙ୍ଗର ପୂର୍ବମେଦିନୀପୁର ଅଞ୍ଚଳର। କେତେକ ପରିବାର ପ୍ରାୟ ୧୯୦୦ ମସିହାର ପ୍ରଥମ ଦଶନ୍ଧିରେ ଆସି ଏଠାରେ ବସତି ସ୍ଥାପନ କରିଥିବା ଜଣାଯାଏ। ଏହି ଗାଁକୁ ଲାଗିଛି ପଞ୍ଚପଡ଼ା ନଦୀ ମୁହାଣ। ଏହି ମୁହାଣର ୬କି.ମି. ଦକ୍ଷିଣରେ ରହିଛି ବୁଢ଼ାବଳଙ୍ଗ ନଦୀ ମୁହାଣ। ବୁଢ଼ାବଳଙ୍ଗ ନଦୀ ମୁହାଣକୁ ଲାଗି ରହିଥିବା ଗାଁଟି ହେଉଛି ବଳରାମଗଡ଼ି। ତଦନୁଯାୟୀ ସେ କାଳରେ ଏହି ଗାଁ ଦୁବଲାଗଡ଼ି ତଥା ଦୁବଲାଗଡ଼ିର ଗଡ଼ ବୋଲି ନାମିତ ହୋଇଥିଲା।

ସେତେବେଳର ଭୌଗୋଳିକ ସ୍ଥିତି ଓ ଆଜିର ପରିବେଶ ମଧ୍ୟରେ ରହିଛି ଆକାଶ ପାତାଳ ଫରକ। ସେତେବେଳେ କୋଷ୍ଟ କେନାଲରେ ସାତ ମାଇଲ ଦେଇ ଯିବା ଆସିବା କରି ଉଚ୍ଚ ଢିପ କିମ୍ବା ସମୁଦ୍ର ଆଡ଼ିଆ ପାଖରେ ଚାଳିଆ କରି ରହି ଲୁଣା ଜଙ୍ଗଲ ସଫା କଲେ। ୫ କି.ମି. ବ୍ୟବଧାନରେ କୌଣସି ଦୋକାନ ବଜାର ନ ଥିଲା। ନିକଟବର୍ତ୍ତୀ ବସତି ବା ହାଟ ଥିବା ଛାନୁଆଁ ଗାଁକୁ ଯିବା ଆସିବା ଲାଗି କୌଣସି ରାସ୍ତାଘାଟ ମଧ୍ୟ ନ ଥିଲା। ମଝିରେ ମଝିରେ ନାଳ ସବୁ ଥାଏ। ତେଣୁ ସେପଟୁ ଆସିଲା ବେଳେ ଆସବାବପତ୍ର ସହ ତେଲ ମସଲା ମଧ୍ୟ ସାତ ମାଇଲ ବଜାରରୁ ନେଇଆସୁଥାନ୍ତି। ରୋଗବ୍ୟାଧି ହେଲେ ଡଙ୍ଗାରେ ଦୁଇଦିନ ପରେ ଜନ୍ମ ସ୍ଥାନକୁ ଫେରି ଚିକିତ୍ସିତ ହେଉଥିଲେ। କେତେକ ରୋଗବ୍ୟାଧିରେ ଆକ୍ରାନ୍ତ ହୋଇ ନିଜ ଜନ୍ମସ୍ଥାନକୁ ଫେରି ଯାଇଥିଲେ। ବହୁ କଷ୍ଟ ସ୍ୱୀକାର କରି ଏକ ଚାଷ ଓ ବାସ ଅନୁପଯୋଗୀ ଜମିଜାଗାକୁ ଜଙ୍ଗଲ କାଟି ଓ ନଦୀ ଆଡ଼ି ବାନ୍ଧି ଲୁଣା ମାଟିକୁ ଚାଷ ଉପଯୋଗୀ କରିଥିଲେ।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସେତେବେଳେ କାନ୍ଥି ମହକୁମାରୁ ବହୁ ଲୋକ ଧାଡ଼ି ବାନ୍ଧି ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଜମି କିଣି ବସତି ସ୍ଥାପନ କରୁଥିଲେ। ବ୍ରିଟିଶ୍ ପ୍ରେସିଡେନ୍ସିରେ ଥିବା ବଙ୍ଗାଳୀ ଜମିଦାରଙ୍କ ନିକଟରୁ ସମୁଦ୍ର ଜୁଆର ମାଡୁଥିବା ନଦୀନାଳ ଘେରା ବଣ, ହେନ୍ତାଳ ଜଙ୍ଗଲ ଭର୍ତ୍ତି ଜମିକୁ କିଣିଥିଲେ। ଲୋକେ ମାଛ ମାରିବା ସହ ଉଚ୍ଚା ପଦାରେ ଚୁଲି ଖୋଳି ଲୁଣ ମାରି ଜୀବିକା ନିର୍ବାହ କରୁଥିଲେ।

ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାଶ କହନ୍ତି, ମୋ' ଜେଜେବାପା

## ଇତିହାସ ବଖାଣୁଛି ଦୁର୍ଗା ମୂର୍ତ୍ତି, ପ୍ରାଚୀନ ପଥର





ସ୍ୱର୍ଗତ ଦୀନନାଥ ଦାସ ୧୧ ଏକର ଜାଗା ଅମଳାନାମା ସୂତ୍ରରେ ଜମିଦାର ଗଗନ ବିହାରୀ କରଙ୍କ ପାଖରୁ ନେଇଥିଲେ। ବାଡ଼ିରେ ଥିବା ପୋଖରୀକୁ ୧୯୯୦ ମସିହାରେ ପୁନରୁଦ୍ଧାର ପାଇଁ ଖୋଳାଯାଇଥିଲା। ୧୦ ଫୁଟ୍ ତଳୁ ୧୬ଶହ ଶତାବ୍ଦୀର ବଙ୍ଗୀୟ ଖୋଦେଇ ଶୈଳୀରେ ନିର୍ମିତ ମହିଷାମର୍ଦ୍ଦିନୀ ଦୁର୍ଗା ମୂର୍ତ୍ତି ସହ ଶଙ୍ଖ, ଚକ୍ର, ଗଦା ଥିବା ଏକ ପ୍ରାଚୀନ ପଥର ମିଳିଥିଲା। ଯାହା ଏବେ ଠାକୁର ଘରେ ପୂଜା ପାଉଛି। ସେହିପରି ଆମ ଘରଡିହର ୫୦ ମିଟର ବର୍ଗକ୍ଷେତ୍ରରେ ୫ ଫୁଟ୍ ମାଟି ତଳୁ ଇଂରେଜ ଅମଳର ଇଟା ମିଳିଛି। ପଥରବାସନ ଓ ବଡ଼ ବଡ଼ ମାଟି ହାଣ୍ଡିର ଭଗ୍ନାବଶେଷ ମଧ୍ୟ ମିଳିଥିଲା।

ବେଳାଭୂମି ବିକାଶ ମଞ୍ଚର ସଂଯୋଜକ ଗୋବିନ୍ଦ ପ୍ରସାଦ ଦାସ କହନ୍ତି, ବର୍ତ୍ତମାନ ଦୁବଲାଗଡ଼ି ଗ୍ରାମର ଉନ୍ନତି ଘଟିଛି। ନିକଟସ୍ଥ ବେଳାଭୂମିରେ ନାଲି କଙ୍କଡ଼ାଙ୍କ ଲୁଚକାଳି ଖେଳ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ଏହି ବେଳାଭୂମିକୁ ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ସହ ଭିତ୍ତିଭୂମିର ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କରିବା ଜରୁରୀ।

**- ରିପୋର୍ଟ:ବାଞ୍ଛାନିଧି ଦେ, ବାଲେଶ୍ୱର**




